ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI



ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୭/୨୦୨୩ (୧୨+୮= ୨୦ ପୃଷ୍ଠା) Bhubaneswar, Sunday, September 17/2023 Page 20 ₹ 7.00

୪୯ଶ ଭାଗ ୨୯୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 293 ମୂଲ୍ୟ ₹୭/-

सत्यमेव जयते
राजस्थान सरकार

## ୧୧.୦୪%ର ଜିଡିପି ଅଭିବୃଦ୍ଧି ହାର ସହିତ ରାଜସ୍ଥାନ ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି



- ଆମ ସରକାରର ୫ ବର୍ଷରେ ରାଜ୍ୟର ଜିଡିପି ପାଖାପାଖି ୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇବ ଏବଂ ଆର୍ଥିକବର୍ଷ ୨୦୨୩–୨୪ ଶେଷ ସୁଦ୍ଧା ଏହା ୧୫ ଲକ୍ଷ କୋଟି ଟଙ୍କାକୁ ଛୁଇଁବ ।
- ୨୦୩୦ ସୁଦ୍ଧା ଏହାକୁ ୩୦ ଲକ୍ଷ କୋଟି ଟଙ୍କାରୁ ଅଧିକରେ ପହଞ୍ଚାଇବା ଆମର ଲକ୍ଷ୍ୟ ।
- ବିଗତ ୨୫ ବର୍ଷ ସୁଦ୍ଧା ରାଜସ୍ଥାନରେ ମାତ୍ର ୬ଟି ବିଶ୍ୱବିଦ୍ୟାଳୟ ରହିଥିଲା । ଆଜି ଛାତ୍ରଛାତ୍ରୀମାନଙ୍କ ପାଇଁ ୯୨ଟି ବିଶ୍ୱବିଦ୍ୟାଳୟ ତଥା ଆଇଆଇଟି, ଆଇଆଇଏମ୍, ଆଇଆଇଆଇଟି, ଏମ୍ସ, ଏନ୍ଆଇଏଫ୍ଟି, ଏଫ୍ଡିଡିଆଇ ଭଳି ଶିକ୍ଷାନୁଷ୍ଠାନ ଉପଲବ୍ଧ ଅଛି।
- ୨୦୩୦ ସୁଦ୍ଧା ଅବଶିଷ୍ଟ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ ଅଟେ, ଯାହାଦ୍ୱାରା ରାଜସ୍ଥାନର ଛାତ୍ରଛାତ୍ରୀମାନେ ସବୁ ପ୍ରକାର ସର୍ବଶ୍ରେଷ୍ଠ ଶିକ୍ଷା ସହଜରେ ପାଇପାରିବେ ।

ଆମର ପ୍ରଗତିର ହାର ୪ ଗୁଣା ଅଧିକ ବେଗରେ ଆଗଉଛି

୨୦୩୦ ସୁଦ୍ଧା ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତିର ହାରକୁ ୧୦ ଗୁଣା ଅଧିକ ବୃଦ୍ଧି କରିବା ପାଇଁ ଆଜି ପର୍ଯ୍ୟନ୍ତ ୨ କୋଟିରୁ ଅଧିକ ଜନସାଧାରଣ ସେମାନଙ୍କର ପ୍ରସ୍ତାବ ଦେଇଛନ୍ତି

ଆମର ପ୍ରଗତିର ବେଗକୁ ବୃଦ୍ଧି କରିବା ପାଇଁ ଆପଣ ମଧ୍ୟ ନିଜର ମହତ୍ତ୍ୱପୂର୍ଣ୍ଣ ବିଚାରଗୁଡ଼ିକୁ ଆମ ସହିତ ବାଣ୍ଟିପାରିବେ

## ରାଜସ୍ଥାନ ମିଶନ ୨୦୩୦

ପ୍ରଗତିର ଗତି ଏବେ ୧୦ ଗୁଣା

राजस्थान संवाद

आयोजना विभाग, राजस्थान

स्कैन करें

लॉग इन करें

mission2030.rajasthan.gov.in

## ସଂକ୍ଷେପରେ

### ପ୍ରଶ୍ନପତ୍ର ପ୍ରଘଟ ମାମଲା

## ଅନିଲ ମୀନା, ବାବୁଲାଲ୍ କଟାରା ଗିରଫ

**ନୂଆଦିଲ୍ଲୀ,୧୬।୯(ପି.ଟି.):** ରାଜସ୍ଥାନରେ ପ୍ରଶ୍ନପତ୍ର ଲିକ୍ ମାମଲାରେ ସମ୍ପୃକ୍ତି ନେଇ ରାଜସ୍ଥାନ ଲୋକ ସେବା ଆୟୋଗ (ଆର୍‌ପିଏସ୍‌ସି) ସଦସ୍ୟ ବାବୁଲାଲ୍ କଟାରା ଏବଂ ଅନିଲ କୁମାର ମୀନାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। କଟାରା ଏବଂ ମୀନାଙ୍କୁ ମନିଲଣ୍ଡରିଂ ପ୍ରତିକାର ଆଇନର ବ୍ୟବସ୍ଥା ଅନୁଯାୟୀ ଗିରଫ କରାଯାଇଥିବା ଇଡି ଅଧିକାରୀମାନେ କହିଛନ୍ତି। ସ୍ୱତନ୍ତ୍ର ନିର୍ଦ୍ଦେଶାଳୟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ୩ ଦିନ ପାଇଁ ଇଡି ହାଜତକୁ ପଠାଯାଇଛି। ଆର୍‌ପିଏସ୍‌ସି ପରିଚାଳନାରେ ବରିଷ୍ଠ ଶିକ୍ଷକ ଗ୍ରେଡ୍-୨ ନିଯୁକ୍ତି ଲାଗି ୨୦୨୨ ଡିସେମ୍ବର ୨୨ ଓ ୨୪ ତାରିଖରେ ପରୀକ୍ଷା ହୋଇଥିଲା। ଏହି ପରୀକ୍ଷା ପୂର୍ବରୁ ସାଧାରଣ ଜ୍ଞାନ ପ୍ରଶ୍ନପତ୍ର ଲିକ୍ ନେଇ ରାଜସ୍ଥାନ ପୋଲିସ ମାମଲା ରୁଜୁ କରିଥିଲା। ଇଡି ପକ୍ଷରୁ ଏହାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚାଲିଛି। ଅଭିଯୋଗ ଅନୁଯାୟୀ କଟାରା ପ୍ରଶ୍ନପତ୍ର ଲିକ୍ କରି ଏହାକୁ ଏକ ସିଣ୍ଡିକେଟ୍ ଜରିଆରେ ମୀନାଙ୍କୁ ବିକ୍ରି କରିଥିଲେ। ପ୍ରାର୍ଥୀମାନଙ୍କ ଠାରୁ ୮ରୁ ୧୦ଲକ୍ଷ ଲେଖାଏ ଟଙ୍କା ସଂଗ୍ରହ କରାଯାଇ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିଲା। ଜୁନ୍ ୫ରେ ଇଡି ଅଭିଯୁକ୍ତମାନଙ୍କ ୧୫ଟି ସ୍ଥାନରେ ଚଢ଼ାଉ କରାଯାଇ ବିଭିନ୍ନ ଦସ୍ତାବିଜ୍, ଡିଜିଟାଲ ରେକର୍ଡ ଆଦି ଜବତ ହୋଇଥିଲା। ଗତ ମାସ ୧୮ରେ କଟାରା ଏବଂ ମୀନାଙ୍କ ସମେତ ଅନ୍ୟମାନଙ୍କର ୩.୧୧ କୋଟି ଟଙ୍କାର ସ୍ଥାବର, ଅସ୍ଥାବର ସମ୍ପତ୍ତିକୁ ଇଡି ବାଜ୍ୟାପ୍ତ କରିଥିଲା।

## ୨୩ ନୂଆ ସୈନିକ ସ୍କୁଲ ପ୍ରତିଷ୍ଠା ହେବ

**ନୂଆଦିଲ୍ଲୀ,୧୬।୯:** ଦେଶରେ ଆଉ ୨୩ଟି ନୂଆ ସୈନିକ ସ୍କୁଲ ପ୍ରତିଷ୍ଠା ଲାଗି ଶନିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅନୁମୋଦନ କରିଛନ୍ତି। ଏଗୁଡ଼ିକର ନିର୍ମାଣ ଭାଗୀଦାରି ମୋଡ୍ ହେବ ବୋଲି କୁହାଯାଉଛି। ଏନ୍‌ଜିଓ, ଘରୋଇ ସ୍କୁଲ ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ସହଭାଗିତାରେ ୧୦୦ଟି ନୂଆ ସୈନିକ ସ୍କୁଲ ନିର୍ମାଣ ଲାଗି ଅନୁମୋଦନ କରିଛନ୍ତି। ଏହି ଯୋଜନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଦେଶର ବିଭିନ୍ନ ଅଞ୍ଚଳରେ ୨୩ଟି ସୈନିକ ସ୍କୁଲ ପ୍ରତିଷ୍ଠା ଲାଗି ଚୁକ୍ତି ସ୍ୱାକ୍ଷର ହୋଇଛି। ଜାତୀୟ ଶିକ୍ଷାନୀତି ଅନୁସାରେ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ସହ ଭଲ କ୍ୟାରିୟର ଗଠନ କରିବା ଏବଂ ସାମରିକ ବାହିନୀରେ ଯୋଗଦେବାକୁ ପିଲାଙ୍କୁ ଉତ୍ସାହିତ କରିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ। ଏହା ସହ ସହଭାଗିତାରେ କାମ କରାଯାଉଥିବାରୁ ଦେଶ ଗଠନ କ୍ଷେତ୍ରରେ ଘରୋଇ ଅନୁଷ୍ଠାନଗୁଡ଼ିକ ସରକାରଙ୍କ ସହ ମିଶି କାମ କରିବାର ସୁଯୋଗ ପାଇବେ ବୋଲି କୁହାଯାଇଛି।

## ସେନା ଗୁଳିରେ ୩ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୬।୯:** ଜମ୍ମୁ-କଶ୍ମୀରର ବରମୂଳା ଜିଲା ନିୟନ୍ତ୍ରଣ ରେଖା(ଏଲ୍‌ଓସି) ନିକଟରେ ଶନିବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୩ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ୩ ଆତଙ୍କବାଦୀ ପିଓକେ ଦେଇ ଭାରତ ସୀମାରେ ଅନୁପ୍ରବେଶ କରିବା ପାଇଁ ଉଦ୍ୟମ କରୁଥିଲେ। ତେବେ ମୃତ ଆତଙ୍କବାଦୀମାନଙ୍କ ସହ କେଉଁ ଆତଙ୍କବାଦୀ ସଂଗଠନର ସମ୍ପର୍କ ଥିଲା ସେ ନେଇ କୌଣସି ସୂଚନା ମିଳିପାରିନାହିଁ।



ହିମାଚଳ ପ୍ରଦେଶର କୁଲୁରେ ପର୍ଯ୍ୟଟକମାନେ ନୌଚାଳନା ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

# 'ହିଂସା ଯୋଗୁ ଭାରତର ଛବି ଖରାପ ହେଉଛି'

### ଇଣ୍ଡିଆ ବ୍ଲକ୍‌କୁ ସଫଳ କରିବାକୁ ସିଡବ୍ଲ୍ୟୁସି ବୈଠକରେ ସଂକଳ୍ପ ଗୃହୀତ

**ହାଇଦ୍ରାବାଦ,୧୬।୯(ପି.ଟି.)**

ବିଭାଜନକାରୀ ରାଜନୀତିରୁ ଦେଶକୁ ମୁକ୍ତ କରିବା ସହ ଏକ ସମ୍ବେଦନଶୀଳ ଉତ୍ତରଦାୟୀ ସରକାର ଗଠନକୁ ସୁନିଶ୍ଚିତ କରିବା ପାଇଁ ଇଣ୍ଡିଆ ବ୍ଲକ୍‌କୁ ଆଦର୍ଶଗତ ତଥା ନିର୍ବାଚନୀ ସଫଳତା ଦେବା ନିମନ୍ତେ ଶନିବାର ସିଡବ୍ଲ୍ୟୁସି ବୈଠକରେ ଏକ ୧୪-ସୂତ୍ରୀ ସଂକଳ୍ପ ଗୃହୀତ ହୋଇଛି। ଦେଶ ଅନେକ ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାବେଳେ ହିଂସାତ୍ମକ ଘଟଣା ଭାରତର ପ୍ରଗତିଶୀଳ ଏବଂ ଧର୍ମନିରପେକ୍ଷ ଛବିକୁ ମଳିନ କରୁଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶନିବାର କହିଛନ୍ତି। ଏଥିସହିତ ଭାଜପା ନିଆଁରେ ଘିଅ ଢାଳୁଥିବା ସେ ଅଭିଯୋଗ କରିଛନ୍ତି। ନବଗଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ପ୍ରଥମ ବୈଠକରେ ଉଦ୍‌ଘାଟନୀ ଭାଷଣ ଦେଇ ଖାର୍ଗେ କହିଥିଲେ, ସମାଜର ଅବହେଳିତ ବର୍ଗଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି ଏବଂ ଖାଦ୍ୟ ସୁରକ୍ଷା ଅଧିକାରକୁ ସୁରକ୍ଷିତ କରିବାକୁ ହେଲେ ଏକ ଜାତିଭିତ୍ତିକ ସର୍ଭେ ସହ ଜନଗଣନା ପ୍ରକ୍ରିୟା ତୁରନ୍ତ ଆରମ୍ଭ ହେବା ତାଙ୍କ ଦଳ ଦାବି କରୁଛି। ଗୁରୁତ୍ୱପୂର୍ଣ୍ଣ ମୌଳିକ ପ୍ରସଙ୍ଗଗୁଡ଼ିକ ଉପରେ ଇଣ୍ଡିଆ ବ୍ଲକ୍‌ର ୨୭ଟି ଦଳ ଏକାଠି ଛିଡ଼ାହୋଇଛନ୍ତି। ଏହି ମେଣ୍ଟର



ହାଇଦ୍ରାବାଦରେ ସିଡବ୍ଲ୍ୟୁସି ବୈଠକ ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଅନ୍ୟ ନେତାମାନେ।

୩ଟି ସଫଳ ବୈଠକ ପରେ ଦେଶର ଜନବିରୋଧୀ ଏବଂ ଗଣତନ୍ତ୍ର ବିରୋଧୀ ଭାଜପା ସରକାର ବିରୋଧରେ ଏକାଠି ଲଢ଼ିବା ପାଇଁ ବିରୋଧୀ ମେଣ୍ଟ ଆଗେଇ ଆସିଛି। ଭାଜପା ନେତାମାନେ ବିରୋଧୀ ଦଳଗୁଡ଼ିକ ବିରୋଧରେ ପ୍ରତିରୋଧାତ୍ମକ କାର୍ଯ୍ୟ ଆରମ୍ଭ କରିଥିବା ଖାର୍ଗେ ଅଭିଯୋଗ କରିଛନ୍ତି। ପାର୍ଲାମେଣ୍ଟରେ ବିରୋଧୀଙ୍କ ସ୍ୱର ଚାପିଦେବା ଲାଗି ସରକାରଙ୍କ ଉଦ୍ୟମକୁ ଖାର୍ଗେ ଦୃଢ଼ ନିନ୍ଦା କରିଛନ୍ତି। ପାର୍ଲାମେଣ୍ଟର ଆଗାମୀ ସ୍ୱତନ୍ତ୍ର ଅଧିବେଶନରେ ଶାସକ ଦଳର ଉଦ୍ଦେଶ୍ୟକୁ ନେଇ ଚିନ୍ତା ବଢୁଥିବା ସେ କହିଛନ୍ତି।

ଅନେକ ଗମ୍ଭୀର ଆଭ୍ୟନ୍ତରୀଣ ପ୍ରସଙ୍ଗର ସମ୍ମୁଖୀନ ହୋଇଥିବା ଦେଶ ଏବେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବାବେଳେ ଦରଦାମ୍ ବୃଦ୍ଧି, ବେରୋଜଗାରି, ମଣିପୁର ହିଂସା, ବଢୁଥିବା ଅସମାନତାକୁ ନିୟନ୍ତ୍ରଣ କରିବାରେ ନରେନ୍ଦ୍ର ମୋଦି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା କଂଗ୍ରେସ ଅଧ୍ୟକ୍ଷ ଅଭିଯୋଗ କରିଛନ୍ତି। ମଣିପୁରର ଦୁଃଖଦ ଘଟଣାକୁ ସାରା ଦେଶ ଦେଖିଥିବାବେଳେ ମୋଦି ସରକାର ଏହି ନିଆଁକୁ ହରିୟାଣାର ନୁହରେ ପହଞ୍ଚାଇବାକୁ ଅନୁମତି ଦେଇଥିବା ଖାର୍ଗେ କହିଛନ୍ତି। ଏହିସବୁ ଘଟଣା ଦେଶର ଆଧୁନିକ,ପ୍ରଗତିଶୀଳ ତଥା ଧର୍ମନିରପେକ୍ଷ ଭାବମୂର୍ତ୍ତିକୁ ମଳିନ କରିଛି। ଏଭଳି ସ୍ଥିତିରେ ଶାସକ ଦଳ, ସାମ୍ପ୍ରଦାୟିକ ସଂଗଠନ ଏବଂ ଗଣମାଧ୍ୟମର ଗୋଟିଏ ଗୋଷ୍ଠୀ ନିଆଁରେ ଘିଅ ଢାଳୁଥିବା ଖାର୍ଗେ ଅଭିଯୋଗ କରିଥିଲେ।

ବୈଠକରେ ୫ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଏବଂ ୨୦୨୪ ଲୋକ ସଭା ନିର୍ବାଚନରେ କଂଗ୍ରେସର ବିଜୟ ପାଇଁ ବିସ୍ତୃତ ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଉପରେ ଆଲୋଚନା ହେବ। ବୈଠକରେ ଖାର୍ଗେଙ୍କ ସମେତ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଜୟରାମ ରମେଶ ପ୍ରମୁଖ ଯୋଗଦେଇଛନ୍ତି।

## ସବୁ ଅନାଥ ପିଲାଙ୍କୁ କୋଭିଡ୍ ଯୋଜନା ସୁବିଧା ମିଳୁ

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

**ନୂଆଦିଲ୍ଲୀ,୧୬।୯(ପି.ଟି.):** କୋଭିଡ୍-୧୯ ମହାମାରୀ ସମୟରେ ଅନାଥ ପିଲାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ପିଏମ୍ କେୟାର୍ସ ଫଣ୍ଡ ସମେତ ଅନ୍ୟାନ୍ୟ ଯୋଜନାର ସୁବିଧା ଯେପରି ସବୁ ଅନାଥ ପିଲାଙ୍କୁ ମିଳିପାରିବ, ତାହା ଦେଖିବା ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ମାଆବାପା ଯେପରି ମରିଥାନ୍ତୁ ନା କାହିଁକି ଅନାଥ ହିଁ ଅନାଥ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। କୋଭିଡ୍‌ରେ ପ୍ରାଣ ହରାଇଥିବା ଲୋକଙ୍କ ଅନାଥ ପିଲାମାନଙ୍କ ପାଇଁ ସରକାରୀ ନୀତିରେ କ'ଣ ସବୁ ନିର୍ଦ୍ଦେଶ ରହିଛି, ଜଣାଇବା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ଜେ.ବି. ପର୍ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ୍ ବାନାର୍ଜୀଙ୍କୁ କହିଛନ୍ତି। କୋଭିଡ୍‌ରେ ଅନାଥ ହୋଇଥିବା ପିଲାମାନଙ୍କୁ ଶିକ୍ଷା ଅଧିକାର ଆଇନରେ ସୁବିଧା ମିଳୁଛି। କୋର୍ଟଙ୍କ ନିର୍ଦ୍ଦେଶରେ ଅନ୍ୟ ଅନାଥ ପିଲାମାନଙ୍କୁ ମଧ୍ୟ ଅନୁରୂପ ସୁବିଧା ଦିଆଯାଇପାରିବ ବୋଲି ଆବେଦନକାରୀ ପୁଲୋମି ପାଭିନି ଶୁକ୍ଳା ଅଦାଲତଙ୍କୁ କହିଥିଲେ। ଦିଲ୍ଲୀ ଓ ଗୁଜରାଟ ସରକାର ଶିକ୍ଷା ଅଧିକାର ଆଇନରେ ସୁବିଧା ଦେଉଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ତାହା କରିପାରିବେ ବୋଲି ଶୁକ୍ଳା କହିଥିଲେ।

## ଆଇଏସ୍ ନିଯୁକ୍ତି ଅଭିଯାନକୁ ଭଣ୍ଡୁର କରିବା ପାଇଁ ୩୧ ସ୍ଥାନରେ ଏନ୍‌ଆଇଏ ଚଢ଼ାଉ

**ନୂଆଦିଲ୍ଲୀ,୧୬।୯(ପି.ଟି.):** ବିଶ୍ୱ ଆତଙ୍କବାଦୀ ସଂଗଠନ ଆଇଏସ୍ ପକ୍ଷରୁ ଚାଲିଥିବା ମୌଳବାଦ ଓ ନିଯୁକ୍ତି ଅଭିଯାନକୁ ଭଣ୍ଡୁର କରିବା ଲାଗି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ତାମିଲନାଡୁ ଓ ତେଲଙ୍ଗାନାର ୩୧ଟି ସ୍ଥାନରେ ଚଢ଼ାଉ କରିଛି। ଏହି ଚଢ଼ାଉ ବେଳେ ଡିଜିଟାଲ ଉପକରଣ, ଦସ୍ତାବିଜ୍, ସ୍ଥାନୀୟ ଭାଷା ଓ ଆରବିକ୍ ଭାଷାରେ ଆପରାଧିକ ପୁସ୍ତକ, ନଗଦ ୬୦ ଲକ୍ଷ ଟଙ୍କା ଏବଂ ୧୮,୨୦୦ ଡଲାର ଜବତ ହୋଇଛି। ଜବତ ହୋଇଥିବା ମୋବାଇଲ୍ ଫୋନ୍, ଲାପ୍‌ଟପ୍ ଏବଂ ହାର୍ଡ ଡିସ୍କଗୁଡ଼ିକର ତଥ୍ୟକୁ ଏନ୍‌ଆଇଏ ଯାଞ୍ଚ କରୁଛି। ତାମିଲନାଡୁର କୋଏମ୍ବାଟୁରର ୨୨ ସ୍ଥାନ, ଚେନ୍ନାଇର ୩ ଏବଂ ଟେଙ୍କାସି ଜିଲାର ଗୋଟିଏ ସ୍ଥାନରେ ଚଢ଼ାଉ ହୋଇଥିବାବେଳେ ହାଇଦ୍ରାବାଦର ୫ ସ୍ଥାନରେ ଚଢ଼ାଉ କରାଯାଇଥିଲା।

## ସ୍ୱତନ୍ତ୍ର ଅଧିବେଶନ ଉପରେ ଆଜି ସର୍ବଦଳୀୟ ବୈଠକ

**ନୂଆଦିଲ୍ଲୀ,୧୬।୯(ପି.ଟି.)**

ସୋମବାରଠାରୁ ପାର୍ଲାମେଣ୍ଟର ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ କେନ୍ଦ୍ର ସରକାର ରବିବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ସ୍ୱତନ୍ତ୍ର ଅଧିବେଶନରେ ସରକାର କେଉଁ ପ୍ରସଙ୍ଗ ଆଣିବେ ତାହା ଏପର୍ଯ୍ୟନ୍ତ ଅଜଣା ରହିଥିବାରୁ ଏହାକୁ ନେଇ ଅନେକ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ରବିବାର ସରକାର ଅଧିବେଶନ ସମ୍ପର୍କରେ ବିଭିନ୍ନ ଦଳର ନେତାମାନଙ୍କୁ ସୂଚନା ଦେବା ସହ ସେମାନଙ୍କ ମତାମତ ଶୁଣିବେ। ଅସମୟରେ ଅଧିବେଶନ ଡକାଯିବାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ରହିଛନ୍ତି। ସମ୍ବିଧାନ ସଭା ଆରମ୍ଭଠାରୁ ପାର୍ଲାମେଣ୍ଟର ୭୫ ବର୍ଷର ଯାତ୍ରା ଉପରେ ଅଧିବେଶନରେ ସ୍ୱତନ୍ତ୍ର ଆଲୋଚନା ହେବ ବୋଲି କୁହାଯାଉଛି। ଏହା ବ୍ୟତୀତ ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କୁ ନିଯୁକ୍ତି ସମ୍ପର୍କିତ ବିଲ୍ ଉପରେ ଆଲୋଚନା କରି ଏହାକୁ ଉକ୍ତ ଅଧିବେଶନରେ ଗୃହୀତ କରାଇବାକୁ ସରକାର ଉଦ୍ୟମ କରିପାରନ୍ତି। ଗତ ମୌସୁମୀ ଅଧିବେଶନରେ ଏହି ବିଲ୍ ରାଜ୍ୟ ସଭାରେ ଆଗତ ହୋଇଥିଲା। ସରକାର କେତେକ ନୂଆ ବିଧେୟକ ବା ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟ ଉପସ୍ଥାପନ କରିପାରନ୍ତି। ଯଦିଓ ଏନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ, ତେବେ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ଲାଗି ସଂରକ୍ଷଣ ବିଲ୍ ଆସିପାରେ ବୋଲି ଚର୍ଚ୍ଚା ହେଉଛି।

## ଛାତ ଭୁଶୁଡ଼ି ୫ ମୃତ

**ଲକ୍ଷ୍ନୌ,୧୬।୯**

ଉତ୍ତର ପ୍ରଦେଶର ଆନନ୍ଦ ନାଗ ଅଞ୍ଚଳରେ ଶନିବାର ଏକ ପୁରୁଣା ଘର ଛାତ ଭୁଶୁଡ଼ି ଗୋଟିଏ ପରିବାରର ୩ ଶିଶୁଙ୍କ ସମେତ ୫ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଆଲମ ବାଗ୍ ଥାନା ଅନ୍ତର୍ଗତ ରେଲୱେ କଲୋନିରେ ଏହି ଘଟଣା ଘଟିଛି। ସଦସ୍ୟ ସତୀଶ ଚନ୍ଦ୍ରଙ୍କ ପରିବାର ଲୋକେ ଶୋଇଥିବାବେଳେ ଛାତ ଭୁଶୁଡ଼ି ପଡିଥିଲା। ସକାଳୁ ପରିମଳ କର୍ମଚାରୀ ଘଟଣା ସମ୍ପର୍କରେ ସ୍ଥାନୀୟ ପୋଲିସ ଓ ଏନ୍‌ଡିଆର୍‌ଏଫ୍‌କୁ ଜଣାଇଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମସ୍ତ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ଲିବ୍ୟା ବନ୍ୟା: ମୃତ୍ୟୁସଂଖ୍ୟା ୧୧ ହଜାର

### ୨ ନଦୀବନ୍ଧ ଭାଙ୍ଗିବା ଘଟଣାର ତଦନ୍ତ ଆରମ୍ଭ

**ଡେର୍ନା,୧୬।୯**

ଲିବ୍ୟାରେ ପ୍ରଳୟଙ୍କରୀ ବନ୍ୟାଜନିତ ମୃତ୍ୟୁସଂଖ୍ୟା ଶନିବାର ୧୧ ହଜାର ଟପିଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦୁଇଟି ନଦୀବନ୍ଧ କିପରି ଭାଙ୍ଗିଲା ଲିବ୍ୟା କର୍ତ୍ତୃପକ୍ଷ ତାହାର ତଦନ୍ତ ଆରମ୍ଭ କରିଛନ୍ତି। ଭୂମଧ୍ୟ ସାଗରୀୟ ଝଡ଼ ଡାନିଏଲ୍ ପ୍ରଭାବରେ ପ୍ରବଳ ବର୍ଷା ହେବାରୁ ଗତ ସପ୍ତାହରେ ପୂର୍ବ ଲିବ୍ୟାରେ ଭୟଙ୍କର ବନ୍ୟା ଆସିଥିଲା। ବହୁ ଉଚ୍ଚରେ ବନ୍ୟାପାଣି ମାଡ଼ିଆସିବାରୁ ହଜାର ହଜାର ଲୋକ ସମୁଦ୍ରକୁ ଭାସିଯାଇଥିଲେ। ଲିବ୍ୟାର ରେଡ୍ କ୍ରିସେଣ୍ଟ ସୂଚନା ଅନୁଯାୟୀ ଏବେ ବି ୧୦ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି। ବନ୍ୟା ଯୋଗୁ ମାଡ଼ିଯାଇଥିବା ମାଟି ଖୋଳି ମୃତଦେହ ଖୋଜାଯାଉଛି। ମୃତ୍ୟୁସଂଖ୍ୟା ୧୧,୩୦୦ରେ ପହଞ୍ଚିଥିବା ରେଡ୍ କ୍ରିସେଣ୍ଟ କହିଛି।



## ରୁଷିଆର ବନ୍ଦର, ଯୁଦ୍ଧଜାହାଜ ଦେଖିଲେ କିମ୍

**ସିଓଲ,୧୬।୯**

ରୁଷିଆ ଗସ୍ତରେ ଥିବା ଉତ୍ତର କୋରିଆ ନେତା କିମ୍ ଜଙ୍ଗ ଉନ୍ ଶନିବାର ସେଠାରେ ଆଣବିକ ଶକ୍ତିସମ୍ପନ୍ନ ବୋମାବର୍ଷୀ ବିମାନ, ହାଇପରସୋନିକ୍ କ୍ଷେପଣାସ୍ତ୍ର ଏବଂ ଅତ୍ୟାଧୁନିକ ଯୁଦ୍ଧଜାହାଜ ଦେଖିଛନ୍ତି। ସେ ରୁଷିଆର ଦୂରପ୍ରାଚ୍ୟ ଅଞ୍ଚଳ ପରିଦର୍ଶନ କରିଥିଲେ। ଟ୍ରେନ୍ ଯୋଗେ ଆର୍ଟ୍ୟୋମ୍ ସହରରେ ପହଞ୍ଚିବା ପରେ କିମ୍ ସେଠାରୁ ବନ୍ଦର ସହର ଭ୍ଲାଡିଭୋଷ୍ଟୋକ ବାହାରେ ଥିବା ବିମାନବନ୍ଦରକୁ ଯାଇଥିଲେ। ସେଠାରେ ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଏବଂ ଅନ୍ୟ ବରିଷ୍ଠ ସାମରିକ ଅଧିକାରୀମାନେ କିମ୍‌ଙ୍କୁ ବନ୍ଦର ଓ ଅନ୍ୟ ଯୁଦ୍ଧବିମାନ ଦେଖାଇଥିଲେ। ୟୁକ୍ରେନ୍ ଯୁଦ୍ଧରେ ଏହିସବୁ ଯୁଦ୍ଧବିମାନ ଏବଂ ବନ୍ଦରକୁ ନିୟୋଜିତ କରାଯାଇଛି।



କିମ୍ ଜଙ୍ଗ ଉନ୍ ରୁଷିଆର ମିଶାଇଲ ସିଷ୍ଟମ ଦେଖୁଛନ୍ତି।

ଗତ ଜୁଲାଇରେ ଶୋଇଗୁ ଉତ୍ତର କୋରିଆ ଯାଇଥିବାବେଳେ ସେଠାରେ କିମ୍‌ଙ୍କୁ ରୁଷିଆର ସଦ୍ୟତମ ମିଶାଇଲ୍ ହାଇପରସୋନିକ୍ କିଞ୍ଜାଲ ଦେଖାଇଥିଲେ।

# ଭାରତ-କାନାଡା ବାଣିଜ୍ୟ ଆଲୋଚନା ସ୍ଥଗିତ

**ନୂଆଦିଲ୍ଲୀ,୧୬।୯**

ଜି୨୦ ସମ୍ମିଳନୀରେ ଯୋଗଦେବାକୁ ନୂଆଦିଲ୍ଲୀ ଆସିଥିବା କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିସ୍ ଟ୍ରୁଡୋଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାରେ ବିଚ୍ଛିନ୍ନତାବାଦୀ କାର୍ଯ୍ୟ ବଢ଼ିବା ସହ ଭାରତୀୟ କୂଟନୈତିକ ମିଶନ ଉପରେ ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରୁଥିବା ପ୍ରସଙ୍ଗ ଉଠାଇ ଏହାର ନିନ୍ଦା କରିଥିଲେ। ଫଳରେ ଅକ୍ଟୋବରରେ ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଆଲୋଚନାକୁ କାନାଡ଼ା ସ୍ଥଗିତ ରଖିଛି। ଚଳିତ ବର୍ଷ ପ୍ରାରମ୍ଭିକ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପୂର୍ବରୁ ଦୁଇ ଦେଶ କହିଥିଲେ। ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟକୁ ନେଇ ହେବାକୁ ଥିବା ବୁଝାମଣାକୁ ରୋକିଦିଆଯାଇଛି।



ଏହି ବାଣିଜ୍ୟ ମିଶନ କାନାଡ଼ାର ଇଣ୍ଡୋ-ପାସିଫିକ୍ ରଣନୀତି ସହ ଜଡ଼ିତ। ଟିମ୍ କାନାଡ଼ା ଟ୍ରେଡ୍ ମିଶନ ପାଇଁ ଭାରତ ଏକ ଆଦର୍ଶ ଲକ୍ଷ୍ୟସ୍ଥଳ ବୋଲି କୁହାଯାଉଥିଲା। ବାଣିଜ୍ୟିକ ସମ୍ପର୍କ ଏବଂ ଉଭୟ ଦେଶର ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧିରେ କାନାଡ଼ା ଏବଂ ଭାରତର ପାରସ୍ପରିକ ସ୍ୱାର୍ଥ ଜଡ଼ିତ ରହିଥିବା କାନାଡ଼ା ପୂର୍ବରୁ କହିଥିଲା। ତେବେ ଖଲିସ୍ତାନୀ କାର୍ଯ୍ୟକଳାପକୁ ନେଇ ଭାରତ ଏବଂ ଦ୍ୱିତୀୟ ସର୍ବାଧିକ ଶିଖ୍ ରହୁଥିବା କାନାଡ଼ା ମଧ୍ୟରେ ସମ୍ପର୍କ ଖରାପ ହୋଇଛି। ସେଠାରେ ଉଗ୍ରପନ୍ଥୀମାନଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପ ଜାରି ରହିଥିବାରୁ ଭାରତ ଏହାକୁ କଡ଼ା ଭାଷାରେ ନିନ୍ଦା କରିଥିଲା। ଉଗ୍ରପନ୍ଥୀମାନେ ଭାରତୀୟ କୂଟନୀତିଜ୍ଞ, କୂଟନୈତିକ ମିଶନ ବିରୋଧରେ ବିଚ୍ଛିନ୍ନତାବାଦ ଏବଂ ହିଂସା ବଢ଼ାଉଥିବା ଏବଂ ସେଠାରେ ଥିବା ଭାରତୀୟ ଏବଂ ସେମାନଙ୍କ ଉପାସନା ସ୍ଥଳ ପ୍ରତି ବିପଦ ବଢ଼ାଉଥିବା ପ୍ରଧାନମନ୍ତ୍ରୀ ମୋଦି ତାଙ୍କ କାନାଡ଼ା ପ୍ରତିପକ୍ଷଙ୍କୁ ଜଣାଇଥିଲେ। ସଂଗଠିତ ଅପରାଧ, ନିଶାଦ୍ରବ୍ୟ ଚୋରା କାରବାର ଏବଂ ମାନବ ଚାଲାଣ ସହ ସମ୍ପୃକ୍ତ ଶକ୍ତି ସହ ସମ୍ପର୍କକୁ ନେଇ କାନାଡ଼ା ଉଦ୍‌ବେଗ ପ୍ରକାଶ କରିବା ଆବଶ୍ୟକ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଥିଲା। ତେବେ ଜି୨୦ ସମିଟ୍ ପୂର୍ବରୁ ଟ୍ରୁଡୋଙ୍କ ସରକାର ଭାରତ ସହ ବାଣିଜ୍ୟ କଥାବାର୍ତ୍ତା ବନ୍ଦ ରଖିବାକୁ ଅନୁରୋଧ କରିଥିବା ନେଇ ଏକ ବିଦେଶୀ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଏହା ପଛର କାରଣ ସମ୍ପର୍କରେ କିଛି ଉଲ୍ଲେଖ କରାଯାଇ ନ ଥିଲା। ସୂଚନାଯୋଗ୍ୟ, ୧୩ ବର୍ଷ ପୂର୍ବରୁ ୨୦୧୦ରେ ଭାରତ ଓ କାନାଡ଼ା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ନେଇ ପ୍ରଥମ ବୁଝାମଣା ଆରମ୍ଭ ହୋଇଥିଲା। କିଛି ବର୍ଷର ନୀରବତା ପରେ ୨୦୨୨ରେ ବିସ୍ତୃତ ଅର୍ଥନୈତିକ ସହଭାଗିତା ରାଜିନାମା ଉପରେ ପୁନଃ ବୁଝାମଣା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଦୁଇ ଦେଶ ମଧ୍ୟରେ ୬ରୁ ଅଧିକ ଥର ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ହୋଇଛି। ଉଭୟେ ସେମାନଙ୍କର କେତେକ ସାମଗ୍ରୀ ଉପରୁ ଶୁଳ୍କ ହ୍ରାସ କିମ୍ବା ଉଚ୍ଛେଦ କରିଥିଲେ। ଏଥିସହିତ ସେବା କ୍ଷେତ୍ରରେ ବାଣିଜ୍ୟ ବଢ଼ାଇବା ଏବଂ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଲାଗି ନିୟମାବଳୀକୁ କୋହଳ କରାଯାଇଥିଲା।

DSPL - 235

ODISHA
INDIA'S BEST KEPT SECRET.



# ଓଡ଼ିଶା
# ଭାରତର ଉଦୀୟମାନ କ୍ରୀଡ଼ା ହବ୍

"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ ଶକ୍ତି"

## ମେଗା କ୍ରୀଡ଼ା ପ୍ରତିଯୋଗିତା



### ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାଗୁଡିକର ଓଡ଼ିଶା ପ୍ରମୁଖ ଆୟୋଜକ

- ପୁରୁଷ ହକି ବିଶ୍ୱକପ୍ (୨୦୧୮ ଓ ୨୦୨୩)
- ଫିଫା ୧୭ ବର୍ଷରୁ କମ ମହିଳା ବିଶ୍ୱକପ୍ ୨୦୨୨
- ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ୨୦୧୯
- ବିଡବ୍ଲ୍ୟୁଏଫ-ଓଡ଼ିଶା ଓପନ ୨୦୨୨
- ୨୦ ବର୍ଷରୁ କମ୍ ସାଫ୍ ଚମ୍ପିୟାନସିପ୍
- ଇଣ୍ଟରକଣ୍ଟିନେଣ୍ଟାଲ କପ୍ ୨୦୨୩
- ଆଇଟିଏଫ୍ ଏସିଆ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚମ୍ପିୟାନସିପ୍ସ ୨୦୨୩
- ଏସିଆନ୍ ଆଥଲେଟିକ୍ସ ଚମ୍ପିୟାନସିପ୍ସ ୨୦୧୭




## ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି





ହକି, ଫୁଟବଲ, ଭାରୋତ୍ତୋଳନ, ଟେନିସ୍, ସନ୍ତରଣ ଓ ଆଥଲେଟିକ୍ସ ଆଦି ବିଭିନ୍ନ କ୍ରୀଡ଼ା ପାଇଁ ଅତ୍ୟାଧୁନିକ ଭିତ୍ତିଭୂମି

## ଉତ୍କୃଷ୍ଟ ପ୍ରଶିକ୍ଷଣ

କର୍ପୋରେଟ୍ ଓ କ୍ରୀଡ଼ା ସଂସ୍ଥାଗୁଡ଼ିକ ସହ ଏକ ଅନନ୍ୟ ଭାଗୀଦାରି ମଡେଲରେ ଉତ୍କର୍ଷ କେନ୍ଦ୍ରଗୁଡିକର ଏକ ହବ୍ ପ୍ରତିଷ୍ଠା କରିବାରେ ଏକମାତ୍ର ରାଜ୍ୟ







- ଆଥଲେଟିକ୍ସ
- କ୍ରୀଡ଼ା ବିଜ୍ଞାନ
- ଶୁଟିଂ
- ଭାରୋତ୍ତୋଳନ
- ଜିମ୍ନାଷ୍ଟିକ୍ସ
- କ୍ରୀଡ଼ା ପରିଚାଳନା
- ସନ୍ତରଣ
- ହକି
- ବ୍ୟାଡମିଣ୍ଟନ୍

OIPR-29001/13/0060/2324

"କ୍ରୀଡ଼ା ଦୃଶ୍ୟପଟର ରୂପାନ୍ତରଣ, କ୍ରୀଡ଼ାବିତ୍‌ଙ୍କ ସଶକ୍ତିକରଣ"

**ଆଜିର ମନ୍ତବ୍ୟ**

"ଦେଶ ଅନେକ ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାବେଳେ ହିଂସାତ୍ମକ ଘଟଣା ଭାରତର ପ୍ରଗତିଶୀଳ ଏବଂ ଧର୍ମନିରପେକ୍ଷ ଛବିକୁ ମଳିନ କରିଛି। **-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚନ୍ଦାମୁଣ୍ଡେ ମାରି ଚନ୍ଦନ ଚିତା**
**ଚର ଚର କରି ଲେଖନ୍ତି ଗୀତା**
**ଚଡୁର ପଣକୁ ଦେଖ**
**ଅଧଲା ଗୋଟାକୁ ଭାଜନ ନୁହନ୍ତି**
**ସେହି ବୋଲାନ୍ତି ନାହାକ।**

ନିଜକୁ ଚିତା ଚଇତନରେ ସଜେଇ ସମସ୍ତଙ୍କୁ ନାନା କଥା କହି ପ୍ରଭାବିତ କରୁଥିବା ବ୍ୟକ୍ତି ଧୂର୍ତ୍ତ ବୋଲାଇଥାନ୍ତି। ପରୋକ୍ଷରେ ଠାକୁରଙ୍କ ନାମରେ ବା ଧର୍ମର ଦ୍ୱାହି ଦେଇ ମିଛସତ କହି ବୋକା ବନାଉଥିବା ଭଣ୍ଡ ନାହାକ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଚୋରି ଗଲା ଲୋକର**
**ଭାତ ହାଣ୍ଡିକୁ ଅପତିଆରା।**

ସାଧାରଣତଃ ଯାହାର ଚୋରି ହୋଇଥାଏ, ସେ ବହୁ ଲୋକଙ୍କୁ ଅଯଥାରେ ସନ୍ଦେହ କରିଥାଏ। ଚୋରି ଯାଇଥିବା ବ୍ୟକ୍ତିର ବିଶ୍ୱସ୍ତ ଲୋକ ପ୍ରତି ମନରେ ସନ୍ଦେହ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଗ୍ରାମାଞ୍ଚଳ ପାଇପ ଜଳ ଯୋଗାଣ ଯୋଜନା ପାଇଁ ଏସ୍‌ସିଏଡିଏ କାର୍ଯ୍ୟକାରୀ ହେବ

ଭୁବନେଶ୍ୱର,୧୬।୯
(ଅନିଲ ଦାସ)

ସାରା ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ଗ୍ରାମାଞ୍ଚଳ ପାଇପ ଜଳ ଯୋଗାଣ ଯୋଜନାଗୁଡ଼ିକରେ ତ୍ରୁଟି ଚିହ୍ନଟ ଓ ତୁରନ୍ତ ସମାଧାନ ପାଇଁ ସୁପରଭାଇଜରି କଣ୍ଟ୍ରୋଲ ଆଣ୍ଡ ଡାଟା ଆକ୍ୟୁଜିଶନ (ଏସ୍‌ସିଏଡିଏ) କାର୍ଯ୍ୟକାରୀ କରାଯିବ। ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ କର୍ମଚାରୀ ଯୋଗାଇଦେବା ସହିତ ସମସ୍ତ ପ୍ରକଳ୍ପକୁ ବିଦ୍ୟୁତ୍ ଯୋଗାଣ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକରେ ବିଦ୍ୟୁତ୍ ବିଲ୍ ଆଦାୟଜନିତ ସମସ୍ୟାର ସମାଧାନ ଲାଗି ଏକ ଫଳପ୍ରଦ ପଦ୍ଧତି ବିକାଶ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ରାଜ୍ୟର ବିଭିନ୍ନ ଜିଲା ଗସ୍ତ କରିବା ସମୟରେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଅନେକ ଆପତ୍ତି ଅଭିଯୋଗ ଆସିଥିଲା। ବୈଠକରେ ଆଠଗଡ଼, ନରସିଂହପୁର, ପିପିଲି ଓ ଆଠମଲ୍ଲିକ ବ୍ଲକର ପାନୀୟ ଜଳ ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ନିଷ୍ପତ୍ତି ହୋଇଛି। ନରସିଂହପୁର ଓ ଆଠଗଡ଼ରେ ନିର୍ମାଣାଧୀନ ସମସ୍ତ ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ଉପଯୁକ୍ତ ତଦାରଖ ସହିତ ପ୍ରକଳ୍ପଗୁଡ଼ିକର ଉଚ୍ଚମାନ ବଜାୟ ରଖିବା ଓ ପ୍ରକଳ୍ପକୁ ଠିକ୍ ସମୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ପିପିଲିରେ ଚାଲୁଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ବିଭିନ୍ନ ସମସ୍ୟାଗୁଡ଼ିକ ଦୂର କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଶେଷକରି ପ୍ରକଳ୍ପଗୁଡ଼ିକର ଉପରମୁଣ୍ଡରେ ବେଆଇନ ଭାବେ ପାଣି ଚୋରି ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

**ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମୀକ୍ଷା**

**୪ ବ୍ଲକରେ ପାନୀୟ ଜଳ ସମସ୍ୟାର ସମାଧାନ**

# ଲଣ୍ଡନର ଇଣ୍ଡିଆ କ୍ଲବ୍ ଆଜିଠୁ ବନ୍ଦ

**ସ୍ୱାଧୀନତା ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା**



ନୂଆଦିଲ୍ଲୀ,୧୬।୯(ପି.ଟି.)

ଲଣ୍ଡନରେ ଥିବା ଐତିହାସିକ ଇଣ୍ଡିଆ କ୍ଲବ୍ ରବିବାରଠାରୁ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଯାଉଛି। ଉକ୍ତ କ୍ଲବ୍‌ରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ମୂଳଦୁଆ ପଡ଼ିଥିଲା ବୋଲି କୁହାଯାଏ। ଏହା ବହୁ ଜାତୀୟତାବାଦୀମାନଙ୍କର ଏକ ହବ୍ ତଥା ବହୁ ବର୍ଷ ଧରି ଦେଶ ବାହାରେ ଭାରତୀୟମାନଙ୍କ ପାଇଁ ଏକ ଘର ଭାବେ ବିବେଚିତ ହୋଇ ଆସୁଥିଲା। ଏହାର କାନ୍ଥଗୁଡ଼ିକୁ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସମେତ ଖ୍ୟାତନାମା ଭାରତୀୟମାନଙ୍କ ଫଟୋରେ ସଜାଯାଇଥିଲା। କ୍ରିଷ୍ଣ ମେନନ ଏହି କ୍ଲବ୍‌ର ପ୍ରତିଷ୍ଠାତା ସଦସ୍ୟ ଥିଲେ, ଯିଏ କି ବ୍ରିଟେନ୍‌ରେ ସ୍ୱାଧୀନ ଭାରତର ପ୍ରଥମ ହାଇ କମିଶନର ହୋଇଥିଲେ। ଏଥିରେ ବ୍ରିଟେନର ଏକ ଭାରତୀୟ ରେଷ୍ଟୁରାଣ୍ଟ ପୂର୍ବରୁ ଚାଲୁଥିଲା। ଭାରତ ସ୍ୱାଧୀନ ହେବା ପରେ ଏହି କ୍ଲବ୍ ଦ୍ରୁତ ବଢ଼ୁଥିବା ବ୍ରିଟିଶ-ଦକ୍ଷିଣ ଏସୀୟ ଲୋକମାନଙ୍କ ପାଇଁ ଏକ ହବ୍‌ରେ ପରିଣତ ହୋଇଥିଲା। ସେପ୍ଟେମ୍ବର ୧୭ରେ ଆମେ ଏହି କ୍ଲବ୍‌କୁ ବନ୍ଦ କରିବାକୁ ଯାଉଛୁ ବୋଲି ଏହାର ପରିଚାଳକ ଫିରୋଜା ମାର୍କର କହିଛନ୍ତି। ତେବେ କ୍ଲବ୍‌କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଆଖପାଖରେ ସ୍ଥାନ ଖୋଜୁଥିବା ସେ କହିଛନ୍ତି। ଗୋଲ୍ଡସ୍ୟାଣ୍ଡ ହୋଟେଲ୍ସ ଲିମିଟେଡ୍‌ର ନିର୍ଦ୍ଦେଶକ ଭାବେ ୧୯୯୭ରେ ଉକ୍ତ କ୍ଲବ୍‌କୁ ଉଦ୍ଧାର କରିବା ପରେ ପାର୍ସି ବଂଶୋଦ୍ଭବ ୟାଦଗାର ମାର୍କର, ତାଙ୍କ ସ୍ତ୍ରୀ ପ୍ରେନି ଏବଂ ଝିଅ ଫିରୋଜା ଏହାକୁ ଚଳାଇ ଆସୁଥିଲେ। ବିଲ୍ଡିଂର କିଛି ଅଂଶ ଭାଙ୍ଗିଯାଇଥିବାବେଳେ ଏହାର ସୁରକ୍ଷା ପାଇଁ ଉକ୍ତ ପରିବାର 'ସେଭ୍ ଇଣ୍ଡିଆ କ୍ଲବ୍' ନାମରେ ଅପିଲ କରି ଏହାକୁ ବଞ୍ଚାଇ ରଖିବାରେ ସଫଳ ହୋଇଥିଲେ। କାରଣ ସେତେବେଳେ ଉକ୍ତ ବିଲ୍ଡିଂକୁ ଅଧିକ ଅତ୍ୟାଧୁନିକ ହୋଟେଲ କରିବା ଲାଗି ବାଟ ଛାଡ଼ିଦେବା ଲାଗି ଜମି ମାଲିକ ନୋଟିସ୍ ପଠାଇଥିଲେ। ତେବେ ଜମି ମାଲିକ ଭଡ଼ା ଅତ୍ୟଧିକ ବଢ଼ାଇଦେବାରୁ କ୍ଲବ ଚଳାଇବା କଷ୍ଟକର ହୋଇପଡ଼ିଥିଲା। ୨୬ ପ୍ରକୋଷ୍ଠ ବିଶିଷ୍ଟ ଷ୍ଟ୍ରାଣ୍ଡ କଣ୍ଟିନେଣ୍ଟାଲ ହୋଟେଲର ପ୍ରଥମ ମହଲାରେ କ୍ଲବ୍ ୧୯୪୬ରୁ ଏକ ଭାରତୀୟ ରେଷ୍ଟୁରାଣ୍ଟ ଭାବେ କାର୍ଯ୍ୟ କରୁଥିଲା। ଏହାର କିଛି ଅଂଶକୁ ଭାଙ୍ଗି ଏକ ନୂଆ ହୋଟେଲ କରିବା ପାଇଁ ବିଲ୍ଡିଂର ଫ୍ରି ହୋଲ୍ଡର ମାର୍ଷ୍ଟନ୍ ପ୍ରପର୍ଟିଜ୍ ପକ୍ଷରୁ ୱେଷ୍ଟମିନିଷ୍ଟର ସିଟି କାଉନସିଲ୍‌ରେ ଆବେଦନ କରାଯାଇଥିଲା। ଲଣ୍ଡନର କେନ୍ଦ୍ରସ୍ଥଳରେ ଏକ ସାଂସ୍କୃତିକ ଅନୁଷ୍ଠାନ ଭାବେ ସ୍ଥାନର ଗୁରୁତ୍ୱକୁ ଉପଲବ୍ଧ କରି ୨୦୧୮ ଅଗଷ୍ଟରେ କାଉନ୍‌ସିଲ ଉକ୍ତ ଆବେଦନକୁ ଖାରଜ କରିଦେଇଥିଲେ।

**ହେଲ୍ମେଟ୍ ପିନ୍ଧି ନ ଥିଲେ ଏବେ ସାଧାରଣ ଲୋକ ଫଟୋ ଉଠାଇ ପଠାଇବେ**




# ସ୍ୱାସ୍ଥ୍ୟକର୍ମୀଙ୍କୁ ହତ୍ୟା ଅଭିଯୋଗ

ଧାମନଗର,୧୬।୯
(ଦେବେନ୍ଦ୍ର ଆଦିଆ/ ସନ୍ତୋଷ କୁମାର ମହାପାତ୍ର)





ବସନ୍ତ ସାହୁ

- **ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍‌ର ଛାନ୍‌ଭିନ୍**
- **ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ସମ୍ମୁଖରେ ଧାରଣା**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ବସନ୍ତ ସାହୁ (୪୦)ଙ୍କ ମୃତଦେହ ଶନିବାର ସକାଳେ ଏକ ପୋଖରୀ ହୁଡ଼ାରୁ ପୋଲିସ ଜବତ କରିଛି। ମୃତ ବସନ୍ତଙ୍କ ଘର ଏହି ବ୍ଲକର ଗୋବିନ୍ଦପୁର ଗ୍ରାମରେ। ତାଙ୍କ ସାନଭାଇଙ୍କୁ ହତ୍ୟା କରାଯାଇଥିବା ନେଇ ମୃତ ବସନ୍ତଙ୍କ ବଡ଼ଭାଇ ସନ୍ତୋଷ ସାହୁ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ଛାନ୍‌ଭିନ୍ ଆରମ୍ଭ କରିବା ସହ ବାଲେଶ୍ୱରରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିଛି। ଅସୁରାଳି ଅଞ୍ଚଳର ଜଣେ ମହିଳାଙ୍କ ସହ ବସନ୍ତଙ୍କ ସମ୍ପର୍କକୁ ନେଇ ଏପରି ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସନ୍ତୋଷ ଏତଲାରେ ଦର୍ଶାଇଛନ୍ତି ଯେ, ଉକ୍ତ ମହିଳାଙ୍କ ସ୍ୱାମୀ ଓ ବସନ୍ତଙ୍କ ମଧ୍ୟରେ ପୂର୍ବରୁ ବହୁବାର ପାଟିଗୋଳ ହୋଇଥିଲା। ପରେ ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ସମାଧାନ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶୁକ୍ରବାର ଘଟଣାର ସମାଧାନ ପାଇଁ ବସନ୍ତ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ଶନିବାର ବସନ୍ତଙ୍କ ବାଇକ୍ ଓ ପାଣି ବୋତଲ ମୁସ୍ତାଫାପୁରସ୍ଥିତ ଏଏନ୍‌ଏମ୍ ସେଣ୍ଟର ସାମ୍ନାରେ ଥିବା ଦେଖି ଏଏନ୍‌ଏମ୍ ଦିଦି ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ଖୋଜାଖୋଜି କରି ଧାମନଗର କଲେଜ ନିକଟସ୍ଥ ଜରାନିବାସ ସମ୍ମୁଖ ରାଣୀପୋଖରୀ ହୁଡ଼ାଠାରେ ବସନ୍ତଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୩୮/୨୩) ରୁଜୁ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଅପରପକ୍ଷେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଗୋବିନ୍ଦପୁର ଗ୍ରାମର ଶତାଧିକ ଲୋକ ଶନିବାର ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଘଟଣାର ତଦନ୍ତ ଜାରି ରହିଛି ଏବଂ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

# ଘରୁ ଡାକି ନେଇ ହତ୍ୟା, ଠେଙ୍ଗାରେ ପିଟି ମାରିଦେଲେ

- **ଅନୁଗୋଳର କାଙ୍ଗୁଲାରେ ଜଣେ, ଅଙ୍ଗାରବନ୍ଧରେ ଜଣଙ୍କୁ ହତ୍ୟା ଅଭିଯୋଗ**
- **ଘଟଣାସ୍ଥଳରେ ଉତ୍ତେଜନା, ୫ ଘଣ୍ଟା ରାସ୍ତା ଅବରୋଧ**

ଅନୁଗୋଳ,୧୬।୯
(ଅମିତ କୁମାର ସାମଲ)



କାଙ୍ଗୁଲାରେ ହତ୍ୟାକାଣ୍ଡ ପରେ ଉତ୍ତ୍ୟକ୍ତ ଲୋକେ ଅନୁଗୋଳ-ମହୀଧରପୁର ରାସ୍ତା ଅବରୋଧ କରିଛନ୍ତି।

ଅନୁଗୋଳ ସଦର ଥାନା ଅଞ୍ଚଳରେ ୨ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। କାଙ୍ଗୁଲା ଗ୍ରାମର ସଂଗ୍ରାମ ବେହେରା(୨୨)ଙ୍କୁ ଘରୁ ଡାକି ନେଇ କେହି ହତ୍ୟା କରିଥିବା ବେଳେ ଅଙ୍ଗାରବନ୍ଧ ଗାଁର ସୌମ୍ୟରଞ୍ଜନ ବେହେରାଙ୍କୁ ଠେଙ୍ଗାରେ ପଟି ହତ୍ୟା କରାଯାଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ନେଇ କାଙ୍ଗୁଲା ଗ୍ରାମରେ ସକାଳେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ଅନୁଗୋଳ-ମହୀଧରପୁର ରାସ୍ତାକୁ ୫ ଘଣ୍ଟା ଅବରୋଧ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ଛେଳିଆପଡା ଗାଁରେ ଏକ ଘର ନିର୍ମାଣ ହେଉଛି। ନିର୍ମାଣ କାର୍ଯ୍ୟ କରୁଥିବା ମିସ୍ତ୍ରି ଓ ଶ୍ରମିକମାନଙ୍କ ଖାଇବା କଥା ବୁଝିସାରି ସଂଗ୍ରାମ ଶୁକ୍ରବାର ରାତିରେ ଘରକୁ ଫେରିଥିଲେ। ଏହାପରେ ଗାଁର କେହି ଜଣେ ତାଙ୍କୁ ମଣ୍ଡପରେ ଶୋଇବାକୁ ଡାକିବାରୁ ସେ ଘରୁ ଚାଲିଯାଇଥିଲେ। ହେଲେ ଶନିବାର ତାଙ୍କ ମୃତଦେହ ଛେଳିଆପଡା ଛକ ନିକଟ ଏକ ବାଲିଗଦା ଉପରେ ପଡ଼ିଥିବା ଦେଖାଯାଇଥିଲା। ତାଙ୍କୁ କେହି ହତ୍ୟା କରି ବାଲିଗଦା ଉପରକୁ ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ମୃତଦେହରେ କ୍ଷତ ଚିହ୍ନ ଥିବା ପୋଲିସ ଦେଖିବା ସହ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରାଯାଇଛି। ସେହିପରି ସାମାନ୍ୟ କଥାକୁ ନେଇ ଅଙ୍ଗାରବନ୍ଧର ସୌମ୍ୟରଞ୍ଜନଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ସୌମ୍ୟରଞ୍ଜନ ଘର ନିକଟ ରାସ୍ତାରେ ବୁଲାବୁଲି କରୁଥିବା ବେଳେ ସୁଶାନ୍ତ ସାହୁଙ୍କ ସହ କୌଣସି କଥାକୁ ନେଇ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁଶାନ୍ତ ଏକ ଠେଙ୍ଗାରେ ସୌମ୍ୟଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଏହାପରେ ନିକଟରେ ଥିବା ପୋଖରୀକୁ ଠେଲି ଦେଇ ପଳାଇ ଯାଇଥିଲେ। ଗାଁର ୨ ଜଣ ଯୁବକ ସୌମ୍ୟରଞ୍ଜନଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ପରିବାର ପକ୍ଷରୁ ଏ ନେଇ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ସଦର ଥାନା ପକ୍ଷରୁ କୁହାଯାଇଛି।

# ୧୧ ଜିଲାରେ ଶତପ୍ରତିଶତ ପାଠପଢ଼ା : ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ

ଭୁବନେଶ୍ୱର, ୧୬।୯
(ଅସମାପିକା ସାହୁ)

ରାଜ୍ୟର ୧୧ଟି ଜିଲାର ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶତପ୍ରତିଶତ ପାଠପଢ଼ା ଚାଲିଛି। ବାକି ଜିଲାଗୁଡ଼ିକରେ ପ୍ରାୟତଃ ୬୦ ପ୍ରତିଶତ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟ କରୁଛି। ସେହିପରି ରାଜ୍ୟର ପ୍ରାୟ ୬୦ ପ୍ରତିଶତ ଶିକ୍ଷକ ନିଜ କାର୍ଯ୍ୟରେ ଯୋଗଦାନ କରି ଅଧ୍ୟୟନ ଜାରି ରଖିଛନ୍ତି ବୋଲି ଶନିବାର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏଥିସହ ବିଭିନ୍ନ ପ୍ରାଥମିକ ଶିକ୍ଷକ ସଂଘଙ୍କ ସହ ବାରମ୍ବାର ଆଲୋଚନାକୁ ଦୃଷ୍ଟିରେ ରଖି ସମସ୍ତ ଶିକ୍ଷକଙ୍କୁ ନିଜ ନିଜ କାର୍ଯ୍ୟରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଥିବା ସେ କହିଛନ୍ତି। ଅପରପକ୍ଷେ ରାଜ୍ୟ ପ୍ରାଥମିକ ଶିକ୍ଷକ(ଏକ୍ସ-କ୍ୟାଡର) ମହାସଂଘର ଏକ ୬ଜଣିଆ କର୍ମକର୍ତ୍ତା ଶନିବାର ବିଭାଗୀୟ ସବ୍‌କମିଟି ସଦସ୍ୟଙ୍କ ସହିତ ୫ଦଫା ଦାବି ଉପରେ ଆଲୋଚନା କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ମହାସଂଘର ନିଷ୍ପତ୍ତିକ୍ରମେ ସରକାରଙ୍କ ସମସ୍ତ ନୀତି ନିୟମ ମାନି ଏକ୍ସ-କ୍ୟାଡର ଶିକ୍ଷକମାନେ ପୂର୍ବଭଳି ନିୟମିତ ବିଦ୍ୟାଳୟ ପରିଚାଳନା କରିବେ। ଆମେ ସରକାର ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପରେ ଆସ୍ଥା ଓ ବିଶ୍ୱାସ ରଖିଛୁ। ଖୁବ୍‌ଶୀଘ୍ର ସରକାର ଆମ ଦାବିଗୁଡ଼ିକ ସମାଧାନ କରିବେ ବୋଲି ମହାସଂଘ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଆନୁଷ୍ଠାନିକ, ସଭାସମିତି, ଧର୍ମକାର୍ଯ୍ୟ, ବନ୍ଧୁ ମିଳନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ବନ୍ଧୁଙ୍କ ସହ ମନାନ୍ତରଜନିତ ମାନସିକ ଅଶାନ୍ତିର ଆଶଙ୍କା ମଧ୍ୟ ରହିଛି। ତଥାପି ଆପଣ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହୋଇପାରିବେ। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ** - କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅନ୍ୟମାନଙ୍କୁ ସାମୟିକ ସହଯୋଗ ଦେଇ ପରୋକ୍ଷରେ ପ୍ରଶଂସିତ ହେବେ। ନୂତନ ଯାନବାହନ, ଜମିଜମା, କ୍ରୟ, ବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ** - ସାମାଜିକ ସ୍ତରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ ; କିନ୍ତୁ ହୁଏତ ଆପଣ ତାହାକୁ ଅସ୍ୱୀକାର କରି ଦେଇପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ନିଜର ଦକ୍ଷତା ଓ ଦୃଢ଼ତା ବଳରେ ଅସାଧ୍ୟ ସାଧନ କରିବେ।

**କର୍କଟ** - ଯେକୌଣସି କାମ କରନ୍ତୁନା କାହିଁକି, ବିଶେଷ ଭାବେ ଖର୍ଚ୍ଚ କରିବାକୁ ପଡ଼ିପାରେ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଦୀର୍ଘଦିନାନ୍ତେ ଆସିଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** - କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** - ଆଜି ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହେବ ନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। କଠିନ ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ତୀର୍ଥଭ୍ରମଣ ଯୋଗ ଅନୁକୂଳ।

**ତୁଳା** - ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଏଜେନ୍‌ସିପ୍, ସାହିତ୍ୟାଲୋଚନା, ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ। ଘରୋଇ ସମସ୍ୟା ସମାଧାନ ସକାଶେ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବିଛା** - ଆକସ୍ମିକ ଭାବେ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ** - ସମସ୍ୟା ଯଦିଓ ଆସିବ ତଥାପି ବେଶୀ ସମୟ ତିଷ୍ଠି ରହିବ ନାହିଁ ଓ ପରକ୍ଷଣରେ ସବୁକିଛି ଠିକ୍ ହୋଇଯିବ। ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ଅଫିସରେ କୌଣସି ସମସ୍ୟାଜନିତ କିଛିଟା ଅସୁବିଧାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

**ମକର** - ଯେତେ ଭଲ କାମ କଲେ ମଧ୍ୟ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ଘରୋଇ ଆଲୋଚନା ମଧ୍ୟରେ ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** - ଅଭାବବୋଧ ଲାଗି ରହିବା କାରଣରୁ ବ୍ୟସ୍ତତା ବଢ଼ି ବଢ଼ି ଯିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପ୍ରକାଶନ, ପ୍ରଶାସନ ଓ ପରିବହନ ସମସ୍ୟା ସମାଧାନର ରାସ୍ତା ଖୋଲିଯିବ। ପ୍ରଥମେ କାମଟି କରିସାରିବା ପରେ ମନସ୍ତାପ କରିବାକୁ ପଡ଼ିପାରେ।

**ମୀନ** - ଆଜି ସାମାଜିକ ସ୍ତରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ବନ୍ଧୁଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

ଆଜି କନ୍ୟା ସଂକ୍ରାନ୍ତି ଓ ବିଶ୍ୱକର୍ମା ପୂଜା, ଶ୍ରୀମନ୍ଦିରରେ ନିକୁଳୀଳା, ଭାଦ୍ରବ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ରବିବାର, ସେପ୍ଟେମ୍ବର ୧୭ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୧୦।୦୧ ଗତେ ଚିତ୍ରା/କନ୍ୟା ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୬ ଗତେ ଘ.୦୮।୫୧ ମଧ୍ୟେ, ଘ.୦୧।୧୨ ଗତେ ଘ.୦୩।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୩ ଗତେ ଘ.୦୫।୪୪ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୭/୨୦୨୩ | Bhubaneswar, Sunday, September 17/2023 | ପୃଷ୍ଠା-୧




**ଅକ୍ଷରଙ୍କ ସ୍ଥାନରେ ୱାଶିଂଟନ**

ଶ୍ରୀଲଙ୍କା ବିପକ୍ଷ ଏସିଆ କପ୍ କ୍ରିକେଟ ଫାଇନାଲ ପାଇଁ ଭାରତୀୟ ଦଳରେ ଅକ୍ଷର ପଟେଲଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦର ସ୍ଥାନ ପାଇଛନ୍ତି।

୦୮

୦୫

**ନୀତୀଶଙ୍କ ପାଇଁ ଭାଜପାର ଦ୍ୱାର ବନ୍ଦ: ଶାହା**

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାଇଁ ଭାଜପାର ଦ୍ୱାର ସବୁଦିନ ଲାଗି ବନ୍ଦ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି।



# ପ୍ରାଥମିକ ସ୍କୁଲରେ ମାଧ୍ୟମିକ ଶିକ୍ଷକ ପଢ଼ାଇବାକୁ ବିରୋଧ



ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ୮ ତାରିଖରୁ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବାବେଳେ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଧାରଣାସ୍ଥଳରେ ଶିକ୍ଷୟିତ୍ରୀଶିକ୍ଷକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ- ବିକାଶ ନାୟକ)

**ଭୁବନେଶ୍ୱର, ୧୬।୯ (ଅସମାପିକା ସାହୁ)**

ରାଜ୍ୟରେ ପ୍ରାଥମିକ ଶିକ୍ଷକ କାର୍ଯ୍ୟବନ୍ଦ କରି ଆନ୍ଦୋଳନରେ ବସିଥିବାରୁ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଗୁରୁତର ବାଧାପ୍ରାପ୍ତ ହୋଇଛି। କେଉଁଠି ସ୍କୁଲରେ ପୂରା ତାଲା ପଡ଼ିଛି ତ' ଆଉ କେଉଁଠି ଜଣେ ଦୁଇଜଣ ଶିକ୍ଷକ ପିଲାଙ୍କୁ ଜଗିବା ଭଳି କାମ ଚଳାଉଛନ୍ତି। ତେଣୁ ଏଭଳି ସ୍ଥିତିରେ ପିଲାଙ୍କ ପାଠପଢ଼ା ପାଇଁ ଏବେ ମାଧ୍ୟମିକ ଶିକ୍ଷକଙ୍କୁ ଡେପୁଟେଶନରେ ପ୍ରାଥମିକ ବିଦ୍ୟାଳୟକୁ ନେବା ପାଇଁ ଯୋଜନା ହେଉଛି। କେତେକ ଜିଲାରେ ଡିଇଓମାନେ ବିଇଓଙ୍କୁ ଚିଠି କରି ଏହି ନିର୍ଦ୍ଦେଶ ଦେଇଥିବାବେଳେ ବିଶେଷକରି ତାଲା ପଡିଥିବା ସ୍କୁଲ୍‌ରେ ଏଭଳି ପଦକ୍ଷେପ ନିଆଯାଇଥିବା ଦେଖିବାକୁ ମିଳିଛି। ତେବେ ଏହାକୁ ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକମାନେ ତୀବ୍ର ବିରୋଧ କରୁଥିବାବେଳେ ମାଧ୍ୟମିକ ଶିକ୍ଷକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସେମାନଙ୍କ କହିବାନୁସାରେ, ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନେ ଚଳିତ ଶିକ୍ଷାବର୍ଷରେ ସାହିତ୍ୟ ସୃଜନୀ, କୌଶଳୀ, କ୍ରୀଡ଼ାଙ୍ଗନ, ଜିଜ୍ଞାସା ଭଳି ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଶିବିର, ବିଜ୍ଞାନ ଓ ପରିବେଶଭିତ୍ତିକ କାର୍ଯ୍ୟକ୍ରମ, ଅଭିଭାବକ ଓ ପରିଚାଳନା କମିଟି ବୈଠକ ଇତ୍ୟାଦି କାର୍ଯ୍ୟକ୍ରମରେ ବ୍ୟସ୍ତ ରହି ଛାତ୍ରୀଛାତ୍ରଙ୍କ ପାଠପଢ଼ା ସାରିପାରିନାହାନ୍ତି। ତେଣୁ ଦଶମ ଶ୍ରେଣୀର ଅର୍ଦ୍ଧବାର୍ଷିକ ବୋର୍ଡ ପରୀକ୍ଷାକୁ ମାଧ୍ୟମିକ ଶିକ୍ଷା ପରିଷଦ ଅକ୍ଟୋବର ୪ ତାରିଖକୁ ଘୁଞ୍ଚାଇଦେଇଛି। ଏହା ଭିତରେ ଅକ୍ଟୋବର ୪ରୁ ମଧ୍ୟ ନବମ ଶ୍ରେଣୀର ଏଫ୍‌ଏ୨ ଆସେସ୍‌ମେଣ୍ଟ ଆରମ୍ଭ ହେବ। ରାଜ୍ୟରେ ୮ହଜାରରୁ ଊର୍ଦ୍ଧ୍ୱ ମାଧ୍ୟମିକ ବିଦ୍ୟାଳୟରେ ପ୍ରାୟ ୬ଲକ୍ଷ ଛାତ୍ରୀଛାତ୍ର ପାଠ ପଢ଼ୁଛନ୍ତି ଓ ବହୁ ସ୍କୁଲ୍‌ରେ ଶିକ୍ଷକ ଅଭାବ ଲାଗି ରହିଛି। ଯଦି ମାଧ୍ୟମିକ ଶିକ୍ଷକମାନେ ଡେପୁଟେଶନରେ ପ୍ରାଥମିକ ବିଦ୍ୟାଳୟକୁ ଯାଆନ୍ତି, ତେବେ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଠପଢ଼ା କ୍ଷତିଗ୍ରସ୍ତ ହେବ। ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ଶେଷ ହୋଇପାରିବ ନାହିଁ। ତେଣୁ କେତେକ ବିଦ୍ୟାଳୟର ପରିଚାଳନା କମିଟି ମାଧ୍ୟମିକ ଶିକ୍ଷକଙ୍କୁ ଡେପୁଟେଶନରେ ଛାଡ଼ିବା ପାଇଁ ନ ଚାହିଁବା ସହ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିର ପ୍ରତିବାଦ କରୁଛନ୍ତି।

ଏ ସମ୍ପର୍କରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ପ୍ରାଥମିକ ଶିକ୍ଷାରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିବାବେଳେ ସରକାର ମାଧ୍ୟମିକ ଶିକ୍ଷାରେ ମଧ୍ୟ ବାଧା ଉପୁଜାଉଛନ୍ତି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କରାଯାଇଥିବା ଦାବିଗୁଡ଼ିକ ଯଥାର୍ଥ ଓ ଏହାକୁ ଅବିଳମ୍ବେ ସରକାର ପୂରଣ କରିବା ଉଚିତ। ଏଥିସହିତ ମାଧ୍ୟମିକ ଶିକ୍ଷକମାନଙ୍କୁ ଡେପୁଟେଶନରେ ପ୍ରାଥମିକ ବିଦ୍ୟାଳୟକୁ ପଠାଇବା ପାଇଁ ସରକାର ନେଉଥିବା ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ଆମେ ସରକାରଙ୍କୁ ଅନୁରୋଧ କରିଛୁ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ମହସଚିବ ଚାରୁଲତା ମହାପାତ୍ର କହିଛନ୍ତି, ଗଞ୍ଜାମ ଜିଲାର ୪ଟି ବ୍ଲକରେ ଏଭଳି ଚିଠି ହୋଇଥିବା ଆମେ ଖବର ପାଇଛୁ। ତେବେ ସରକାର ଏହା ଠିକ୍ କରୁନାହାନ୍ତି। ଆମେ ଏହାକୁ ବିରୋଧ କରୁଛୁ। ଏଥିସହିତ ସରକାର ଆମ ନ୍ୟାଯ୍ୟ ଦାବି ପୂରଣ ନିମନ୍ତେ ପଦକ୍ଷେପ ନ ନେଲେ ଆମେ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ଚାରୁଲତା କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ପ୍ରାଥମିକ ସ୍କୁଲ ଶିକ୍ଷକମାନେ ଗ୍ରେଡ୍ ପେ ବୃଦ୍ଧି, ପ୍ରାଥମିକ ଶିକ୍ଷାରେ ଠିକା ଶିକ୍ଷକ ନିଯୁକ୍ତି ଉଚ୍ଛେଦ ☞ପୃଷ୍ଠା-୪

# କଟକ ସହର ପାଇଁ ଉତ୍ସବର ଦିନ: ମୁଖ୍ୟମନ୍ତ୍ରୀ



କଟକ ନେତାଜୀ ବସ୍ ଟର୍ମିନାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି।

## ସିଏନ୍‌ବିଟି ଲୋକାର୍ପିତ

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**କଟକ, ୧୬।୯ (ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ମୋର ପ୍ରିୟ ସହର। ମୋର ଜନ୍ମଭୂମି। କଟକ ସବୁବେଳେ ମୋ ପାଇଁ ସ୍ୱତନ୍ତ୍ର ହୋଇ ରହିଛି ଓ ରହିବ ବୋଲି ଖାନ୍‌ନଗରଠାରେ ଅନୁଷ୍ଠିତ କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି) ଲୋକାର୍ପଣ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଶନିବାର ଅପରାହ୍ନରେ ସନ୍‌ସାଇନ ପଡ଼ିଆସ୍ଥିତ ହେଲିପ୍ୟାଡ଼ରେ ମୁଖ୍ୟମନ୍ତ୍ରୀ ଅବତରଣ କରିବା ପରେ ବସ୍ ଟର୍ମିନାଲରେ ପହଞ୍ଚି ବୁଲି ଦେଖିଥିଲେ। ଏହାପରେ ବସ୍ ଟର୍ମିନାଲ ଲୋକାର୍ପଣ କରି କହିଥିଲେ, ଆଜି ଆମ କଟକ ସହର ପାଇଁ ଏକ ଉତ୍ସବର ଦିନ। କଟକ ସହରର ଗମନାଗମନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଏବଂ ରାଜ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ୯୦ କୋଟି ଟଙ୍କା ବ୍ୟୟରେ ସିଏନ୍‌ବିଟି ନିର୍ମାଣ କରାଯାଇଛି। ଏହା ସମସ୍ତଙ୍କ ପାଇଁ ଖୁସିର କଥା। ଏଥିସହ କଟକ ସହର ପାଇଁ ୫୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କଟକ ଓଡ଼ିଶାବାସୀଙ୍କ ପ୍ରିୟ ସହର। କଟକର ପୂଜା, ବାଲିଯାତ୍ରା, ବାରବାଟୀ କ୍ରିକେଟ ମ୍ୟାଚ, ଏସ୍‌ସିବି ମେଡିକାଲ କଲେଜ ସବୁବେଳେ ଓଡ଼ିଶାର ବଡ଼ ପରିଚୟ ହୋଇ ରହିଛି। ଏହି ପରିଚୟକୁ ଆମକୁ ଆହୁରି ଗୌରବମୟ କରିବାକୁ ପଡ଼ିବ। ହଜାର ବର୍ଷର ସହର କଟକ ଏବେ ନୂଆ ରୂପ ନେଉଛି। ରୂପାନ୍ତର ପର୍ବ ଆଗେଇ ଚାଲିଛି। ଓଡ଼ିଶାର ଗର୍ବ ରେଭେନ୍‌ଶା କଲେଜ ଏବେ ୟୁନିଭର୍ସିଟି ହୋଇଛି। ଏସ୍‌ସିବି ମେଡିକାଲ କଲେଜକୁ ଏମ୍ସ ପ୍ଲସ୍‌ରେ ରୂପାନ୍ତର କରିବା ପାଇଁ କାର୍ଯ୍ୟ ଜାରି ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଓ ଭିତ୍ତିଭୂମି ଭଳି ବିଭିନ୍ନ କ୍ଷେତ୍ରରେ ☞ପୃଷ୍ଠା-୪

# ୨୨ରେ ବାଚସ୍ପତି ନିର୍ବାଚନ

**ଭୁବନେଶ୍ୱର, ୧୬।୯ (ଅନିଲ ଦାସ)**

ଓଡ଼ିଶା ବିଧାନସଭା ବାଚସ୍ପତି ନିର୍ବାଚନ ସେପ୍ଟେମ୍ବର ୨୧ ପରିବର୍ତ୍ତେ ୨୨ ତାରିଖରେ ଅନୁଷ୍ଠିତ ହେବ। ଭାଜପା ଓ କଂଗ୍ରେସ ବାଚସ୍ପତି ନିର୍ବାଚନକୁ ବର୍ଜନ କରିବାକୁ ଘୋଷଣା କରିବା ପରେ ଶନିବାର ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୦ ତାରିଖରେ ପଶ୍ଚିମ ଓଡ଼ିଶାର ଗଣ ପର୍ବ ନୂଆଖାଇ ପାଳିତ ହେବ। ଏହା ପରଦିନ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ଉଭୟ କଂଗ୍ରେସ ଓ ଭାଜପା ବିରୋଧ କରିଥିଲେ। ଉଭୟ ଦଳ ଅଭିଯୋଗ କରିଥିଲେ ଯେ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାକୁ ସାବତ ମାଆ ଭଳି ଆଚରଣ କରୁଛନ୍ତି। ନିର୍ବାଚନ ତାରିଖ ନ ଘୁଞ୍ଚାଇଲେ ବାଚସ୍ପତି ନିର୍ବାଚନରେ କଂଗ୍ରେସ ଯୋଗ ଦେବ ନାହିଁ ବୋଲି ପ୍ରଥମେ ଘୋଷଣା କରିଥିଲା। ଏହା ପରେ ଭାଜପା ମଧ୍ୟ ଅନୁରୂପ ଘୋଷଣା କରିଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବତନ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଇସ୍ତଫା ଦେଇ ମନ୍ତ୍ରୀ ମଣ୍ଡଳରେ ସାମିଲ ହୋଇଥିବାରୁ ବାଚସ୍ପତି ପଦବୀ ଖାଲି ରହିଛି।

**ଆଜିର ସମ୍ପାଦକୀୟ**

**ବିରୋଧୀଙ୍କ ପଦକ୍ଷେପ**

# ଗୀତା ମେହେଟ୍ଟାଙ୍କ ପରଲୋକ

**ନୂଆଦିଲ୍ଲୀ, ୧୬।୯**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଏକମାତ୍ର କନ୍ୟା ତଥା ବିଶିଷ୍ଟ ଲେଖିକା ଗୀତା ମେହେଟ୍ଟାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଶନିବାର ରାତିରେ ପରଲୋକ ହୋଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା।

ଗୀତା ଏକାଧାରରେ ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖିକା, ଚଳଚ୍ଚିତ୍ର ପ୍ରଯୋଜିକା ଏବଂ ସାମ୍ବାଦିକା ଥିଲେ। ସେ ଆମେରିକାର ବିଶିଷ୍ଟ ପ୍ରକାଶକ ସୋନୀ ମେହେଟ୍ଟାଙ୍କୁ ୧୯୬୫ରେ ବିବାହ କରିଥିଲେ। ୨୦୧୯ରେ ସୋନୀଙ୍କ ପରଲୋକ ହୋଇଥିଲା। ତାଙ୍କର ଗୋଟିଏ ପୁଅ ଆଦିତ୍ୟ ସିଂ ମେହେଟ୍ଟା ଅଛନ୍ତି। ଗୀତା ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ ଭଉଣୀ। ଗୀତା ୧୯୪୩ରେ ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ବ୍ରିଟେନର କ୍ୟାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଉଚ୍ଚ ଶିକ୍ଷାଲାଭ କରିଥିବା ଗୀତା ୫ଟି ପୁସ୍ତକର ରଚୟିତା। ସେଗୁଡ଼ିକ ହେଲା 'କର୍ମ କୋଲା', 'ସ୍ନେକ୍ ଆଣ୍ଡ୍ ଲାଡର୍ସ', 'ଏ ରିଭର ସୂତ୍ର', 'ରାଜ୍' ଏବଂ 'ଦି ଇଣ୍ଟରନାଲ ଗଣେଶ'। ଇଂଲିଶ୍‌ରେ ଲିଖିତ ଏହି ପୁସ୍ତକଗୁଡ଼ିକ ପାଠକୀୟ ମହଲରେ ବେଶ୍ ଆଦୃତି



ଲାଭ କରିଥିଲା। ଏହି ଉପନ୍ୟାସଗୁଡ଼ିକ ୨୧ଟି ଭାଷାରେ ଅନୁଦିତ ହୋଇ ଭାରତ ସମେତ ଆମେରିକା ଏବଂ ୟୁରୋପରେ ବେଷ୍ଟ ସେଲର ତାଲିକାରେ ସ୍ଥାନ ପାଇଥିଲା। ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ପ୍ରଯୋଜିତ ୧୪ଟି ଟେଲିଭିଜନ ବୃତ୍ତଚିତ୍ର ବ୍ରିଟେନ, ୟୁରୋପ ଓ ଆମେରିକାର ବିଭିନ୍ନ ଚ୍ୟାନେଲଗୁଡ଼ିକରେ ପ୍ରଦର୍ଶିତ ହୋଇଥିଲା। ୧୯୭୦-୭୧ରେ ସେ ଆମେରିକୀୟ ଟେଲିଭିଜନ ନେଟ୍‌ୱର୍କ ଏନ୍‌ବିସି ପାଇଁ ୱାର କରସ୍‌ପେଣ୍ଡେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସଂଯୋଜନାରେ ବାଂଲାଦେଶ ମୁକ୍ତି ସଂଗ୍ରାମ ଉପରେ ଆଧାରିତ ଚଳଚ୍ଚିତ୍ର ସଂକଳନ ଦେଶ ଏବଂ ବିଦେଶର ସିନେମା ହଲ୍‌ଗୁଡ଼ିକରେ ପ୍ରଦର୍ଶିତ ହୋଇଥିଲା। ଗୀତାଙ୍କ ପରଲୋକରେ ରାଜ୍ୟପାଳ ଗଣେଶୀ ଲାଲ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଇଂଲିଶ ଲେଖିକା ଗୀତା ମେହେଟ୍ଟାଙ୍କ ବିୟୋଗରେ ସେ ଶୋକ ସନ୍ତପ୍ତ ପରିବାର ଓ ସମ୍ପର୍କୀୟଙ୍କୁ ସମବେଦନା ଜଣାଇଛନ୍ତି।




ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି। ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ଚୂଡାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡିବ। ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଉ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ। -ଶ୍ରୀମା

# ବିରୋଧୀଙ୍କ ପଦକ୍ଷେପ



ଆକାର ପଟେଲ

ବିରୋଧୀ ବ୍ଲକ୍ ଇଣ୍ଡିଆ ୧୪ଜଣ ଆଙ୍କର ବା ଉପସ୍ଥାପକଙ୍କ ନାମ ଘୋଷଣା କରିଛି ଯାହାଙ୍କ କାର୍ଯ୍ୟକ୍ରମକୁ ସେମାନଙ୍କ ମୁଖପାତ୍ରମାନେ ବର୍ଜନ କରିବେ। ଆଙ୍କରମାନଙ୍କ ତାଲିକା ପ୍ରକାଶ କରାଯାଇଥିଲାବେଳେ ଏଭଳି ପଦକ୍ଷେପର କୌଣସି କାରଣ ଦର୍ଶାଯାଇନାହିଁ। କିନ୍ତୁ ବିରୋଧୀ ଦଳର ବିଭିନ୍ନ ନେତା କହିଛନ୍ତି, ଏହା ହେଉଛି 'ଭାଜପା ମିଡିଆ ସେଲ୍‌ର ହ୍ୱାଟ୍ସଆପ୍ ଗ୍ରୁପ୍'। ତେବେ କେଉଁ ଆଙ୍କର ସରକାରୀ ସପକ୍ଷବାଦୀ ଏବଂ କେଉଁ ଟିଭି ଷ୍ଟେଶନ ସରକାରୀ ଶାଖା ଭାବେ କାର୍ଯ୍ୟ କରିଛନ୍ତି ତାହା ଦେଖିବା। ୧୯ ଜୁନ୍ ୨୦୨୦ରେ, ଚାଇନାର ଅନୁପ୍ରବେଶ ଉପରେ ଏକ ସର୍ବଦଳୀୟ ବୈଠକ ପରେ ସରକାର ସାମ୍ବାଦିକମାନଙ୍କୁ ଆଲୋଚନାର ବିଷୟ ଉପରେ ଯେଉଁ ଲେଖା ଦେଇଥିଲେ ତାହାକୁ ଏନ୍‌ଡିଟିଭି ଖବରଦାତା ଅରବିନ୍ଦ ଗୁନାସେକର ଟୁଇଟ୍ କରିଥିଲେ। ଚାଇନା କୌଣସି ଅନୁପ୍ରବେଶ କରି ନ ଥିଲା ବୋଲି ଏହି ବୈଠକରେ ମୋଦି ଦାବି କରିଥିଲେ। ବୈଠକର ଆଲୋଚନାର ବିଷୟକୁ ଗଣମାଧ୍ୟମ ସେମାନଙ୍କ ଶୀର୍ଷକରେ ଗୁରୁତ୍ୱ ଦେବା ଲାଗି ସରକାର ଚାହିଁଥିଲେ। ଶୀର୍ଷକଗୁଡ଼ିକ ଥିଲା ଏହିପରି, 'ପ୍ରଧାନମନ୍ତ୍ରୀଙ୍କ ପଛରେ ଭାରତ ଦୃଢ଼ ଭାବରେ ଠିଆ ହୋଇଛି। ମୋଦି ସରକାର ଏହି ପରିସ୍ଥିତିକୁ କିପରି ନିୟନ୍ତ୍ରଣ କରିଛନ୍ତି ସେ ନେଇ ଅଧିକାଂଶ ନେତା ନିଜର ଆତ୍ମବିଶ୍ୱାସ ବ୍ୟକ୍ତ କରିଛନ୍ତି' ଏବଂ 'କେସିଆର୍, ସିକ୍କିମ କ୍ରାନ୍ତି ମୋର୍ଚ୍ଚା ମଧ୍ୟରେ ଅସନ୍ତୋଷ ସୃଷ୍ଟିକରି ନଷ୍ଟ କରିଦେବାକୁ କଂଗ୍ରେସ ଉଦ୍ୟମ କରୁଛି'। ଚ୍ୟାନେଲଗୁଡ଼ିକ ବି ଏହି ନିର୍ଦ୍ଦେଶକୁ ପାଳନ କରିଥିଲେ। ଏହାର କିଛି ଘଣ୍ଟା ପରେ ଟାଇମ୍ସ ନାଓର ପ୍ରାଇମ୍ ଟାଇମ୍ ଡିବେଟର ଶୀର୍ଷକ ଥିଲା- 'ସମସ୍ତ ଦଳ ଭାରତ ପଛରେ ଏକାଠି ଠିଆ ହୋଇଥିବାବେଳେ ସୋନିଆ ଗାନ୍ଧୀ ଚାଇନାକୁ ସମାଲୋଚନା କରୁନାହାନ୍ତି?' ୧୯ ଜୁନ୍‌ରେ ରିପବ୍ଲିକ୍ ଟିଭି ବିତର୍କର ଶୀର୍ଷକ ଥିଲା- 'ବାସ୍ତବତା ବିନା କଂଗ୍ରେସ ସେନାକୁ ଅପମାନିତ କରିଛି'; 'କଂଗ୍ରେସ ଏବଂ ଚାଇନା ମଧ୍ୟରେ ଏକ ସ୍ୱତନ୍ତ୍ର ସମ୍ପର୍କ ଅଛି କି?' ଏହି ସମୟରେ ଅର୍ଥାତ୍ ମେ, ଜୁନ୍ ଓ ଜୁଲାଇରେ ଚାଇନା ଅନୁପ୍ରବେଶ ଓ ଲକ୍‌ଡାଉନ ଯୋଗୁ ଅର୍ଥ ବ୍ୟବସ୍ଥା ନିମ୍ନାଗାମୀ ହେଉଥିଲାବେଳେ ଟାଇମ୍ସ ନାଓ ବିରୋଧୀଙ୍କୁ ଦୋଷ ଦେଇ ୩୩ଟି ଡିବେଟ କରିଥିଲା। ଏଥିରେ ମୋଦି ସରକାରଙ୍କୁ ସମାଲୋଚନାର ସ୍ଥାନ ନ ଥିଲା। ଆର୍ଥିକ ମାନ୍ଦାବସ୍ଥା ଉପରେ ବି ବିତର୍କ ହୋଇ ନ ଥିଲା। ଏହି ୩ ମାସରେ ବିରୋଧୀଙ୍କ କାର୍ଯ୍ୟକଳାପକୁ ସମାଲୋଚନାକରି ରିପବ୍ଲିକ ଟିଭି ୪୭ଟି ବିତର୍କ କରିଥିଲା। ଏସବୁ ମଧ୍ୟ ମୋଦି ସରକାରଙ୍କ କାର୍ଯ୍ୟକଳାପକୁ ସମାଲୋଚନା କିମ୍ବା ଆର୍ଥିକ ମାନ୍ଦାବସ୍ଥା ବିଷୟରେ ଡିବେଟ କରି ନ ଥିଲା। ଏହାସହ ଜୁନ୍ ୭ ରୁ ୨୭ ମଧ୍ୟରେ ପେଟ୍ରୋଲ / ଡିଜେଲ ମୂଲ୍ୟ ୨୧ ଦିନ ଧରି ପ୍ରତିଦିନ ବୃଦ୍ଧି ପାଇଥିଲା। ୧୬ ଜୁନ୍‌ରେ ଭାରତ ଘୋଷଣା କରଥିଲା ଯେ, ଲଦାଖରେ ଚାଇନା ସହ ମୁହାଁମୁହିଁ ସଂଘର୍ଷରେ ୨୦ ଜଣ ଯବାନ ନିହତ ହୋଇଛନ୍ତି। ଦୈନିକ କୋଭିଡ୍ ସଂକ୍ରମଣ ମେ ୧ରେ ୨୩୦୦ରୁ ବୃଦ୍ଧି ପାଇ ଜୁଲାଇ ୩୧ରେ ଦୈନିକ ୫୭,୦୦୦ରୁ ଅଧିକ ହୋଇଥିଲା। କିନ୍ତୁ 'ବିତର୍କ' ଏସବୁ ଉପରେ ଗୁରୁତ୍ୱ ଦେଇ ନ ଥିଲା।

କିଛିଦିନ ପରେ,ଇଣ୍ଡିଆନ ଜର୍ନାଲିଜମ୍ ରିଭ୍ୟୁ ପ୍ରକାଶ କରିଥିଲା ଯେ, ଚ୍ୟାନେଲଗୁଡ଼ିକ କାହା ଉପରେ ଗୁରୁତ୍ୱ ଦେବେ ସେ ବିଷୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ନିର୍ଦ୍ଦେଶ ଦେଇଥିଲା। ଏହା ଉଲ୍ଲେଖ କରିଥିଲା, 'ମୋଦିଙ୍କ ପ୍ରଭାବ ଅଧିକ ଏବଂ ସ୍ପଷ୍ଟ। ବିସ୍ତାରବାଦୀ ଚାଇନାକୁ ନିୟନ୍ତ୍ରଣ କରିବା ହେଉଛି ଏକ କଠିନ କାର୍ଯ୍ୟ, କିନ୍ତୁ ଠିକ୍ ରଣନୀତି ଏବଂ ପଦକ୍ଷେପ ଉଲ୍ଲେଖନୀୟ ଫଳାଫଳ ଦେଇପାରେ। ଚାଇନା ପଛକୁ ଫେରିନାହିଁ, ବରଂ ଆଗରେ ଥିବା ଜଣେ ନେତାଙ୍କ ନେତୃତ୍ୱରେ ଏକ ସଂଗଠିତ ଦେଶ ଚାଇନାକୁ ପଛକୁ ହଟାଇଦେଇଛି। ସାମରିକ, ଅର୍ଥନୈତିକ ଏବଂ ରଣନୀତିକ ପଦକ୍ଷେପ ଗ୍ରହଣକରି ପ୍ରଧାନମନ୍ତ୍ରୀ ମୋଦି ଚାଇନକୁ ପଛରେ ପକାଇ ଦେଇଛନ୍ତି।' ଟାଇମ୍ସ ନାଓ ବିତର୍କର ଶୀର୍ଷକ ଥିଲା: 'ପ୍ରଧାନମନ୍ତ୍ରୀ ମୋଦି ବିସ୍ତାରବାଦୀ ଚାଇନାକୁ ଦଣ୍ଡିତ କରିଛନ୍ତି, ସନ୍ଦେହୀମାନେ ଲଜ୍ଜିତ ହୋଇଛନ୍ତି?'; 'ଚାଇନା ପଛକୁ ହଟିଥିବା ସ୍ୱୀକାର କରିଛି, ସେନା ଉପରେ ସନ୍ଦେହ ପ୍ରକଟ କରୁଥିବା ବ୍ୟକ୍ତିମାନେ ଆତ୍ମସମର୍ପଣ କରିବେ କି?' ରିପବ୍ଲିକ ଇଣ୍ଡିଆ କହିଲା:'ପ୍ରଧାନମନ୍ତ୍ରୀ ଆଗରେ ନେତୃତ୍ୱ ନେଉଛନ୍ତି'; 'ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଢ଼ ନେତୃତ୍ୱ ଚାଇନାକୁ ପଛକୁ ହଟାଇ ଦେଇଛି'। ୨୦୨୦ ଶେଷାର୍ଦ୍ଧରେ ପ୍ରକାଶିତ ଏକ ଅଧ୍ୟୟନରେ ରାଜନୈତିକ ବିଜ୍ଞାନୀ ଖ୍ରୀଷ୍ଟୋଫ ଜାଫ୍ରେଲଟ ଏବଂ ଡାଟା ଆନାଲିଷ୍ଟ ଭିହାଙ୍ଗ ଜୁମଲେ ରିପବ୍ଲିକ୍‌ର ବିଷୟବସ୍ତୁ ଉପରେ ଅନୁଧ୍ୟାନ କରିଥିଲେ। ସେମାନେ କାରଭାନ ମାଗାଜିନରେ ଲେଖିଛନ୍ତି ଯେ, ମେ ୨୦୧୭ରେ ଚ୍ୟାନେଲ ଆରମ୍ଭ ହେବା ପରଠାରୁ ସେମାନେ ଏପ୍ରିଲ ୨୦୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ୧,୭୭୯ଟି ଡିବେଟକୁ ଅଧ୍ୟୟନ କରିଥିଲେ। ସେମାନଙ୍କ ସିଦ୍ଧାନ୍ତ ଥିଲା ସ୍ପଷ୍ଟ। ରିପବ୍ଲିକ ଟିଭିର ବିତର୍କଗୁଡ଼ିକ ମୋଦି ସରକାର ଏବଂ ଏହାର ନୀତି ତଥା ଭାଜପାର ବିଚାରଧାରା ସପକ୍ଷରେ ଲଗାତର ପକ୍ଷପାତିତା ଦେଖାଇଥିଲା। ସବୁଠାରୁ ଖରାପ କଥା ହେଉଛି, ଭାରତୀୟଙ୍କୁ ପ୍ରଭାବିତ କରୁଥିବା ଅର୍ଥ ବ୍ୟବସ୍ଥା, ଶିକ୍ଷା କିମ୍ବା ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏହି ବିତର୍କଗୁଡ଼ିକରେ କ୍ୱଚିତ୍ ଉପସ୍ଥାପନ କରାଯାଇଥିଲା। ଏହା ପରିବର୍ତ୍ତେ, ସରକାରଙ୍କ ବିଚାରଧାରାକୁ ବିରୋଧ କରୁଥିବା ବିରୋଧୀଙ୍କ ସମେତ କୌଣସି ଗୋଷ୍ଠୀ କିମ୍ବା ବ୍ୟକ୍ତିବିଶେଷଙ୍କୁ ଲଗାତର ଆକ୍ରମଣ କରାଯାଇଥିଲା। ରିପବ୍ଲିକ ଟିଭିର ପ୍ରାୟ ୫୦% ରାଜନୈତିକ ବିତର୍କ ବିରୋଧୀଙ୍କୁ ସମାଲୋଚନା କରିଛି। ହେଲେ ଏହା ଗୋଟିଏ ବିତର୍କ ମଧ୍ୟ କରି ନାହିଁ ଯାହାକୁ ଆମେ ବିରୋଧୀଙ୍କ ସପକ୍ଷରେ ଶ୍ରେଣୀଭୁକ୍ତ କରିପାରିବା।

ତେବେ କେତେଜଣ ଆଙ୍କର ଏବଂ କିଛି ଟିଭି ସଂସ୍ଥା ସରକାରଙ୍କ ସପକ୍ଷବାଦୀ ଭାବେ କାର୍ଯ୍ୟ କରନ୍ତି ବୋଲି ଆରମ୍ଭରେ ଯେଉଁ ପ୍ରଶ୍ନ କରାଯାଇଛି ତାହାର ପ୍ରମାଣ ଦର୍ଶାଇବାକୁ ପଡ଼ିଲା ଓ ଏହା ସମସ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ସ୍ପଷ୍ଟ। ବିରୋଧୀ ସିଦ୍ଧାନ୍ତ ହେଉଛି, ଗଣମାଧ୍ୟମର ଏକ ବୃହତ୍‌ଅଂଶକୁ ଅସାଧୁ ଖେଳ ଖେଳିବାକୁ କୁହାଯାଇଛି ଓ ଏହା ନିରାଟ ସତ। ଏହା ଉପରେ ପ୍ରଶ୍ନ ଉଠିବାର କୌଣସି ଅବକାଶ ନାହିଁ। ଏହି ଅସାଧୁ ଖେଳରେ ଏକ ଅଂଶ ହେବା ଲାଗି ମନା କରିବାକୁ ଗଣମାଧ୍ୟମର ସମସ୍ତ ଅଧିକାର ଅଛି। ଆଶା କରାଯାଏ, ଦେଶକୁ କ୍ଷତି କରିଥିବା ତଥା ଆମ ଜାତୀୟ ଗଣମାଧ୍ୟମକୁ ସଂକ୍ରମିତ ହୋଇଥିବା ପାଗଳପଣକୁ ବିରୋଧୀଙ୍କ ଏହି ପଦକ୍ଷେପ କିଛି ମାତ୍ରାରେ ସୁଧାରିପାରିବ।

Email:aakar.patel@gmail.com

# ଆଇନ୍‌ଷ୍ଟାଇନ୍‌ଙ୍କ ରାଜନୈତିକ ବିଚାର



ଡ. ଗୌରୀ ଶଙ୍କର ସାହୁ

''ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀଙ୍କ ତରଫରୁ ଆପଣଙ୍କୁ ଇସ୍ରାଏଲ୍‌ର ରାଷ୍ଟ୍ରପତି ହେବା ପାଇଁ ପ୍ରସ୍ତାବକୁ ପ୍ରସ୍ତୁତ କରୁଛି।'' ୧୭ ନଭେମ୍ବର ୧୯୫୨ରେ ଆମେରିକାରେ ଅବସ୍ଥାପିତ ଇସ୍ରାଏଲ୍‌ର ରାଷ୍ଟ୍ରଦୂତ ଏବା ଇବାନଙ୍କ ପ୍ରସ୍ତାବର ସାରମର୍ମ ପ୍ରାୟ ଏହିପରି ଥିଲା। ବିଶିଷ୍ଟ ବୈଜ୍ଞାନିକ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍ ପ୍ରତ୍ୟୁତ୍ତରରେ ଲେଖିଲେ, ''ଯଦିଓ ଆପଣଙ୍କ ଏ ପ୍ରସ୍ତାବ ମୋତେ ଗଭୀର ଭାବେ ଉଲ୍ଲସିତ କରିଛି, ମୁଁ ଦୁଃଖ ଓ ଲଜ୍ଜାର ସହ ଆମ ଦେଶର ସେବା କରିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରସ୍ତାବକୁ ସ୍ୱୀକାର କରିପାରୁ ନାହିଁ ବୋଲି ଜଣାଉଛି। ଏ ଗୁରୁଦାୟିତ୍ୱ ସମ୍ପାଦନ କରିବା ପାଇଁ ମୋର ସ୍ୱାଭାବିକ ଦକ୍ଷତା ବା ଅଭିଜ୍ଞତା ନାହିଁ।'' ଭାଇ ଭାଇକୁ, ପୁଅ ବାପାଙ୍କୁ ନିର୍ମମ ଭାବେ ହତ୍ୟାକରି ସିଂହାସନ ଲାଭ କରିବାର ମଧ୍ୟଯୁଗୀୟ ଇତିହାସ ଲଜ୍ଜା ଓ ଅନୁଶୋଚନାରେ ମଥାପାତି ଠିଆ ହୋଇଥିବ ଆଇନ୍‌ଷ୍ଟାଇନ୍‌ଙ୍କ ଏହି ଉତ୍ତର ଶୁଣି। ସେତେବେଳକୁ ହାତପାହାନ୍ତାରେ ଥିବା ରାଜନୈତିକ କ୍ଷମତାକୁ ମହାତ୍ମା ଗାନ୍ଧୀ ପ୍ରତ୍ୟାଖ୍ୟାନ କରିସାରିଥିଲେ ଓ ଲୋକନାୟକ ଜୟପ୍ରକାଶ ଏବଂ ନାନାଜୀ ଦେଶ୍‌ମୁଖଙ୍କ କ୍ଷମତା ପ୍ରତି ନିରାସକ୍ତ ଓ ନିର୍ବିକାରଭାବ ଭବିଷ୍ୟତର ବିଷୟ ଥିଲା। ଏ ପୃଷ୍ଠଭୂମିରେ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ କୌଣସି ରାଜନୈତିକ ଦୃଷ୍ଟିଭଙ୍ଗୀ ଥିଲା ନା ନାହିଁ, ତାହା ପ୍ରଣିଧାନଯୋଗ୍ୟ।

୧୯୫୦ରେ ସ୍ୱଲିଖିତ ଏକ ପୁସ୍ତକରେ ଆଇନ୍‌ଷ୍ଟାଇନ୍ ତାଙ୍କ ରାଜନୈତିକ ବିଚାର ପ୍ରକଟ କରିଥିଲେ। ସମ୍ଭବତଃ ଏହା ୧୯୫୨ରେ ଇସ୍ରାଏଲ୍‌ର ପ୍ରଥମ ରାଷ୍ଟ୍ରପତି ୱାଇଜମାନଙ୍କ ଦେହାନ୍ତପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବେନ୍ ଗୁରିଅନ୍‌ଙ୍କୁ ଇସ୍ରାଏଲ୍‌ର ରାଷ୍ଟ୍ରପତି ହେବାପାଇଁ ଆଇନ୍‌ଷ୍ଟାଇନ୍‌ଙ୍କୁ ଅନୁରୋଧ କରିବାପାଇଁ ପ୍ରେରିତ କରିଥିଲା। ଉକ୍ତ ପୁସ୍ତକରେ ଆଇନ୍‌ଷ୍ଟାଇନ୍ ଲେଖିଛନ୍ତି, ''ବିଜ୍ଞାନ ଅତିବେଶୀରେ ଏକ ମାଧ୍ୟମ ହୋଇପାରେ କୌଣସି ଲକ୍ଷ୍ୟ ପୂର୍ତ୍ତି ପାଇଁ। ଲକ୍ଷ୍ୟ କେବେବି ବିଜ୍ଞାନ ଦ୍ୱାରା ସୃଷ୍ଟି ହୋଇ ନଥାଏ। ବରଂ ନୀତିବାନ୍, ଆଦର୍ଶ ବ୍ୟକ୍ତି ବିଶେଷ ଲକ୍ଷ୍ୟ ସୃଷ୍ଟି କରିଥାଆନ୍ତି। ଏହି ବ୍ୟକ୍ତିମାନଙ୍କ ପୁରୁଷାର୍ଥ ଓ ପରାକ୍ରମ ବିଭିନ୍ନ ସମୟରେ ସମାଜର ବିବର୍ତ୍ତନର ଧାରା ନିର୍ଦ୍ଧାରଣ କରିଥାଏ। ତେଣୁ ମଣିଷ ଜାତିର ସାମାଜିକ ସମସ୍ୟା ସମାଧାନରେ ବୈଜ୍ଞାନିକ ପଦ୍ଧତି ଓ ବିଜ୍ଞାନ କେବେ ବି ସମର୍ଥକ ହୋଇପାରି ନାହିଁ।

ମଣିଷ ଏକାଧାରରେ ବ୍ୟକ୍ତିନିଷ୍ଠ ଓ ସାମାଜିକ ପ୍ରାଣୀ। ବ୍ୟକ୍ତିନିଷ୍ଠ ହେବା କାରଣରୁ ସେ ନିଜର ଓ ନିଜ ବନ୍ଧୁ ସହୋଦରମାନଙ୍କ ଅସ୍ତିତ୍ୱର ସୁରକ୍ଷା ପାଇଁ ଚେଷ୍ଟା କରିଥାଏ। ଯାହା ତା'ର ବ୍ୟକ୍ତିଗତ ଆଶା, ଆକାଂକ୍ଷା ପୂର୍ତ୍ତିପାଇଁ ଉଦ୍ଦିଷ୍ଟ। ଅପରପକ୍ଷରେ ସାମାଜିକ ପ୍ରାଣୀ ଭାବେ ସେ ସମାଜର ସ୍ୱୀକୃତି ଓ ସମୁଚ୍ଚୟ ମାନବ ଜାତିର ସ୍ନେହ, ଶ୍ରଦ୍ଧା ପାଇବାପାଇଁ, ସୁଖ ସ୍ୱାଚ୍ଛନ୍ଦ୍ୟ, ଦୁଃଖ ଓ ପୀଡ଼ା ବାଣ୍ଟିବା ପାଇଁ ଇଚ୍ଛା ବ୍ୟକ୍ତ କରିଥାଏ। ବ୍ୟକ୍ତିନିଷ୍ଠତା ଓ ସାମାଜିକ ଦାୟବଦ୍ଧତା ମଧ୍ୟରେ ସନ୍ତୁଳନ ରହିଲେ ଯାଇ ବ୍ୟକ୍ତି ସମାଜର ମଙ୍ଗଳ କରିପାରେ। ବ୍ୟକ୍ତିର ଚିନ୍ତା, ଅନୁଭବ ଓ କାର୍ଯ୍ୟ ସ୍ୱକେନ୍ଦ୍ରିକ। ହେଲେ ସେ ସମାଜ ଉପରେ ମଧ୍ୟ ନିର୍ଭରଶୀଳ ହେବାକୁ ବାଧ୍ୟ ହୋଇଥାଏ; ନିଜର ଶାରୀରିକ, ବୌଦ୍ଧିକ ଓ ଭାବଗତ ଅସ୍ତିତ୍ୱ ଯୋଗୁ। ହେଲେ ପିମ୍ପୁଡ଼ି ଓ ମହୁମାଛିଙ୍କ ପରି ତା'ର ଜୀବନଚକ୍ର ସ୍ଥିର ଓ କଠୋର ହୋଇ ନଥାଏ ବରଂ ପରିବର୍ତ୍ତନଶୀଳ ହୋଇଥାଏ। ଏହା ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ ଓ ପରମ୍ପରାର ପରିପୋଷଣ କରି ମାନବ ସଭ୍ୟତାକୁ ବିକଶିତ କରିଆସିଛି।



ମଣିଷର ଜୈବିକ ଗଠନ ଓ ପ୍ରାକୃତିକ ବାସନା ସ୍ଥିର ଓ ଅପରିବର୍ତ୍ତନୀୟ। ହେଲେ ସାଂସ୍କୃତିକ ସଂରଚନା ସେ ବାସ କରୁଥିବା ସମାଜ ଉପରେ ନିର୍ଭରଶୀଳ। ବ୍ୟକ୍ତି ଓ ସମାଜ ମଧ୍ୟରେ ଆନ୍ତଃ ସମ୍ପର୍କ ମଧ୍ୟ ବ୍ୟକ୍ତିର ସଂସ୍କାର ଓ ସଂସ୍କୃତି ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ସଂସ୍କୃତି ମଧ୍ୟ ପ୍ରଯୁକ୍ତିବିଦ୍ୟା ଓ ଜନସଂଖ୍ୟାର ସାନ୍ଦ୍ରତା ଦ୍ୱାରା ପ୍ରଭାବିତ ହୋଇଥାଏ। ଏଇ ଯେମିତି ଘନ ଜନବସତି ଅଞ୍ଚଳରେ ଶ୍ରମ ବିଭାଜନ ସହ ଅତ୍ୟଧିକ କେନ୍ଦ୍ରିଭୂତ ଉତ୍ପାଦନକ୍ଷମ ଯନ୍ତ୍ରାଂଶ ଆବଶ୍ୟକ ହୋଇଥାଏ, ଯାହା ବିପୁଳ ଦ୍ରବ୍ୟର ବନ୍ୟା ସୃଷ୍ଟି କରିଥାଏ। ବର୍ଦ୍ଧିଷ୍ଣୁ ଶ୍ରମ ବିଭାଜନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ଭାରୀଶିଳ୍ପକୁ ପ୍ରୋତ୍ସାହିତ କରେ। ଏହା ଫଳରେ ପୁଞ୍ଜି ଅଳ୍ପ କିଛି ଦକ୍ଷ ବ୍ୟକ୍ତିଙ୍କ ହାତରେ ପୁଞ୍ଜିଭୂତ ହୁଏ। ଏହି ବ୍ୟକ୍ତିବିଶେଷ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଶିକ୍ଷା, ଗଣମାଧ୍ୟମ ଓ ସୂଚନାର ଉତ୍ସକୁ ନିୟନ୍ତ୍ରିତ କରିଥାଆନ୍ତି। ବ୍ୟବସ୍ଥାପକ ସଭାପାଇଁ ନିର୍ବାଚନରେ ଏଇମାନେ ରାଜନୈତିକ ଦଳଗୁଡ଼ିକୁ ପାଣ୍ଠି ଯୋଗାଇଥାଆନ୍ତି। ଫଳରେ ନିର୍ବାଚିତ ଜନ ପ୍ରତିନିଧିମାନେ ସମାଜର ବଞ୍ଚିତବର୍ଗର ସ୍ୱାର୍ଥ ଓ ଅଧିକାର ରକ୍ଷା କରିବାରେ ସମର୍ଥ ହୋଇପାରନ୍ତି ନାହିଁ, ଯେଉଁ ଅଧିକାର ଓ ପ୍ରାୟ ବିନିମୟରେ ପୁଞ୍ଜିପତିମାନଙ୍କ ପୁଞ୍ଜି ସୃଷ୍ଟି ଓ ବିକଶିତ ହୋଇଥାଏ।

ଭାରୀ ଶିଳ୍ପରେ ଆବଶ୍ୟକତା ନୁହେଁ ବରଂ ଲାଭ ମୁଖ୍ୟ ଉଦ୍ଦେଶ୍ୟ ହୋଇଥାଏ। ତେଣୁ ଏହା ନିଯୁକ୍ତି ପ୍ରଦାନ, ବେକାରି ଦୂରୀକରଣ ପାଇଁ ଅଭିପ୍ରେତ ହୋଇ ନଥାଏ। ପ୍ରଯୁକ୍ତି ବିଦ୍ୟାର ବିକାଶ ସବୁବେଳେ ଛଟେଇ, ନିଯୁକ୍ତି କାଟ ଓ ବେକାରି ବୃଦ୍ଧିର ବାହକ ହୋଇଥାଏ ଓ ପୁଞ୍ଜି ବୃଦ୍ଧିର ଦ୍ୟୋତକ ହୋଇଥାଏ। ଆମ ଶିକ୍ଷା ବ୍ୟବସ୍ଥା ମଧ୍ୟ ମୂଳରୁ ପ୍ରତିଯୋଗିତାମୂଳକ ଭାବନାକୁ ପ୍ରୋତ୍ସାହିତ କରିଥାଏ। ଅତ୍ୟଧିକ ପ୍ରତିଯୋଗିତାମୂଳକ ମନୋବୃତ୍ତି ଆମ ପିଲାମାନଙ୍କୁ ଆବୋରା ଷଣ୍ଢକୁ ରୂପାନ୍ତରିତ କରିଥାଏ ଓ ଭବିଷ୍ୟତରେ କିପରି ଅଧିକରୁ ଅଧିକ ଅର୍ଥ ଓ ପ୍ରତିପତ୍ତି ଆବୋରି ସଫଳ ବ୍ୟକ୍ତି ହେବେ ସେଥିପାଇଁ ସେମାନଙ୍କୁ ପ୍ରେରିତ କରିଥାଏ, ଯାହା ପିଲାମାନଙ୍କ ସାମାଜିକ ଅଙ୍ଗୀକାରକୁ ଧ୍ୱଂସ ବିଧ୍ୱଂସ କରିଥାଏ।

ତେବେ ଯୋଜନାଯୁକ୍ତ ଅର୍ଥନୀତି (ପ୍ଲାନ୍‌ଡ ଇକୋନୋମି) କ'ଣ ଏହାର ସମାଧାନ? ସ୍ଥଳ ବିଶେଷରେ ଯୋଜନାବଦ୍ଧ ଅର୍ଥନୈତିକ ସଂରଚନା ବ୍ୟକ୍ତିକୁ ସମ୍ପୂର୍ଣ୍ଣଭାବେ ଦାସତ୍ୱର ବେଡ଼ିରେ ବାନ୍ଧିଥାଏ। କେନ୍ଦ୍ରୀଭୂତ ରାଜନୈତିକ ଓ ଅର୍ଥନୈତିକ ସଂରଚନା ଉଭୟ ଗଣତାନ୍ତ୍ରିକ ରାଜନୈତିକ ବ୍ୟବସ୍ଥା ଓ ସମାଜବାଦୀ ଅମଲାତାନ୍ତ୍ରିକ ସ୍ୱରୂପରେ ଦେଖାଯାଇଥାଏ। ଏ ଉଭୟ ସଂରଚନା ବ୍ୟକ୍ତିର ଅଧିକାର ସୁନିଶ୍ଚିତ କରିବାପାଇଁ ଅସମର୍ଥ।

ଏହାଛଡ଼ା ପ୍ରଯୁକ୍ତି ବିଦ୍ୟା ନୂତନ ଓ ଅଭିନବ ଧ୍ୱଂସର ମାରଣାସ୍ତ୍ର ସୃଷ୍ଟି କରିଛି। ଏହା ମାନବ ଜାତିର ଅସ୍ତିତ୍ୱ ଓ ସୁରକ୍ଷାକୁ ସଙ୍କଟରେ ପକାଇଛି। ଅପରପକ୍ଷରେ ଅର୍ଥନୈତିକ ଜଟିଳତା ଦେଶମାନଙ୍କୁ ପରସ୍ପର ଉପରେ ଆଶାତୀତ ଭାବେ ନିର୍ଭରଶୀଳ କରିଛି। ଗୋଟିଏ ପଟେ ପୃଥିବୀରେ ଯେତିକି ମାରଣାସ୍ତ୍ର ଅଛି, ନିମିଷକେ ସାରା ପୃଥିବୀକୁ ଧ୍ୱଂସ କରିବାପାଇଁ ସକ୍ଷମ। ଅପରପକ୍ଷରେ ପରସ୍ପର ପ୍ରତି ନିର୍ଭରଶୀଳତା ଦେଶଗୁଡ଼ିକୁ ପରସ୍ପରର ନିକଟତର କରିଛି। ସବୁଦେଶ ମିଶି ଗୋଟିଏ ରାଜନୈତିକ ଅନୁଷ୍ଠାନ ଗଢ଼ି ନିଜ ନିଜର ସାମରିକ, ମାନବ ସମ୍ପଦ ଓ ମାରଣାସ୍ତ୍ରଗୁଡ଼ିକୁ ଏହି ଅନୁଷ୍ଠାନକୁ ସମ୍ପୂର୍ଣ୍ଣଭାବେ ଦେଇଦେଲେ ଯାଇ ବିଶ୍ୱରେ ଶାନ୍ତି ଓ ସଦ୍‌ଭାବ ଆସିପାରିବ। ମିଳିତ ଜାତିସଂଘର ନା ସାମରିକ ସାମର୍ଥ୍ୟ ଅଛି ନା ଆଇନଗତ କ୍ଷମତା ଅଛି ଯେ ସେ ବିଶ୍ୱର ସୁରକ୍ଷାକୁ ସୁନିଶ୍ଚିତ କରିପାରିବ?

ଆଇନ୍‌ଷ୍ଟାଇନ୍ ମହାତ୍ମା ଗାନ୍ଧୀଙ୍କ ବିଷୟରେ ଲେଖିବାକୁ ଯାଇ କହିଛନ୍ତି ଯେ, ''ଯେତେବେଳେ ଆମେ ଶକ୍ତି ଓ ପରାକ୍ରମ ମାଧ୍ୟମରେ ବିଶ୍ୱକୁ ପଦାନତ କରିବା ପାଇଁ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ପ୍ରଚେଷ୍ଟା ଦେଖୁଛେ, ସେତେବେଳେ ନା କୌଣସି ପ୍ରଯୁକ୍ତି ବିଦ୍ୟା ବଳରେ, ନା ସାମରିକ କ୍ଷମତା ଦ୍ୱାରା ବରଂ ନମ୍ରତା, ପ୍ରଜ୍ଞାବଳରେ ନିଜ ଦୁଃସ୍ଥ ଓ ବଞ୍ଚିତ ଜନଗଣଙ୍କ ପାଇଁ ସଂଗ୍ରାମରତ ମଣିଷ କିପରି କ୍ରୂର ୟୁରୋପୀୟ ସାମ୍ରାଜ୍ୟବାଦୀମାନଙ୍କୁ ପରାସ୍ତ କରିପାରିଛି ଦେଖିଲେ ଆଶ୍ଚର୍ଯ୍ୟଲାଗେ। ଆମ ଭବିଷ୍ୟତ ବଂଶଧରମାନେ ଏହା ବିଶ୍ୱାସ କରିପାରିବେ ନାହିଁ ଯେ ରକ୍ତମାଂସଧାରୀ ଏମିତି ଜଣେ ଲୋକ ଆମମାନଙ୍କ ଗହଣରେ ଥିଲେ।''

ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ହିମାଚଳ ପ୍ରଦେଶ, ଧର୍ମଶାଳା
ମୋ: ୭୯୭୮୪୨୧୮୩୫

# ଦୋକାନ ଖୋଲାଅଛି



ଗଣେଶ୍ୱର ନାୟକ

ରାଜପଥରେ ଯିବା ସମୟରେ, ପ୍ରାୟତଃ ନିଛାଟିଆ ସ୍ଥାନରେ, କୌଣସି ଗହଳି ଜାଗାରେ ନୁହେଁ, ଦେଖିବାକୁ ପାଇବା ରାସ୍ତା କଡ଼ରେ ଫଳକ, ଯେଉଁଥିରେ ଲେଖାଯାଇଥାଏ 'ଦୋକାନ ଖୋଲାଅଛି'। କିନ୍ତୁ ଚାରିଆଡ଼କୁ ନଜର କଲେ ଦେଖିବେ ଆଖପାଖରେ କୌଣସି ଦୋକାନ ନଥିବ। କୁହାଯାଏ ବୁଝିବା ଲୋକକୁ ଇସାରା ଯଥେଷ୍ଟ। ଲାଗୁଛି, ଯେପରି ସରକାର ଡାଳେ ଡାଳେ ଗଲେ, ଆମେମାନେ ପତ୍ରେପତ୍ରେ ଯାଉଛେ।

ରାଜପଥ କଡ଼େ ଦୋକାନ ଖୋଲାଅଛି, କାହା ଘରକୁ ପୁତ୍ରଶୂନ୍ୟ କରିବାକୁ, କାହା ସଂସାର ଚୂନା କରିବାକୁ, କାହାକୁ ଦୁର୍ଘଟଣା ଘଟାଇ ଜୀବନସାରା ପଙ୍ଗୁ କରିବାକୁ। ସରକାରଙ୍କ ଟିକସ ଦରକାର। ସରକାର ଲୋକଙ୍କ ମଙ୍ଗଳ ଚାହାନ୍ତି, କିନ୍ତୁ ଦୋକାନ ସରକାର ହିଁ ଖୋଲନ୍ତି, ଦିନକୁ ଦିନ ଅଧିକ। ଲୋକେ ଯେତେ ଅଭ୍ୟାସୀ ହେବେ, ସରକାର ସେତେ ଲାଭବାନ୍ ହେବେ। ଆଉ ପୋଲିସବାବୁ ଫୁଙ୍କନଳୀ ଧରି ବସିଛନ୍ତି, ପରୀକ୍ଷା କରି ଜରିମାନା ଆଦାୟ କରିବାକୁ। ଡବଲ ଲାଭ ସରକାର ବାହାଦୁରଙ୍କର। ମାନ୍ୟବର ସଭ୍ୟ ଜଣେ ପଚାରିଦେଲେ ପବିତ୍ର ଗୃହରେ ପ୍ରଶ୍ନଟିଏ। ଉତ୍ତର ଆସିଲା, ରାଜ୍ୟକୁ ଏଥିରୁ ମୁକ୍ତ କରିବା ଦାବି ଅମୂଳକ ଆଉ ନିରାଧାର। ସରକାରଙ୍କ ମଧ୍ୟ ଏପରି ପ୍ରସ୍ତାବ ନାହିଁ। ଆହାଃ କେଡ଼େ ମୂଲ୍ୟବାନ କଥାଟିଏ।

ପରାଧୀନ ଭାରତରେ ଜ୍ଞାନୀଗୁଣୀଜନ ନିଶା ନିବାରଣ ଆନ୍ଦୋଳନକୁ ଆଗେଇ ନେବାକୁ ବାନରସେନା ଗଢ଼ିଥିଲେ। ଏହି ବାନର ସେନାର ଛୋଟ ଛୋଟ ଛୁଆ, ଅଭ୍ୟାସୀ ମଣିଷ ଯେତେବେଳେ ଏହି ଦୋକାନ ପାଖକୁ ଯାଉଥିଲା, ସେମାନଙ୍କ ଗୋଡ଼ଧରି ନେହୁରା ହେଉଥିଲେ ଅଭ୍ୟାସ ନ କରିବାକୁ। ସେତେବେଳର ମଣିଷ ପଶ୍ଚାତ୍ତାପ କରୁଥିଲା, ଛିଃ! ନାତି ବୟସର ପିଲା, ମୋ ଗୋଡ଼ଧରୁଛି, ମୁଁ ଆଉ ଏ ଅଭ୍ୟାସ କରିବି ନାହିଁ। ଏବର ମଣିଷ ସେବେଠାରୁ ଅଧିକ ଜ୍ଞାନୀଗୁଣୀ। ସ୍ୱାଧୀନ ଦେଶର ନାଗରିକ। ଆଉ ଅଧିକ ସଚେତନ ମଧ୍ୟ। ଏବେ କେହି ଯଦି ବାରଣ କରୁଛି, ସଙ୍ଗେ ସଙ୍ଗେ ଉତ୍ତର ଆସୁଛି, ମୁଁ କ'ଣ କାହା ବାପା ପଇସା ଖର୍ଚ୍ଚ କରୁଛି, ମୁଁ ମୋ ପଇସାରେ ତ ନାଗର ଦେଖୋଉଛି। ସତରେ ଆମେ କେତେ ସ୍ୱାଭିମାନୀ।




ମଣିଷ ଯେତେ ଅଭ୍ୟାସୀ ହେବ, ମୂଲ୍ୟବୋଧହୀନ ଭୋଟ ସର୍ବସ୍ୱ ରାଜନୀତିରେ ହାତବାରିସି ହେବା ପାଇଁ ସେତେ ସହଜ। ଲୋକଙ୍କୁ ଭୁଆଁ ବୁଲାଇବାକୁ ସହଜ ହେବ। ଏଥିରୁ ନିବୃତ୍ତ ମଣିଷକୁ ମନେଇବା ସହଜ ନୁହେଁ। ସଚେତନ ମଣିଷ ଅନେକ ପ୍ରଶ୍ନ କରିଥାଏ। ପ୍ରଶ୍ନ କରି କରି କ୍ଷମତାର ଚୌକିକୁ ଦୋହଲାଇ ଦେବାରେ ସକ୍ଷମ ମଧ୍ୟ ହୁଏ।

ଖବରକାଗଜର ଖବର, ଦଶ ଟଙ୍କା ପାଇଁ ନିଶାଖୋର ପୁଅ, ମାଆର ଜୀବନ ନେଲା। କେଉଁଠି ନିଶାଖୋର ମଣିଷ ପରିବାରକୁ ମାରି ନିଶ୍ଚିହ୍ନ କରିଦେଉଛି ତ କେଉଠି ନିଶାଖୋର ମଣିଷ ସମାଜରେ ଅନେକ ଅପରାଧ କରୁଛି, କିନ୍ତୁ ଏହି ସରକାରୀ ଦୋକାନ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କର ରାଜସ୍ୱ ବଢ଼ାଇବାରେ ଏହାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। କଥା ଉଠେ ମଣିଷକୁ ଅଧିକରୁ ଅଧିକ ନିଶାଖୋର କରି ରାଜସ୍ୱ ବୃଦ୍ଧି କରିବା ମାନେ କ'ଣ ଗୋଦରା କୋଡ଼େ ଯେତେ, ମାଡ଼େ ସଦୃଶ। ମଝିରେ କଥା ଉଠିଥିଲା, ଯେଉଁ ସରକାରୀ ଦୋକାନ ଅଧିକ ବେପାର କରିବ, ସେ ପୁରସ୍କୃତ ହେବ। ଅର୍ଥାତ୍ ଯେଉଁ ଦୋକାନ ଯେତେ ଅଧିକ ନିଶା ବିକିଯେତେ ଅଧିକ ପରିବାର ଉଜୁଡ଼ାଇବ, ସେ ସେତେ ପାରିବାର। ପୁରସ୍କାର ପାଇବାକୁ ସେତେ ସେ ହକ୍ ଜାହିର କରିବ। କଥାଟା ଲୋକଲୋଚନକୁ ଆସିବା ପରେ ସେହି ଭାବନା ବନ୍ଦ ହେଲା। ମଜାଦାର କଥାଟିଏ ସମସ୍ତେ ଲକ୍ଷ୍ୟ କରିଥିବେ, ଯିଏ ନିଶା ବିକେ, ସେ କିନ୍ତୁ ନିଶାଖୋର ହୁଏ ନାହିଁ, ଦୀକ୍ଷା ନେଇ ସେ ସମାଜରେ ଅଧ୍ୟାତ୍ମବାଦୀ ଭଦ୍ରଲୋକ ହୋଇ ବଞ୍ଚିବାକୁ ଚେଷ୍ଟା କରେ, ତାହାର ପିଲାଛୁଆଙ୍କୁ ଶିକ୍ଷିତ କରିବାକୁ ଚେଷ୍ଟା କରେ। ଆଉ ତାହାରି ଆଖି ଆଗରେ ଅନେକ ସଂସାର ଉଜୁଡ଼ିଯାଏ, ବିଚରାର ବା ଦୋଷ କ'ଣ! ପେଟ ପୋଷ, ନାହିଁ ଦୋଷ ଯେ!

ଥଟ୍ଟାରେ କେହି ଜଣେ କହୁଥିଲେ, ସ୍ୱାଧୀନ ଭାରତରେ ଆଉ ତ ଇଂରେଜ ନାହାନ୍ତି, ଆଉ ଦେଶପ୍ରେମୀ କିପରି ହେବା? ସ୍ୱାଧୀନ ଭାରତରେ ଯେ ଅଧିକ ଟିକସ ସରକାରଙ୍କୁ ଦିଏ, ସିଏ ହିଁ ଦେଶପ୍ରେମୀ। ଆହାଃ ଏଇ ଅଭ୍ୟାସୀମାନେ ହିଁ ଅଧିକ ଟିକସ ଦିଅନ୍ତି, ଆଉ ଏଇମାନେ ହିଁ ଅଧିକ ଦେଶପ୍ରେମୀ ନିଶ୍ଚୟ। ସରକାର ଦୋକାନ ଖୋଲିବା ବନ୍ଦ କରନ୍ତୁ ନ ହେଲେ ନିୟମ କରନ୍ତୁ ପରିବାରର ସମସ୍ତେ ଅଭ୍ୟାସୀ ହୁଅନ୍ତୁ। ସେ ବୁଢ଼ା ହୁଅନ୍ତୁ ବା ଛୁଆ ବା ସ୍ତ୍ରୀଲୋକ। ସମସ୍ତେ ଦେଶପ୍ରେମୀରୁ ବଞ୍ଚିତ ହେବେ କାହିଁକି? ସରକାରୀ ତଥ୍ୟ କହୁଛି ୩୬% ସଡ଼କ ଦୁର୍ଘଟଣା ଏଇଥିପାଇଁ ହେଉଛି। ସର୍ବୋଚ୍ଚ ନ୍ୟାୟାଳୟ କମିଟି କରି ଚେଷ୍ଟା କରୁଛନ୍ତି କିପରି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କମ୍ କରିବେ। କିନ୍ତୁ ଦିନକୁଦିନ ଅଧିକ ଦୋକାନ ଖୋଲି, ସେହି ମହତ୍ ଉଦ୍ଦେଶ୍ୟକୁ ସଫଳ ହେବାକୁ ଦେଉନାହାଁ। ସମସ୍ତେ ପରିଶ୍ରମ କରି ପ୍ରଗତିର ବେଲୁନ୍‌କୁ ଫୁଙ୍କିବାରେ ଲାଗିଥିବା ବେଳେ ଏ ଦୋକାନ ଖୋଲା ଅଛି, ଏକ କଣ୍ଟା ହୋଇ ଛିଦ୍ର କରି ଫୁରୁସାଇ ଦେବାରେ ବ୍ୟସ୍ତ। ଏ ଦୋକାନଖୋଲା ଫଳକ ହଟା ନ ଗଲେ ସବୁ ପରିଶ୍ରମ ବୃଥାଯିବ।

ଗୋଗଳ, କାଏମା, ଯାଜପୁର
ମୋ: ୯୭୭୭୭୪୯୭୨୭

## ଏଇ ଭାରତରେ

ପାଠ ଚାପରେ କେତେକ ଶିକ୍ଷାର୍ଥୀ ସ୍କୁଲ ଅବା କଲେଜ ଯିବାକୁ ବନ୍ଦ କରନ୍ତି କିମ୍ବା ମିଛ କହନ୍ତି। ମାତ୍ର ଏବେ ପାଠ ଚାପରୁ ମୁକ୍ତି ପାଇଁ ଶିକ୍ଷାର୍ଥୀ ନୂଆ ନୂଆ କୌଶଳ ଆପଣେଇଲେଣି, ଯାହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଗୁଜରାଟରେ। ଗୁଜରାଟର ପପାଟପାରା ଅଞ୍ଚଳର ଜଣେ ୧୦ ବର୍ଷର ଛାତ୍ରୀ ହୋମ୍‌ୱାର୍କ ନ କରି ଟ୍ୟୁଶନ ନ ଯିବା ଲାଗି ଅପହରଣ ନାଟକ ରଚିଛନ୍ତି। ନାବାଳିକା ଜଣକ ତାଙ୍କ ପିତାଙ୍କ ସହ ପ୍ରଦ୍ୟୁମାନ ନଗର ପୋଲିସ ଷ୍ଟେଶନରେ ପହଞ୍ଚି ତାଙ୍କୁ ଅପହରଣ କରାଯାଇଥିଲା ବୋଲି ଅଭିଯୋଗ ଆଣିଥିଲେ। ଏହି ଘଟଣାର ତଦନ୍ତ ପାଇଁ ପୋଲିସର ଏକ ଟିମ୍ ନିୟୋଜିତ କରାଯାଇଥିଲା। ନାବାଳିକା ଜଣକ ପୋଲିସକୁ କହିଥିଲେ ଯେ, ଟ୍ୟୁଶନକୁ ଯାଉଥିବା ବେଳେ ତାଙ୍କୁ ଏକ ଏସ୍‌ୟୁଭିରେ ଅପହରଣ କରାଯାଇଥିଲା। ଅପହରଣକାରୀମାନେ ତାଙ୍କୁ କାର୍‌ରେ ବସାଇବା ସହ ରାସ୍ତାରେ ଅନ୍ୟ ଜଣେ ଝିଅକୁ ମଧ୍ୟ ନେଇଯାଇଥିଲେ। ସେ କହିଥିଲେ ଯେ ସେମାନେ ଅନ୍ୟ ଝିଅଟିକୁ ରେଳ ବ୍ରିଜ୍ ତଳେ ଛାଡ଼ି ଦେଇଥିବା ବେଳେ ତାଙ୍କୁ ରେଳଷ୍ଟେଶନ ଆଡ଼କୁ ନେଇ ଛାଡ଼ିଦେଇଥିଲେ। ପୋଲିସ ସର୍ଚ୍ଚଅପରେଶନ ଆରମ୍ଭ କରି ସେହି ଅଞ୍ଚଳର ସିସିଟିଭି ଫୁଟେଜ ସ୍କାନ୍ କରିଥିଲା। ଫୁଟେଜରେ ଝିଅଟି ଚାଲୁଥିବାର ଦେଖାଯାଇଥିଲା, କିନ୍ତୁ ତାଙ୍କ ଚାରିପାଖରେ କୌଣସି ଗାଡି ଦେଖାଯାଇ ନ ଥିଲା। ତା'ପରେ ଝିଅଟି ସତ ସ୍ୱୀକାର କରିଥିଲେ। ଝିଅଟି କହିଥିଲେ, ସେ ଟ୍ୟୁଶନ କ୍ଲାସ୍‌କୁ ଯିବାକୁ ଚାହୁଁନାହାନ୍ତି, କିନ୍ତୁ ତାଙ୍କ ମା' ତାଙ୍କୁ ସବୁବେଳେ ପାଠପଢ଼ିବାକୁ ବାଧ କରୁଥିବାରୁ ସେ ଏଭଳି ଅପହରଣ ନାଟକ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ସେପ୍ଟେମ୍ବର ୧୯୯୮

- ନେପାଳର ଦକ୍ଷିଣାଞ୍ଚଳ ଜିଲାଗୁଡ଼ିକରେ ମସ୍ତିଷ୍କ ଜ୍ୱର ବ୍ୟାପି ଅନ୍ୟୁନ ୭୦ ଜଣଙ୍କ ପ୍ରାଣହାନୀ।
- ହିନ୍ଦୀ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତା, ପ୍ରଯୋଜକ, ନିର୍ଦ୍ଦେଶକ ତଥା ଅଭିନେତ୍ରୀ ଜୀନତ ଅମନ୍‌ଙ୍କର ପୂର୍ବତନ ସ୍ୱାମୀ ମଜହର ଖାଁଙ୍କ ୪୩ ବର୍ଷ ବୟସରେ ପରଲୋକ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | 4 | | | 2 | |
| | | | | | | | | |
| | | | 2 | 7 | | 3 | 5 | |
| 3 | | | 8 | | 9 | | | |
| 8 | 5 | | 7 | 3 | | | | |
| | 6 | 1 | | | | | 9 | |
| 2 | | 6 | | 1 | 3 | | | 4 |
| | 4 | | | | | | | |
| 1 | 9 | | 4 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 5 | 7 | 1 | 2 | 6 | 9 | 8 |
| 2 | 7 | 9 | 6 | 8 | 4 | 3 | 1 | 5 |
| 6 | 1 | 8 | 3 | 9 | 5 | 2 | 7 | 4 |
| 7 | 5 | 1 | 8 | 2 | 3 | 4 | 6 | 9 |
| 4 | 3 | 6 | 5 | 7 | 9 | 8 | 2 | 1 |
| 9 | 8 | 2 | 4 | 6 | 1 | 5 | 3 | 7 |
| 8 | 9 | 4 | 2 | 3 | 7 | 1 | 5 | 6 |
| 1 | 6 | 3 | 9 | 5 | 8 | 7 | 4 | 2 |
| 5 | 2 | 7 | 1 | 4 | 6 | 9 | 8 | 3 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଆଇନ କାହାକୁ ଛାଡ଼ିବ ନାହିଁ

ମହାଶୟ,

ଅନ୍ୟାୟ ଅନୀତି, ହିଂସା, ବେଆଇନ ଆନ୍ଦୋଳନ, ଜାତୀୟ ସମ୍ପତ୍ତି କ୍ଷତି କରିବା, ଅତ୍ୟଧିକ ସମ୍ପତ୍ତି ଥାଇ ଗୋଚର, ଦଣ୍ଡା, ପତିତ ଜାଗା ଜମି ଜବରଦଖଲ, ଠାକୁରଙ୍କ ସମ୍ପତ୍ତି ହଡ଼ପ ଓ ଉତ୍କୋଚ ଏସବୁ କାର୍ଯ୍ୟ ଦଣ୍ଡନୀୟ ଅପରାଧ। ଏହା ଜାଣି ମଧ୍ୟ ଏବେ ବହୁ ସରକାରୀ ଅଧିକାରୀ ଓ ପ୍ରତିଷ୍ଠିତ ବ୍ୟକ୍ତି ବେଆଇନ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ଭାରତର ସଂସ୍କୃତି, ପରମ୍ପରା, ନୈତିକତା ଓ ନ୍ୟାୟ ପ୍ରଦାନକୁ ସାରା ବିଶ୍ୱବାସୀ ମାନନ୍ତି। ଭାରତର ସର୍ବଧର୍ମ ସମ୍ମାନକୁ ବିଶ୍ୱ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରେ। କାହିଁକି? ବିଭିନ୍ନ ବ୍ୟକ୍ତି ପରମ୍ପରା (ସାଂସ୍କୃତିକ) କାର୍ଯ୍ୟକ୍ରମ ବଜାୟ ଥିଲେ ବି ଏକତାର ରାହା ଏବଂ ଭାରତର ସମ୍ବିଧାନକୁ ମାନି ସମସ୍ତ ବ୍ୟକ୍ତି ସୁଖ ଶାନ୍ତିରେ ଜୀବନଯାପନ କରନ୍ତି। ଏଣୁ ଦେଶରେ ବେଆଇନ କାର୍ଯ୍ୟକଳାପ, ଅନ୍ୟାୟ, ଅନୀତି କଲେ କିମ୍ବା ଦୁର୍ନୀତି କଲେ, ନାରି ଜାତିକୁ ଅସମ୍ମାନ କଲେ ଆଇନ କୌଣସି ବ୍ୟକ୍ତିଙ୍କୁ ଛାଡ଼ିବ ନାହିଁ। ଦୋଷୀ କଠୋର ଦଣ୍ଡ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରହିବା ଦରକାର। ଏଣୁ ନିଜକୁ ପରିବର୍ତ୍ତନ କରି ବାଟକୁ ଆସ। ନଚେତ୍ କ୍ଷମାର ପ୍ରଶ୍ନ ଉଠୁନାହିଁ।

-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

କଠୋର ସତ୍ୟ ଏ ଧରାର ମୁହିଁ ଏକା
ସମ୍ମୁଖେ ତୋର ଦେଲି ବହୁବାର ଦେଖା
ଭୟରେ ମୋ ତହୁଁ କଲୁ ସଦା ପଳାୟନ
କଳ୍ପନା ତଳେ ଲୁଚାଇ ରଖିଲୁ ମନ।
(ଜୀବନର ସ୍ୱର୍ଣ୍ଣ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୨୩ରେ 'ଏକ ଦେଶ ଏକ ନିର୍ବାଚନ' କମିଟି ବୈଠକ: କୋବିନ୍ଦ



**ଭୁବନେଶ୍ୱର,୧୬।୯(ଅନିଲ ଦାସ):** ଏକ ଦେଶ ଏକ ନିର୍ବାଚନ (ୱାନ ନେଶନ, ୱାନ ଇଲେକ୍ସନ)ପାଇଁ ଗଠିତ କମିଟିର ପ୍ରଥମ ବୈଠକ ଆସନ୍ତା ୨୩ରେ ଅନୁଷ୍ଠିତ ହେବ। ଓଡ଼ିଶା ଗସ୍ତରେ ଆସିଥିବା ଥିବା କମିଟିର ମୁଖ୍ୟ ତଥା ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଏକ ଘରୋଇ ଇଞ୍ଜିନିୟରିଂ କଲେଜର କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ଆସିଥିବା କୋବିନ୍ଦ କହିଛନ୍ତି ଯେ, ଗୋଟିଏ ଦେଶ, ଗୋଟିଏ ନିର୍ବାଚନକୁ ନେଇ କେନ୍ଦ୍ର ସରକାର କମିଟି ଗଠନ କରିଛନ୍ତି । ଆସନ୍ତା ୧୮ରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ ବସୁଥିବାରୁ ଏ ସମ୍ପର୍କିତ ବିଲ୍ ଆଗତ ହୋଇପାରେ । ତେବେ ଆସନ୍ତା ୨୩ରେ ଏକ ଦେଶ ଏକ ନିର୍ବାଚନ ନେଇ କମିଟିର ପ୍ରଥମ ବୈଠକ ବସିବ । ଏମିତି ଅନେକ ଥର ବୈଠକ ବସିବ । ପରେ ରିପୋର୍ଟ ପ୍ରସ୍ତୁତ ହୋଇ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ। ଉକ୍ତ ରିପୋର୍ଟକୁ ତର୍ଜମା କରି କେନ୍ଦ୍ର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସେ କୋବିନ୍ଦ କରିଛନ୍ତି ।

ଭୁବନେଶ୍ୱର କାର୍ଯ୍ୟକ୍ରମ ସାରି ପୂର୍ବତନ ରାଷ୍ଟ୍ରପତି ପୁରୀ ଅଭିମୁଖେ ଯାତ୍ରା ଯାଇଥିଲେ । ପ୍ରଥମେ ପୁରୀ ରାଜଭବନରେ ପହଞ୍ଚିବା ପରେ ସେଠାରେ କିଛି ସମୟ ବିଶ୍ରାମ ନେଇଥିଲେ। ଏହା ପରେ ଶ୍ରୀମନ୍ଦିର ଯାଇ ଶ୍ରୀ ଜୀଉଙ୍କୁ ଦର୍ଶନ କରି ଆର୍ଶୀବାଦ ନେବା ସହ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରିଥିଲେ ।

### ବଡ଼ପଡ଼ାରେ ପହଞ୍ଚିଲା ଆଉ ଜଣେ ଦାଦନଙ୍କ ମୃତଦେହ

**ଖଇରପୁଟ,୧୬।୯(ଜଗନ୍ନାଥ ମାଝି):** ମାଲକାନଗିରି ଜିଲା ବଣ୍ଡାଘାଟି ମୁଦୁଲିପଡ଼ା ପଞ୍ଚାୟତ ବଡ଼ପଡ଼ା ଗ୍ରାମରେ ପୁଣି ପହଞ୍ଚିଲା ଜଣେ ଦାଦନ ଶ୍ରମିକ ବଳରାମ ବଡ଼ନାୟକଙ୍କ ମୃତଦେହ। ହାଇଦ୍ରାବାଦରେ ଏକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଗତ ୭ ତାରିଖରେ ସେଣ୍ଟ୍ରିଂ ଭୁଶୁଡ଼ି ପଡ଼ିବାରୁ ସେଠାରେ ୩ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଗୁରୁତର ୩ ଜଣ ସେଠାରେ ଚିକିତ୍ସିତ ହେଉଥିଲେ। ଗୁରୁତରଙ୍କ ମଧ୍ୟରୁ ଶୁକ୍ରବାର ରାତି ପ୍ରାୟ ୨ଟାରେ ସେଠାରେ ବଳରାମଙ୍କର ମୃତ୍ୟୁ ଘଟିଥିଲା। ଶନିବାର ସକାଳ ପ୍ରାୟ ୭ଟାରେ ତାଙ୍କ ମୃତଦେହ ମୁଦୁଲିପଡ଼ା ପଞ୍ଚାୟତ ନିଜ ଗ୍ରାମ ବଡ଼ପଡ଼ାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ତହସିଲଦାର ଲଳିତ ମଣ୍ଡଳ ଓ ଖଇରପୁଟ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଘ୍ନ କିର୍ଷାନୀଙ୍କ ଉପସ୍ଥିତିରେ ପ୍ରଶାସନ ତରଫରୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ସୌମ୍ୟଙ୍କ ନାମରେ ଋଣ ଦୁର୍ନୀତି ଅଭିଯୋଗ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

ବିଜୁ ଜନତା ଦଳର ବିଧାୟକ ତଥା ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ ସଂସ୍ଥାର ମାଲିକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମ୍ପାଦନାରେ ପ୍ରକାଶିତ ଦୈନିକ ଖବରକାଗଜ 'ସମ୍ବାଦ'ରେ କର୍ମଚାରୀଙ୍କୁ ଶୋଷଣ ଏବଂ ସେମାନଙ୍କ ନାମରେ ଜାଲିଆତି କରି ବ୍ୟାଙ୍କରୁ ଋଣ ଉଠାଯାଇଥିବା ଅଭିଯୋଗ ହୋଇଛି। ସମ୍ବାଦର ଜଣେ ପୂର୍ବତନ ଜିଲା ପ୍ରତିନିଧି ଶନିବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ଏହି ଗଣମାଧ୍ୟମ ସଂସ୍ଥା ଦ୍ୱାରା ବ୍ୟାଙ୍କ ଦୁର୍ନୀତି ସାଙ୍ଗକୁ କର୍ମଚାରୀଙ୍କୁ ଶୋଷଣ ଦୀର୍ଘ ବର୍ଷ ଧରି ହୋଇଆସୁଥିଲେ ମଧ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଏନେଇ କେହି ମୁହଁ ଖୋଲୁ ନ ଥିଲେ। ଅଭିଯୋଗ ଆସିବା ପରେ ସମ୍ବାଦ ଓ ଏହାର ସମ୍ପାଦକଙ୍କ ବିଷୟରେ ସୋସିଆଲ ମିଡିଆରେ ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଛି।

ଅଭିଯୋଗକାରୀଙ୍କ ଅନୁସାରେ, ଇଷ୍ଟର୍ଣ୍ଣ ମିଡିଆର ତତ୍କାଳୀନ ଏମ୍‌ଡି ତଥା ବର୍ତ୍ତମାନର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କର୍ମଚାରୀ ଏବଂ ସାମ୍ବାଦିକଙ୍କ ଫେକ୍ ସାଲାରି ସାର୍ଟିଫିକେଟ ଜରିଆରେ ସଂସ୍ଥାର ମାନବ ସମ୍ବଳ ବିଭାଗ ଏବଂ ବିତ୍ତ ବିଭାଗ ବିଭିନ୍ନ ବ୍ୟାଙ୍କରୁ ଋଣ ଉଠାନ୍ତି। ଏହି ଋଣ ଟଙ୍କା ସୌମ୍ୟରଞ୍ଜନ ପଟ୍ଟନାୟକ ହଡ଼ପ କରିନିଅନ୍ତି ବୋଲି ଅଭିଯୋଗ ହୋଇଛି। କର୍ମଚାରୀମାନେ ଋଣ କରିବାକୁ ମନାକଲେ ସେମାନଙ୍କୁ ଚାକିରିରୁ ବହିଷ୍କାର କରିବାକୁ ଧମକ ଦିଆଯାଇଥାଏ ବୋଲି ଅଭିଯୋଗକାରୀ ଇଓଡବ୍ଲ୍ୟୁକୁ ଜଣାଇଛନ୍ତି। ପ୍ରାୟ ୩ଶହରୁ ଅଧିକ କର୍ମଚାରୀଙ୍କ ନାଁରେ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ ୫୦ କୋଟି ଟଙ୍କାରୁ ଅଧିକ ଋଣ କରି ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତି ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଏହି ବ୍ୟାଙ୍କ ମ୍ୟାନେଜରମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ସମ୍ଭବ ହୋଇଥିବା କୁହାଯାଉଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ଜୟଦେବ ବିହାର ଶାଖା, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର କଟକ ମଙ୍ଗଳାବାଗ ଶାଖା, କଟକ ଅରୁଣୋଦୟ ମାର୍କେଟ ଶାଖା, ବ୍ରହ୍ମପୁର ଭାପୁର ଶାଖା, ସମ୍ବଲପୁର ଇଭିନିଂ ଶାଖା, ବାଲେଶ୍ୱର ଶିଳ୍ପାଞ୍ଚଳ ଶାଖା, ଜୟପୁର ଇଭିନିଂ ଶାଖା, ଅନୁଗୋଳ, ରାଉରକେଲା ଶିଳ୍ପାଞ୍ଚଳ ଆଦି ଶାଖାରେ ଏହି ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏପରି କି କଟକ ଅରୁଣୋଦୟ ମାର୍କେଟ ଶାଖାର ଜଣେ ବ୍ୟାଙ୍କ ମ୍ୟାନେଜର ଏହି ଦୁର୍ନୀତି ଲାଗି ଏକ ମାରୁତି ୮୦୦ କାର୍ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କଠାରୁ ନେଇଥିବା ଅଭିଯୋଗ ହୋଇଛି। ଏହି କର୍ମଚାରୀଙ୍କୁ ଲୋନ୍ ଦେବା ପାଇଁ ଇଷ୍ଟର୍ଣ୍ଣ ମିଡିଆ ମାନବ ସମ୍ବଳ ବିଭାଗର ଜଣେ ଅଧିକାରୀ ବାଧ୍ୟ କରିବା ସହ ଚାକିରି ନେଇଯିବାର ଧମକ ଦେଇଥିବା ଭଳି ଅଭିଯୋଗ ହୋଇଛି। ଏଥିରେ ମାନବ ସମ୍ବଳ ବିଭାଗ ଓ ବିତ୍ତ ବିଭାଗର କେତେଜଣ କର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏହି ଅଭିଯୋଗକୁ ଇଓଡବ୍ଲ୍ୟୁ ତଦନ୍ତ ପାଇଁ ଗ୍ରହଣ କରିଥିବା ଜଣାପଡ଼ିଛି। ଇଓଡବ୍ଲ୍ୟୁ ତଦନ୍ତରୁ ତାଙ୍କୁ ନ୍ୟାୟ ମିଳିବ ବୋଲି ଅଭିଯୋଗକାରୀ ଆଶା ରଖିଛନ୍ତି।

ଅଭିଯୋଗକାରୀ କହିଛନ୍ତି, ସେ ୨୦୧୫ରେ ସମ୍ବାଦରେ ଜିଲା ପ୍ରତିନିଧି ଭାବେ ଯୋଗଦେଇଥିଲେ। ସେତେବେଳେ ତାଙ୍କ ଦରମା ଥିଲା ୧୨ ହଜାର ୬୦୦ଟଙ୍କା। ସମ୍ବାଦରେ ଯୋଗଦେବାର ଅଳ୍ପ ଦିନ ଭିତରେ ମାନବ ସମ୍ବଳ ବିଭାଗର ସମ୍ପୃକ୍ତ ଅଧିକାରୀ ତାଙ୍କୁ ଫୋନ୍‌ରେ ଏକ ଲୋନ୍ କରିବା ଲାଗି କହିଲେ। ଏହି ଜିଲା ପ୍ରତିନିଧି ତାଙ୍କର ଲୋନ୍ କରିବା କିଛି ଆବଶ୍ୟକ ନାହିଁ ବୋଲି କହିଥିଲେ। ଫଳରେ ସମ୍ପୃକ୍ତ ଅଧିକାରୀ ତାଙ୍କୁ ଧମକ ଦେଇ କହିଥିଲେ ଯେ, ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ରହିଛି, ଲୋନ କରିବାକୁ ବାଧ୍ୟ। ଲୋନ୍ ନ କଲେ ଚାକିରିରୁ ବିଦା ହେବ। ଏମିତି ଧମକ ପାଇବାପରେ ଅଭିଯୋଗକାରୀ ସମ୍ବାଦରେ ଥିବା ତାଙ୍କ ସହକର୍ମୀଙ୍କ ସହ କଥା ହୋଇ ଜାଣିଥିଲେ ଯେ, ଅଧିକାଂଶଙ୍କୁ ଏଭଳି ଧମକ ଦିଆଯାଇଛି ଓ ସେମାନେ ସବୁ ଭୟରେ ବ୍ୟାଙ୍କରୁ ଋଣ ମଧ୍ୟ କରିଛନ୍ତି। ଏହା ପରେ ମାନବ ସମ୍ବଳ ଅଧିକାରୀ ତାଙ୍କୁ ଭୁବନେଶ୍ୱର ରସୁଲଗଡ଼ରେ ଥିବା ସମ୍ବାଦ ମୁଖ୍ୟ କାର୍ଯ୍ୟାଳୟକୁ ଡାକିଥିଲେ। ସମ୍ବାଦରେ ଜଣେ କର୍ମଚାରୀ ତାଙ୍କୁ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଜୟଦେବ ବିହାର ଶାଖାକୁ ନେଇଯାଇଥିଲେ। ସେଠାରେ ତାଙ୍କ ଅନିଚ୍ଛା ସତ୍ତ୍ୱେ ବିଭିନ୍ନ କାଗଜପତ୍ରରେ ଦସ୍ତଖତ କରିଥିଲେ। ଏପରି କି ଦସ୍ତଖତ ଥିବା ଏସ୍‌ବିଆଇର ୬ଟି ବ୍ଲାଙ୍କ୍ ଚେକ୍ ମଧ୍ୟ ତାଙ୍କଠୁ ସମ୍ପୃକ୍ତ ଖବରକାଗଜ କର୍ମଚାରୀ ନେଇଯାଇଥିଲେ। ଏହାପରେ ଲୋନ୍ ପାସ୍ ହୋଇଥିଲା, ଆଉ ତାଙ୍କୁ ଗୋଟେ ଚେକ୍ ବହି ମଧ୍ୟ ମିଳିଥିଲା ବୋଲି ସେ କହିଛନ୍ତି। ଏହାପରେ ନୂଆ କରି ମିଳିଥିବା ଚେକ୍‌ଗୁଡ଼ିକରେ ତାଙ୍କ ଦସ୍ତଖତ କରାଇ ସାଙ୍ଗରେ ଯାଇଥିବା ସମ୍ପୃକ୍ତ କର୍ମଚାରୀ ନେଇଯାଇଥିଲେ। ତେବେ ତାଙ୍କ ନାଁରେ କେତେ ଟଙ୍କା ଋଣ ହୋଇଛି ଓ ଋଣ ଟଙ୍କା କ'ଣ ହେବ ସେ ସମ୍ପର୍କରେ ଅଭିଯୋଗକାରୀଙ୍କୁ ଅନ୍ଧାରରେ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ନିଜ ଉଦ୍ୟମରେ ବ୍ୟାଙ୍କ କର୍ମଚାରୀଙ୍କଠୁ ସେ ଜାଣିବାକୁ ପାଇଥିଲେ ଯେ, ତାଙ୍କ ନାଁରେ ୫ଲକ୍ଷ ଟଙ୍କାର ଋଣ ହୋଇଛି। ଏହାପରେ ତାଙ୍କୁ ପୁଣି ସମ୍ବାଦ ଅଫିସକୁ ଡକାଇ ଆକାଉଣ୍ଟସ୍ ବିଭାଗର ମୁଖ୍ୟ ୪୦ ହଜାର ଟଙ୍କା ଦେଇଥିଲେ। ଏ ଟଙ୍କା କାହିଁକି ଦିଆଯାଉଛି ବୋଲି ସେ ଜାଣିବାକୁ ଚାହିଁଥିଲେ। ଆକାଉଣ୍ଟସ୍ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ, ଏ ଟଙ୍କାରେ ସେ ଏକ ମୋଟର ସାଇକେଲ କିଣନ୍ତୁ ବୋଲି ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି। ତେବେ ତାଙ୍କର ପୂର୍ବରୁ ମୋଟର ସାଇକେଲ ଅଛି ଓ ସେ ଏ ଟଙ୍କା ଚାହାନ୍ତି ନାହିଁ ବୋଲି କହିଥିଲେ ମଧ୍ୟ ଆକାଉଣ୍ଟସ୍ ବିଭାଗର କେହି କିଛି ଶୁଣି ନ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ମାସିକ ଦରମାରୁ ଋଣ କିସ୍ତି କଟିବା ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ସେ ଜାଣିବାକୁ ଚାହିଁଥିଲେ ମଧ୍ୟ କେହି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ବରଂ ବାରମ୍ବାର ଚାକିରି ହରେଇବାର ଭୟ ଦେଖାଉଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏମିତି ଚାଲିଥିବାବେଳେ ପୁଣି ତାଙ୍କୁ ଆଉ ଏକ ଲୋନ୍ କରିବା ଲାଗି କୁହାଯାଇଥିଲା। ଏଥର ତାଙ୍କୁ ନିଜେ ମାନବ ସମ୍ବଳ ଅଧିକାରୀ ସାଙ୍ଗରେ ନେଇ ଏସ୍‌ବିଆଇର କଟକ ମଙ୍ଗଳାବାଗ ଶାଖାକୁ ଯାଇଥିଲେ। ସେଠାରେ ମଧ୍ୟ ସମାନ ଢଙ୍ଗରେ ଆଉ ଏକ ଋଣ କରାଯାଇଥିଲା। କିନ୍ତୁ ସେ ଜାଣିପାରି ନ ଥିଲେ ଯେ, ତାଙ୍କ ନାଁରେ କେତେ ଟଙ୍କାର ଋଣ କରି ହଡ଼ପ କରାଯାଇଛି। ପରବର୍ତ୍ତୀ ସମୟରେ ବ୍ୟାଙ୍କ କର୍ମଚାରୀଙ୍କ ସୂତ୍ରରୁ ସେ ଜାଣିବାକୁ ପାଇଥିଲେ ଯେ, ଜାଲିଆତି କରି ଲୋନ୍ ଗ୍ରହୀତାଙ୍କ ନାଁ ବଦଳାଯାଇ ଇଷ୍ଟର୍ଣ୍ଣ ମିଡିଆ ବୋଲି କରିଦିଆଯାଇଛି।

## ମଦ ପାଇଁ ଟଙ୍କା ନ ଦେବାରୁ ବାପାଙ୍କୁ ହତ୍ୟା

**ବ୍ରହ୍ମପୁର,୧୬।୯(ସୁବାସ ଚନ୍ଦ୍ର ପାଢ଼ୀ)**

ମଦ ପିଇବା ପାଇଁ ବାପା ଟଙ୍କା ନ ଦେବାରୁ ପୁଅ ଉତ୍ତ୍ୟକ୍ତ ହୋଇ ଏକ କାଠଫାଳିଆରେ ବାପାଙ୍କୁ ପିଟି ହତ୍ୟା କରିଛନ୍ତି। ଏଭଳି ଏକ ଜଘନ୍ୟ ଘଟଣା ଘଟିଛି ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ କୁମାରପୁର ଗ୍ରାମରେ।

କୁମାରପୁର ଗ୍ରାମର ରମେଶ ପ୍ରଧାନ ଶୁକ୍ରବାର ରାତିରେ ଘରେ ଶୋଇଥିଲେ। ତାଙ୍କ ପୁଅ ଦାମୋଦର ବାପାଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲେ। ରମେଶ ନିଜ ପାଖରେ ଟଙ୍କା ନ ଥିବା କହିଥିଲେ। ଫଳରେ ଦାମୋଦର ବାପାଙ୍କ ସହ ଝଗଡା କରିଥିଲେ। ପରେ ସେ ଉତ୍ତ୍ୟକ୍ତ ହୋଇ ଏକ କାଠଫାଳିଆରେ ରମେଶଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଖବରପାଇ ପୋଲିସ ପହଞ୍ଚି ରମେଶଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଛତ୍ରପୁରରେ ରହୁଥିବା ଝିଅ ନିର୍ମଳା କୁମାରପୁରରେ ପହଞ୍ଚି ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୪୫୯/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ରକ୍ତଭିଜା କାଠଫାଳିଆ ଜବତ କରିଛି। ଦାମୋଦରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।



ଗିରଫ ହତ୍ୟାକାରୀ

## ଗୋପାଳପୁର ବନ୍ଦର ଉନ୍ନତୀକରଣ ପାଇଁ ୧୧୯.୭୧୬ ଏକର ଜମି ହସ୍ତାନ୍ତର



**ଭୁବନେଶ୍ୱର, ୧୬।୯(ଅସମାପିକା ସାହୁ)**

ଗୋପାଳପୁର ବନ୍ଦରର ଉନ୍ନତୀକରଣ ତଥା ସମ୍ପ୍ରସାରଣ ନିମିତ୍ତ ରାଜ୍ୟ ସରକାର ୧୧୯.୭୧୬ ଏକର ଜମି ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଶନିବାର ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଗୋପାଳପୁର ବନ୍ଦର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପରିବହନ ବିଭାଗ ପକ୍ଷରୁ ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳ ପରିବହନ ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ଏବଂ ଗୋପାଳପୁର ବନ୍ଦର ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜନାର୍ଦ୍ଦନ ରାଓ ଏଥିରେ ସ୍ୱାକ୍ଷର କରିଥିଲେ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ପରିବହନ କମିଶନର ଅମିତାଭ ଠାକୁର, ବିଭାଗୀୟ ସ୍ୱତନ୍ତ୍ର ସଚିବ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପରିବହନ ବିଭାଗ ସହ ଚୁକ୍ତି

ସୂଚନାଯୋଗ୍ୟ, ଗୋପାଳପୁର ବନ୍ଦର ଋତୁକାଳୀନ ଅଣବୃହତ୍ ବନ୍ଦର ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ୧୯୮୬-୮୭ ମସିହାରୁ ପରିଚାଳିତ ହେଉଥିଲା। ଏହି ବନ୍ଦରକୁ ସବୁଦିନିଆ ବନ୍ଦର ରୂପେ ପରିଣତ କରିବା ପାଇଁ ସରକାରୀ-ଘରୋଇ ସହଭାଗିତା(ପିପିପି) ଆଧାରରେ ଗୋପାଳପୁର ବନ୍ଦର ପ୍ରାଇଭେଟ୍ ଲିମିଟେଡ୍‌କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ବନ୍ଦରର ଉନ୍ନତୀକରଣ ନିମିତ୍ତ ରାଜ୍ୟ ସରକାର ଗୋପାଳପୁର ବନ୍ଦର ପ୍ରାଇଭେଟ୍ ଲିମିଟେଡ୍ ସହିତ ୨୦୦୬ ସେପ୍ଟେମ୍ବର ୧୪ରେ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଗୋପାଳପୁର ବନ୍ଦରର ପ୍ରଥମ ପର୍ଯ୍ୟାୟ ବିକାଶ ନିମିତ୍ତ ୩୯୩.୬୭୦ ଏକର ଜମି ଓ ଏବେ ୧୧୯.୭୧୬ ଏକର ଜମି ବନ୍ଦର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି।

## ଅନୁସନ୍ଧାନର ମହତ୍ତ୍ୱ ବୁଝିଲେ ଇଞ୍ଜିନିୟରିଂ ଛାତ୍ରୀଛାତ୍ର



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର,୧୬।୯(ଶର୍ମିଷ୍ଠା ପାଣିଗ୍ରାହୀ)**

### 'ୱାନ୍ ୱିକ୍ ୱାନ୍ ଲାବ୍' ଉଦ୍‌ଯାପିତ

ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ ଚାଲିଥିବା 'ୱାନ୍‌ୱିକ୍‌ୱାନ୍‌ଲାବ୍' କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ରିସର୍ଚ୍ଚ ସ୍କଲାର୍ କନ୍‌କ୍ଲେଭ୍‌ରେ ବିଭିନ୍ନ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨ହଜାର ଛାତ୍ରୀଛାତ୍ର ଯୋଗଦେଇ ଅନୁସନ୍ଧାନର ମହତ୍ତ୍ୱ ବୁଝିଥିଲେ। ଖଣିଜ ପଦାର୍ଥ, ସାମଗ୍ରୀ ଏବଂ ପରିବେଶ ସ୍ଥିରତା ଉପରେ ଉପଲବ୍ଧ ସେବାଗୁଡିକ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ସିଏସ୍‌ଆଇଆର୍-ଆଇଏମ୍‌ଏମଟିର ରିସର୍ଚ୍ଚ ସ୍କଲାରମାନଙ୍କୁ ବିଶେଷ ଭାବରେ ସମ୍ମାନିତ କରାଯାଇଥିଲା।

ମୁଖ୍ୟ ଅତିଥି ଭାବେ ଏସିଏସ୍‌ଆଇର ନିର୍ଦ୍ଦେଶକ ପ୍ରଫେସର ଏମ. କେ. ଧର, ସମ୍ମାନିତ ଅତିଥି ଏନ୍‌ବିଆର୍‌ଆଇ ନିର୍ଦ୍ଦେଶକ ଏ. କେ. ଶଶାନୀ, ଜେଏନ୍‌ଏଆର୍‌ଡିଡିସି ନାଗପୁରର ପ୍ରଫେସର ଅନୁପମ ଅଗ୍ନିହୋତ୍ରୀ, ନାଲକୋର ପୂର୍ବତନ ଇଡି ପ୍ରଫେସର ବି. କେ. ଶତପଥୀ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସିଏସ୍‌ଆଇଆର୍‌ର ଯୁଗ୍ମ ସଚିବ ଏମ୍.କେ. ଗୁପ୍ତା ଓ ସମ୍ମାନିତ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ପ୍ରଫେସର ସିଦ୍ଧାର୍ଥ ଦାସ ଯୋଗଦେଇଥିଲେ। ଏହି ଅବସରରେ ରିସର୍ଚ୍ଚ ସ୍କଲାରମାନଙ୍କ ଦ୍ୱାରା ଏକ ପୋଷ୍ଟର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ସ୍କଲାରମାନେ ଅତିଥି ଓ ସାଙ୍ଗମାନଙ୍କ ସହିତ ଯୋଗାଯୋଗ କରି ଭବିଷ୍ୟତର ଅନୁସନ୍ଧାନ ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ। ବିଜ୍ଞାନ ଏବଂ ସମାଜ ପାଇଁ ଅନୁସନ୍ଧାନର ମହତ୍ତ୍ୱ ବିଷୟରେ ସ୍କଲାର୍ସ ତଥା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ପଦ୍ମଶ୍ରୀ ପ୍ରଫେସର ଏ. ପି. ଦାଶ ଏବଂ ପ୍ରଫେସର ଏ. କେ. ମହାପାତ୍ରଙ୍କ ଦ୍ୱାରା ବିଶେଷ ଆଲୋଚନା କରାଯାଇଥିଲା ।

## ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୧୪ବର୍ଷ ଜେଲ

**ଭବାନୀପାଟଣା,୧୬।୯(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅଞ୍ଚଳରେ ଗତ ୨୦୧୬ରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଭବାନୀପାଟଣା ଜିଲା ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ) ଶୁଭଞ୍ଜନ ମହାନ୍ତି ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଧର୍ମଗଡ ଥାନା ଟୁରିହଲଦୀ ଗ୍ରାମର ଠଣ ସୁନ୍ଦର ମାଝି (୩୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୪ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହ ୨ଟି ଦଫାରେ ୬୦ହଜାର ଟଙ୍କା ଓ ଜାତିଆଣ ମନୋଭାବ(ପିଓଏ) ଆକ୍ଟରେ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ଜରିମାନା ଅନାଦାୟେ ଆହୁରି ଅଧିକ ୬ ମାସ ଜେଲଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ପୀଡିତାଙ୍କୁ ଉଚିତ କ୍ଷତିପୂରଣ ଦେବାକୁ ଡିଏଲଏସ୍‌ଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୩୦।୬।୨୦୧୬ରେ ପୀଡିତା ଜଣକ ଅଭିଯୁକ୍ତ ଠଣ ସୁନ୍ଦର ତାଙ୍କୁ ବଳାତ୍କାର କରିଥିବା ନେଇ ଧର୍ମଗଡ଼ ଥାନାରେ ଅଭିଯୋଗ କରିଥିଲେ। ପରେ ସ୍ଥାନୀୟ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

## ଦେଢ଼ କି.ମି. ଚାଲିଲେ ଗର୍ଭବତୀ

**ନୀଳଗିରି, ୧୬।୯(ପ୍ରଶାନ୍ତ ବିଶ୍ୱାଳ)**

ରାସ୍ତା ନ ଥିବାରୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ। ପ୍ରାୟ ଦେଢ଼ କି.ମି. ଦୂରରେ ରହିଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଚାଲି ଚାଲି ଆସିଲେ ଗର୍ଭବତୀ। ଏଭଳି ଘଟଣା ଘଟିଛି ନୀଳଗିରି ଥାନା ଅଧୀନ ବାଉଁଶବଣିଆ ପଞ୍ଚାୟତ ମହାପାତ୍ରିଆଣି ଗ୍ରାମରେ। ଉକ୍ତ ଗ୍ରାମର ମହେଶ୍ୱର ବେହେରାଙ୍କ ଝିଅ ସିମା ନାୟକ ଗର୍ଭବତୀ ଅବସ୍ଥାରେ ବାପଘରେ ଥିଲେ। ଶୁକ୍ରବାର ରାତିରେ ତାଙ୍କର ପ୍ରସବଜନିତ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଡାକିଥିଲେ, ହେଲେ ରାସ୍ତାଟି ଅଣଓସାରିଆ ଏବଂ କାଦୁଅ ରାସ୍ତା ହୋଇଥିବାରୁ ଗାଁ ଭିତରକୁ ଆସିପାରି ନ ଥିଲା। ପ୍ରାୟ ଦେଢ଼ କି.ମି. ଦୂରରେ ଆମ୍ବୁଲାନ୍ସ ରହିଥିଲା। ପରିବାର ଲୋକ କୌଣସି ଉପାୟ ନ ପାଇ ବାଧ୍ୟ ହୋଇ ଗର୍ଭବତୀଙ୍କୁ ଦେଢ଼ କି.ମି. ଚଲାଇ ଚଲାଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ପରେ ଆମ୍ବୁଲାନ୍ସରେ ମହିଳା ଜଣକ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଉକ୍ତ ଗ୍ରାମରେ ଏକାଧିକ ପରିବାର ରହୁଥିବା ବେଳେ ଉକ୍ତ ରାସ୍ତା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜେଡ୍ ୱାନ୍ ମାଲିକ ତପନ ମହାନ୍ତିଙ୍କୁ ଇଓଡବ୍ଲ୍ୟୁ ଜେରା

**ଭୁବନେଶ୍ୱର,୧୬।୯(ସୂର୍ଯ୍ୟକାନ୍ତ ବେହେରା)**

ରିୟଲ ଇଷ୍ଟେଟ ବ୍ୟବସାୟୀ ତଥା ଜେଡ୍ ୱାନ୍‌ର ମାଲିକ ତପନ ମହାନ୍ତିଙ୍କୁ ଶନିବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କାର୍ଯ୍ୟାଳୟକୁ ଡାକି ଜେରା କରିଛି। ଇଓଡବ୍ଲ୍ୟୁର ଜଣେ ଡିଏସ୍‌ପି ର୍‌ୟାଙ୍କର ମହିଳା ଅଧିକାରିଣୀ ତାଙ୍କୁ ପଚରାଉଚରା କରିଛନ୍ତି। ତେବେ ଏନେଇ ଇଓଡବ୍ଲ୍ୟୁ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିବାବେଳେ ଅଭିଯୋଗ ଆସିଥିବା ପ୍ରୋଜେକ୍ଟ ସମ୍ପର୍କରେ ପଚରାଉଚରା କରାଯାଇଥିବା ଜଣାପଡିଛି। ପୂର୍ବରୁ ଇଓଡବ୍ଲ୍ୟୁରେ ହାଜର ହେବାକୁ ବ୍ୟବସାୟୀ ତପନଙ୍କୁ ନୋଟିସ କରାଯାଇଥିଲା।

ମିଳିଥିବା ସୂଚନାନୁସାରେ, ଜେଡ୍ ୱାନ୍ କମ୍ପାନୀ ୧୨ ବର୍ଷ ତଳେ ରଘୁନାଥପୁରଠାରେ ୨୬ ଏକର ଜମିରେ ଏକ ଆପାର୍ଟମେଣ୍ଟ ତିଆରି କରି ଲୋକଙ୍କୁ ଫ୍ଲାଟ୍ ବିକ୍ରି କରିଥିଲା। ହେଲେ ଫ୍ଲାଟ୍ କିଣିଥିବା ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପରବର୍ତ୍ତୀ ସମୟରେ ଆପାର୍ଟମେଣ୍ଟ ଓନର ଆସୋସିଏଶନ ପକ୍ଷରୁ ଜେଡ୍ ୱାନ୍ ମାଲିକ ତପନଙ୍କ ନାଁରେ ଇନ୍‌ଫୋସିଟି ଥାନାରେ ଏତଲା ଦିଆଯାଇଥିଲା। ଆପାର୍ଟମେଣ୍ଟ ନିର୍ମାଣ ବେଳେ ବହୁ ଅନିୟମିତତା ହୋଇଥିବା ଓ କମ୍ପାନୀ ଗ୍ରାହକମାନଙ୍କଠାରୁ କୋଟି କୋଟି ଟଙ୍କା ନେଇଥିଲେ ମଧ୍ୟ ସେଭଳି ସୁବିଧା ଦେଇ ନ ଥିଲା କି ସେବାକରି ଜମା କରି ନ ଥିଲେ। ହେଲେ ଦୀର୍ଘଦିନ ଧରି ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ପରେ ଏନେଇ ଭୁବନେଶ୍ୱର ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ଇଓଡବ୍ଲ୍ୟୁ ଟିମ ଉକ୍ତ ଆପାର୍ଟମେଣ୍ଟର ଯାଞ୍ଚ କରିବା ସହ କମ୍ପାନୀ କର୍ମଚାରୀ ଓ ଆପାର୍ଟମେଣ୍ଟ ବାସିନ୍ଦାଙ୍କୁ ପଚରାଉଚରା କରିଥିଲା।



ଇଓଡବ୍ଲ୍ୟୁ କାର୍ଯ୍ୟାଳୟରେ ତପନ ମହାନ୍ତିଙ୍କୁ ଜଣେ ମହିଳା ଅଧିକାରୀ ପଚରାଉଚରା କରୁଛନ୍ତି।

## ୧୨ବର୍ଷ ପରେ ଘରକୁ ଫେରିଲେ ବୃଦ୍ଧ

**ଭୋଗରାଇ, ୧୬।୯(ପ୍ରଦୀପ ଦାସ)**

ତାମିଲନାଡୁ ରାଜ୍ୟର ଚେନ୍ନାଇରୁ ନିଖୋଜ ହୋଇଯାଇଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଫୁଲବାଣୀ ଗ୍ରାମର ସୁକୁମାର ଦଳେଇ ନାମକ ବୃଦ୍ଧ ଦୀର୍ଘ ୧୨ବର୍ଷ ପରେ ଘରକୁ ଫେରିଛନ୍ତି। ନିଖୋଜ ବେଳେ ତାଙ୍କୁ ୪୫ ବର୍ଷ ହୋଇଥିଲ। କୋଲକାତାର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାଙ୍କୁ ଉଦ୍ଧାର କରି ଫେସ୍‌ବୁକ ମାଧ୍ୟମରେ ପୋଷ୍ଟ କରିବା ପରେ ପରିବାର ଲୋକେ ଚିହ୍ନଟ କରି ତାଙ୍କୁ ସେଠାରୁ ଆଣିଛନ୍ତି। ଦିନେ ନା ଦିନେ ସେ ଫେରି ଆସିବେ ବୋଲି ପରିବାର ଲୋକେ ଆଶା ବାନ୍ଧିଥିଲେ, ଯାହା ଆଜି ସଫଳ ହୋଇଛି।

ସ୍ୱାମୀ ଫେରିଆସିବା ଆଶାରେ ଭାଗ୍ୟକୁ ଆଦରି ରହିଥିଲେ ସ୍ତ୍ରୀ ଚିନା। ପରଘରେ ମୂଲ ଲାଗି ପରିବାର ପ୍ରତିପୋଷଣ କରିବା ସହିତ ଛୋଟ ଛୋଟ ଦୁଇ ପୁଅ ବିଶଜିତ ଓ ଧନଞ୍ଜୟଙ୍କୁ ପାଠ ପଢ଼ାଇ ମଣିଷ କରିଛନ୍ତି। ବଡ ଝିଅକୁ ବିବାହ ମଧ୍ୟ ଦେଇଛନ୍ତି। ବହୁ ଦେବାଦେବୀଙ୍କୁ ମାନସିକ କରି ସୁକୁମାରଙ୍କ ଫେରିବା ବାଟକୁ ଚାହିଁ ବସିଥିଲେ ପୁରା ପରିବାର। ତେବେ ଦୀର୍ଘ ୧୨ ବର୍ଷର ପ୍ରତୀକ୍ଷା ପରେ ସୋସିଆଲ ମିଡିଆରୁ ବାପାଙ୍କୁ ଖୋଜି ପାଇଛନ୍ତି ଦୁଇ ପୁଅ। ମାନସିକ ଭାରସାମ୍ୟ ହରାଇ ସୁକୁମାର କାହାକୁ ଚିହ୍ନି ପାରୁ ନ ଥିଲେ ମଧ୍ୟ ବାପାଙ୍କୁ ଫେରି ପାଇ ଦୁଇ ପୁଅ ଓ ଝିଅ ଆତ୍ମବିଭୋର ହୋଇପଡିଛନ୍ତି। ଅନ୍ୟପକ୍ଷରେ ସ୍ୱାମୀଙ୍କୁ ପାଖରେ ପାଇ ସ୍ତ୍ରୀ ଚିନା ନିଜର ସବୁ ଦୁଃଖକଷ୍ଟକୁ ଭୁଲି ତାଙ୍କ ସେବାରେ ଲାଗିପଡିଛନ୍ତି। ପୂର୍ବରୁ ସୋସିଆଲ ମିଡ଼ିଆ ଫେସବୁକରୁ ସୁକୁମାର କୋଲକାତାରେ ଥିବା ନେଇ ଦୁଇ ପୁଅ ଜାଣିବାକୁ ପାଇଥିଲେ।



ସୁକୁମାରଙ୍କ ଫଟୋ ଦେଖି ଚିନା ତାଙ୍କ ସ୍ୱାମୀଙ୍କୁ ଚିହ୍ନଟ କରିଥିଲେ। କୋଲକାତାର ସ୍ୱେଚ୍ଛାସେବୀ ସଙ୍ଗଠନ ତାଙ୍କୁ ରାସ୍ତାରୁ ଉଦ୍ଧାର କରି ସମସ୍ତ ଚିକିତ୍ସା ସହିତ ସେବା ଯତ୍ନ ଯୋଗାଇ ଦେଇଥିଲେ। ତାଙ୍କୁ ପଚରାଉଚୁରା କରିବା ବେଳେ ସେ ତାଙ୍କର ଠିକଣା ପ୍ରକାଶ କରିପାରି ନ ଥିଲେ ମଧ୍ୟ ଦୀଘା, ବାଲେଶ୍ୱର, ଜଳେଶ୍ୱର, ଭୋଗରାଇ, ଚନ୍ଦନେଶ୍ୱର ଆଦି ସ୍ଥାନର ନାମ କହିଥିଲେ। ପରେ ସମ୍ପୃକ୍ତ ସ୍ୱେଚ୍ଛସେବୀ ସଙ୍ଗଠନ ସୁକୁମାରଙ୍କ ଫଟୋ ସହିତ ବିବରଣୀ ସୋସିଆଲ ମିଡ଼ିଆ ଫେସବୁକରେ ପୋଷ୍ଟ କରିଥିଲେ। ଏଥିରୁ ପରିବାର ଲୋକେ ସୁକୁମାରଙ୍କୁ ଚିହ୍ନଟ କରି ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ସହିତ ଫୋନରେ ଯୋଗାଯୋଗ ପରେ କୋଲକାତା ଯାଇ ସେଠାରୁ ତାଙ୍କୁ ଘରକୁ ନେଇ ଆସିଛନ୍ତି। ସୁକୁମାର ଗାଁରେ ପହଞ୍ଚିବା ପରେ ତାଙ୍କୁ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା। ସେ କାହାକୁ ଚିହ୍ନି ପାରୁ ନ ଥିଲା ବେଳେ ଇଆଡୁ ସେଆଡୁ ବିଭିନ୍ନ ପ୍ରକାର କଥା କହୁଛନ୍ତି। ଉପଯୁକ୍ତ ଚିକିତ୍ସା ପାଇଁ ପରିବାର ଲୋକେ ଶୁକ୍ରବାର ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ସ୍ୱାଭିମାନୀ ଗୀତା

## ପଦ୍ମ ପୁରସ୍କାର ନେବାକୁ ମନା କରିଥିଲେ





ଭାଇ ପ୍ରେମ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ସହ ଗୀତା ମେହେଟ୍ଟା।



ସ୍ୱାମୀ ସ୍ୱର୍ଗତ ସୋନୀ ମେହେଟ୍ଟାଙ୍କ ସହ ଗୀତା ।

**ନୂଆଦିଲ୍ଲୀ,୧୬।୯**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖିକା ତଥା ବୃତ୍ତଚିତ୍ର ନିର୍ଦ୍ଦେଶିକା-ପ୍ରଯୋଜିକା ଗୀତା ମେହେଟ୍ଟା ଜଣେ ସ୍ୱାଭିମାନୀ ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ। ୨୦୧୯ ଜାନୁୟାରୀ ୨୫ରେରେ କେନ୍ଦ୍ର ସରକାର ୯୪ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରିଥିଲେ। ସେମାନଙ୍କ ମଧ୍ୟରେ ଇଂଲିଶ ଭାଷାରେ ଲେଖନୀ ଚାଳନା କରୁଥିବା ଗୀତାଙ୍କ ନାମ ରହିଥିଲା। ସାହିତ୍ୟ ଜଗତ ପ୍ରତି ତାଙ୍କ ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇ ଏହି ପୁରସ୍କାର ଦିଆଯାଇଥାଆନ୍ତା। ତେବେ ଏହି ଘୋଷଣାର ଦିନକ ପରେ ଅର୍ଥାତ୍ ୭୦ତମ ସାଧାରଣତନ୍ତ୍ର ଦିବସରେ ସେ ଏହାକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ନ୍ୟୁୟର୍କରେ ଏକ ପ୍ରେସ୍ ବିବୃତି ଜାରି କରି ଗୀତା କହିଥିଲେ, ସରକାର ମୋତେ ଏହି ସମ୍ମାନ ପାଇଁ ଯୋଗ୍ୟ ବିବେଚନା କରିଥିବାରୁ ମୁଁ କୃତଜ୍ଞ। କିନ୍ତୁ ଯେଉଁ ସମୟରେ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି, ଏହାକୁ ଗ୍ରହଣ କଲେ ସମାଜକୁ ଭୁଲ୍ ବାର୍ତ୍ତା ଯାଇପାରେ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଉଭୟ ସରକାର ଓ ମୋ ପାଇଁ ଏହା ଅଶୋଭନୀୟ ନୁହେଁ କହି ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏହା ପୂର୍ବରୁ ମଧ୍ୟ ଗୀତାଙ୍କ ସମ୍ଭାବ୍ୟ ରାଜନୈତିକ କ୍ୟାରିୟରକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଥିଲା। ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି)ରୁ ସେ ରାଜ୍ୟ ସଭାକୁ ଯାଇପାରନ୍ତି ବୋଲି ଆଲୋଚନା ହେଉଥିଲା। କିନ୍ତୁ ଗୀତାଙ୍କ ସାନଭାଇ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଗୁଜବ କହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ।

### ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଖ୍ୟାତନାମା ଲେଖିକା ଶ୍ରୀମତି ଗୀତା ମେହେଟ୍ଟା ଜୀଙ୍କ ପରଲୋକରେ ମୁଁ ମର୍ମାହତ। ସେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ ଥିଲେ। ଲେଖାଲେଖି ଓ ଫିଲ୍ମ ପ୍ରଯୋଜନାରେ ନିଜ ଧୀଶକ୍ତି ଓ ଆବେଗ ପାଇଁ ପରିଚିତ ଗୀତା ପ୍ରକୃତି ଓ ଜଳ ସଂରକ୍ଷଣ ପାଇଁ ଉତ୍ସାହୀ ଥିଲେ। ନବୀନ ପଟ୍ଟନାୟକ ଓ ତାଙ୍କ ପୂରା ପରିବାରକୁ ସମବେଦନା ଜଣାଉଛି।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

ଖ୍ୟାତନାମା ଲେଖିକା ଗୀତା ମେହେଟ୍ଟାଙ୍କ ପରଲୋକ ଖବର ଶୁଣି ମର୍ମାହତ। ତାଙ୍କ ବିୟୋଗ ସାହିତ୍ୟ ଓ ସଂସ୍କୃତି ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ତାଙ୍କ ପରିବାରକୁ ସମବେଦନା ଜଣାଉଛି। ସର୍ବଶକ୍ତିମାନ ଈଶ୍ୱର ତାଙ୍କ ପରିବାର ଓ ବନ୍ଧୁମାନଙ୍କୁ ଏହି କ୍ଷତି ସହିବା ପାଇଁ ଶକ୍ତି ଦିଅନ୍ତୁ।

**-ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ**

ଜଣାଶୁଣା ଲେଖିକା ତଥା ମୁଖ୍ୟମନ୍ତ୍ରୀଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କ ଦୁଃଖଦ ବିୟୋଗରେ ମୁଁ ଗଭୀର ମର୍ମାହତ। ଏହି କଠିନ ସମୟରେ ତାଙ୍କ ପରିବାର ପାଇଁ ପ୍ରାର୍ଥନା କରୁଛି। ଗୀତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି।

**-ଆକାଶ ଦାସ ନାୟକ, ଅଧ୍ୟକ୍ଷ ମୋ କଲେଜ**

ପ୍ରଖ୍ୟାତ ଲେଖିକା, ପ୍ରବାଦ ପୁରୁଷ ବିଜୁବାବୁଙ୍କ ଝିଅ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ଭଉଣୀ ଗୀତା ମେହେଟ୍ଟାଙ୍କ ପରଲୋକରେ ଗଭୀର ମର୍ମାହତ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

**-ସସ୍ମିତ ପାତ୍ର, ରାଜ୍ୟ ସଭା ସଦସ୍ୟ**

# ନୂଆ ସଂସଦ ଭବନରେ ଆଜି ଜାତୀୟ ପତାକା ଉତ୍ତୋଳନ

**ନୂଆଦିଲ୍ଲୀ,୧୬।୯**

ସ୍ୱତନ୍ତ୍ର ଅଧିବେଶନର ଦିନକ ପୂର୍ବରୁ ନୂଆ ପାର୍ଲାମେଣ୍ଟ ଭବନରେ ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ରବିବାର ଜାତୀୟ ପତାକା ଉତ୍ତୋଳନ କରିବେ। ପୁରୁଣା ପାର୍ଲାମେଣ୍ଟ ଭବନରେ ସୋମବାର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇ ପରେ ନୂଆ ଭବନକୁ ସ୍ଥାନାନ୍ତର ହେବ। ଲୋକ ସଭା ସଚିବାଳୟ ସୂଚନା ଅନୁଯାୟୀ ନୂଆ ପାର୍ଲାମେଣ୍ଟ ବିଲ୍ଡିଂର ଗଜ ଦ୍ୱାର ଉପରେ ଧନ୍‌କର ପତାକା ଉତ୍ତୋଳନ କରିବେ। ଏହି ସମୟରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଉପସ୍ଥିତ ରହିବେ। ଅନ୍ୟମାନଙ୍କ ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ଭି. ମୁରଲୀଧରନ, ରାଜ୍ୟ ସଭା ଓ ଲୋକ ସଭାର ବିଭିନ୍ନ ଦଳର ନେତା ଏହି ଅବସରରେ ଉପସ୍ଥିତ ରହିବେ। ତେବେ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଯୋଗଦେଇ ପାରିବେ ନାହିଁ ବୋଲି କହିଛନ୍ତି। ସେ ବହୁ ବିଳମ୍ବରେ ନିମନ୍ତ୍ରଣପତ୍ର ପାଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# କନିକା କପୁରଙ୍କୁ ଏସିଆନ୍ ଆଚିଭର୍ସ ଆୱାର୍ଡ



**ଲଣ୍ଡନ,୧୬।୯**

ଲୋକପ୍ରିୟ ଭାରତୀୟ ଗାୟିକା କନିକା କପୁରଙ୍କୁ ଚଳିତ ବର୍ଷର ଏସିଆନ୍ ଆଚିଭର୍ସ ଆୱାର୍ଡ ପ୍ରଦାନ କରାଯାଇଛି। ବ୍ରିଟେନର ଜାତୀୟ ସ୍ୱାସ୍ଥ୍ୟ ସେବା(ଏନ୍‌ଏଚ୍‌ଏସ୍) ଓ ଭାରତୀୟ ବଂଶୋଦ୍ଭବମାନେ ମଧ୍ୟ ଏଥିରେ ସାମିଲ ଅଛନ୍ତି। ସଙ୍ଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ କନିକାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କ ବ୍ୟତୀତ ଏନ୍‌ଏଚ୍‌ଏସ୍‌ର ମୁଖ୍ୟ ଅଧିକାରୀ ଡା. ନିକ୍କି କନାନୀଙ୍କୁ ପ୍ରଫେସନାଲ, ସଲମାନ ଦେଶାଇଙ୍କୁ ନର୍ଥ ୱେଷ୍ଟ ଆମ୍ବୁଲାନ୍ସ ସେବା, କୋଭିଡବେଳେ ସହାୟତା କରିଥିବା ଡା. ଲଳିତା ଆୟାରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି।

# ଏନ୍‌ଆଇଟି ସିଲ୍‌ଚରରେ ଉତ୍ତେଜନା: ୪୦ ଆହତ

**ଗୁଆହାଟୀ,୧୬।୯**

ଆସାମର ସିଲ୍‌ଚରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି) କ୍ୟାମ୍ପସ୍‌ରେ ଜଣେ ତୃତୀୟ ବର୍ଷ ଇଲେକ୍ଟ୍ରିକାଲ ଛାତ୍ରଙ୍କ ଆତ୍ମହତ୍ୟାକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଛି। ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଶୁକ୍ରବାର ରାତିରେ ହିଂସାତ୍ମକ ରୂପ ନେଇଥିଲା। ହଷ୍ଟେଲ ନମ୍ବର ୭ ପ୍ରକୋଷ୍ଠରୁ କୋଜ୍ ବୁକେର୍ ନାମକ ଛାତ୍ରଙ୍କ ମୃତଦେହ ମିଳିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ହସ୍ତକ୍ଷେପ ନ କରିବା ପର୍ଯ୍ୟନ୍ତ ପିଲାମାନେ ଛାତ୍ରଙ୍କ ମୃତଦେହ ନେବା ଲାଗି କର୍ତ୍ତୃପକ୍ଷଙ୍କୁ ଛାଡ଼ି ନ ଥିଲେ। ଉତ୍ତ୍ୟକ୍ତ ଛାତ୍ରମାନେ କେତେଜଣ ବରିଷ୍ଠ ପ୍ରଫେସରଙ୍କ ଘର ଭଙ୍ଗାରୁଜା କରିବା ସହ ପୋଲିସ ସହ ସଂଘର୍ଷ କରିଥିଲେ। ପୋଲିସ ଲାଠିଚାର୍ଜ କରିବାରୁ ୪୦ ଜଣ ଆହତ ହୋଇଛନ୍ତି।

# ଅସୁସ୍ଥ ଛୁଆହାତୀକୁ ଛାଡ଼ି ପଳାଇଲା ମା'



ବନ କାର୍ଯ୍ୟାଳୟରେ ଛୁଆହାତୀର ଚିକିତ୍ସା ଚାଲିଛି।

**କରଞ୍ଜିଆ, ୧୬।୯ (କବିତା ମହାନ୍ତ)**

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡର ବଡଦେଉଳୀ ନିକଟରୁ ଏକ ୧୮ ଦିନର ହାତୀଛୁଆକୁ ବନ ବିଭାଗ ଉଦ୍ଧାର କରିଛି। ଛୁଆହାତୀଟି ଅସୁସ୍ଥ ଥିବାରୁ ତା' ମା' ଛାଡ଼ି ଚାଲିଯାଇଛି। ଡାକ୍ତର ଟିମ୍ ସହାୟତାରେ ଚିକିତ୍ସା ଚାଲିଥିବା ବନ ବିଭାଗ ସୂଚନା ଦେଇଛି। ଶୁକ୍ରବାର ସକାଳୁ ଝାଡ଼ଖଣ୍ଡୀ ହାତୀପଲ ଦେଓନଦୀ ଅତିକ୍ରମ କରି କେନ୍ଦୁଝର ବନଖଣ୍ଡରୁ କରଞ୍ଜିଆ ବନଖଣ୍ଡର ବଡ଼ଦେଉଳି ନିକଟରେ ପହଞ୍ଚିଥିଲେ। ପଲରେ ୫ ଦନ୍ତା, ୯ ମାଈ ଓ ୮ ଛୁଆହାତୀ ରହିଛନ୍ତି। ସେଥିରେ ୧୮ ଦିନ ପୂର୍ବରୁ ଜନ୍ମ ହୋଇଥିବା ଗୋଟିଏ ହାତୀଛୁଆର ଦେହ ଅସୁସ୍ଥ ହେବାରୁ ହାତୀପଲ ଓ ମା' ତାକୁ ଭଅଁରା ହୁଡିସାହି ନିକଟରେ ବିଲରେ ଛାଡ଼ି ଦେଇ ବଡ଼ଦେଉଳି ସଂରକ୍ଷିତ ଜଙ୍ଗଲକୁ ଚାଲି ଯାଇଥିଲେ। କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକଙ୍କ ନିର୍ଦ୍ଦେଶମତେ ସହକାରୀ ବନ ସଂରକ୍ଷକ ମଦନମୋହନ ମହାନ୍ତ ଓ ଅଧିକାରୀମାନେ ହାତୀଛୁଆକୁ ବନାଞ୍ଚଳ କାର୍ଯ୍ୟାଳୟକୁ ନେଇ ଚିକିତ୍ସା କରିଥିଲେ।

# ଡାକ୍ତର-ଜିଲା ପରିଷଦ ଅଧ୍ୟକ୍ଷା ମୁହାଁମୁହିଁ

**ଦଶମନ୍ତପୁର,୧୬।୯(ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀଙ୍କ ସ୍ଥିତି ଅନୁଧ୍ୟାନ କରିବାକୁ ଶନିବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲା ପରିଷଦ ଅଧ୍ୟକ୍ଷା ଆସିଥିବା ବେଳେ ତାଙ୍କର ଉପସ୍ଥିତ ଥିବା ଡାକ୍ତରଙ୍କ ସହ ଯୁକ୍ତିତର୍କ ହୋଇଛି। ବ୍ଲକର ୬ ପଞ୍ଚାୟତରେ ଝାଡାବାନ୍ତିରେ ୨ ଜଣଙ୍କ ମୃତ୍ୟୁ, ୨୩ ଆକ୍ରାନ୍ତ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ସ୍ଥିତି ଅନୁଧ୍ୟାନ ପାଇଁ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀଙ୍କୁ ଭେଟିଥିଲେ। ଏହି ସମୟରେ ରୋଗୀଙ୍କ ତୁଳନାରେ ବେଡ୍ କମ୍ ଥିବାରୁ ରୋଗୀଙ୍କୁ ଚଟାଣରେ ଚିକିତ୍ସା କରାଯାଉଥିବା ସେ ଦେଖିଥିଲେ। ଝାଡ଼ାବାନ୍ତି ଆକ୍ରାନ୍ତ ଗ୍ରାମକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପାର୍ଥସାରଥୀ ପଣ୍ଡା, ବିପିଏମ୍ ଶ୍ରୀକାନ୍ତ ଦାଶ ଏକ ଟିମ ଯାଇଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଦିଗ ବିଜୟ ସିଂ ଏବଂ ଜି. ପ୍ରିୟଙ୍କା ଥିଲେ।



ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲା ପରିଷଦ ଅଧ୍ୟକ୍ଷା ଓ ଡାକ୍ତରଙ୍କ ମଧ୍ୟରେ ଯୁକ୍ତିତର୍କ।

ଏହି ସମୟରେ ଜିଲା ପରିଷଦ ଅଧ୍ୟକ୍ଷା ମେଲେକା ରୋଗୀଙ୍କ ସହ ଚିକିତ୍ସା ସମ୍ପର୍କରେ ଆଲୋଚନା କରି ରୋଗୀଙ୍କ ବେଡ ରେ ଚାଦର ପକାଯାଇ ନ ଥିବା ଦେଖି ରୋଗୀଙ୍କ ବେଡ୍‌ରେ କାହିଁକି ଚାଦର ପକାଯାଇନାହିଁ ବୋଲି ଡାକ୍ତର ସିଂ ଏବଂ ପ୍ରିୟଙ୍କାଙ୍କୁ ପଚାରିଥିଲେ। ଏହାକୁ ନେଇ ୨ ଡାକ୍ତର ଏବଂ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଯୁକ୍ତିତର୍କ ହୋଇଥିଲା। ପରେ ଅଧ୍ୟକ୍ଷା ମେଲେକା ଦୁଇ ଡାକ୍ତରଙ୍କ ବ୍ୟବହାର ନେଇ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଜଣାଇଥିଲେ। ଘଟଣା ସମ୍ପର୍କରେ ମୁଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ସେ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷାଙ୍କ ସହ ଧନୁ ବିଶୋୟୀ, ଯୁବ ସଭାପତ ଆଶିଷ ଚେଟ୍ଟିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୮୫ଜଣଙ୍କୁ ମିଳିଲା 'ରାଷ୍ଟ୍ରପତି ପଦକ'

### ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ

**ଭୁବନେଶ୍ୱର,୧୬।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ ଶନିବାର ଲୋକସେବା ଭବନ କନ୍‌ଭେନଶନ୍ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆରକ୍ଷୀ ବାହିନୀ ଏବଂ କାରାଗାର ସଂସ୍ଥା ଓ ସଂସ୍କାର ସେବାର ମୋଟ ୮୫ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସେମାନଙ୍କ ସାହସିକତା, ଉଲ୍ଲେଖନୀୟ ତଥା ବିଶିଷ୍ଟ ସେବା ନିମନ୍ତେ 'ରାଷ୍ଟ୍ରପତି ପଦକ' ପ୍ରଦାନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ୨୦୨୧ ମସିହା ସାଧାରଣତନ୍ତ୍ର ଦିବସ ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ରାଜ୍ୟ ଆରକ୍ଷୀ ବାହିନୀର ମୋଟ ୬୭ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ସାହସିକତା ପଦକ ପ୍ରଦାନ କରିଥିଲେ। ସେହିପରି ୨୦୨୧ ମସିହା ସାଧାରଣତନ୍ତ୍ର ଦିବସ ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ରାଜ୍ୟ ଆରକ୍ଷୀ ବାହିନୀର ଦୁଇଜଣ ଅଧିକାରୀଙ୍କୁ ସେମାନଙ୍କର ବିଶିଷ୍ଟ ସେବା ନିମନ୍ତେ ଏବଂ ୧୧ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଥିଲା। ଏଥିସହ ୨୦୨୧ ମସିହା ସାଧାରଣତନ୍ତ୍ର ଦିବସ ଅବସରରେ କାରାଗାର ସଂସ୍ଥା ଓ ସଂସ୍କାର ସେବା ବର୍ଗର ୩ଜଣ ଅଧିକାରୀଙ୍କୁ ସେମାନଙ୍କ ବିଶିଷ୍ଟ ସେବା ନିମନ୍ତେ ଓ ୨ଜଣ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ୍, ରାଜ୍ୟ କାରାଗାର ଓ ସଂସ୍କାର ସେବା ବିଭାଗର ମହାନିର୍ଦ୍ଦେଶକ ଡ. ମନୋଜ କୁମାର ଛାବରାଙ୍କ ସମେତ ଗୃହ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




ଲୋକସେବା ଭବନ କନ୍‌ଭେନଶନ୍ ସେଣ୍ଟରଠାରେ ଶନିବାର ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହ ପୁରସ୍କୃତ ପୋଲିସ ଅଧିକାରୀ।

### ପ୍ରଥମ ପୃଷ୍ଠାରୁ...

## ପ୍ରାଥମିକ ସ୍କୁଲରେ ...

ଓ ୨୦୧୭ରୁ ପୁରୁଣା ପେନସନ ଲାଗୁ କରିବା ଆଦି ଦାବିରେ ଗତ ୮ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏଥିରେ ବହୁ ପ୍ରାଥମିକ ଶିକ୍ଷକ ସଂଘ ସାମିଲ ହୋଇ ଏକ ମହାସଂଘ ଗଠନ କରି ଆନ୍ଦୋଳନକୁ ତୀବ୍ର କରିଛନ୍ତି। ତେବେ ଲେଫ୍ଟଆଉଟ ଗଣଶିକ୍ଷକ, ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡର) ମହାସଂଘ ଓ ନିଖିଳ ଓଡ଼ିଶା ପ୍ରାଥମିକ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ସଂଘ ଏହି ଆନ୍ଦୋଳନକୁ ସମର୍ଥନ କରୁନାହିଁ। ଏସବୁ ସଂଘର ସଦସ୍ୟମାନେ(ଶିକ୍ଷକମାନେ) ସମୂହ ଛୁଟିରେ ନ ଯାଇ ସ୍କୁଲରେ ନିଜର ଦାୟିତ୍ୱ ତୁଲାଉଛନ୍ତି ବୋଲି ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।

### ଏନ୍‌ଏଚ୍‌ଆରସିରେ ମାମଲା

■ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ବନ୍ଦ

**କଟକ,୧୬।୯ (କାର୍ତ୍ତିକ ସାହୁ):** ବିଭିନ୍ନ ଦାବି ନେଇ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ୯ ଦିନ ହେବ ବିଦ୍ୟାଳୟ ବନ୍ଦ କରି ଭୁବନେଶ୍ୱରଠାରେ ଧାରଣାରେ ବସିଛନ୍ତି। ଏଥିଯୋଗୁ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ହୋଇଯାଇଥିବା ଅଭିଯୋଗ କରି ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଶନିବାର ଜାତୀୟ ମାନବାଧିକାର କମିଶନ୍(ଏନ୍‌ଏଚ୍‌ଆର୍‌ସି)ରେ ମାମଲା ରୁଜୁ କରିଛନ୍ତି। ଏଥିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

ମାମଲାର ବିବରଣୀ ଅନୁସାରେ, ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ସେମାନଙ୍କ ଦାବି ପୂରଣ ପାଇଁ ଦୀର୍ଘଦିନ ହେବ ସରକାରଙ୍କୁ ଜଣାଇ ଆସୁଥିଲେ। ଦାବିଗୁଡ଼ିକ ମଧ୍ୟରେ ଗ୍ରେଡ୍ ପେ' ବୃଦ୍ଧି, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଠିକା ଶିକ୍ଷକ ନିଯୁକ୍ତି ଉଚ୍ଛେଦ, ୨୦୧୭ ମସିହାରୁ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ଆଦି ଅନ୍ତର୍ଭୁକ୍ତ ରହିଛି। ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ରାଜ୍ୟର ୧.୩୦ ଲକ୍ଷ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ସେମାନଙ୍କ ଦାବି ପୂରଣ ପାଇଁ ଗତ ଧାରଣାରେ ବସିଛନ୍ତି। ଏହାଦ୍ୱାରା ରାଜ୍ୟର ପ୍ରାୟ ୪୦ ଲକ୍ଷ ଛାତ୍ରୀଛାତ୍ରଙ୍କର ପାଠପଢ଼ା ବନ୍ଦ ହୋଇଯାଇଛି। ଅନ୍ୟପକ୍ଷରେ ଶିକ୍ଷା ବିଭାଗ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଦାବି ପୂରଣ କରିବା ବଦଳରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚିଠି କରି ନାଲିଆଖି ଦେଖାଇଛି। ଏଥିଯୋଗୁ ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଆନ୍ଦୋଳନ ସାରା ରାଜ୍ୟରେ ତୀବ୍ର ହେବାରେ ଲାଗିଛି। ଏହି ଘଟଣାକୁ ନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏଣୁ ଏନ୍‌ଏଚ୍‌ଆର୍‌ସି ଏହି ଘଟଣାରେ ହସ୍ତକ୍ଷେପ କରି ପଦକ୍ଷେପ ନେବା ପାଇଁ ଆବେଦନକାରୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

## କଟକ ସହର ପାଇଁ ...

ରୂପାନ୍ତର ଏକ ସମୃଦ୍ଧ ଭବିଷ୍ୟତକୁ ନିର୍ଦ୍ଦେଶ କରୁଛି। ଆପଣମାନଙ୍କ ସହଯୋଗରେ ଏହି ରୂପାନ୍ତର ପ୍ରକ୍ରିୟା ଆହୁରି ଆଗେଇବ। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମିଶନ ଶକ୍ତି କାର୍ଯ୍ୟକ୍ରମ, ୫-ଟି ସ୍କୁଲ ରୂପାନ୍ତରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବସ୍ତିବାସିନ୍ଦାଙ୍କ ପାଇଁ ଜାଗା ମିଶନ ଆଦି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଓ ଯୋଜନା ସାଧାରଣ ଲୋକଙ୍କ ଭିତରେ ଭରସା ସୃଷ୍ଟି କରି କୋଟି କୋଟି ଲୋକଙ୍କ ମୁହଁରେ ହସ ଫୁଟାଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ସହର ପାଇଁ ୯ଟି ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୋଟ ୫୪୧ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବସ୍ ଟର୍ମିନାଲରେ ଡ୍ରାଇଭର ଏବଂ ସହାୟକଙ୍କ ପାଇଁ ବିଶ୍ରାମ ଗୃହ, ଆହାର କେନ୍ଦ୍ର, ମିଶନ ଶକ୍ତି କାଫେ ଓ ବସ୍ ରହଣି ସ୍ଥାନ ରହିଛି। ଯାତ୍ରୀମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ବସ୍ ଟର୍ମିନାଲରେ ୫୨ଟି ଦୂରଗାମୀ ରାତ୍ରିକାଳୀନ ବସ୍, ୨୦ଟି ମୋ' ବସ୍ ସହ ମୋଟ୍ ୧୯୧ଟି ବସ୍ ରହଣି ପାଇଁ ସୁବିଧା ରହିଛି। ଏହି କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏମ୍‌ପି ଭର୍ତ୍ତୃହରି ମହତାବ, ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ବିଧାୟକ ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, କଟକ ମହାନଗର ନିଗମ କମିଶନର ନିଖିଳ ପଓ୍ୱନ କଲ୍ୟାଣଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଧ୍ରୁବ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚାଇନାକୁ ଫେରିବ ପ୍ରଫେସନାଲ ଟେନିସ

**ସେଣ୍ଟ ପିଟର୍ସବର୍ଗ (ୟୁଏସ୍ଏ), ୧୬।୯ (ଏପି)**

ଚାରିବର୍ଷ ପରେ ଚାଇନାକୁ ଫେରିବ ଏଲିଟ୍ ମହିଳା ଟେନିସ୍। ଓମେନ୍ସ ଟେନିସ ଆସୋସିଏଶନ (ଡବ୍ଲ୍ୟୁଟିଏ) ଏସିଆନ ପର୍ଯ୍ୟାୟ ଟୁର୍‌ର ଅଂଶ ବିଶେଷ ସ୍ୱରୂପ ଆସନ୍ତା ୬ ସପ୍ତାହ ମଧ୍ୟରେ ୭ ଟୁର୍ନାମେଣ୍ଟର ଆୟୋଜନ ହେବ। କୋଭିଡ୍-୧୯ ପାଇଁ ଯାତାୟତ କଟକଣା ଯୋଗୁ ଚାଇନାରେ ଟୁର୍ନାମେଣ୍ଟ ସବୁ ବାତିଲ କରିଦିଆଯାଇଥିଲା। ୨୦୨୧ରେ ଗ୍ରାଣ୍ଡସ୍ଲାମ ଡବଲ୍ସ ଚାମ୍ପିୟନ ପେଙ୍ଗ୍ ଶୁଆଇ ଚାଇନାର ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମକର୍ତ୍ତାଙ୍କ ବିରୋଧରେ ଯୌନନିର୍ଯାତନା ଅଭିଯୋଗ ଆଣିବା ପରେ ନିଖୋଜ ହୋଇଯାଇଥିବା ସୋସିଆଲ ମିଡିଆରେ ପ୍ରସାରିତ ହୋଇଥିଲା। ଏହି ଘଟଣାକୁ ନେଇ ଡବ୍ଲ୍ୟୁଟିଏ ଏହି ଦେଶର ଇଭେଣ୍ଟଗୁଡ଼ିକୁ ସସ୍‌ପେଣ୍ଡ କରିଦେଇଥିଲା। ପେଙ୍ଗ୍‌ଙ୍କ ଜୀବନ ପ୍ରତି ବିପଦ ରହିଥିବା ତାଙ୍କ ସାଥୀ ଟେନିସ ଷ୍ଟାର ଖେଳାଳିମାନେ ଏବଂ ଡବ୍ଲ୍ୟୁଟିଏ ଆଶଙ୍କା ପ୍ରକାଶ କରିଥିଲା। ଡବ୍ଲ୍ୟୁଟିଏ ସେତେବେଳେ କହିଥିଲା ପେଙ୍ଗ୍‌ଙ୍କ ଦ୍ୱାରା ହୋଇଥିବା ଅଭିଯୋଗର ଉପଯୁକ୍ତ ତଦନ୍ତ ଆବଶ୍ୟକ। ଏହାଛଡ଼ା ଡବ୍ଲ୍ୟୁଟିଏର ଜଣେ କର୍ମକର୍ତ୍ତା ପେଙ୍ଗ୍‌ଙ୍କୁ ସାକ୍ଷାତ କରି ଫେରିବା ପରେ ଯାଇ ଚାଇନାରେ ଟୁର୍ନାମେଣ୍ଟ ଖେଳାଯିବା ଲାଗି ଅନୁମତି ମିଳିବ। ଏହି ଦୁଇଟି ସର୍ତ୍ତ ପୂରଣ ହୋଇ ନ ଥିଲେ ମଧ୍ୟ ଏହି ସିଜନରେ ଚାଇନାକୁ ଟେନିସ ଫେରିବ ବୋଲି ଡବ୍ଲ୍ୟୁଟିଏ ଏପ୍ରିଲରେ ଘୋଷଣା କରିଥିଲା। ପେଙ୍ଗ୍ ସୁରକ୍ଷିତ ଅଛନ୍ତି ବୋଲି ତାଙ୍କ ନିକଟତମ ମହଲରୁ ଜଣାପଡ଼ିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଡବ୍ଲ୍ୟୁଟିଏ କହିଥିଲା। ସୂଚନାଯୋଗ୍ୟ, ପେଙ୍ଗ୍ ଡବଲ୍ସରେ ୨୦୧୩ ୱିମ୍ବେଲଡନ ଏବଂ ୨୦୧୪ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଚାମ୍ପିୟନ। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ସିଙ୍ଗଲ୍ସରେ ଶ୍ରେଷ୍ଠ ପ୍ରଦର୍ଶନ କରି ପେଙ୍ଗ୍ ୨୦୧୪ରେ ୟୁଏସ୍ ଓପନ ସେମିଫାଇନାଲରେ ପ୍ରାବଶ କରିଥିଲେ। ସେ ତାଙ୍କ କ୍ୟାରିୟରରେ ୨୩ ଡବ୍ଲ୍ୟୁଟିଏ ଡବଲ୍ସ ଏବଂ ୨ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଚାଇନା ତରଫରୁ ସେ ତିନୋଟି ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଛନ୍ତି। ଡବ୍ଲ୍ୟୁଟିଏ ଚେୟାରମ୍ୟାନ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଷ୍ଟିଭ୍ ସିମନ ଏପ୍ରିଲରେ କହିଥିଲେ ଖେଳାଳି ଓ ଟୁର୍ନାମେଣ୍ଟ ଅଫିସିଆଲଙ୍କଠାରୁ ଫିଡ୍‌ବ୍ୟାକ ପାଇବା ପରେ ଚାଇନାକୁ ଟେନିସ ଫେରିବା ନେଇ ଆୟୋଜକଗଣ ନିଷ୍ପତ୍ତି ନେଇଥିଲେ।

# କ୍ୱାର୍ଟରରେ ହାରିଗଲେ ଅଭିମନ୍ୟୁ

**ବେଲଗ୍ରେଡ୍, ୧୬।୯(ପି.ଟି.)**

### ବିଶ୍ୱ କୁସ୍ତି ଚାମ୍ପିୟନଶିପ୍

ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ବିଶ୍ୱ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଅଂଶଗ୍ରହଣ କରିଥିବା ଭାରତର ସମସ୍ତ ୪ ଫ୍ରିଷ୍ଟାଇଲ କୁସ୍ତିଯୋଦ୍ଧା ସେମାନଙ୍କ ବାଉଟ ହାରିଯାଇଛନ୍ତି। ୨୦୨୪ ପ୍ୟାରିସ ଅଲିମ୍ପିକ ପାଇଁ ଅନ୍ୟତମ କ୍ୱାଲିଫିକେଶନ ଟୁର୍ନାମେଣ୍ଟରେ ଭାରତର ଆରମ୍ଭ ନୈରାଶ୍ୟଜନ ରହିଛି। ୭୦କେଜି ଶ୍ରେଣୀରେ କେବଳ ଅଭିମନ୍ୟୁ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଥିଲେ। ତେବେ ଏହି ପର୍ଯ୍ୟାୟରେ ସେ ଯୁକ୍ତରାଷ୍ଟ୍ର ଆମେରିକାର ଜୈନ ଆଲେନ ରଥରଫୋର୍ଡଙ୍କଠାରୁ ହାରିଯାଇଥିଲେ। ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଆମେରିକୀୟ ବକ୍ସର ୯-୨ରେ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅଭିମନ୍ୟୁ ହେଉଛନ୍ତି ଜୁନ୍‌ରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ର ବ୍ରୋଞ୍ଜ ପଦକ ବିଜେତା। ପୂର୍ବରୁ ସେ ବିଶ୍ୱର ୭ ନମ୍ବର ଇହୋର୍ ନାଇକିଫୋରୁକ୍‌ଙ୍କୁ ୧୯-୯ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ପରେ ମୋଲଡୋଭାର ନିକୋଲାଇ ଗ୍ରାହମେଜ୍‌ଙ୍କୁ ଟେକ୍‌ନିକାଲ ସୁପିରିଅରିଟିରେ ୧୩-୨ରେ ପରାସ୍ତ କରି ସେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟ ୩ ଭାରତୀୟ ଆକାଶ ଦହିୟା (୬୧କେଜି), ସନ୍ଦୀପ ମାନ୍ (୮୬କେଜି) ଓ ସୁମିତ (୧୨୫କେଜି) କ୍ୱାଲିଫିକେଶନ ଦ୍ୱିତୀୟ ରାଉଣ୍ଡରେ ପରାଜିତ ହୋଇ ପ୍ରି-କ୍ୱାର୍ଟରଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ଅଭିମନ୍ୟୁ, ଆକାଶ ଓ ସୁମିତଙ୍କ ପାଇଁ ତଥାପି ରିପିଚେଜ୍ ମାଧ୍ୟମରେ ବ୍ରୋଞ୍ଜ ପଦକ ଆଶା ରହିଛି। ଯେଉଁ ପ୍ରତିଯୋଗିମାନେ ପ୍ରି-କ୍ୱାର୍ଟର କିମ୍ବା ପରେ ପରାଜିତ ହୋଇଥାନ୍ତି ସେମାନଙ୍କ ପାଇଁ ରିପିଚେଜ୍ ସୁଯୋଗ ରହିଥାଏ ଯଦି ଯେଉଁ ପ୍ରତିଯୋଗୀଙ୍କଠାରୁ ହାରିଥାନ୍ତି ସେ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥାନ୍ତି। ଆକାଶ (୬୧କେଜି) ତାଙ୍କ ମୋଲଡୋଭା ପ୍ରତିଦ୍ୱନ୍ଦ୍ୱୀ ଲିଓନିଡ୍ କୋଲେସ୍‌ନିକ୍‌ଙ୍କ ବିପକ୍ଷରେ ୧୦-୫ରେ ବିଜୟ ସହ ପ୍ରତିଯୋଗିତାରେ ତାଙ୍କ ଅଭିଯାନ ଆରମ୍ଭ କରିଥିଲେ। କିନ୍ତୁ ପ୍ରି-କ୍ୱାର୍ଟରରେ ସେ ଉଜ୍‌ବେକିସ୍ତାନର ବିଶ୍ୱର ୬ ନମ୍ବର ଜାଙ୍ଗୀର ମିର୍ଜା ତୁରୋବୋଭ୍‌ଙ୍କଠାରୁ ହାରିଯାଇଛନ୍ତି। ୮୬ ଫ୍ରି-ଷ୍ଟାଇଲ କାଟେଗୋରିରେ ମାନ ନର୍ଥ ମାସିଡୋନିଆର ଦିଜାନ ମିତ୍ରୋଭଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ ହେଁ ଦ୍ୱିତୀୟ ରାଉଣ୍ଡରେ ଚାଇନାର ଲିନ୍ ଜୁଶେନ୍‌ଙ୍କଠାରୁ ୦-୧୧ରେ ହାରିଯାଇଥିଲେ।



ରାଜ୍ୟସ୍ତରୀୟ ବିଦ୍ୟାଳୟ ଭଲିବଲ ଓ ସଫ୍ଟବଲ୍ ଟୁର୍ନାମେଣ୍ଟ ଫାଇନାଲରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

# ଭଲିବଲରେ କେନ୍ଦ୍ରାପଡ଼ା, ବାଲେଶ୍ୱର ଚାମ୍ପିୟନ

**ବାଲେଶ୍ୱର, ୧୬।୯ (ମାନସ ବିଶ୍ୱାଳ)**

### ରାଜ୍ୟସ୍ତରୀୟ ବିଦ୍ୟାଳୟ ଭଲିବଲ ଓ ସଫ୍ଟବଲ୍

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଭୀମପୁରା ସ୍ପୋର୍ଟ୍ସହଷ୍ଟେଲ ପଡ଼ିଆରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଏବଂ ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଭଲିବଲ୍ ଓ ସଫ୍ଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ବିଭିନ୍ନ ବୟସ ବର୍ଗରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିବା ବେଳେ ୧୭ବର୍ଷରୁ କମ୍ ବାଳିକା, ବାଳକ ଭଲିବଲରେ ଯଥାକ୍ରମେ କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ରାଜ୍ୟର ୨୯ଟି ଜିଲାରୁ ୫୯ଟି ଟିମ୍ ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ୧୭ବର୍ଷରୁ କମ୍ ବାଳିକା ଭଲିବଲ ଫାଇନାଲ ସୁନ୍ଦରଗଡ଼ ଓ କେନ୍ଦ୍ରାପଡ଼ା ମଧ୍ୟରେ ହୋଇଥିଲ। କେନ୍ଦ୍ରାପଡ଼ା ୨-୦ଗେମ୍‌ରେ ଜିତି ଚାମ୍ପିୟନ ହୋଇଥିଲା। ୧୭ବର୍ଷରୁ କମ୍ ବାଳକ ଭଲିବଲ ଫାଇନାଲ ବାଲେଶ୍ୱର ଓ କେନ୍ଦ୍ରାପଡ଼ା ମଧ୍ୟରେ ହୋଇଥିଲା। ବାଲେଶ୍ୱର ୨-୦ ଗେମ୍‌ରେ ଜିତି ଚାମ୍ପିୟନ ହୋଇଥିଲା। ସେହିପରି ୧୭ବର୍ଷରୁ କମ୍ ବାଳିକା ସଫ୍ଟବଲ ଫାଇନାଲ ରାୟଗଡ଼ା ଓ ପୁରୀ ମଧ୍ୟରେ ହୋଇଥିଲା। ରାୟଗଡ଼ା ୧୩-୩ ସ୍କୋର ଜିତି ଚାମ୍ପିୟନ ହୋଇଥିଲା। ୧୭ବର୍ଷରୁ କମ୍ ବାଳକ ସଫ୍ଟବଲ ଫାଇନାଲ ବାଲେଶ୍ୱର ଓ ପୁରୀ ମଧ୍ୟରେ ହେଇଥିଲା। ବାଲେଶ୍ୱର ୪-୨ ସ୍କୋରରେ ଜିତି ଚାମ୍ପିୟନ ହୋଇଥିଲା।

୧୪ବର୍ଷରୁ କମ୍ ବାଳିକା ଭଲିବଲ ଫାଇନାଲ ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ମଧ୍ୟରେ ହୋଇଥିଲା। ଢେଙ୍କାନାଳ ୨-୦ଗେମ୍‌ରେ ଜିତି ଚାମ୍ପିୟନ ହୋଇଥିଲା। ୧୪ବର୍ଷରୁ କମ୍ ବାଳକ ଭଲିବଲରେ ଫାଇନାଲ ଖେଳିଥିଲେ ଢେଙ୍କାନାଳ ଓ ଅନୁଗୋଳ। ଅନୁଗୋଳ ୨-୧ଗେମ୍‌ରେ ଜିତି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର, ସମ୍ମାନିତ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଶାରୀରିକ ଶିକ୍ଷା ସହ-ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ପ୍ରଧାନ, ରାଜ୍ୟ ଭଲିବଲ ଆସୋସିଏଶନର ଯୁଗ୍ମ ସମ୍ପାଦକ ଜଗଦୀଶ ବେହେରା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଯୋଗଦେଇଥିଲେ। ମୁଖ୍ୟଅତିଥି ବିଧାୟକ ପରିଡ଼ାଙ୍କ ଦ୍ୱାରା ପୁରସ୍କାର ପ୍ରଦାନ ଓ କ୍ରୀଡ଼ା ପତାକା ଅବତରଣ କରିଥିଲେ।

### ଆଇସିସି କ୍ରିକେଟ ବିଶ୍ୱକପ୍

# ନସିମ୍ ଶାହାଙ୍କ ଖେଳିବା ନେଇ ସନ୍ଦେହ

**ଦୁବାଇ, ୧୬।୯ (ପି.ଟି.)**

ଆସନ୍ତା ମାସରେ ଭାରତରେ ଖେଳାଯିବାକୁ ଥିବା ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ପାକିସ୍ତାନ ପେସ୍ ବୋଲର ନସିମ ଶାହାଙ୍କ ଅଂଶଗ୍ରହଣ ନେଇ ସନ୍ଦେହ ଦେଖାଦେଇଛି। ୨୦ ବର୍ଷୀୟ ଏହି ପେସ୍ ବୋଲର ଶ୍ରୀଲଙ୍କାରେ ଭାରତ ବିପକ୍ଷ ଏସିଆ କପ୍ ସୁପର-୪ ମ୍ୟାଚରେ ଆଘାତପ୍ରାପ୍ତ ହୋଇଛନ୍ତି। ଭାରତୀୟ ଇନିଂସର ୪୬ତମ ଓଭରରେ ଶାହାଙ୍କ ଡାହାଣ କାନ୍ଧ ମାଂସପେଶୀରେ ଆଘାତ ଲାଗିଥିଲା। ଖବର ଅନୁସାରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଶାହାଙ୍କର ପୂର୍ବରୁ ଦୁବାଇରେ କରାଯାଇଥିବା ସ୍କାନକୁ ବିଶ୍ଲେଷଣ କରିଛି। ଏଥିରୁ ଯାହା ଅନୁମାନ କରାଯାଉଛି ସେ ବର୍ଷର ଅବଶିଷ୍ଟାଂଶ ଖେଳି ନ ପାରନ୍ତି। ପାକିସ୍ତାନ ଡିସେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷରେ ୩ ଟେଷ୍ଟ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ଶାହାଙ୍କର ଏଥରେ ଖେଳିବା ନେଇ ମଧ୍ୟ ସନ୍ଦେହ ରହିଛି। ପିସିବି ସେକେଣ୍ଡାରୀ ସ୍କାନକୁ ଅପେକ୍ଷା କରିଛି। ଆଗାମୀ କିଛିଦିନ ମଧ୍ୟରେ ତାହା ମିଳିଯିବ। ଏସିଆ କପ୍‌ରେ ଶାହାଙ୍କ ସ୍ଥାନରେ ଜମାନ ଖାନ୍‌ଙ୍କୁ ନିଆଯାଇଥିଲା। ପାକିସ୍ତାନ କିନ୍ତୁ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛି।

# କାର୍ଲୋସ ସେଞ୍ଜ ଜୁନିୟରଙ୍କୁ ପୋଲ୍ ପୋଜିଶନ


ସିଙ୍ଗାପୁରର ମାରିନା ବେ ସର୍କିଟଠାରେ ଶନିବାର ଅନୁଷ୍ଠିତ ସିଙ୍ଗାପୁର ଫର୍ମୁଲା ୱାନ ଗ୍ରାଁ ପ୍ରିର କ୍ୱାଲିଫାଇଂ ସେସନରେ ଦୁର୍ଘଟଣାଗ୍ରସ୍ତ ଆଷ୍ଟନ ମାର୍ଟିନଙ୍କ କାର୍‌ରୁ ଧୂଆଁ ନିର୍ଗତ ହେଉଥିବା ବେଳେ ନିକଟରେ ମ୍ୟାକଲରେନ ଡ୍ରାଇଭର ଅଷ୍ଟ୍ରେଲିଆର ଓସ୍କାର ପିଆଷ୍ଟ୍ରି ଅତିକ୍ରମ କରୁଛନ୍ତି।

**ସିଙ୍ଗାପୁର, ୧୬।୯ (ଏପି)**

ସିଙ୍ଗାପୁର ଗ୍ରାଁ ପ୍ରି ପାଇଁ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ମର୍ସିଡିଜର ଜର୍ଜ ରସେଲଙ୍କଠାରୁ ୦.୦୭୨ ସେକେଣ୍ଡ ଏବଂ ଫେରାରିର ଚାର୍ଲ୍ସ ଲେକରେକ୍‌ଙ୍କଠାରୁ ୦.୦୦୭ ସେକେଣ୍ଡ ଆଗରେ କାର୍ଲୋସ ସେଞ୍ଜ ଜୁନିୟର ପୋଲ ପୋଜିଶନ ହାସଲ କରିଛନ୍ତି। ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ ଏକାଦଶ ସ୍ଥାନରେ ରହିବାରୁ କ୍ରମାଗତ ଐତିହାସିକ ୧୦ ଫର୍ମୁଲା ୱାନ ବିଜୟ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଚଳିତ ସିଜନରେ କ୍ୱାଲିଫାଇଂରେ ଏହା ହେଉଛି ତାଙ୍କର ସବୁଠାରୁ ଖରାପ ପ୍ରଦର୍ଶନ। ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ୍ ସର୍ଗିଓ ପେରେଜ ୧୩ତମ ସ୍ଥାନରେ ରହିଥିଲେ। ଚଳିତ ସିଜନରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଥିବା ରେସ୍‌ଗୁଡ଼ିକୁ ଏହି ଦୁଇ ଡ୍ରାଇଭର ବାଣ୍ଟିକରି ଜିତିଛନ୍ତି। ମ୍ୟାକଲରେନର ଲାଣ୍ଡୋ ନୋରିସ ଚତୁର୍ଥ ଏବଂ ମର୍ସିଡିଜର ଲୁଇସ ହାମିଲଟନ ପଞ୍ଚମ ହୋଇଥିଲେ।


## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ



**୰ବସନ୍ତ କୁମାରୀ ଦାସ**
ସ୍ୱା ୰ବଂଶୀଧର ଦାସ
୩୭, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୪।୦୩।୧୯୩୩
ତିରୋଧାନ: ୦୬।୦୯।୨୦୨୩
ବୋଉ, ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁ ପ୍ରିୟଜନ
ଧ-୭୫୦୩୮

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ପୋଟ୍ନରୁ ଭୀମରାଜୁ ପାତ୍ର ଏବଂ ୰ପୋଟ୍ନରୁ ଅନୁସୂୟା ପାତ୍ର**
ଆଜି ଆପଣଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
ପି. ପ୍ରଦୀପ କୁମାର ପାତ୍ର, ପି. ଅନିଲ୍ କୁମାର ପାତ୍ର ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ରାଜଲକ୍ଷ୍ମୀ ଜୁଏଲ୍ ହାଉସ୍
ମହାତ୍ମାଗାନ୍ଧୀ ରୋଡ୍, ଆସିକା
ଧ-୧୩୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶାନ୍ତିଲତା ପାଇକରାୟ**
ପିପିଲି, କଣ୍ଟି, ପୁରୀ ମୁକୁନ୍ଦ ନଗର
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ
ଧ-୧୩୩୦

## CLASSIFIED DISPLAY

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
## 0674-2580101, 2549949


MATRIMONIAL

### GROOM WANTED

Age-39, Divorce Govt. Nurse ଅନାଥ ମାରୱାଡ଼ି ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6371296020. D-1290

Age-62, Pension Holder ଏକାକୀ ରହୁଥିବା Bengali ଯୁବତୀଙ୍କୁ ବାହା ହୋଇ ଘରେ ରହି ପାରୁଥିବା ପୁଅ ଦରକାର। 7749076723. D-1291

Wanted groom for 28 year Karan Civil Engineer girl working in L&T. Contact: 9692289965. D-1328

Beautiful Bengali, (Kayastha) girl, 1992, MBBS, Govt. Doctor. Settled Bhubaneswar, 7008967858. D- 71060


REAL ESTATE

### SALE

"Well Designed two Storey 8 BHK House with 4800 Builtup area for sale at- Ratnakar Bag 2, Tankapani road, Bhubaneswar. 9951082666". D-1327

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

Duplex sale at Bhubaneswar @ 57lakhs only. Contact- 9777433701. D-75213

ଭୁବନେଶ୍ୱର କଟକ **NH-16** ମଧ୍ୟରେ ଧାକୁଲେଇ ପୀଠ ନିକଟରେ ଘର ଉପଯୋଗୀ ପ୍ଲଟ୍ **30**ଫୁଟ୍ ରୋଡ୍, ଇଲେକ୍ଟ୍ରି ଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- **7978729819, 7008756026.** D-1244

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ **30' road, boundary,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। **7894216209.** D-75215

Outright and Sharing land available for Duplex/ Apartment Projects around Bhubaneswar/ Cuttack/ Khordha/ Puri. 8984071303. D-1319

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-75039

ନଖରା ତ୍ରିନାଥବଜାର ମହାଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

3BHK flat sale Esplanade back side (Rasulgarh) and Kalinga Nagar. 8457092465. D-1324




**Newly open SPA positively health benefits with expert therapist. 9938843929.** D-75149

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Full body massage in homely atmosphere in all therapy. Mob: 8114881641. D-73443

**Body massage by experience, good looking therapist @ 999/-. (Bhubaneswar) 9078484455.** D-1215

Body relax/ Mind fresh massage @800/- by trend therapist. 7008773793. D-75148

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75037

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ୬ତମ ଜନ୍ମଦିନ ଶୁଭେଚ୍ଛା



**ଧ୍ରୁବ୍ କୁମାର**
ସମେଇ ଗଡ଼ିଆ, ଭୁବନେଶ୍ୱର
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତମର ସୁସ୍ଥ, ନୀରୋଗ, ନିରାମୟ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ବଡ଼ମା, ଅଜା, ଆଈ, ପରିବାରବର୍ଗ ଓ ଶୁଭେଚ୍ଛୁମାନେ।
ଧ-୧୩୧୭




All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

### AFFIDAVIT

ମୁଁ ଅର୍ଚ୍ଚନା ମହାପାତ୍ର, ସ୍ୱାମୀ- ଉମେଶ କୁମାର ମହାପାତ୍ର, ଦର୍ଜୀସାହି, ପିପିଲି, ପୁରୀ ସତ୍ୟପାଠ ନଂ.- 101/ 06.02.2018 ଅନୁଯାୟୀ ଘୋଷଣା କରୁଛି ଯେ, ମୋର ନାମ ଅର୍ଚ୍ଚନା ନାୟକରୁ ବର୍ତ୍ତମାନ ଠାରୁ ଅର୍ଚ୍ଚନା ମହାପାତ୍ର ଭାବେ ପରିଚିତ ହେବି। ଭବିଷ୍ୟତର ସମସ୍ତ କାର୍ଯ୍ୟରେ ଏହି ନାମ ଉପଯୋଗ ପାଇଁ ଘୋଷଣା କରୁଅଛି। ଧ-୧୩୯୪

By virtue of this Affidavit bearing No. 07 dated 13.9.22, I declare that Sekh Safiul Islam and S.K. Bull, At - Maligram, Paschim Medinipur, West Bengal, Pin – 721140 is myself and one person who is son of Sekh Rahim and S.K. Rahim Box. Henceforth, I shall be known as Sekh Safiul Islam, S/o. Sekh Rahim for all purposes. D-71692

## ଏ ସପ୍ତାହର ପ୍ରଶ୍ନ

୧– ଭାରତର ପ୍ରଥମ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସ୍କୁଲ୍ ............ ରାଜ୍ୟରେ ପ୍ରତିଷ୍ଠା ହୋଇଛି ?
୨– ସ୍କାର୍ଲେଟ୍ ମକାଉ .......... ଦେଶର ଜାତୀୟ ପକ୍ଷୀ ?
୩– ପୃଥିବୀର ଲୋକପ୍ରିୟ କଫିବ୍ରାଣ୍ଡ .................... ?
୪– ୨୦୨୨–୨୦୨୩ରେ ............... ରାଜ୍ୟରେ ସର୍ବାଧିକ ବଜ୍ରପାତ ରେକର୍ଡ କରାଯାଇଛି ?
୫– ରେଲୱେ ବୋର୍ଡର ଚେୟାରପର୍ସନ ଭାବେ ନିଯୁକ୍ତି ପାଇଥିବା ପ୍ରଥମ ମହିଳା .......... ?

## ଗତ ଥରର ଉତ୍ତର

୧ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ
୨ ଭାରତ
୩ କର୍ଣ୍ଣାଟକ
୪ ୨୦ ବର୍ଷ
୫ ଲାଫିଙ୍ଗ୍ ଗ୍ୟାସ୍

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha@gmail.com

### କ୍ୟାରିୟର ଲାଇନ୍

# ଏଗ୍ରିକଲ୍ଚର ଫିଲ୍ଡରେ ଜବ୍



**କୃଷି ବା ଏଗ୍ରିକଲ୍ଚର ଫିଲ୍ଡରେ କ୍ୟାରିୟର ଗଢ଼ିବାକୁ ଅଧିକାଂଶ ଯୁବପିଢ଼ି ଆଗ୍ରହୀ ହେଉଥିବାର ଦେଖିବାକୁ ମିଳୁଛି। କାରଣ ଏହି କ୍ଷେତ୍ରରେ ଟେକ୍ନୋଲୋଜିର ବହୁଳ ବ୍ୟବହାର ଦ୍ୱାରା ଭଲ ରୋଜଗାର ମଧ୍ୟ କରାଯାଇପାରୁଛି। ତେଣୁ ଏ ଦିଗରେ ଆଗ୍ରହୀ ଯୁବପିଢ଼ିଙ୍କ ପାଇଁ କ'ଣ ରହିଛି ଅପ୍ସନ ଜାଣିରଖନ୍ତୁ ସେ ସମ୍ପର୍କରେ...**

**କୋର୍ସ:** କେତେକ ସ୍ଥାନରେ ସ୍କୁଲ୍ ସମୟରୁ ହିଁ ଏଗ୍ରିକଲ୍ଚରରେ ପାଠପଢ଼ା ଆରମ୍ଭ ହୋଇଯାଇଥାଏ। ଏଥିପାଇଁ ବାୟୋଲୋଜି, କେମେଷ୍ଟ୍ରି ଏବଂ ଏଗ୍ରିକଲ୍ଚର ସବ୍‌ଜେକ୍ଟ ରଖିବାକୁ ହୋଇଥାଏ। ଯୁକ୍ତ ଦୁଇ ପଢ଼ିବା ପରେ ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷା ଦେବାକୁ ହୋଇଥାଏ। ପରେ ଏଥିପାଇଁ ଡିପ୍ଲୋମା, ଡିଗ୍ରୀ, ପିଜି, ପିଏଚ୍‌ଡି ଭଳି କୋର୍ସ କରିବାର ସୁବିଧା ରହିଛି।

**କ୍ୟାରିୟର ଅପ୍ସନ୍:** ଏହି ଫିଲ୍ଡରେ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ବିଭିନ୍ନ ଚାକିରି ମିଳିବାର ସୁଯୋଗ ରହିଛି।

**ସରକାରୀ ସ୍ତରରେ ଚାକିରୀ:**
କୃଷି ପର୍ଯ୍ୟବେକ୍ଷକ: ଏଥିପାଇଁ ଅନ୍ତତଃ ଯୁକ୍ତ ଦୁଇରେ ଏଗ୍ରିକଲ୍ଚର ସବ୍‌ଜେକ୍ଟ ରଖି ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥାଏ। ପ୍ରତି ଦୁଇ–ତିନି ଗ୍ରାମପଞ୍ଚାୟତ ପାଇଁ ଗୋଟିଏ ଲେଖାଏ ଏହି ପୋଷ୍ଟ ରହିଥାଏ। ଏଥିପାଇଁ ମଝିରେ ମଝିରେ ସରକାରୀସ୍ତରରୁ ଚୟନ ପରୀକ୍ଷା କରାଯାଇ ନିଯୁକ୍ତି ଦିଆଯାଇଥାଏ।

**ପ୍ରାଣୀଧନ ସହାୟକ ଅଧିକାରୀ:** ଯୁକ୍ତ ଦୁଇ ପଢ଼ିବା ପରେ ପ୍ରାଣୀଧନ ସହାୟକ ବା ଲାଇଭ୍‌ଷ୍ଟକ୍ ଆସିଷ୍ଟାଣ୍ଟ ଡିପ୍ଲୋମା କରିପାରିବେ। ଏହାପରେ ବିଭିନ୍ନ ପଞ୍ଚାୟତରେ ପ୍ରାଣୀଧନ ସହାୟକ ଅଧିକାରୀ ଭାବେ ସରକାରୀ ଚାକିରି କରିପାରିବେ।

ହର୍ଟିକଲ୍ଚର ସୁପରଭାଇଜର– ଏଗ୍ରିକଲ୍ଚର ଶିକ୍ଷା ଗ୍ରହଣ କରିଥିଲେ ଏ ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ନେଇପାରିବେ। ଆପଣ ଚାହିଁଲେ ନିଜର ନର୍ସରୀ ମଧ୍ୟ ଖୋଲିପାରିବେ। ଯଦି ଏଗ୍ରିକଲ୍ଚରରେ ଡିଗ୍ରୀ କରିଛନ୍ତି, ତେବେ କୃଷିଋଣ ସୁବିଧା ସହ ଅନ୍ୟ କେତେକ ସରକାରୀ ସୁବିଧା ରହିଛି। ଏହା ବ୍ୟତୀତ ଏଗ୍ରିକଲ୍ଚର ଅଫିସର, ଏଗ୍ରିକଲ୍ଚର ଇଞ୍ଜିନିୟର, ଫୁଡ୍ ମାଇକ୍ରୋବାୟୋଲୋଜିଷ୍ଟ, ସାଇଣ୍ଟିଷ୍ଟ, ଏଗ୍ରିକଲ୍ଚର କଲେଜ କିମ୍ବା ୟୁନିଭର୍ସିଟିରେ ଅଧ୍ୟାପନା କ୍ଷେତ୍ରରେ ବି ଜବ୍ କରିପାରିବେ। ଏଗ୍ରିକଲ୍ଚରରେ ରିସର୍ଚ୍ଚ କ୍ଷେତ୍ରରେ ମଧ୍ୟ ଆପଣ ଅନେକ ପ୍ରକାରର ଜବ୍ କରିପାରିବେ।

**ବେସରକାରୀ ସ୍ତରରେ ଚାକିରୀ:**
ଏଗ୍ରିକଲ୍ଚର ଡିଗ୍ରୀ ଥିଲେ ପ୍ରାଇଭେଟ୍ ସେକ୍ଟରରେ ମାର୍କେଟିଂ ଅଫିସର, ସେଲ୍ସ ଡେଭେଲପମେଣ୍ଟ ଅଫିସର, ବ୍ୟାଙ୍କ୍‌ରେ ଏଗ୍ରିକଲ୍ଚର ଡେଭେଲପ୍‌ମେଣ୍ଟ ଅଫିସର ଭାବେ କାର୍ଯ୍ୟ କରିପାରିବେ। ଏହାବ୍ୟତୀତ ଫାର୍ମ ମ୍ୟାନେଜର, ଟେକ୍ନିକାଲ୍ ଏଗ୍ରିକଲ୍ଚର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ ବି କରିପାରିବେ। ଏହି ପାଠ ପଢ଼ିଥିଲେ ବିଦେଶୀ କମ୍ପାନୀଗୁଡ଼ିକରେ ମଧ୍ୟ ଅନେକ ଜବ୍ ସୁବିଧା ରହିଛି। ଆପଣ ଚାହିଁଲେ ନିଜର ଷ୍ଟାର୍ଟଅପ୍ ଆରମ୍ଭ କରିପାରିବେ।





# ସାଇଲେଣ୍ଟ କିଲର

**ବର୍ତ୍ତମାନ ପ୍ରାୟ ସମସ୍ତଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ଘାରିଛି ମୋବାଇଲ୍ ଫୋନ ନିଶା। ଦିନରୁ ରାତି, ପ୍ରତି ସମୟରେ ପାଖରେ ରହୁଛି ଫୋନ। ତେବେ ଏହି ଆଡିକ୍ସନ ଅଜାଣତରେ ଧୀରେ ଧୀରେ ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ତେଣୁ ବିଜ୍ଞାନର ଏହି ବରଦାନ ଯେପରି ସ୍ୱାସ୍ଥ୍ୟ ପାଇଁ ଅଭିଶାପ ନ ପାଲଟେ, ସେଥିପାଇଁ ସତର୍କ ରହିବା ଆବଶ୍ୟକ...**

ବର୍ତ୍ତମାନ ପ୍ରାୟ ସମସ୍ତେ ନିଜର ଅଧିକାଂଶ ସମୟ ସ୍ମାର୍ଟଫୋନ ସହିତ ବିତାଉଛନ୍ତି। ଏହା ଅନେକଙ୍କ ପାଇଁ ଏତେ ଜରୁରୀ ପାଲଟିଛି ଯେ, କିଛି କ୍ଷଣ ଏହାବିନା ରହିବା ଯେମିତି ସେମାନଙ୍କ ପାଇଁ ଅସମ୍ଭବ ମନେହେଉଛି। ଏମିତିକି କେତେଜଣ ରାତିରେ ଶୋଇବା ବେଳେ ମଧ୍ୟ ଏହାକୁ ପାଖରେ ରଖିବାକୁ ଆଦୌ ଭୁଲି ନ ଥା'ନ୍ତି। ହେଲେ ଆପଣ ଜାଣନ୍ତିକି କୌଣସି ଜିନିଷ ଆବଶ୍ୟକତାଠାରୁ ଅଧିକ ହେଲେ ଖରାପ। ଅର୍ଥାତ୍ ଆବଶ୍ୟକତାଠାରୁ ଅଧିକ ସମୟ ମୋବାଇଲ୍‌ରେ ବିତାଇବା ଦ୍ୱାରା ଏହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ସେଥିପାଇଁ ମୋବାଇଲ୍‌କୁ ସାଇଲେଣ୍ଟ କିଲର ବୋଲି ମଧ୍ୟ କୁହାଯାଏ। ତେଣୁ ଅଧିକ ସମୟ ମୋବାଇଲ୍ ଫୋନ୍ ବ୍ୟବହାର କରୁଥିଲେ ସତର୍କ ହୋଇଯାଆନ୍ତୁ, ନଚେତ୍ ଏହା ଆପଣଙ୍କ ପାଇଁ ଘାତକ ସାଜିପାରେ।

**ସମସ୍ୟା:**

● ଚକ୍ଷୁ ବିଶେଷଜ୍ଞଙ୍କ ମତରେ ମୋବାଇଲ୍ ଅଧିକ ସମୟ ଦେଖିବା କାରଣରୁ ଅନେକଙ୍କଠାରେ ବର୍ତ୍ତମାନ ଚକ୍ଷୁ ସମସ୍ୟା ବଢ଼ିବାରେ ଲାଗିଛି।
– ସେହିପରି ଅନେକେ ବସିବା ସମୟରେ ଆରାମ ଲାଗିବା ଆଳରେ ଜାକି ହୋଇ ବସନ୍ତି କିମ୍ବା ସୋଫା, ବେଡ୍ ଆଦି ଉପରେ ଶୋଇ ଘଣ୍ଟା ଘଣ୍ଟା ମୋବାଇଲ୍ ଦେଖନ୍ତି। ହେଲେ ଦୀର୍ଘ ସମୟ ଏପରି ପୋଜିଶନ୍‌ରେ ରହିବା ଦ୍ୱାରା ବେକ, ପିଠି, ଅଣ୍ଟା ଜାକି ହୋଇ ରହିବା ଯୋଗୁ ମେରୁଦଣ୍ଡରେ ଚାପ ପଡ଼ିଥାଏ ଏବଂ ବିନ୍ଧା ହୋଇଥାଏ। କେବଳ ଏତିକି ଅଧିକ ସମୟ ଏପରି ପୋଜିଶନ୍‌ରେ ରହିବା ଯୋଗୁ ସ୍ପଣ୍ଡିଲାଇଟିସ୍ ଭଳି ସମସ୍ୟା ମଧ୍ୟ ଉପୁଜିଥାଏ।







● ବିଶେଷଜ୍ଞଙ୍କ ମତରେ ରାତିରେ ଶୋଇବା ବେଳେ ମୋବାଇଲ୍‌ରେ ଗପିବା, ଚାଟିଂ କରିବା, ଭିଡିଓ ଦେଖିବା, ଗେମ୍ ଖେଳିବା ହେଉ କିମ୍ବା ପାଖରେ ରଖି ଶୋଇବା ବେଳେ ଆସୁଥିବା ନୋଟିଫିକେଶନ୍ ଯୋଗୁ ବାରମ୍ବାର ନିଦ ଭାଙ୍ଗିବା ଦ୍ୱାରା ନିଦ ସମ୍ପୂର୍ଣ୍ଣ ହୋଇ ନ ଥାଏ। ପ୍ରତିଦିନ ଏଭଳି କାରଣ ଯୋଗୁ ଦିନରେ ନିଦ ଆସିବା, ମୁଣ୍ଡ ବୁଲେଇବା, ଥକାପଣ, ଗ୍ୟାସ୍, ବ୍ଲଡ୍‌ପ୍ରେସର ଭଳି ଅନେକ ନିଦ୍ରାହୀନତାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। କେବଳ ଏତିକି ନୁହେଁ ମାନସିକ ସ୍ତରରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ଷ୍ଟ୍ରେସ୍ ହର୍‌ମୋନ ବଢ଼ିବା ସହ ଇମ୍ୟୁନିଟି ସିଷ୍ଟମ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

● ମୋବାଇଲ୍‌ରେ ଇୟରଫୋନ୍ ଲଗାଇ ଲାଉଡ୍ ମ୍ୟୁଜିକ୍ ଶୁଣିବା ବି ଅନେକଙ୍କୁ ଭାରି ପସନ୍ଦ। ହେଲେ ଦୀର୍ଘ ସମୟ ଧରି ଏହାକୁ ବ୍ୟବହାର କରିବା ଦ୍ୱାରା ଅନେକଙ୍କଠାରେ ଶ୍ରବଣ ସମସ୍ୟା ଦେଖାଦେଉଛି। ଏମିତିକି କାହା କାହାଠାରେ ଅଡିଓ ସେନ୍ସେରି ନର୍ଭସ ସିଷ୍ଟମ ଡ୍ୟାମେଜ ହୋଇ ସମ୍ପୂର୍ଣ୍ଣ ଶ୍ରବଣ ଶକ୍ତି ମଧ୍ୟ ନଷ୍ଟ ହେଇଯାଉଛି।

## ମନେରଖନ୍ତୁ

⏭ମୋବାଇଲ୍ ବ୍ୟବହାର କରିବା ବେଳେ କମ୍ଫର୍ଟେବଲ୍ ପୋଜିସନ୍‌ରେ ବସନ୍ତୁ ; ଯେପରି ବେକ, ପିଠି, ଅଣ୍ଟା ସିଧା ରହିବ। ଯଦି ବେକ, ଅଣ୍ଟା, ମେରୁଦଣ୍ଡ ଆଦିରେ ଯନ୍ତ୍ରଣା ଆରମ୍ଭ ହୁଏ, ତେବେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ନ ରହି କିଛି ସମୟ ପାଇଁ ନିଜ ଜାଗାରୁ ଉଠି ଚଲାବୁଲା କରନ୍ତୁ।

⏭ପ୍ରତିଦିନ ଯୋଗ କରିବା ଦ୍ୱାରା ମେରୁଦଣ୍ଡରେ ଥିବା ଷ୍ଟିଫ୍‌ନେସ୍ କମ୍ ହୋଇଥାଏ। ବିଶେଷକରି ଶାଲଭାସନ, ବକ୍ରାସନ, ଅର୍ଦ୍ଧଚକ୍ରାସନ, ଧନୁରାସନ, ଶବାସନ ଇତ୍ୟାଦି ବେଶ୍ ଉପକାରୀ। ତେବେ କୌଣସି ଯୋଗ ଟ୍ରେନର, ଫିଜିଓଥେରାପିଷ୍ଟଙ୍କ ପରାମର୍ଶ କ୍ରମେ ଏହାକୁ କରିବା ନିରାପଦ। ବିଭିନ୍ନ ପ୍ରକାରର ନେକ୍ ଷ୍ଟ୍ରେଚ୍ ଏକ୍ସରସାଇଜ୍ କରନ୍ତୁ।

ଅନେକେ ରାତିରେ ମୁଣ୍ଡ ପାଖରେ ଫୋନ୍ ରଖି ରାତିସାରା ଚାର୍ଜ କରିଥା'ନ୍ତି। ହେଲେ ଅଧିକ ସମୟ ଚାର୍ଜ ହେବା ଦ୍ୱାରା ମୋବାଇଲ୍ ଗରମ ହୋଇଯାଏ। ଫଳରେ ସେଥିରେ ନିଆଁ ଲାଗିବାର ଆଶଙ୍କା ବୃଦ୍ଧି ପାଇଥାଏ, ଯାହାକି ସଭିଙ୍କ ପାଇଁ ବିପଦପୂର୍ଣ୍ଣ। ତା'ଛଡା ମୋବାଇଲ୍‌ରୁ ବାହାରୁଥିବା ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ୱେଭ୍ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ ଏବଂ ସମ୍ପୂର୍ଣ୍ଣ ଶରୀରକୁ ମଧ୍ୟ କ୍ଷତି ପହଞ୍ଚାଇଥାଏ। ତେଣୁ ରାତିରେ ଫୋନ୍ ଚାର୍ଜ କରୁଥିଲେ ଶୋଇବା ପୂର୍ବରୁ ସ୍ୱିଚ୍ ବନ୍ଦ କରିଦିଅନ୍ତୁ ଏବଂ ଫୋନ୍‌କୁ ନିଜ ପାଖରୁ ଅତିକମ୍‌ରେ ଏକ ମିଟରରୁ ଦୂରରେ ରଖନ୍ତୁ।

## ଡିଜିଟାଲ୍ ଡିଟକ୍ସ ଦ୍ୱାରା ହେବେ ଉପକୃତ

**ମୋବାଇଲ୍ ଫୋନ୍‌ର ଅଧିକ ବ୍ୟବହାର ଯୋଗୁ ଉପୁଜୁଥିବା ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଅନେକେ ପ୍ରତିଦିନ ଏଥିରୁ କିଛି ସମୟ ଦୂରେଇ ରହିବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ଡିଜିଟାଲ୍ ଡିଟକ୍ସ ବୋଲି କୁହାଯାଉଛି...**

⏭ଡିଜିଟାଲ୍ ଡିଟକ୍ସ ଲାଗି ସର୍ବପ୍ରଥମେ ଏଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। କାରଣ ଏହାର ଅର୍ଥ ନୁହେଁ ଯେ, ମାତ୍ର କିଛି ସମୟ ମନକୁ ବୁଝାଇ ରଖିବେ ଏବଂ ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବେ। ଏଥିପାଇଁ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରିବା ଦରକାର। ଧୀରେଧୀରେ ସେହି ସମୟ ଅବଧିକୁ ବଢ଼ାଇବା ଦ୍ୱାରା ଅଧିକ ଉପକୃତ ହୋଇପାରିବେ।

⏭ଏଥିପାଇଁ ଆପଣଙ୍କୁ ନିଜ ମୋବାଇଲ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖିବା ସହ ବିଭିନ୍ନ ଆପ୍ ବିଶେଷକରି ସୋସିଆଲ୍ ସାଇଟ୍ସ ଆପ୍‌ଗୁଡ଼ିକର ନୋଟିଫିକେଶନ ଅଫ୍ କରି ରଖିବାକୁ ହେବ। ତେବେ ଫୋନ୍‌କୁ ପାଖରେ ନ ରଖି ଅନ୍ୟ ରୁମ୍‌ରେ ରଖିଲେ ଆପଣଙ୍କ ଲାଗି ଡିଜିଟାଲ୍ ଡିଟକ୍ସ ଅଧିକ ସହଜ ହୋଇପାରିବ।

⏭ଏଥିରୁ ଆପଣଙ୍କୁ ମିଳୁଥିବା ଫାଙ୍କା ସମୟରେ ଯଦି ପରିବାର ସହ କ୍ୱାଲିଟି ସମୟ ବିତାଇବେ, କିଛି ନୂଆ ଶିଖିବେ, ବୁଲିବାକୁ ଯିବେ, ନିଜ ରୁଚି ଥିବା କାର୍ଯ୍ୟ କରିବେ, ଏକ୍ସରସାଇଜ୍ କରିବେ ; ତେବେ ମାନସିକ ଶାନ୍ତି ମିଳିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ। ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହିବା ଯୋଗୁ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ବି ଦୂର ହୋଇପାରିବ।



### ଜାଣନ୍ତୁ ଦୁନିଆ

# ଇସ୍ରୋ

**ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ୍ (ଇସ୍ରୋ) ବା ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ ଗୋଟିଏ ପରେ ଗୋଟିଏ ସଫଳ ପରୀକ୍ଷଣ ଦ୍ୱାରା ସମଗ୍ର ବିଶ୍ୱରେ ଭାରତର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଜାଣିବା ଏହା ସମ୍ପର୍କରେ କିଛି ତଥ୍ୟ...**

■ ସର୍ବପ୍ରଥମେ ୧୯୬୨ ମସିହାରେ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ଏବଂ ଅନ୍ତରୀକ୍ଷ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କ ଦ୍ୱାରା 'ଇଣ୍ଡିଆନ୍ ନ୍ୟାଶନାଲ୍ କମିଟି ଫର୍ ସ୍ପେସ୍ ରିସର୍ଚ୍ଚ' ପ୍ରତିଷ୍ଠା କରାଯାଇଥିଲା। ହେଲେ ୧୯୬୯ ମସିହା ସ୍ୱାଧୀନତା ଦିବସ ଅବସରରେ ଏହାର ନାମ ପରିବର୍ତ୍ତନ କରାଯାଇ ଇସ୍ରୋ ରଖାଗଲା, ଯାହାର ମୁଖ୍ୟ କାର୍ଯ୍ୟାଳୟ ରହିଛି କର୍ଣ୍ଣାଟକର ବେଙ୍ଗାଲୁରୁ ସହରରେ। ଏହା ସ୍ଥାପନା ହେବାର କିଛି ବର୍ଷ ମଧ୍ୟରେ ଆର୍ଯ୍ୟଭଟ୍ଟ, ଭାସ୍କର, ରୋହିଣୀ ଏବଂ ଆପ୍ଲ ସାଟେଲାଇଟର ସଫଳ ଉତ୍କ୍ଷେପଣ କରାଯାଇଥିଲା।

■ ଏହି ସଙ୍ଗଠନକୁ ଅନ୍ତରୀକ୍ଷ ବିଭାଗ ପରିଚାଳନା କରୁଥିବା ବେଳେ ଏଠାକାର ରିସର୍ଚ୍ଚ ରିପୋର୍ଟ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯାଇଥାଏ।

■ ଇସ୍ରୋର ପ୍ରଥମ ସାଟେଲାଇଟ୍ ଆର୍ଯ୍ୟଭଟ୍ଟ ୧୯ ଏପ୍ରିଲ ୧୯୭୫ରେ ରୁଷ ଦେଶର ସହାୟତାରେ ଉତ୍କ୍ଷେପଣ କରାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଇସ୍ରୋ ପକ୍ଷରୁ ୧୫୦ଟି ସାଟେଲାଇଟ୍ ସଫଳତା ପୂର୍ବକ ଲଞ୍ଚ୍ କରାଯାଇଛି।

■ ଆଶ୍ଚର୍ଯ୍ୟର କଥା ହେଉଛି ପ୍ରଥମ ସାଟେଲାଇଟ୍‌ର କେତେକ ପାର୍ଟ୍ସକୁ ସାଇକେଲ୍‌ରେ ନିଆଯାଇଥିବା ବେଳେ ୧୯୮୧ରେ ଆପଲ୍ ସାଟେଲାଇଟ୍‌କୁ ବଳଦଗାଡ଼ି ସାହାଯ୍ୟରେ ନିଆଯାଇଥିଲା।






■ ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଡ. ଏ.ପି.ଜେ. ଅବ୍ଦୁଲ୍ କଲାମଙ୍କ ତତ୍ତ୍ୱାବଧାନରେ ଭାରତର ପ୍ରଥମ ସ୍ୱଦେଶୀ ଉପଗ୍ରହ ଏସ୍‌ଏଲ୍‌ଭି–୩ ଲଞ୍ଚ୍ କରାଯାଇଥିଲା।

■ ୨୦୦୮ରେ ଭାରତର ପ୍ରଥମ ଲୁନାର ମିଶନ ଚନ୍ଦ୍ରୟାନ–୧ ଲଞ୍ଚ୍ କରାଯାଇଥିଲା ଏବଂ ଚନ୍ଦ୍ରରେ ନିଜ ଦେଶର ପତାକା ଉଡ଼ାଇବାରେ ଭାରତ ୪ର୍ଥ ଦେଶ ପାଲଟିଥିଲା। ନିକଟରେ ଚନ୍ଦ୍ରୟାନ–୩ ସଫଳତା ପୂର୍ବକ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚାଇବାରେ ଭାରତ ପୃଥିବୀର ପ୍ରଥମ ଦେଶ ପାଲଟିଛି।

■ ସେହିପରି ମଙ୍ଗଳ ଗ୍ରହରେ ପହଞ୍ଚିବାରେ ଆମେରିକା, ରୁଷ ଏବଂ ୟୁରୋପ ପରେ ଭାରତ ଚତୁର୍ଥ ଦେଶ ହୋଇଥିବା ବେଳେ ମାର୍ସ ଅର୍ବିଟ୍ ମିଶନ୍ ବା ପ୍ରଥମ ଚେଷ୍ଟାରେ ମଙ୍ଗଳଗ୍ରହରେ ପହଞ୍ଚିପାରିଥିବା ପ୍ରଥମ ଦେଶ ହେଉଛି ଭାରତ, ଯାହାକି ଇସ୍ରୋର ଏକ ବଡ ସଫଳତା।

# ଅଷ୍ଟମ ଟାଇଟଲ ଲକ୍ଷ୍ୟରେ ଭାରତ

## ଏସିଆ କପ୍ ଫାଇନାଲ ଆଜି

**କଲମ୍ବୋ,୧୬।୯(ପି.ଟି.)**

କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ରବିବାର ଏସିଆ କପ କ୍ରିକେଟ ୨୦୨୩ର ଫାଇନାଲ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିୟନ ଶ୍ରୀଲଙ୍କା ଓ ଭାରତ ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତ ଅଷ୍ଟମ ଟାଇଟଲ ଲକ୍ଷ୍ୟରେ ରହିଛି। ବିଶ୍ୱକପ ପୂର୍ବରୁ ଏହି ଟୁର୍ନାମେଣ୍ଟକୁ ପ୍ରସ୍ତୁତି ଭାବରେ ଗ୍ରହଣ କରାଯାଉଥିବାରୁ ଭାରତୀୟ ଦଳ ଏହାକୁ ଜିତିବାକୁ ପ୍ରୟାସ କରିବ। ବିଗତ ୫ ବର୍ଷ ମଧ୍ୟରେ ଭାରତୀୟ ଦଳ କୌଣସି ଟ୍ରଫି ଜିତି ନ ଥିବା ବେଳେ ଏହାକୁ ଶେଷ କରିବାକୁ ଚାହିଁବ ରୋହିତ ଶର୍ମାଙ୍କ ଦଳ। ଶେଷ ଥର ପାଇଁ ୨୦୧୮ରେ ବାଂଲାଦେଶକୁ ପରାସ୍ତ କରି ଏସିଆ କପ୍ ଟ୍ରଫି ହାସଲ କରିଥିଲା ଭାରତ।

ରବିବାରର ଫାଇନାଲ ପୂର୍ବରୁ ଉଭୟ ଦଳ ପାଇଁ ଆହତ ସମସ୍ୟା ଚିନ୍ତା ବଢ଼ାଇଛି। ଆହତ କାରଣରୁ ଶ୍ରୀଲଙ୍କାର ମହୀଷ ଥିକ୍ସାନା ଓ ଭାରତର ଅକ୍ଷର ପଟେଲ ବାଦ ପଡିବାର ସମ୍ଭାବନା ଅଧିକ ରହିଛି। ବାଂଲାଦେଶ ବିପକ୍ଷ ମ୍ୟାଚ୍ ପାଇଁ ଭାରତ ଏହାର ୫ ଜଣ ଖେଳାଳିଙ୍କୁ ବିଶ୍ରାମ ଦେଇଥିଲା। ସମସ୍ତ ଖେଳାଳି ଫାଇନାଲ ମ୍ୟାଚ୍ ପାଇଁ ଚୂଡାନ୍ତ ଏକାଦଶକୁ ପ୍ରତ୍ୟାବର୍ତ୍ତନ କରିବେ। ଅନ୍ୟ ପକ୍ଷରେ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ସୁପର୍-୪ ମ୍ୟାଚରେ ମଧ୍ୟ ଭାରତ ବିଜୟୀ ହୋଇଥିଲା। ଫାଇନାଲ ପୂର୍ବରୁ ବାଂଲାଦେଶ ବିପକ୍ଷରେ ଚମତ୍କାର ଶତକ ହାସଲ କରିଛନ୍ତି ଶୁବମନ ଗିଲ୍। ବିରାଟ କୋହଲି ପ୍ରତ୍ୟାବର୍ତ୍ତନ କରିବାକୁ ଥିବାରୁ ଏହା ଭାରତୀୟ ବ୍ୟାଟିଂ ଲାଇନ୍ ଅପ୍‌କୁ ଶକ୍ତିଶାଳୀ କରିବ। ବାଂଲାଦେଶ ବିପକ୍ଷରେ ଭାରତୀୟ ବୋଲର ୫୯ ରନ୍‌ରେ ୪ ଉଇକେଟ ନେଇଥିଲେ ମଧ୍ୟ ଡେଥ୍ ଓଭରରେ ଅଧିକ ରନ୍ ବ୍ୟୟ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ ଓ କୁଲଦୀପ ଯାଦବ ପ୍ରତ୍ୟାବର୍ତ୍ତନ କରୁଥିବାରୁ ଏହି ସମସ୍ୟାର ମଧ୍ୟ ସମାଧାନ ମିଳିବାର ଆଶା ରହିଛି।

ଶ୍ରୀଲଙ୍କା ଦଳ ଘରୋଇ ପରିବେଶର ଫାଇଦା ନେବାକୁ ପ୍ରୟାସ କରିବ। ଚରିଥ୍ ଅସଲଙ୍କା ଓ ସାଦିରା ସମରବିକ୍ରମା ଭଲ ଫର୍ମରେ ରହିଥିବା ବେଳେ କୁଶାଲ ମେଣ୍ଡିସ୍ ପାକିସ୍ତାନ ବିପକ୍ଷରେ ଚମତ୍କାର ବ୍ୟାଟିଂ କରିଥିଲେ। ବୋଲିଂରେ ମଥୀଷା ପଥିରାନା ଓ ଯୁବ ଲେଗ୍ ସ୍ପିନର ଦୁନିଥ୍ ୱେଲାଲାଗେଙ୍କ ଉପରେ ସମସ୍ତଙ୍କ ନଜର ରହିବ।




### ୱାଶିଂଟନଙ୍କୁ ଡାକରା

ଅଲରାଉଣ୍ଡର ଅକ୍ଷର ପଟେଲ ଆହତ ଥିବାରୁ ତାଙ୍କ ସ୍ଥାନରେ ୱାଶିଂଟନ୍ ସୁନ୍ଦରଙ୍କୁ ଡାକରା ମିଳିଛି। ବାଂଲାଦେଶ ବିପକ୍ଷ ସୁପର-୪ ମ୍ୟାଚରେ ଅକ୍ଷର ଆହତ ହୋଇଥିଲେ। ଫାଇନାଲ ମ୍ୟାଚ୍ ପୂର୍ବରୁ ୱାଶିଂଟନଙ୍କୁ ଡାକରା ମିଳିଛି। ଭାରତୀୟ ଦଳକୁ ଡାକରା ପାଇଥିବା ୱାଶିଂଟନ୍ ବର୍ତ୍ତମାନ ବେଙ୍ଗାଲୁରୁ ସ୍ଥିତ ଏନ୍‌ସିଏରେ ଅଭ୍ୟାସ ଜାରି ରଖିଛନ୍ତି। ଅଫ୍‌ସ୍ପିନ୍ ବୋଲିଂ କରୁଥିବା ତଥା ନିମ୍ନକ୍ରମରେ ଜଣେ ଉପଯୋଗୀ ବ୍ୟାଟର ୱାଶିଂଟନ୍ ଜାନୁୟାରୀ ମାସରେ ଶେଷ ଥର ପାଇଁ ଭାରତ ପାଇଁ ଦିନିକିଆ କ୍ରିକେଟ ଖେଳିଥିଲେ। ବିଶ୍ୱକପକୁ ମାତ୍ର ୩ ସପ୍ତାହ ରହିଥିବା ବେଳେ ଅକ୍ଷରଙ୍କ ଆଘାତ ସମସ୍ୟା ଟିମ୍ ମ୍ୟାନେଜମେଣ୍ଟକୁ ଚିନ୍ତାରେ ପକାଇଛି।

**ଭେନ୍ୟୁ:**
**ଆର. ପ୍ରେମଦାସା ଷ୍ଟାଡିୟମ, କଲମ୍ବୋ**
**ମ୍ୟାଚ୍ ସମୟ: ଅପରାହ୍ନ ୩.୦୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ବ୍ରିଜ୍‌ଭୂଷଣଙ୍କୁ ଦୋଷମୁକ୍ତ କରାଯାଇ ନାହିଁ

**ନୂଆଦିଲ୍ଲୀ, ୧୬।୯ (ପି.ଟି.)**

ସରକାରଙ୍କ ଦ୍ୱାରା ଗଠିତ ନିରୀକ୍ଷଣ କମିଟି ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ମୁଖ୍ୟ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣଙ୍କୁ ଦୋଷମୁକ୍ତ କରିନାହିଁ ବୋଲି ଦିଲ୍ଲୀ ପୋଲିସ ଶନିବାର ସ୍ଥାନୀୟ ସିଟି କୋର୍ଟରେ କହିଛି। ମହିଳା କୁସ୍ତିଯୋଦ୍ଧା ଯୌନ ଶୋଷଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟାନୁଷ୍ଠାନ ଦାବି କରି କୁସ୍ତିଯୋଦ୍ଧାମାନେ ଧାରଣାରେ ବସିଥିଲେ। କ୍ରୀଡ଼ା ମନ୍ତ୍ରଣାଳୟ ମହିଳା ବକ୍ସିଂ କିମ୍ବଦନ୍ତୀ ଏମ୍.ସି. ମେରୀକମଙ୍କ ନେତୃତ୍ୱରେ ଏକ ନିରୀକ୍ଷଣ କମିଟି ଗଠନ କରିଥିଲା। କମିଟି ଏହାର ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କରି ନ ଥିଲା। କିନ୍ତୁ ଏହାର ଏକ ନକଲ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ କରୁଥିବା ଦିଲ୍ଲୀ ପୋଲିସକୁ ଦେଇଥିଲା। ଦିଲ୍ଲୀ ପୋଲିସ ସେପ୍ଟେମ୍ବର ୨୩ରେ ପୁନର୍ବାର ଏହାର ଜବାବ କୋର୍ଟରେ ଉପସ୍ଥାପନ କରିବ।

# ଟ୍ରାଭିସ୍ ହେଡ୍ ଆହତ

**ସେଞ୍ଚୁରିଅନ,୧୬।୯(ପି.ଟି.)**

ଆସନ୍ତା ମାସରେ ହେବାକୁଥିବା ବିଶ୍ୱକପ୍‌ରେ ଟ୍ରାଭିସ ହେଡ୍‌ଙ୍କ ଖେଳିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ବେଳେ ଏହି ଅଷ୍ଟ୍ରେଲୀୟ ଓପନରଙ୍କ ବାମହାତ ହାଡ଼ ଭାଙ୍ଗିଯାଇଛି। ଶୁକ୍ରବାର ଅନୁଷ୍ଠିତ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆର ୭ମ ଓଭରରେ ଦକ୍ଷିଣ ଆଫ୍ରିକା ସିମ୍ ବୋଲର ଜେରାଲ୍ଡ କୋଟଜିଙ୍କ ଏକ ଶର୍ଟ ଡେଲିଭରି ହେଡ୍‌ଙ୍କ ବାମହାତ ଗ୍ଲୋଭ୍ସରେ ବାଜିଥିଲା। ୨୯ ବର୍ଷୀୟ ଖେଳାଳି ଆଉ ୩ଟି ଡେଲିଭରି ସାମ୍ନା କରିପାରିଥିଲେ। କିନ୍ତୁ ସେ ଯନ୍ତ୍ରଣା ଅନୁଭବ କରୁଥିବା ଦେଖିବାକୁ ମିଳିଥିଲା। ସେ ରିଟାର୍ଡ ହର୍ଟ ହେବାକୁ ବାଧ ହୋଇଥିଲେ। ଅଷ୍ଟ୍ରେଲିଆ ଏହି ମ୍ୟାଚ ୧୬୪ରନରେ ଶୋଚନୀୟ ପରାଜୟ ବରଣ କରିଥିଲା। ହେଡ୍‌ଙ୍କର ସ୍କାନ କରାଯାଇଛି। ରିପୋର୍ଟ ଆସିଲେ ତାଙ୍କ ଅବସ୍ଥା ଜାଣିହେବ।

# ୧୯୮୩: ଭାରତକୁ ପ୍ରଥମ ଟାଇଟଲ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ତୃତୀୟ ସଂସ୍କରଣରେ ଇତିହାସ ରଚିଥିଲା କପିଳ ଦେବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ। ପୂର୍ବ ଦୁଇଟି ସଂସ୍କରଣରେ ଭାରତୀୟ ଦଳ ମାତ୍ର ଗୋଟିଏ ବିଜୟ ହାସଲ କରିଥିଲା। ଅନ୍ୟପକ୍ଷରେ ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ ପ୍ରଥମ ଦୁଇ ସଂସ୍କରଣର ଚାମ୍ପିୟନ ହୋଇଥିଲା। କ୍ରିକେଟର ମକ୍କା ଲର୍ଡ୍ସରେ ଭାରତୀୟ ଦଳ ଫାଇନାଲରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିବା ସହ ଇତିହାସ ରଚିଥିଲା। ବିଶ୍ୱକପ୍ ବିଜୟ ସହିତ ଭାରତରେ କ୍ରିକେଟର ଏକ ନୂତନ ମୂଳଦୁଆ ସ୍ଥାପନ ହୋଇଥିଲା। ବିଶ୍ୱକପ୍‌ର ପ୍ରଥମ ଦୁଇ ସଂସ୍କରଣ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳାଯାଇଥିବା ବେଳେ ୧୯୮୩ ବିଶ୍ୱକପ୍ ଡବଲ ରାଉଣ୍ଡ ରବିନ ଲିଗ୍ ଓ ନକ୍‌ଆଉଟ ଫର୍ମାଟରେ ଖେଳାଯାଇଥିଲା। ୮ ଦଳ ଅଂଶଗ୍ରହଣ କରିଥିବା ବେଳେ ସମୁଦାୟ ୨୭ ମ୍ୟାଚ୍ ଖେଳାଯାଇଥିଲା। ଇଂଲଣ୍ଡ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ବେଳେ ୱେଷ୍ଟଇଣ୍ଡିଜ, ଭାରତ, ଅଷ୍ଟ୍ରେଲିଆ ଓ ଜିମ୍ବାୱେ ଗ୍ରୁପ୍ ବି'ରେ ସ୍ଥାନ ପାଇଥିଲେ। ତୃତୀୟ ସଂସ୍କରଣର ବିଶ୍ୱକପ୍ ଅନେକ କାରଣରୁ ଭାରତୀୟ କ୍ରିକେଟ ଫ୍ୟାନ୍‌ଙ୍କ ପାଇଁ ସ୍ୱତନ୍ତ୍ର ରହିଥିଲା।

ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ୍ ନିକଟରୁ ଏକ ଟେଷ୍ଟ ସିରିଜ୍‌ରେ ଦୟନୀୟ ଭାବରେ ପରାଜିତ ହୋଇଥିଲା। ବିଶ୍ୱକପ୍‌ରେ ଭାରତୀୟ ଦଳ ନିକଟରୁ କେହି ବି କିଛି ଆଶା ମଧ୍ୟ ରଖି ନ ଥିଲେ। ତେବେ ଜଣେ ଦୃଢ଼ମନା ଅଧିନାୟକଙ୍କ ଇଚ୍ଛାଶକ୍ତି ଭାରତକୁ ଜିତାଇଥିଲା ଏହାର ପ୍ରଥମ କ୍ରିକେଟ ବିଶ୍ୱକପ୍। ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ଭାରତୀୟ ଦଳ ପୂର୍ବ ସଂସ୍କରଣର ଦଳଠାରୁ ଭିନ୍ନ । ଏହାର ପ୍ରମାଣ ପ୍ରଥମ ମ୍ୟାଚରୁ ହିଁ ମିଳି ଯାଇଥିଲା। ପ୍ରଥମ ଲିଗ୍ ମ୍ୟାଚରେ ଦଳ ବିଶ୍ୱ ଚାମ୍ପିୟନ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ସମସ୍ତଙ୍କୁ ଚକିତ କରି ଦେଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଏହା ୱେଷ୍ଟଇଣ୍ଡିଜର ଏକମାତ୍ର ପରାଜୟ ଥିଲା। ଏପରିକି ସମଗ୍ର ଟୁର୍ନାମେଣ୍ଟରେ ୱେଷ୍ଟଇଣ୍ଡିଜ୍ ଦୁଇଟି ମ୍ୟାଚ ହାରିଥିବା ବେଳେ ଉଭୟ ଥର ଭାରତ ବିଜୟୀ ଦଳ ଭାବରେ ଉଭା ହୋଇଥିଲା। ଅଧିନାୟକ କପିଳ ଜିମ୍ବାୱେ ବିପକ୍ଷ ମ୍ୟାଚରେ ୧୭୫ ରନ୍‌ର ଇନିଂସ ଖେଳି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଏହି ବିଶ୍ୱକପ୍‌ରେ ଏକ ଯୁବ ଭାରତୀୟ ଦଳ ଯେଉଁଭଳି ପ୍ରଦର୍ଶନ କରିଥିଲା ତାହା ସମସ୍ତଙ୍କୁ ହତଚକିତ କରିଦେଇଥିଲା। କପିଳ ଦେବ, ମହିନ୍ଦର ଅମରନାଥ ଓ ରୋଜର ବିନ୍ନିଙ୍କ ଅଲରାଉଣ୍ଡ ସଫଳତା ଭାରତକୁ ଏହାର ପ୍ରଥମ ଆଇସିସି ଟ୍ରଫି ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। କପିଳ ସମୁଦାୟ ୩୦୩ ରନ୍ କରିଥିବା ବେଳେ ବୋଲିଂରେ ୧୨ ଉଇକେଟ ନେଇଥିଲେ। ବିନ୍ନି ୭୩ ରନ୍ କରିଥିବା ବେଳେ ଟୁର୍ନାମେଣ୍ଟର ହାଇଏଷ୍ଟ ଉଇକେଟ୍‌ଟେକର ଭାବରେ ନେଇଥିଲେ ୧୮ ଉଇକେଟ। ସେହିପରି ସେମିଫାଇନାଲ ଓ ଫାଇନାଲରେ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପାଇଥିବା ମହିନ୍ଦର ଅମରନାଥ ୨୩୭ ରନ୍ କରିବା ସହିତ ବୋଲିଂରେ ନେଇଥିଲେ ୮ ଉଇକେଟ। ବ୍ୟାଟରଙ୍କ ମଧ୍ୟରେ ଯଶପାଲ ଶର୍ମା ୨୪୦ ରନ୍, ସନ୍ଦୀପ ପାଟିଲ ୨୧୬ ରନ୍ ଓ କ୍ରିଷ୍ଣମଚାରୀ ଶ୍ରୀକାନ୍ତ ୧୫୬ ରନ୍ କରିଥିଲେ। ବୋଲରମାନଙ୍କ ମଧ୍ୟରେ ମଦନ ଲାଲ ୧୭ ଓ ବଲବିନ୍ଦର ସାନ୍ଧୁ ୮ ଉଇକେଟ ନେଇଥିଲେ।

ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ୍ ଦଳରେ ବିଶ୍ୱର ଶ୍ରେଷ୍ଠ ୪ ପେସ୍ ବୋଲର ରହିଥିଲେ। ଆଣ୍ଡି ରବର୍ଟ୍ସ, ମାଲକମ ମାର୍ଶଲ, ଜୋଏଲ ଗାର୍ନର ଓ ମାଇକେଲ ହୋଲ୍ଡିଂଙ୍କ ବୋଲିଂ ବିଶ୍ୱର ଯେ କୌଣସି ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିବା ପାଇଁ ଯଥେଷ୍ଟ। ଏପରି ଦଳ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳି ଭାରତ ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଯଶପାଲ ଶର୍ମାଙ୍କ ୮୯ ରନ୍ ବଳରେ ୮ ଉଇକେଟ ହରାଇ ୨୬୨ ରନ୍ କରିଥିଲା। ଜବାବରେ କ୍ଲାଇବ୍ ଲଏଡ୍‌ଙ୍କ ୱେଷ୍ଟଇଣ୍ଡିଜ ୨୨୮ ରନ୍‌ରେ ଅଲଆଉଟ ହୋଇଥିଲା। ରବି ଶାସ୍ତ୍ରୀ ଓ ରୋଜର ବିନ୍ନି ୩ଟି ଲେଖାଏ ଉଇକେଟ ନେଇଥିଲେ। ଭାରତ ଲିଗ୍ ପର୍ଯ୍ୟାୟରେ ୬ ମ୍ୟାଚ୍ ଖେଳି ୪ ବିଜୟ ହାସଲ କରିଥିଲା। ଗ୍ରୁପ ଏ'ରୁ ଇଂଲଣ୍ଡ ଓ ପାକିସ୍ତାନ, ଗ୍ରୁପ ବି'ରୁ ୱେଷ୍ଟଇଣ୍ଡିଜ୍ ଓ ଭାରତ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ।

**ନକ୍‌ଆଉଟର ହିରୋ ଅମରନାଥ:** ସେମିଫାଇନାଲ ଓ ଫାଇନାଲ ମ୍ୟାଚରେ ମହିନ୍ଦର ଅମରନାଥ ଭାରତ ପାଇଁ ହିରୋ ସାଜିଥିଲେ। ସେମିଫାଇନାଲରେ ଭାରତ ଆୟୋଜକ ଇଂଲଣ୍ଡକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୨୧୩ ରନ୍ କରିଥିବା ବେଳେ ବିନ୍ନି ଓ ଅମରନାଥ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ରନ୍ ଚେଜ୍‌ରେ ଯଶପାଲ ଶର୍ମା ୬୧ ଓ ସନ୍ଦୀପ ପାଟିଲ ୫୧ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଅମରନାଥ କରିଥିଲେ ୪୬ ରନ୍। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଅମରନାଥଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

୨୫ ଜୁନ୍ ୧୯୮୩ରେ ଖେଳା ଯାଇଥିଲା ଫାଇନାଲ ମ୍ୟାଚ୍। ୱେଷ୍ଟଇଣ୍ଡିଜ୍ ହ୍ୟାଟ୍ରିକ୍ ଟାଇଟଲ୍ ଲକ୍ଷ୍ୟରେ ଥିବା ବେଳେ ପ୍ରଥମ ଥର ଫାଇନାଲ ଖେଳୁଥିଲା ଭାରତ। ଆଣ୍ଡି ରବର୍ଟ୍ସ, ମାଲକମ ମାର୍ଶଲ, ଜୋଏଲ ଗାର୍ନର ଓ ମାଇକେଲ ହୋଲ୍ଡିଂଙ୍କ ପେସ ଆଗରେ ଭାରତୀୟ ଦଳ ମାତ୍ର ୧୮୩ ରନ୍‌ରେ ଅଲଆଉଟ ହୋଇଥିଲା। କ୍ରିଷ୍ଣମଚାରୀ ଶ୍ରୀକାନ୍ତ ୩୮, ସନ୍ଦୀପ ପାଟିଲ ୨୭ ଓ ମହମ୍ମଦ ଅମରନାଥ ୨୬ ରନ୍ ସ୍କୋର କରିଥିଲେ। ଜବାବରେ ଅମରନାଥ ଓ ସାନ୍ଧୁଙ୍କ ୩ ଉଇକେଟ ସଫଳତା କାରଣରୁ ୱେଷ୍ଟଇଣ୍ଡିଜ ୧୪୦ ରନରେ ଅଲଆଉଟ ହୋଇଥିଲା। କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିଲେ ମହିନ୍ଦର ଅମରନାଥ।

**ଦିନିକିଆ ବିଶ୍ୱକପ**




**ଆଉ ୧୮ ଦିନ**



ବିଶ୍ୱକପ୍ ଟ୍ରଫି ସହ ଭାରତୀୟ ଅଧିନାୟକ କପିଳ ଦେବ ଓ ମହିନ୍ଦର ଅମରନାଥ।

### ସର୍ବାଧିକ ରନ୍

ଡେଭିଡ୍ ଗାୱାର-୩୮୪ ରନ୍(ଇଂଲଣ୍ଡ)
ଭିଭିଆନ୍ ରିଚାର୍ଡସ-୩୬୭ ରନ୍ (ୱେଷ୍ଟଇଣ୍ଡିଜ୍)
ଗ୍ରାଏମ୍ ଫ୍ଲାୱାର-୩୬୦ ରନ୍(ଇଂଲଣ୍ଡ)
ଜାହିର ଆବାସ-୩୧୩(ପାକିସ୍ତାନ)
କପିଳ ଦେବ-୩୦୩(ଭାରତ)

### ସର୍ବାଧିକ ଉଇକେଟ

ରୋଜର ବିନ୍ନି-୧୮(ଭାରତ)
ଅଶାନ୍ତ ଡି ମେଲ୍-୧୭(ଶ୍ରୀଲଙ୍କା)
ମଦନ ଲାଲ-୧୭(ଭାରତ)
ରିଚାର୍ଡ ହାଡ୍‌ଲୀ-୧୪(ନ୍ୟୁଜିଲାଣ୍ଡ)
ଭିକ୍ ମାର୍କସ-୧୩(ଇଂଲଣ୍ଡ)




ଆଇସିସି କ୍ରିକେଟ ବିଶ୍ୱକପ୍ ଟ୍ରଫି ଟୁର୍‌ରେ ବିଶ୍ୱକପ୍ ଟ୍ରଫି ସହ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍।

# ଜଗତଜ୍ୟୋତି ଚାମ୍ପିୟନ

## ୧୪ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ୍ ଟେନିସ୍

**ଭୁବନେଶ୍ୱର,୧୬।୯**
**(ସରୋଜ ଜେନା)**

ଖୋର୍ଦ୍ଧାର ବରୁଣେଇ ପରିସରରେ ଥିବା କେ.ଟି ଗ୍ଲୋବାଲ ସ୍କୁଲରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ୍ ଟେନିସରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ଓଡ଼ିଶାର ଜଗତଜ୍ୟୋତି ପତି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ସୁତବ୍ୟ କର୍ମକାରଙ୍କୁ ୬-୪, ୩-୬, ୬-୨ରେ ପରାସ୍ତ କରିଥିଲେ। କଡା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ଟି ଅଢେଇ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜଗତଜ୍ୟୋତି ପତିଙ୍କର ଏହା ପ୍ରଥମ ସିଙ୍ଗଲ୍ସ ଟାଇଟଲ୍ ଅଟେ।




ସୁତବ୍ୟ କର୍ମକାର ଜଗତ୍‌ଜ୍ୟୋତି ପତି







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର,ରବିବାର, ସେପ୍ଟେମ୍ବର ୧୭/୨୦୨୩ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 17/2023 Page 20 ₹ 7.00





भारत सरकार



ବିଶ୍ୱକର୍ମା ଜୟନ୍ତୀ ଉପଲକ୍ଷେ ହାର୍ଦ୍ଦିକ ଶୁଭକାମନା

## ନୂଆ ଭାରତରେ ବିଶ୍ୱକର୍ମାମାନଙ୍କ ଦକ୍ଷତାକୁ ସମ୍ମାନ

# ପିଏମ୍ ବିଶ୍ୱକର୍ମା

ଶୁଭାରମ୍ଭ କରିବେ

## ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

୧୭ ସେପ୍ଟେମ୍ବର, ୨୦୨୩, ପୂର୍ବାହ୍ନ ୧୧.୩୦ ଘଟିକା, ଯଶୋଭୂମି, ଦ୍ୱାରକା, ନୂଆଦିଲ୍ଲୀ

### ଯୋଜନାର ଲାଭ

- ବିଶ୍ୱକର୍ମା ଭାଇ ଓ ଭଉଣୀମାନଙ୍କ ପାଇଁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧକବିହୀନ ଋଣ
- ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ସାଜ ସରଞ୍ଜାମ
- ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଏବଂ ଦିନ ପିଛା ୫୦୦ ଟଙ୍କାର ଷ୍ଟାଇପେଣ୍ଡ
- ପ୍ରସ୍ତୁତ ଉତ୍ପାଦଗୁଡ଼ିକର ଗୁଣବତ୍ତା ପ୍ରମାଣନ, ବ୍ରାଣ୍ଡିଂ ଓ ବିଜ୍ଞାପନ ପାଇଁ ବିପଣନ ସହାୟତା

### ୧୮ ପ୍ରକାର ପାରମ୍ପରିକ କାରିଗର ଏବଂ ଶିଳ୍ପୀମାନେ ଲାଭାନ୍ୱିତ ହେବେ



ବଢ଼େଇ । ଡଙ୍ଗା ନିର୍ମାତା । ଅସ୍ତ୍ରନିର୍ମାତା । କମାର । ଝୁଡ଼ି/ମସିଣା/ଝାଡୁ ନିର୍ମାତା/କତା ବୁଣାକାର ।
କଣ୍ଢେଇ ଓ ଖେଳନା ନିର୍ମାତା (ପାରମ୍ପରିକ) । ସ୍ୱର୍ଣ୍ଣକାର । କୁମ୍ଭାର । ମୋଚି/ଜୋତା/ଚପଲ କାରିଗର । ହାତୁଡ଼ି ଓ ସରଞ୍ଜାମ ନିର୍ମାତା ।
ଭାସ୍କର୍ଯ୍ୟ ଶିଳ୍ପୀ (ପଥର ଖୋଦନକାରୀ), ପଥର ଭାଙ୍ଗୁଥିବା ବ୍ୟକ୍ତି । ରାଜମିସ୍ତ୍ରି । ଭଣ୍ଡାରୀ । ଫୁଲମାଳ ନିର୍ମାତା । ଧୋବା । ଟେଲର
। ମାଛଧରା ଜାଲ ନିର୍ମାତା ।

CBC 25101/13/0002/2324

**ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ**

# ମୁଣ୍ଡ ପିଛା ଆୟ ବୃଦ୍ଧିକୁ ଗୁରୁତ୍ୱ

## ୫ମ ଅର୍ଥ ବ୍ୟବସ୍ଥା ହେବା ଭଲ କଥା: ରଙ୍ଗରାଜନ


ସି.ରଙ୍ଗରାଜନ

ଭୁବନେଶ୍ୱର,୧୬।୯ (ଅଭୟ ଦାଶ)

ଭାରତ ବିଶ୍ୱର ୫ମ ଅର୍ଥ ବ୍ୟବସ୍ଥା ହେବା ଏକ 'ପ୍ରଭାବୀ ସଫଳତା' ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ସି.ରଙ୍ଗରାଜନ କହିଛନ୍ତି। ହେଲେ ଦେଶର ମୁଣ୍ଡ ପିଛା ଆୟ ମଧ୍ୟ ଏହା ସହ ବଢ଼ିବା ଆବଶ୍ୟକ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ଶନିବାର ଆଇସିଏଫ୍‌ଏଆଇ ଫାଉଣ୍ଡେଶନ ଫର୍ ହାୟର ଏଜୁକେଶନର ୧୩ତମ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରି ରଙ୍ଗରାଜନ ଏଭଳି ଗୁରୁତ୍ୱପୂର୍ଣ୍ଣ ମତ ଉପସ୍ଥାପନ କରିଛନ୍ତି। ଉଲ୍ଲେଖଯୋଗ୍ୟ, କୋଭିଡ୍‌-୧୯ ମହାମାରୀ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପୃଷ୍ଠଭୂମିର ରାଜନୈତିକ ମାନଚିତ୍ରକୁ ଆଖି ଆଗରେ ରଖି ଦେଶର ବିକାଶ ନିମନ୍ତେ ଏକ ସ୍ୱଷ୍ଟ ନୀତି ନିର୍ଦ୍ଧାରିତ ହେବା ଜରୁରୀ ହୋଇଥିବାବେଳେ ଏ ଦିଗରେ ଆର୍ଥିକ ବୃଦ୍ଧି ହାରକୁ ବଢ଼ାଇବା ସବୁଠୁ ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ କାମ ହେବ ବୋଲି ରଙ୍ଗରାଜନ କହିଛନ୍ତି। ଏପରିକି ଭାରତ ବିଶ୍ୱର ୫ମ ଅର୍ଥ ବ୍ୟବସ୍ଥା ହେବା ସମସ୍ତଙ୍କ ପାଇଁ ଏକ ବଡ ସଫଳତା ନିଶ୍ଚିତ। ହେଲେ ଏହାକୁ ଦେଶର ମୁଣ୍ଡ ପିଛା ଆୟ ନଜରରେ ଦେଖିଲେ ଅସଲ ସତ୍ୟ ସାମ୍ନାକୁ ଆସିବ। ବିଶେଷକରି ୨୦୨୦ରେ ମୁଣ୍ଡ ପିଛା ଆୟ ମାମଲାରେ ଭାରତ ୧୯୭ ଦେଶ ମଧ୍ୟରେ ୧୪୨ ତମ ସ୍ଥାନରେ ଥିଲାବେଳେ ଏଥିରୁ ଆମକୁ କେତେ ଦୀର୍ଘ ପଥ ଅତିକ୍ରମ କରିବାକୁ ଅଛି ତାହା ସହଜରେ ବୁଝାପଡ଼େ ବୋଲି ରଙ୍ଗରାଜନ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଏହି ଯାତ୍ରାରେ ରଙ୍ଗରାଜନ ବୃଦ୍ଧିକୁ ଗୁରୁତ୍ୱପୂର୍ଣ୍ଣ କହିବା ସହ ଆଜି ଆମ ପାଖରେ ଲୋକଙ୍କ ମୁଣ୍ଡ ପିଛା ଆୟର ବର୍ତ୍ତମାନ ସ୍ତରକୁ ଦେଖିଲେ ଦ୍ରୁତବେଗରେ ଆଗକୁ ବଢ଼ିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଦେଶ ଯଦି ଆଗାମୀ ୨ ଦଶକ ପର୍ଯ୍ୟନ୍ତ ପ୍ରତି ବର୍ଷ ୭% ହାରରେ ଅଭିବୃଦ୍ଧି ହାସଲକରେ ତେବେ ଭାରତୀୟ ଅର୍ଥ ବ୍ୟବସ୍ଥାରେ କିଛିଟା ପରିବର୍ତ୍ତନ ଦେଖାଯିବ ଓ ବିଶ୍ୱରେ ଭାରତ ଏକ ବିକଶିତ ଅର୍ଥ ବ୍ୟବସ୍ଥାର ସ୍ଥାନ ମଧ୍ୟ ପାଇବ ବୋଲି ରଙ୍ଗରାଜନ ମତପ୍ରକାଶ କରିଛନ୍ତି। ସେହିପରି ବର୍ଦ୍ଧିତ ଅଭିବୃଦ୍ଧିରେ ରୋଜଗାର ମଧ୍ୟ ସୃଷ୍ଟି ହେବାର ଆବଶ୍ୟକ ରହିଛି। କାରଣ ବିନା ଅଭିବୃଦ୍ଧିରେ ରୋଜଗାର ମଧ୍ୟ ଦୀର୍ଘସ୍ଥାୟୀ ନୁହେଁ ବୋଲି ସେ ଆକଳନ କରୁଥିବାବେଳେ ଆମକୁ ସର୍ବନିମ୍ନ ୭% ହାରର ମଜଭୁତ ଆର୍ଥିକ ବୃଦ୍ଧି ହାର ଲକ୍ଷ୍ୟ ରଖିବା ଦରକାର ବୋଲି ସେ କହିଛନ୍ତି।

## ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ନୂତନ ଅଭିଯାନ

ଭୁବନେଶ୍ୱର,୧୬।୯

ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ନୂତନ ଅଭିଯାନ 'ଶୋଚ ସମଝ ରିସ୍କ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଏହା ଏକ ୩୬୦-ଡିଗ୍ରୀ ଅଭିଯାନ ଅଟେ ଯାହା ରିସ୍କ ପ୍ରୋଫାଇଲ ସାହାଯ୍ୟରେ ନିବେଶକମାନଙ୍କୁ ବ୍ୟକ୍ତିଗତ ସଙ୍କଟକୁ ସାମ୍ନା କରିବାର ଆଭିମୁଖ୍ୟକୁ ବୁଝିବା ପାଇଁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ଏମଡି ଓ ସିଇଓ ବି.ଗୋପକୁମାର କହିଛନ୍ତି,ଅଧିକାଂଶ ନିବେଶକ 'ସଙ୍କଟ'କୁ ନକରାତ୍ମକ ଭାବେ ଦେଖିଥାନ୍ତି ଏବଂ ପ୍ରକୃତ ସଙ୍କଟ-ଲାଭ ଦ୍ୱନ୍ଦକୁ ବୁଝିବାରେ କମ୍ ଧ୍ୟାନ ଦେଇଥାନ୍ତି, ଦାୟିତ୍ୱବାନ ନିବେଶ ପରିଚାଳକ ଭାବେ ଆମେ ବିଶ୍ୱାସ କରୁ ଯେ 'ସଙ୍କଟ' ସେମାନଙ୍କର ଆର୍ଥିକ ଯାତ୍ରାକୁ କିପରି ପ୍ରଭାବିତ କରିଥାଏ, ତାହା ନିବେଶକମାନେ ବୁଝିବା ଆବଶ୍ୟକ।

## ଭୁବନେଶ୍ୱରକୁ ନରାକାସ ରାଜଭାଷା ପୁରସ୍କାର



ଭୁବନେଶ୍ୱର,୧୬।୯

ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧ୍ୟକ୍ଷତାରେ ଗଠିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ନରାକାସ) ବ୍ୟାଙ୍କ ଭୁବନେଶ୍ୱରକୁ ଭାରତ ସରକାରଙ୍କ ଦ୍ୱାରା ୨୦୨୨-୨୩ ବର୍ଷ ପାଇଁ ନରାକାସ ରାଜଭାଷା ପୁରସ୍କାରରେ ପୁରସ୍କୃତ କରାଯାଇଛି। ୧୪ ଏବଂ ୧୫ ସେପ୍ଟେମ୍ବର ୨୦୨୩ ରେ ଶିବ ଛତ୍ରପତି ଶିବାଜୀ ସ୍ପୋର୍ଟସ କମ୍ପ୍ଲେକ୍ସ, ପୁଣେ, ମହାରାଷ୍ଟ୍ରଠାରେ ରାଜଭାଷା ବିଭାଗ, ଗୃହ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ହିନ୍ଦୀ ଦିବସ ଏବଂ ତୃତୀୟ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀରେ କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍ ଏବଂ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରାଙ୍କ ଦ୍ୱାରା ନରାକାସ (ବ୍ୟାଙ୍କ), ଭୁବନେଶ୍ୱରର ସଭାପତି ତଥା ମୁଖ୍ୟ ମହାପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭୁବନେଶ୍ୱର ମଣ୍ଡଳ ଚନ୍ଦ୍ରଶେଖର ଶର୍ମା ଏବଂ ଉପ ମହାପ୍ରବନ୍ଧକ ଏବଂ ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂହଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ,ଦେଶରେ ବର୍ତ୍ତମାନ କାର୍ଯ୍ୟରତ ମୋଟ ୫୨୮ଟି ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ମଧ୍ୟରୁ କେବଳ ୯ଟି କମିଟିକୁ ରାଜଭାଷା ପ୍ରଚାର ପ୍ରସାରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ନରାକାସ ରାଜଭାଷା ପୁରସ୍କାର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ରାଜଭାଷା ହିନ୍ଦୀର ପ୍ରଚାର ପ୍ରସାରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନରାକାସ (ବ୍ୟାଙ୍କ) ଭୁବନେଶ୍ୱରକୁ ଅଖିଳ ଭାରତୀୟ ସ୍ତରରେ ୩ଥର ରାଜଭାଷା କୀର୍ତ୍ତି ପୁରସ୍କାର ମିଳିସାରିଛି।

## ବିଓବିର ଏକ୍ସପୋର୍ଟ ଓରିଏଣ୍ଟେଡ୍ ଦକ୍ଷତା ବିକାଶ

ଭୁବନେଶ୍ୱର,୧୬।୯

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓବି)ର ୮୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟର ବିଭିନ୍ନ ପ୍ରମୁଖ ବିଭାଗ ଓ ହିତାଧିକାରୀଙ୍କ ସହ ଏକ ରଣନୀତିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେଶନ (ଫିଓ)ର ସକ୍ରିୟ ସହଯୋଗରେ ଏକ୍ସପୋର୍ଟର୍ସମାନଙ୍କ ଏକ ବୈଠକ ନିକଟରେ ଆୟୋଜିତ ହୋଇଯାଇଛି। ବିଶେଷକରି 'ଏକ୍ସପୋର୍ଟ ଓରିଏଣ୍ଟେଡ୍ ଦକ୍ଷତା ବିକାଶ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଦିନିକିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାରେ ସାମୁଦ୍ରିକ କ୍ଷେତ୍ରରେ ରପ୍ତାନି ସୁଯୋଗ, ଏକ୍ସପୋର୍ଟ ହବ୍ ଭାବେ ଭୁବନେଶ୍ୱରର ମହତ୍ତ୍ୱ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅପରପକ୍ଷରେ କମଳକାନ୍ତ ସାହୁ, ଏଡି, ମୁଖ୍ୟ, ଫିଓ-ଓଡ଼ିଶା ଚାପ୍ଟର, ଓସି, ଏମ୍‌ଓସି,ଜିଓଆଇ ଉଦ୍‌ଘାଟନୀ ଅଧିବେଶନରେ ସମ୍ବୋଧନ କରିଥିଲେ। ଏହିଅବସରରେ ଅନୁପ କେ ସାମନ୍ତରାୟ, ଡିନ୍, ଆଇବିସିଏସ୍, ମ୍ୟାନେଜମେଣ୍ଟ ସାଇନ୍ସ ଫାକଲ୍ଟି, ସୋଆ ୟୁନିଭର୍ସିଟି, ଦିଲୀପ କୁମାର ସାହୁ, ଓଏଏସ୍, ସ୍ୱତନ୍ତ୍ର ସଚିବ, ଏମ୍‌ଏସ୍‌ଏମ୍‌ଇ, ଓଡ଼ିଶା ସରକାର ଏବଂ ଏସ୍. ଏନ୍. ନାୟକ, ସହାୟକ ନିର୍ଦ୍ଦେଶକ, ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ, କଟକ ପ୍ରମୁଖ ଯୋଗଦେଇ ସେମାନଙ୍କ ଦୃଷ୍ଟିକୋଣ ଏବଂ ମୂଲ୍ୟବାନ୍ ନୀତିନିୟମଗୁଡ଼ିକ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଆଲୋକ କୁମାର ମିଶ୍ରା ରପ୍ତାନିକାରୀଙ୍କୁ ସମ୍ବୋଧିତ କରିବା ସହ ବ୍ୟାଙ୍କର ସଫଳ ପ୍ରଦର୍ଶନ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ବ୍ୟାଙ୍କ ସହ ସକ୍ରିୟ ଭାବେ ଜଡିତ ରହି ରାଜ୍ୟବାସୀଙ୍କୁ ସେବା ପ୍ରଦାନ କରିବାର ସୁଯୋଗ ପ୍ରଦାନ କରୁଥିବାରୁ ନୀତି ନିର୍ଦ୍ଧାରକମାନଙ୍କୁ ବ୍ୟାଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଉଛି।

## ବଜାରରେ ହୋଣ୍ଡାର ଏସ୍‌ପି୧୬୦



ଭୁବନେଶ୍ୱର,୧୬।୯

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ହୋଣ୍ଡା ଏସ୍‌ପି୧୬୦' ମଡେଲକୁ କମ୍ପାନୀ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରିଥିଲା। ଏହି ପରିପ୍ରେକ୍ଷୀରେ ଏଚ୍‌ଏମ୍‌ଏସ୍‌ଆଇର ସ୍ୱୀକୃତିପ୍ରାପ୍ତ ଡିଲର ଶିବମ, ଖିମ୍‌ଜୀ, ଗୁଗ୍‌ନାନି, ପିଜିଏଲ୍ ଏବଂ ମୋ ହୋଣ୍ଡାର ମିଳିତ ସହଯୋଗରେ ଏକ ସ୍ୱତନ୍ତ୍ର ଅନାବରଣ ଓ ବଜାର ପ୍ରବେଶ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଏଚ୍‌ଏମ୍‌ଏସ୍‌ଆଇର ଜେଡ୍‌ଏମ୍ ସେଲ୍‌ସ ରାଜେଶ ଚୌଧୁରୀ ଏବଂ ଜେଡ୍ ଏମ୍ ସର୍ଭିସ୍ ଶିବପ୍ରତାପ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅଭିନେତ୍ରୀ ସୌରମୟୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଚ୍‌ଏମ୍‌ଏସ୍‌ଆଇର ଏଏମ୍ ସେଲ୍‌ସ ଅଭିଷେକ ଚକ୍ରବର୍ତ୍ତୀ ଏବଂ ଏଏମ୍ ସର୍ଭିସ ସତ୍ୟଜିତ ଦାସ, କୁମାର ଶୁଭେନ୍ଦୁଙ୍କ ସମେତ ବଦ୍ରିନାରାୟଣ ସମାନ୍ତରାୟ, ରାଜେନ ଗୁଗ୍‌ନାନି, କମଳ ଅଗ୍ରୱାଲ, ସୌନକ ପାରିକ ଏବଂ ଶ୍ରେସ୍ ସାନ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଏକ୍ସକ୍ଲୁସିଭ ଗଣେଶ ଚତୁର୍ଥୀ ଅଫର

ଭୁବନେଶ୍ୱର,୧୬।୯

Reliance digital

ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍‌ଆଇଏଲ୍)ର ଅଗ୍ରଣୀ କମ୍ପାନୀ ରିଲାଏନ୍ସ ଡିଜିଟାଲ ପକ୍ଷରୁ ଆକର୍ଷଣୀୟ ଏବଂ ଏକ୍ସକ୍ଲୁସିଭ ଗଣେଶ ଚତୁର୍ଥୀ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ୨୦୨୩ ସେପ୍ଟେମ୍ବର ୧୬ରୁ ୧୯ ପର୍ଯ୍ୟନ୍ତ ଜାରି ରହିବ। ଏପରିକି ଶନିବାରରୁ ଆରମ୍ଭ ହୋଇଥିବା ଏହି ଅଫର ଗଣେଶ ଚତୁର୍ଥୀ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସ୍ୱଳ୍ପ ଅବଧି ମଧ୍ୟରେ ଗ୍ରାହକମାନେ ଆକର୍ଷଣୀୟ ରିହାତି ସହ ପ୍ରଥମ ୧୦୦ ଗ୍ରାହକଙ୍କୁ ୫୦୦୦ ଟଙ୍କାର ବିଶେଷ ରିହାତି ଦିଆଯାଉଛି। ସେହିଭଳି ଦେଶର ସମସ୍ତ ବ୍ୟାଙ୍କର କାର୍ଡ ଉପରେ ୧୦% ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯାଉଛି। ଉଲ୍ଲେଖଯୋଗ୍ୟ, ଏହି ଅଫର ରିଲାଏନ୍ସ ଡିଜିଟାଲ ଷ୍ଟୋର, ମାଇ ଜିଓ ଷ୍ଟୋର ଏବଂ ରିଲାଏନ୍ସ ଡିଜିଟାଲ ଡଟ୍ ଇନ୍‌ରେ ମଧ୍ୟ ଉପଲବ୍ଧ। ଅପରପକ୍ଷରେ ଏହି ଅବଧି ମଧ୍ୟରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ସହ ଡେଲିଭରି ଏବଂ ସ୍ଥାପନ (ଇନ୍‌ଷ୍ଟାଲେଶନ) ସୁବିଧା ମଧ୍ୟ ଷ୍ଟୋର ପକ୍ଷରୁ ଯୋଗାଇ ଦିଆଯାଉଛି। ସେହିଭଳି ଷ୍ଟୋର ଓ ଅନ୍ୟାନ୍ୟ ପ୍ଲାଟ୍‌ଫର୍ମରେ ସମସ୍ତ ବ୍ରାଣ୍ଡ୍ ଓ ବ୍ରାଣ୍ଡେଡ୍ କମ୍ପାନୀର ସାମଗ୍ରୀ ଉପଲବ୍ଧ।

### ଫୁର୍‌ସତ୍

## ଯୌତୁକ ପ୍ରଥାକୁ ବିରୋଧକରି ପର୍ବତ ଚଢୁଛନ୍ତି

ପୁଣେ

ଯୌତୁକ ପ୍ରଥା ଏକ କୁପ୍ରଥା ହୋଇଥିଲେ ମଧ୍ୟ ଲୋକେ ସେଥିରୁ ନିଜକୁ ନିବୃତ୍ତ ରଖିପାରୁନାହାନ୍ତି। ଅନେକ ସମୟରେ ଏହି ପ୍ରଥା ପାଇଁ ଅନେକଙ୍କ ଜୀବନ ମଧ୍ୟ ଯାଉଛି। ହେଲେ ଲୋକେ ଏଥିପ୍ରତି ସଚେତନ ହେଉନାହାନ୍ତି। ମହାରାଷ୍ଟ୍ର ପୁଣେର ଜଣେ ଯୁବତୀ ଏହାକୁ ଏକ ଭିନ୍ନ ଉପାୟରେ ବିରୋଧ କରୁଛନ୍ତି। ରିପୋର୍ଟ ମୁତାବକ, ପୁଣେର ବାସିନ୍ଦା ସ୍ମିତା ଘୁଗେ ଜଣେ ପର୍ବତାରୋହୀ। ସ୍ମିତାଙ୍କ ଏହି ପର୍ବତାରୋହଣର ଆରମ୍ଭ ଯୌତୁକର ବିରୋଧରୁ ହୋଇଥିଲା। ଯେତେବେଳେ ସେ ଅନୁଭବ କଲେ ଯେ, ବରଘର ପକ୍ଷରୁ ଯୌତୁକ ଦାବି ବନ୍ଦ ହେଉନି, ସେତେବେଳେ ୭ ମହାଦ୍ୱୀପର ୭ ଉଚ୍ଚ ପର୍ବତ ଚଢ଼ି ତାଙ୍କର ବିରୋଧର ଯାତ୍ରା ଆରମ୍ଭ କଲେ। ସ୍ମିତା ଏକ ସାକ୍ଷାତ୍‌କାରରେ କହିଛନ୍ତି, ତାଙ୍କ ବିବାହ ପାଇଁ ବରଘର ପକ୍ଷରୁ ୧୮ ଲକ୍ଷ ଟଙ୍କା ଯୌତୁକ ଦାବି ରହିଥିଲା। ହେଲେ ସ୍ମିତା ସେହି ପୁଅ ସହ ବିବାହ କରିବାକୁ ମନା କରିଦେଲେ। ସେ ଯୌତୁକରେ ଏତେ ଟଙ୍କା ଦେବା ବଦଳରେ ନିଜ ଖୁସି ପାଇଁ ଏଭଳି ଯାତ୍ରା କରିବା ଆରମ୍ଭକଲେ। ନିଜର ସମସ୍ତ ପାଠପଢ଼ା ଶେଷ କଲେ। ହେଲେ ତାଙ୍କର କମ୍ ଉଚ୍ଚତା ପାଇଁ ଅନେକ ପ୍ରସ୍ତାବ ଭାଙ୍ଗିଯାଉଥିଲା। ଏହି ସମୟରେ ତାଙ୍କ ଶିକ୍ଷକଙ୍କ ଉପଦେଶରେ ସେ ନିଜକୁ ଅଧିକ ଭଲ କରିବାକୁ ଚେଷ୍ଟା କଲେ। ନିଜ ବିବାହ ପାଇଁ ରଖାଯାଇଥିବା ସମସ୍ତ ଗହଣା ବିକ୍ରି କରି ସେହି ଟଙ୍କାରେ ସେ ପର୍ବତ ଚଢ଼ିଲେ। ସେ ରୁଷ୍‌ର ମାଉଣ୍ଟ ଏଲ୍‌ବ୍ରୁସ ଏବଂ ଆଫ୍ରିକାର ଉଚ୍ଚ ପର୍ବତ ତାଞ୍ଜାନିଆର ମାଉଣ୍ଟ କିଲମାଞ୍ଜାରୋରେ ମଧ୍ୟ ଚଢ଼ିସାରିଲେଣି। ସ୍ମିତା ଏତେ ଉଚ୍ଚକୁ ଯିବାକୁ ଚାହୁଁଛନ୍ତି, ଯେଉଁଠାକୁ କେହି ଯାଇନାହାନ୍ତି।



## ଡିସେମ୍ବର ୨୨ରେ ଶାହରୁଖ୍‌ଙ୍କ 'ଡଙ୍କି'

**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ଫିଲ୍ମ 'ଜୱାନ' ବର୍ତ୍ତମାନ ବକ୍ସ ଅଫିସ୍‌ରେ ଧମାଲ କରୁଛି। ନିକଟରେ ସିନେମା ୪୦୦ କୋଟି କ୍ଲବରେ ସାମିଲ ହୋଇଛି। ଶାହରୁଖ ତାଙ୍କ ଆଗାମୀ ଫିଲ୍ମ ବାବଦରେ କିଛି ସୂଚନା ଦେଇଛନ୍ତି। ତେବେ ଚଳିତବର୍ଷ ତାଙ୍କର ଫିଲ୍ମ 'ପଠାନ୍' ଏବଂ 'ଜୱାନ' ରିଲିଜ୍ ପରେ ତାଙ୍କ ଆଗାମୀ ଫିଲ୍ମ ଆସନ୍ତା ବର୍ଷ ରିଲିଜ୍ ହେବ ବୋଲି କୁହାଯାଉଥିଲା। ନିର୍ଦ୍ଦେଶକ ରାଜକୁମାର ହିରାନୀଙ୍କ ଫିଲ୍ମ 'ଡଙ୍କି'ରେ ଶାହରୁଖ ନଜରକୁ ଆସୁଥିବାବେଳେ ତାହା ଏହି ବର୍ଷ ଶେଷକୁ ପରଦାକୁ ଆସିବ ବୋଲି ଜଣାପଡ଼ିଛି। ଚଳିତବର୍ଷ ଖ୍ରୀଷ୍ଟମାସ ଅବସରରେ ସିନେମା ରିଲିଜ୍ ହେବ ବୋଲି ଶାହରୁଖ ଘୋଷଣା କରିଛନ୍ତି। ତେବେ ଶାହରୁଖ୍ ତାଙ୍କ ପ୍ରଶଂସକଙ୍କ ପାଇଁ ଶ୍ରେଷ୍ଠ ଅଭିନୟ ଜାରି ରଖିଥିବା କହିଛନ୍ତି। ଡିସେମ୍ବର ୨୨ରେ ଏହା ଦର୍ଶକଙ୍କ ପାଖରେ ପହଞ୍ଚିବ। ଚଳଚ୍ଚିତ୍ରରେ ଶାହରୁଖ୍‌ଙ୍କ ବ୍ୟତୀତ ରାଜକୁମାର ହିରାନୀ, ତାପସୀ ପନ୍ନୁ, ଭିକ୍କି କୌଶଲ, ସତୀଶ ଶାହା, ବୋମାନ ଇରାନୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ମୁଭିଟି କମେଡି ଡ୍ରାମାରେ ଭରି ରହିଛି। ଶାହରୁଖ ୧୯୯୨ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଦର୍ଶକଙ୍କ ପସନ୍ଦ ରହିଆସୁଛନ୍ତି।



## କୁକୁର, କୋକିଶିଆଳିର ମିଶ୍ରଣ 'ଡଗ୍‌କ୍ସିମ୍'



ବ୍ରାସିଲିଆ

ଗୋଟିଏ ପ୍ରଜାତିର ଅନେକ ଜୀବ ଥା'ନ୍ତି। ସେମାନଙ୍କ ରଙ୍ଗ, ଢଙ୍ଗ ମଧ୍ୟ ଅଲଗା ହୋଇଥାଏ। ନିକଟରେ ବ୍ରାଜିଲରେ ଏକ ହାଇବ୍ରିଡ୍ କୁକୁରର ମୃତ୍ୟୁ ଘଟିଛି। ୨୦୨୧ରେ ଏହି ହାଇବ୍ରିଡ୍ କୁକୁରର ସନ୍ଧାନ ମିଳିଥିଲା। ଏକ କାର୍ ଧକ୍କାରେ କୁକୁରଟି ଆଘାତ ପାଇ ବ୍ରାଜିଲର ୟୁନିଭର୍ସିଡେଡ୍ ଫେଡେରାଲ ଡୁ ରିଓ ଗ୍ରେଣ୍ଡ ଡୁ ସଲ ଭେଟେରିନାରି ହସ୍ପିଟାଲରେ ଚିକିତ୍ସିତ ହୋଇଥିଲା। ହେଲେ ସେତେବେଳେ ଏହା କୁକୁର କି ଅନ୍ୟ କିଛି ତାହା ଜଣାପଡ଼ି ନ ଥିଲା। ବୈଜ୍ଞାନିକମାନେ ଏହାର ଜିନୋମର ପରୀକ୍ଷଣ କରିବା ପରେ ତାହା କୁକୁର ଓ କୋକିଶିଆଳିର ହାଇବ୍ରିଡ୍ ବୋଲି ଜଣାପଡ଼ିଥିଲା। ତାହାର ନାମ 'ଡଗ୍‌କ୍ସିମ୍' ରଖାଯାଇଥିଲା। ଡଗ୍‌କ୍ସିମ୍ ଶରୀରରେ ଉଭୟ କୁକୁର ଏବଂ କୋକିଶିଆଳିର ଗୁଣ ରହିଥିଲା। ତା'ର ବଡ଼ କାନ, ଶରୀର ଲୋମଶ, ମୋଟା ଲାଞ୍ଜ ଥିଲା। ହସ୍ପିଟାଲରେ ତା'ର ଦେଖାଶୁଣା କରୁଥିବା ନର୍ସଙ୍କ କହିବା ମୁତାବକ, ଡଗ୍‌ସିମ୍ ବହୁତ ଶାନ୍ତ, ସରଳ ଥିଲା। ତା' ପାଖରେ କୋକିଶିଆଳିର ଗୁଣ ଥିଲେ ବି ସେମାନଙ୍କ ଭଳି କାମୁଡ଼ିବାକୁ ଗୋଡ଼ାଉ ନ ଥିଲା। ସେ ଅନ୍ୟମାନଙ୍କଠାରୁ ଦୂରରେ ରହିବାକୁ ଭଲ ପାଉଥିଲା। ସେ କୁକୁର ଭଳି ଭୁକୁଥିବାବେଳେ କୋକିଶିଆଳି ଭଳି ଚାଲୁଥିଲା। ପରୀକ୍ଷଣରୁ ଏହି ବ୍ରିଡ୍‌ରେ ୭୬ ପ୍ରକାରର କ୍ରୋମୋଜମ୍ ଥିବା ଜଣାପଡ଼ିଥିଲା, ଯାହା ଉଭୟ କୁକୁର ଓ କୋକିଶିଆଳିଙ୍କ ମିଶ୍ରଣ।

## ହାତ ଥିବା ବିଲୁପ୍ତପ୍ରାୟ ମାଛ

କାନବେରା

ପୃଥିବୀରେ ବିଭିନ୍ନ ପ୍ରଜାତିର ଜୀବ ବାସ କରୁଥିବାବେଳେ ଅନେକ ସମୟରେ ନୂଆ କିଛି ଜୀବ ଦୃଷ୍ଟିଗୋଚର ହୋଇଥାନ୍ତି। ନିକଟରେ ଅଷ୍ଟ୍ରେଲିଆ ସମୁଦ୍ର କୂଳରେ ୨୦ ବର୍ଷ ପରେ ଭିନ୍ନ



ଏକ ମାଛ ଦେଖିବାକୁ ମିଳିଛି। ଏହି ମାଛର ପର ସ୍ଥାନରେ ହାତ ରହିଛି। ଏହି ହାତ ସେମାନେ ଚାଲିବାରେ ବ୍ୟବହାର କରିଥାନ୍ତି। ଏହି ପ୍ରଜାତିର ମାଛ ବିଲୁପ୍ତ ପ୍ରାୟ। କେରି ୟାରେ ନାମ୍ନୀ ଜଣେ ଯୁବତୀ ଅଷ୍ଟ୍ରେଲିଆର ତାସ୍‌ମାନିଆର ପ୍ରିମରୋଜ୍ ସ୍ୟାଣ୍ଡ ସମୁଦ୍ର କୂଳରେ ଦୌଡୁଥିବାବେଳେ ଏହି ମାଛକୁ ଦେଖିଥିଲେ। କମନ୍‌ୱେଲ୍ଥ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ଅର୍ଗାନାଇଜେଶନ(ସିଏସ୍‌ଆଇଆର୍‌ଓ)ର ରିପୋର୍ଟ ମୁତାବକ, ଏହି ମାଛ ପ୍ରାୟ ୨୦ ବର୍ଷ ତଳେ ଅର୍ଥାତ୍ ୨୦୦୫ରେ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଏହା ପରଠାରୁ ଏମାନଙ୍କୁ ଆଉ ଦେଖିବାକୁ ମିଳିନି। ସିଏସ୍‌ଆଇଆର୍‌ଓ ବୈଜ୍ଞାନିକଙ୍କ କହିବା ମୁତାବକ, ଦୁନିଆରେ ଏହି ପ୍ରଜାତିର ପ୍ରାୟ ୨ ହଜାର ମାଛ ଅଛନ୍ତି। ୧୯୯୦ ପୂର୍ବରୁ ଏହି ପ୍ରଜାତିର ମାଛଙ୍କୁ ସାଧାରଣ ଭାବେ ଦେଖିବାକୁ ମିଳୁଥିଲା। ହେଲେ ପରେ ଏମାନଙ୍କୁ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଫର୍ କଞ୍ଜରଭେଶନ ଅଫ୍ ନେଚର (ଆଇୟୁସିଏନ୍) ଦ୍ୱାରା ବିଲୁପ୍ତ ପ୍ରାୟ ଘୋଷଣା କରିଦିଆଯାଇଛି।

DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୭/୨୦୨୩ | Bhubaneswar, Sunday, September 17/2023 | ପୃଷ୍ଠା-୧



## ଆଥଲେଟ୍ସ କମିଟିକୁ ନିର୍ବାଚିତ ହେବେ ସାଇନା

ଏସିଆନ ଗେମ୍ସ ଆଥଲେଟ୍ସ କମିଟିକୁ ନିର୍ବାଚିତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ।

୦୬

୦୫

## ସନ୍ଦେହରେ ନିକୋଲେଙ୍କ ସମ୍ପର୍କ

ଏଲନ୍ ମସ୍କଙ୍କ ସହ ସ୍ତ୍ରୀ ନିକୋଲେ ଶନାହନ୍‌ଙ୍କ ସମ୍ପର୍କ ଥିବା ସନ୍ଦେହ କରି ଗୋପନରେ ଛାଡ଼ପତ୍ର ଦେଇଛନ୍ତି ଗୁଗଲ ସହପ୍ରତିଷ୍ଠାତା ସର୍ଗେ ବ୍ରିନ୍।





ହୀରାକୁଦ ଡ୍ୟାମ୍‌ରୁ ଜଳ ନିଷ୍କାସନ ହେଉଛି।

# ହୀରାକୁଦର ୨୬ ଗେଟ୍‌ରେ ଜଳ ନିଷ୍କାସନ

ସମ୍ବଲପୁର, ୧୬।୯ (ଶୁଭାଶିଷ ପାଢ଼ୀ)

ଉପରମୁଣ୍ଡରେ ବର୍ଷା ଲାଗିରହିଥିବାରୁ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଡ୍ୟାମ୍‌ରେ ଜଳସ୍ତର ନିୟନ୍ତ୍ରଣ ପାଇଁ ଶନିବାର ୪ ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ମୋଟ ୨୬ ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ମିଳିଥିବା ରିପୋର୍ଟ ଅନୁସାରେ, ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଛି। ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୭.୦୨ଫୁଟ୍ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୪,୫୬,୦୨୪ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ପାୱାର ଚ୍ୟାନେଲ, ଚାଷ, ଶିଳ୍ପ ପାଇଁ ମୋଟ ୪ ଲକ୍ଷ ୨୩ ହଜାର ୫୬୬ କ୍ୟୁସେକ ଜଳ ନିଷ୍କାସନ ହେଉଛି। ତଳମୁଣ୍ଡ ବେଲଗାଁରେ ୪୧ ହଜାର, ପର୍ଥଲାରେ ୧ଲକ୍ଷ ୨୭ ହଜାର ୪୧୧, ଖଇରମାଲରେ ୫ଲକ୍ଷ ୮୩ ହଜାର, ବରମୁଲାରେ ୬ ଲକ୍ଷ ୬୪ ହଜାର, ମୁଣ୍ଡୁଲୀରେ ୬ ଲକ୍ଷ ୮୩ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ, ଉପରମୁଣ୍ଡରେ ବର୍ଷା ଯୋଗୁ ୩ଦିନ ହେଲା ହୀରାକୁଦ ଜଳଭଣ୍ଡାରରୁ ଦ୍ୱିତୀୟ ପର୍ଯ୍ୟାୟରେ ବନ୍ୟାଜଳ ନିଷ୍କାସନ କରାଯାଉଛି। ଗତ ବୁଧବାର ଅପରାହ୍ନ ୪ଟାରେ ଡ୍ୟାମ୍‌ର ୨ ଗେଟ୍ ଖୋଲିଥିଲା। ଏହାପରେ ଗୁରୁବାର ସକାଳୁ ୮ଟି ଓ ଅପରାହ୍ନରେ ଆଉ ୪ ଗେଟ୍ ଖୋଲାଯାଇଥିଲା। ପୁଣି ଶୁକ୍ରବାର ୬ଟି ଗେଟ୍ ଖୋଲାଯିବା ପରେ ଶନିବାର ଆଉ ୬ଟି ଖୋଲାଯାଇଛି।

# ଓଡ଼ିଶାର ଅନ୍ତରୀଣ ଆବେଦନ ଖାରଜ

## ମହାନଦୀ ଜଳ ବିବାଦ

- ୧୦ ଦିନ ମଧ୍ୟରେ ସାକ୍ଷୀ ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ
- ଅକ୍ଟୋବର ୧୯ରେ ମାମଲାର ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୧୬।୯ (କୁଲ୍‌ଦୀପ ସିଂ)

ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଚାଲିଥିବା ମହାନଦୀ ଜଳ ବିବାଦ ମାମଲାରେ ଶନିବାର ଓଡ଼ିଶାକୁ ଝଟ୍‌କା ଲାଗିଛି। ମାମଲା ଶେଷ ହେବା ପର୍ଯ୍ୟନ୍ତ ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ କରୁଥିବା ନିର୍ମାଣ ରୋକିବା ସହ ଅଣମୌସୁମୀ ସମୟରେ ୧.୭୪ମେଗାୱାଟ ଜଳ ଛାଡ଼ିବା ପାଇଁ ଛତିଶଗଡ଼କୁ ନିର୍ଦ୍ଦେଶ ଦେବାକୁ ଓଡ଼ିଶା କରିଥିବା ଅନ୍ତରୀଣ ଆବେଦନକୁ ଶନିବାର ଟ୍ରିବ୍ୟୁନାଲ ଖାରଜ କରିଛନ୍ତି। ସୁପ୍ରିମ୍‌କୋର୍ଟ ପୂର୍ବତନ ବିଚାରପତି ଏ. ଏମ୍. ଖାନ୍‌ୱିଲ୍‌କରଙ୍କ ନେତୃତ୍ୱରେ ଗଠିତ ଟ୍ରିବ୍ୟୁନାଲର ୩ଜଣିଆ ଖଣ୍ଡପୀଠ ଅନ୍ତରୀଣ ଆବେଦନର ଶୁଣାଣି କରି ଓଡ଼ିଶା ପକ୍ଷରୁ ଯେଉଁ ଆବେଦନ କରାଯାଇଛି, ବର୍ତ୍ତମାନ ସ୍ଥିତିରେ ରାୟ ଦେବାପାଇଁ କୌଣସି ଗମ୍ଭୀର ସ୍ଥିତି ସୃଷ୍ଟି କରିନାହିଁ ବୋଲି ଟିପ୍ପଣୀ ଦେଇଛନ୍ତି। ପରବର୍ତ୍ତୀ ସମୟରେ ଓଡ଼ିଶା ଚାହିଁଲେ ଆଉ ଏକ ସାନି ଆବେଦନ କରିପାରିବ ବୋଲି କହିଛନ୍ତି। ଏଥିସହିତ ଉଭୟ ରାଜ୍ୟକୁ ଆସନ୍ତା ୧୦ଦିନ ମଧ୍ୟରେ ନିଜ ନିଜ ସାକ୍ଷୀଙ୍କ ତାଲିକା ପ୍ରଦାନ କରିବାକୁ ଖଣ୍ଡପୀଠ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୯ରେ ହେବ।

ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୧୮-୧୯ ଏବଂ ୨୦୨୨-୨୩ ମଧ୍ୟରେ ଅଣମୌସୁମୀ ସମୟରେ ଛତିଶଗଡ଼ ସରକାର ହୀରାକୁଦ ଡ୍ୟାମ୍‌କୁ ୧.୩୨୮ ମିଲିୟନ ଏକର ଫୁଟ(ଏମ୍ଏଏଫ) ଜଳ ଛାଡ଼ିଥିଲା। ଏହା ୨୦୦୫-୦୬ ଏବଂ ୨୦୧୫-୧୬ରେ ଛତିଶଗଡ଼ ଛାଡ଼ିଥିବା ଜଳଠାରୁ ୧.୨୫୨ଏମ୍ଏଏଫ୍ ଅଧିକ। ହେଲେ ୨୦୧୫-୧୬, ୨୦୧୬-୧୭ ଏବଂ ୨୦୧୭-୧୮ରେ ଛତିଶଗଡ଼ ସରକାର ଯଥାକ୍ରମେ ୦,୮୮୭ ଏମ୍ଏଏଫ୍, ୦,୭୦୬ ଏମ୍ଏଏଫ୍ ଏବଂ ୦.୭୭୬ ଏମ୍ଏଏଫ୍ ଜଳ ହ୍ରାସ କରାଯାଇଥିଲା। ଫଳରେ ଓଡ଼ିଶା ସରକାର ବାଧ୍ୟ ହୋଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଟ୍ରିବ୍ୟୁନାଲ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ଯଦି ସ୍ଥିତାବସ୍ଥା ଜାରି କରାଯିବ, ତେବେ ମାମଲାର ବିଚାର ସମୟରେ ଛତିଶଗଡ଼ ସର୍ବନିମ୍ନ ୧,୨୫୨ଏମ୍ଏଏଫ୍ ଜଳ ପ୍ରବାହ କରିପାରିବ ବୋଲି ଓଡ଼ିଶା ପକ୍ଷରୁ କୁହାଯାଇଥିଲା। ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦର ପ୍ରଥମ ଶୁଣାଣି ପୂର୍ବରୁ ୨୦୧୮ ଅକ୍ଟୋବର ୯ରେ ମଧ୍ୟ ଓଡ଼ିଶା ସରକାର ଏକ ଅନ୍ତରୀଣ ଆବେଦନ କରିଥିଲେ। ଜଳ ବିବାଦ ମାମଲାର ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଟ୍ରିବ୍ୟୁନାଲଠାରୁ ଅନ୍ତରୀଣ ରହିତାଦେଶ ଓଡ଼ିଶା ସରକାର ଚାହିଁଥିଲେ। ଅଣମୌସୁମୀ ସମୟ(ନଭେମ୍ବରରୁ ମେ' ମାସ) ମଧ୍ୟରେ ଓଡ଼ିଶାର ତଳମୁଣ୍ଡରେ ଜଳ ପ୍ରବାହ ହୋଇ ପାରୁ ନାହିଁ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଛତିଶଗଡ଼ ସରକାର ଏହି ସମୟରେ ୧.୭୪ଏମ୍ଏଏଫ୍ ଜଳ ପ୍ରବାହ ଜାରି ରଖିବାକୁ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଥିଲା। ଉକ୍ତ ଆବେଦନର ଶୁଣାଣିରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଆଟର୍ନି ଜେନେରାଲ ମୁକୁଲ ରୋହତଗୀ ଯୁକ୍ତି ବାଢ଼ିଥିଲେ। ଏଥିପାଇଁ ଓଡ଼ିଶା ସରକାର ରୋହତଗୀଙ୍କୁ ୧.୧୪କୋଟି ଟଙ୍କା ମଧ୍ୟ ଦେଇଥିଲେ। ୨୦୧୯ ଫେବୃୟାରୀରେ ଟ୍ରିବ୍ୟୁନାଲ ଉକ୍ତ ଆବେଦନର ରାୟକୁ ସଂରକ୍ଷଣ କରିବା ସହ ଉଭୟ ରାଜ୍ୟକୁ ଜଳ ବିବାଦର ଆପୋସ ସମାଧାନ କରିବାକୁ ସମୟ ଦେଇଥିଲେ। ଉଭୟ ରାଜ୍ୟ ମଧ୍ୟରେ କିଛି ମାସ ଧରି ଆଲୋଚନା ହୋଇଥିଲା। ଆଲୋଚନା ସତ୍ତ୍ୱେ କୌଣସି ପକ୍ଷ ଆପୋସ ସମାଧାନ କରି ନ ପାରିବାରୁ ୨୦୨୦ ନଭେମ୍ବରରେ ରୋହତଗୀ ଟ୍ରିବ୍ୟୁନାଲ୍ ନିକଟରେ ରାୟ ପ୍ରକାଶ କରିବାକୁ ଆବେଦନ କରିଥିଲେ। ହେଲେ ଟ୍ରିବ୍ୟୁନାଲ କୌଣସି ରାୟ ପ୍ରକାଶ ନ କରି ତାହାକୁ ସଂରକ୍ଷିତ ରଖିଥିଲେ। ☞ପୃଷ୍ଠା-୫

# ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସିଲା ଫ୍ୟାନ

## ଦିବ୍ୟାଙ୍ଗ ଶିଶୁ ଗୁରୁତର

କଣାସ, ୧୬।୯ (ବିଭୂତି ଭୂଷଣ ତ୍ରିପାଠୀ)



ପୁରୀ ଜିଲା କଣାସ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସା ପାଇଁ ଆସି ଜଣେ ୫ ବର୍ଷୀୟ ଦିବ୍ୟାଙ୍ଗ ଶିଶୁ ଦୁର୍ଘଟଣାର ଶିକାର ହୋଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଫ୍ୟାନ ଖସି ଶିଶୁଙ୍କ ମୁଣ୍ଡରେ ପଡିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଛି। ସୂଚନା ମୁତାବକ, ଅଣ୍ଡାଳସିଂହ ଗ୍ରାମର ଯତୀଶ୍ ମହାପାତ୍ରଙ୍କ ପୁଅ ବିଶ୍ୱଜିତ୍ ତାଙ୍କ ମା'ଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରୀକ୍ଷା ନିରୀକ୍ଷା ପାଇଁ ଆସି ଅପେକ୍ଷା କରି ବସିଥିଲେ। ହଠାତ ବୁଲୁଥିବା ଫ୍ୟାନଟି ଛାତରୁ ଖସି ବିଶ୍ୱଜିତ୍‌ଙ୍କ ମୁଣ୍ଡରେ ପଡ଼ିଥିଲା। ତାଙ୍କୁ ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରାଥମିକ ଚିକିତ୍ସା କରାଯାଇ ପୁରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ତାଙ୍କ ମୁଣ୍ଡରେ ଜୋର ଆଘାତ ଲାଗିଥିବାରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ସ୍କାନିଂ କରାଯାଇ ଚିକିତ୍ସା କରାଯାଉଥିବା ଜଣାପଡିଛି।

# ସରକାରୀ ବିରି ବିହନରେ ଧରୁନି ଫୁଲ

- **କ୍ଷେତରେ ଗୋରୁ ଛାଡ଼ିଦେଲେ ଚାଷୀ**
- **କ୍ଷେତ୍ର ପରିଦର୍ଶନ କଲା କୃଷି ବିଭାଗ ଟିମ୍**
- **ଭୁଲ୍ କିସମ ଯୋଗୁ ଏଭଳି ଅବସ୍ଥା**

ପାଟଣା, ୧୬।୯ (ବୀରକିଶୋର ଦାଶ)



କ୍ଷେତରେ ଗୋରୁ ଚରୁଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚାଷୀ ଖରିଫ ଋତୁରେ ବିନା ମୂଲ୍ୟରେ ବିରି ବିହନ ଆଣି ଚାଷ କରିଥିଲେ। ଠିକ୍ ପ୍ରଣାଳୀରେ ଚାଷ କରିବା ସହ ସାର ପ୍ରୟୋଗ ଦ୍ୱାରା ଗଛ ହୃଷ୍ଟପୁଷ୍ଟ ହୋଇଛି। ମାତ୍ର ଫଳ ଧରିବାର ଧାର୍ଯ୍ୟ ସମୟ ପାର ହୋଇଯାଇଥିଲେ ବି ଗଛରେ ଏ ପର୍ଯ୍ୟନ୍ତ ଫୁଲ ଧରୁନାହିଁ। ଫଳରେ ଚାଷୀ ଚିନ୍ତାରେ ଥିବା ବେଳେ କେତେଜଣ ରାଗରେ କ୍ଷେତରେ ଗୋରୁ ଛାଡ଼ିଦେଇଛନ୍ତି। ଏ ନେଇ ଚାଷୀମାନେ ପାଟଣା ବ୍ଲକ୍ କୃଷି ଅଧିକାରୀଙ୍କୁ ଅବଗତ କରିବା ପରେ ଶନିବାର କୃଷି ବିଭାଗର ଏକ ବିଶେଷଜ୍ଞ ଦଳ କ୍ଷେତ୍ର ପରିଦର୍ଶନ କରିଛନ୍ତି।

ସୂଚନା ଅନୁଯାୟୀ, ପାଟଣା ବ୍ଲକ୍‌ର ମାଧପୁର ଓ ସ୍ୱାମ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଚାଷୀ ଖରିଫ ଋତୁରେ ପାଟଣା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ବିରି ବିହନ ଆଣି ଚାଷ କରିଥିଲେ। ୧୦ ହେକ୍ଟର ପରିମିତ ଗୋଡ଼ା ଜମିରେ ବିରି ଚାଷ କରି ହଳ, ସାର, ଅଣୁସାର, ☞ପୃଷ୍ଠା-୫

# ଏନ୍ଏଫ୍ଏସ୍ଏ ହିତାଧିକାରୀଙ୍କୁ ମିଳିବନି ଗହମ

ଭୁବନେଶ୍ୱର, ୧୬।୯ (ଅନିଲ ଦାସ)

ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନ୍ଏଫ୍ଏସ୍ଏ)ରେ ହିତାଧିକାରୀଙ୍କୁ ଆଉ ଗହମ ମିଳିବ ନାହିଁ। କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଏ ନେଇ ଜଣାଇ ଦିଆଯାଇଛି। ରାଜ୍ୟର ବଳକା ଚାଉଳକୁ ହିତାଧିକାରୀମାନଙ୍କୁ ଦିଆଯିବ। ରାଜ୍ୟ ସରକାର ବଳକା ଉଷୁନା ଚାଉଳ ନେବାକୁ ବାରମ୍ବାର ଦାବି କରିବା ପରେ କେନ୍ଦ୍ର ସରକାର ଗହମ ବଦଳରେ ଏନ୍ଏଫ୍ଏସ୍ଏ ହିତାଧିକାରୀଙ୍କୁ ଗହମ ବଦଳରେ ଚାଉଳ ଦେବାକୁ ଅନୁମତି ଦେଇଛନ୍ତି। ଏହି ନିଷ୍ପତ୍ତି ଫଳରେ ଗହମ ଉପରେ ନିର୍ଭର କରୁଥିବା ହିତାଧିକାରୀ ନିରାଶ ହୋଇଛନ୍ତି।

ରାଜ୍ୟରେ ଏନ୍ଏଫ୍ଏସ୍ଏରେ ୩.୨୬ କୋଟି ହିତାଧିକାରୀ ରହିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଏନ୍ଏଫ୍ଏସ୍ଏ ହିତାଧିକାରୀଙ୍କ ମଧ୍ୟରୁ ୧୪ ପ୍ରତିଶତ ଲୋକ ଗହମ ଏବଂ ୮୬ ପ୍ରତିଶତ ଚାଉଳ ନେଉଥିଲେ। ଏ ବାବଦରେ କେନ୍ଦ୍ର ସରକାର ମାସିକ ୨୪,୭୦୦ ମେଟ୍ରିକ ଟନ ଗହମ ଯୋଗାଇ ଦେଉଥିଲେ।

ରାଜ୍ୟରେ ୨୦୨୨-୨୩ ଆର୍ଥିକ ବର୍ଷରେ ଖରିଫ ଋତୁରେ ୫୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଅର୍ଥାତ୍ ୪୪ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୨୪ ଲକ୍ଷ ମେଟ୍ରିକ୍ ଟନ ଖାଦ୍ୟ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନାରେ ପ୍ରଦାନ କରାଯାଉଛି। ପ୍ରାୟ ୨୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ ରହିଯାଉଛି। ଏହି ଚାଉଳକୁ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ନେଉ ନ ଥିବାରୁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କରି ଆସୁଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରୁ ବଳକା ଉଷୁନା ☞ପୃଷ୍ଠା-୫

# ଓଦା ଗରମ ପୃଥିବୀକୁ ଅଧିକ ଉତ୍ତପ୍ତ କରିବ

ନୂଆଦିଲ୍ଲୀ, ୧୬।୯



ଜଳବାୟୁ ପରିବର୍ତ୍ତନ ଯୋଗୁ ଏକ ସମୟରେ ବର୍ଷା ଓ ଗରମ ହେଉଛି। ଏହା ଆଗାମୀ ଦିନରେ ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ତାପମାତ୍ରା ୧ ଡିଗ୍ରୀ ବୃଦ୍ଧି ଘଟିଲେ, ବାୟୁର ଆର୍ଦ୍ରତା ଧାରଣ କ୍ଷମତା ୬ରୁ ୭% ବୃଦ୍ଧି ଘଟିଥାଏ। ଜର୍ନାଲ ଆର୍ଥସ ଫ୍ୟୁଚରରେ ପ୍ରକାଶିତ ତଥ୍ୟ ଅନୁସାରେ ଗରମ ଏବଂ ଆର୍ଦ୍ର ବାୟୁ ଅଧିକ ଜଳ ବର୍ଷା କରାଇବାରେ ସହାୟକ ହୋଇଥାଏ। ଓଦା ଗରମ ସ୍ଥିତି ଯୋଗୁ ବନ୍ୟା ଓ ଭୂସ୍ଖଳନ ଭଳି ଘଟଣା ଆଗାମୀ ଦିନରେ ଅଧିକ ମାତ୍ରାରେ ଦେଖାଦେଇପାରେ। କାରଣ ଗରମ ପବନ ପ୍ରଥମେ ମାଟିକୁ ଶୁଷ୍କ କରିଥାଏ। ପରେ ଏହାର ଜଳ ଶୋଷଣ କ୍ଷମତାକୁ ମଧ୍ୟ ହ୍ରାସ କରିଥାଏ। ଫଳରେ ବର୍ଷା ହେବା ମାତ୍ରେ ଏହା ମାଟିରେ ଶୋଷିତ ହେବା ପରିବର୍ତ୍ତେ ଭୂପୃଷ୍ଠ ଉପରେ ପ୍ରବାହିତ ହୋଇଥାଏ। ଏହି କାରଣରୁ ବନ୍ୟା, ଭୂସ୍ଖଳନ ଘଟିଥାଏ ଏବଂ ଏହା ଫସଲ ଅମଳକୁ ମଧ୍ୟ ପ୍ରଭାବିତ କରିଥାଏ। ଗବେଷକମାନେ ଜଳବାୟୁର ପରିବର୍ତ୍ତନର ବର୍ତ୍ତମାନ ସ୍ଥିତି ଦେଖି ଏକଥା ଆକଳନ କରିଛନ୍ତି, ଦକ୍ଷିଣ ଆଫ୍ରିକା, ଆମାଜନ ଏବଂ ୟୁରୋପର କିଛି ଅଂଶ ଆଗାମୀ ଦିନରେ ଅଧିକ ଶୁଷ୍କ ହେବ। ସେହିପରି ଆମେରିକାର ପୂର୍ବାଞ୍ଚଳ, ଏସିଆର ଦକ୍ଷିଣ ଓ ପୂର୍ବାଞ୍ଚଳ, ଅଷ୍ଟ୍ରେଲିଆ ଓ ଆଫ୍ରିକାର କେନ୍ଦ୍ରାଞ୍ଚଳରେ ବର୍ଷାର ପରିମାଣ ବୃଦ୍ଧି ଘଟିପାରେ। ଚାଇନାର ନର୍ଥ ୱେଷ୍ଟ ଏ ଆଣ୍ଡ ଏଫ୍ ବିଶ୍ୱବିଦ୍ୟାଳୟର ଗବେଷକ ହାଇଜିଆଙ୍ଗ୍ ଉ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ଗତ କିଛି ଦଶନ୍ଧି ହେଲା କୃଷି ଓ ଶିଳ୍ପ କ୍ଷେତ୍ର ଅଧିକ ପ୍ରଭାବିତ ହୋଇଆସିଛି। ଖରାଦିନେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଛି। ଫଳରେ ଏହା ମାଟିକୁ ଅଧିକ ଶୁଷ୍କ କରୁଛି। ଏହାପରେ ପ୍ରବଳବର୍ଷା ହେଉଛି, କିନ୍ତୁ ମାଟିର ଜଳଧାରଣ କ୍ଷମତା ସେତେବେଳେ ନଥିବାରୁ ବର୍ଷା ଜଳ ମାଟି ଭିତରକୁ ଯିବା ବଦଳରେ ମାଟି ଉପରେ ପ୍ରବାହିତ ହୋଇଯାଉଛି। ଫଳରେ ବନ୍ୟା, ଭୂସ୍ଖଳନ ଘଟି ଧନ ଜୀବନ ନଷ୍ଟ ହେଉଛି। ତେଣୁ ଓଦା ଗରମ ପରିସ୍ଥିତି ପାଇଁ ଜଳବାୟୁ ପରିବର୍ତ୍ତନ ଦାୟୀ ବୋଲି କୁହାଯାଉଛି। ଯଦି ଆମେ ଜଳବାୟୁ ପରିବର୍ତ୍ତନର ଏହି ଧାରାକୁ ରୋକି ନ ପାରିବା ତେବେ ଆଗାମୀ ଦିନରେ ଏହା ଜଳ, ଖାଦ୍ୟ, ଶକ୍ତି ସୁରକ୍ଷା କ୍ଷେତ୍ରରେ ଅଧିକ କ୍ଷତି ପହଞ୍ଚାଇବ ବୋଲି ଉ କହିଛନ୍ତି।

# ସମଲେଇ ମନ୍ଦିରରେ ପହଞ୍ଚିଲା ନୂଆଁଧାନ

ସମ୍ବଲପୁର, ୧୬।୯ (ଶୁଭାଶିଷ ପାଢ଼ୀ)



ସମଲେଇ ମନ୍ଦିରରେ ନୂଆଁଧାନ।

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ସେପ୍ଟେମ୍ବର ୨୦ରେ ପାଳନ ହେବ। ସେହିଦିନ ପ୍ରଥମେ ମା' ସମଲେଇଙ୍କଠାରେ ନବାନ୍ନ ଲାଗି ହେବା ପରେ ଅନ୍ୟମାନେ ନୂଆଁ ଖାଇବେ। ମା' ସମଲେଇଙ୍କ ନବାନ୍ନ ତିଆରି ପାଇଁ ସମଲେଇ ମନ୍ଦିରରେ ନୂଆଁଧାନ (ସରିଆ) ପହଞ୍ଚିଛି। ଧାନକୁ ପୂଜାର୍ଚ୍ଚନା ପରେ ଅମଳ କରାଯାଇ ମା' ସମଲେଶ୍ୱରୀଙ୍କ ମୁଖ୍ୟ ପୂଜକଙ୍କୁ ଦିଆଯାଇଥାଏ। ପୂଜକ ଅମ୍ବିକା ପ୍ରସାଦ ରାୟ ବଲବସପୁର ଗ୍ରାମର ବସୁଦେବ ବେହେରାଙ୍କଠାରୁ ନୂଆଁଧାନ ଗ୍ରହଣ କରିଥିଲେ। ପୂଜକ ପରିବାର ନୂଆଁଧାନରୁ ଚାଉଳ ବାହାର କରି ମା'ଙ୍କ ପାଇଁ ନବାନ୍ନ ତିଆରି କରିବେ। ମା'ଙ୍କ ପାଇଁ ୬୦ ଦିନରେ ଏହି ଧାନ ଅମଳ କରାଯାଇଥାଏ। ପକ୍ଷୀ କିମ୍ବା କୌଣସି ପ୍ରାଣୀ ଯେପରି ଧାନକୁ ଅଇଁଠା ନ କରିବେ ସେ ଦିଗରେ ମଧ୍ୟ ବିଶେଷ ଦୃଷ୍ଟି ଦିଆଯାଇଥାଏ। ମୁଖ୍ୟ ପୂଜକ ଧାନ ଆଣିବା ପରେ ତାହାକୁ ଶୁଖାଇ ସୁରକ୍ଷିତ ସ୍ଥାନରେ ରଖନ୍ତି। ଧାନରୁ ଚାଉଳ ବାହାର କରି ଭୋଗ ପ୍ରସ୍ତୁତ କରାଯାଇ ନୂଆଁଖାଇ ଦିନ ମା'ଙ୍କଠାରେ ଲାଗି କରାଯାଏ। ବିଗତ କିଛିବର୍ଷ ହେବ ମହାନଗର ନିଗମ ବଲବସପୁର ବାସିନ୍ଦା ବେହେରା ପରିବାର ମା'ଙ୍କ ଭୋଗ ପାଇଁ ଧାନ ଆଣିବାର ସୌଭାଗ୍ୟ ପାଇଛନ୍ତି। ମା' ସମଲେଶ୍ୱରୀଙ୍କର ଏହି ବିଶେଷ ସେବା ପାଇଥିବା କାରଣରୁ ପରିବାର ଲୋକେ ବେଶ୍ ଖୁସି ଅନୁଭବ କରୁଛନ୍ତି। ଯେତେଦିନ ପର୍ଯ୍ୟନ୍ତ ମା'ଙ୍କ ଇଚ୍ଛା ହେବ ସେତେଦିନ ପର୍ଯ୍ୟନ୍ତ ସେ ଏହି ସରିଆ ବା ସାଠିଆ ଧାନ ମା'ଙ୍କ ପାଇଁ ଯୋଗାଇବେ ବୋଲି ବସୁଦେବ କହିଛନ୍ତି। ସୂଚନାଯୋଗ୍ୟ, ପଣ୍ଡିତ ବ୍ରହ୍ମସଭାରେ ନୂଆଁଖାଇ ପାଇଁ ଲଗ୍ନଧାର୍ଯ୍ୟ ହୋଇଥିଲା। ୨୦ ତାରିଖ ପୂର୍ବାହ୍ନ ୧୦ ଘଣ୍ଟା ୨୭ ମିନିଟରୁ ୧୦ ଘଣ୍ଟା ୪୨ ମିନିଟ ମଧ୍ୟରେ ମା'ଙ୍କ ପାଖରେ ନବାନ୍ନ ଲାଗି ପାଇଁ ସମୟ ଧାର୍ଯ୍ୟ ହୋଇଛି।



# ନାରାବାଜିରେ କମ୍ପୁଛି ଗାନ୍ଧୀମାର୍ଗ

ଭୁବନେଶ୍ୱର,୧୬।୯
(ଅନୁରାଧା ମହାରଣା)

ଅଧିକାର, ନ୍ୟାୟ ଓ ବିଭିନ୍ନ ଦାବିକୁ ନେଇ ବହୁ ସଂଗଠନ ପକ୍ଷରୁ ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଶନିବାର ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫେଡେରେଶନ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ଦାବିରେ ବିଶାଳ ସମାବେଶ କରାଯାଇଥିବାବେଳେ ଓଡ଼ିଶା ଫାର୍ମାସିଷ୍ଟସ୍ ସର୍ଭିସ୍ ଆସୋସିଏଶନ ପକ୍ଷରୁ ୫ ଦଫା ଦାବି ନେଇ ବିକ୍ଷୋଭ କରାଯାଇଥିଲା। ଅନ୍ୟପକ୍ଷେ ଏନ୍‌ଆଇଓଏସ୍ ଡିଇଏଲ୍‌ଇଡି ଶିକ୍ଷକ ସଂଘ ୩ ଦଫା ନେଇ ରାଜରାସ୍ତାକୁ ଓହ୍ଲାଇଥିଲା। ଏଥିସହ ପୂର୍ବରୁ ଲୋୟର ପିଏମ୍‌ଜିରେ ବିଭିନ୍ନ ସଂଗଠନ ପକ୍ଷରୁ ଅହୋରାତ୍ର ଧାରଣା ଜାରି ରହିଛି। ଫଳରେ ଆନ୍ଦୋଳନକାରୀଙ୍କ ନାରାବାଜିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହେଉଛି।



୩ ଦଫା ଦାବି ନେଇ ଏନ୍‌ଆଇଓଏସ୍ ଡିଇଏଲ୍‌ଇଡି ଶିକ୍ଷକ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।

## ଏନ୍‌ଆଇଓଏସ୍ ଡିଇଏଲ୍‌ଇଡି ଶିକ୍ଷକ ସଂଘର ୩ ଦଫା ଦାବି

ସମସ୍ତ ବେସରକାରୀ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପେନ୍‌ସନ, ଏନ୍‌ଆଇଓଏସ୍ ଡିଇଏଲ୍‌ଇଡିକୁ ସରକାରୀ ଚାକିରି ପାଇଁ ପ୍ରାଥମିକତା ପ୍ରଦାନ ଓ କ୍ୟାଥଲିକ୍ ମିଶନବୋର୍ଡ ସ୍କୁଲ ଶିକ୍ଷକଙ୍କୁ ରେଗୁଲାର କରିବା ଆଦି ୩ ଦଫା ଦାବିରେ ମାଷ୍ଟର କ୍ୟାଣ୍ଟିନରୁ ଲୋୟର ପିଏମଜି ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଇଂ ଦେବାଶିଷ ହୋତାଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ନାଟକ ମାଧ୍ୟମରେ ଦାବି ଉପସ୍ଥାପନ କରାଯାଇଥିଲା। ଗତ ଏପ୍ରିଲରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଦାବି ପୂରଣ ନ ହେବାରୁ ସଂଘ ପୁଣିଥରେ ରାଜରାସ୍ତାକୁ ଓହ୍ଲାଇଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବିବେକାନନ୍ଦ ବିଦ୍ୟାମନ୍ଦିର, ଗୁରୁକୁଳ ଆଦି ବେସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷୟିତ୍ରୀଶିକ୍ଷକ ସ୍ୱଳ୍ପ ଦରମାରେ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଛନ୍ତି। ଏତେ କମ୍ ଟଙ୍କାରେ ମହଙ୍ଗା ଯୁଗରେ ଚଳିବା ସମ୍ଭବ ହେଉ ନ ଥିବାରୁ ଆହୁରି ୬ରୁ ୭ ଘଣ୍ଟା ଟ୍ୟୁଶନ କରୁଛନ୍ତି। ୬୦ ବର୍ଷ ହେଲେ କୌଣସି ବ୍ୟକ୍ତି ଆଉ କାମ କରିବାକୁ ବଳ ପାଇପାରିବେ ନାହିଁ। ସ୍ୱଳ୍ପ ଦରମା କାରଣରୁ ଭବିଷ୍ୟତ ପାଇଁ ଆଦୌ ସଞ୍ଚୟ କରିପାରନ୍ତି ନାହିଁ। ତେଣୁ ଓଡିଶା ଶିକ୍ଷା ଆଇନର ଧାରା ୧୦ ଅନୁଯାୟୀ ସମସ୍ତ ବେସରକାରୀ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କ ନିମନ୍ତେ ପେନ୍‌ସନ ପଲିସି କରିବାକୁ ଦାବି ହୋଇଛି।

## ଏଆଇଏସ୍‌ଏଫ୍ ପକ୍ଷରୁ ଛାତ୍ର ଅଧିକାର ସମାବେଶ

୨୦୧୮ରୁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ରାଜ୍ୟ ସରକାର ଏହି ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ଏଆଇଏସ୍‌ଏଫ୍ ପକ୍ଷରୁ ଛାତ୍ର ଅଧିକାର ସମାବେଶ ଶନିବାର ଅନୁଷ୍ଠିତ ହୋଇଥିଲା। +୨ରୁ ସମସ୍ତ ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ମାଧ୍ୟମରେ ଛାତ୍ର ସଂସଦ ଗଠନ କରିବାକୁ ଦାବି ହୋଇଛି। ସେହିଭଳି ଭାରତ ସରକାରଙ୍କ ନିର୍ଦ୍ଦେଶରେ ଘରୋଇ ଶିକ୍ଷା ବେପାରୀଙ୍କ ଲାଭ ପାଇଁ କେବଳ ଓଡ଼ିଶାରେ ୧୫ହଜାରରୁ ଅଧିକ ସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ କରି ଅବହେଳିତ ଅଞ୍ଚଳର ଅବହେଳିତ ପରିବାରର ଛାତ୍ରୀଛାତ୍ରଙ୍କୁ ପାଠପଢାରୁ ବଞ୍ଚିତ କରିବା ନିଷ୍ପତ୍ତି ପ୍ରତ୍ୟାହାର କରାଯାଉ ବୋଲି ଆନ୍ଦୋଳନରତ ଛାତ୍ରୀଛାତ୍ର ନାରାବାଜି କରିଥିଲେ। ଏଥିସହ ସମସ୍ତଙ୍କୁ ନିଃଶୁଳ୍କ, ବିଜ୍ଞାନ ସମ୍ମତ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ନେଇ ସମାବେଶରେ ଦାବି ଉଠିଛି। ଏଆଇଏସ୍‌ଏଫ ଓଡ଼ିଶା ରାଜ୍ୟ ସଭାପତି ସଂଘମିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ପ୍ରଫେସର ଅଜୟ ପଟ୍ଟନାୟକ, ଶିକ୍ଷକ ସଂଘ ସଭାପତି ପ୍ରଫେସର ଅମିୟ କୁମାର ମହାନ୍ତି, ଏଆଇଏସ୍‌ଏଫ୍‌ର ସର୍ବ ଭାରତୀୟ ସାଧାରଣ ସମ୍ପାଦକ ଭିକି ମାହେଶ୍ୱରୀ, ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ପରିଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଦାବି ପୂରଣ ନ ହେଲେ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ।

## ଓଡ଼ିଶା ଫାର୍ମାସିଷ୍ଟସ୍ ସର୍ଭିସ୍ ଆସୋସିଏଶନ

ଓଡ଼ିଶା ଫାର୍ମାସିଷ୍ଟସ୍ ସର୍ଭିସ୍ ଆସୋସିଏଶନ ପକ୍ଷରୁ ୫ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି। ଫାର୍ମାସିଷ୍ଟ କ୍ୟାଡର ସରକାର ତୁରନ୍ତ ପ୍ରକାଶ କରିବା ସହ ମୂଳ ଦରମାର ଗ୍ରେଡ ପେ’ ୨୪୦୦ ଟଙ୍କା ପରିବର୍ତ୍ତେ ୨୮୦୦ ଟଙ୍କାକୁ ବୃଦ୍ଧି ଓ ୨ ବର୍ଷ ଚାକିରି ପରେ ସମୟାନୁକ୍ରମେ ଗ୍ରେଡ୍ ପେ’ ୪୨୦୦ ଟଙ୍କା ପ୍ରଦାନ ପାଇଁ କୁହାଯାଇଛି। ସେହିପରି ସଂଶୋଧିତ କ୍ୟାଡର ୨୦୧୬ ପରିବର୍ତ୍ତେ ୨୦୧୩ରୁ ଲାଗୁ କରାଯାଉ, ଫାର୍ମାସିଷ୍ଟ ପଦବୀକୁ ଫାର୍ମାସୀ ଅଫିସର ଭାବେ ନାମକରଣ କରାଯାଉ, ୨୦୧୩ ପୂର୍ବରୁ ଠିକା ନିଯୁକ୍ତି ପାଇ କାର୍ଯ୍ୟ କରିଥିବା ସମସ୍ତ ଫାର୍ମାସିଷ୍ଟଙ୍କ କାର୍ଯ୍ୟକାଳକୁ ବରିଷ୍ଠତା ପାଇଁ ବିବେଚନା କରାଯିବା ସହ ଆର୍ଥିକ ସୁବିଧା ନିଶ୍ଚିତ କରିବା ଅନ୍ୟ ଏକ ଦାବି ରହିଛି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର, ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ କାର୍ଯ୍ୟରତ ସମସ୍ତ ଫାର୍ମାସିଷ୍ଟଙ୍କୁ ଖାଲି ସ୍ଥାନରେ ନିୟମିତ ନିଯୁକ୍ତି ମିଳୁ ବୋଲି ସଂଘର ସମ୍ପାଦକ ଶ୍ରୀକାନ୍ତ ଜେନା ଓ ସଭାପତି ଚିନ୍ମୟ କୁମାର ସିହ୍ନା ଦାବି କରିଛନ୍ତି।






ଛାତ୍ର ସଂସଦ ନିର୍ବାଚନ ଦାବିରେ ଏଆଇଏସ୍‌ଏଫ୍ ପକ୍ଷରୁ ଛାତ୍ର ଅଧିକାର ସମାବେଶ ସ୍ଥଳ ଲୋୟର ପିଏମ୍‌ଜି ଅଭିମୁଖେ ବାହାରିଥିବା ଶୋଭାଯାତ୍ରା। ଓଡ଼ିଶା ଫାର୍ମାସିଟି ସେବା ସଂଘର ଧାରଣା।

# ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ଅଖିଳ ଭାରତୀୟ ମ୍ୟୁନିସିପାଲିଟି କର୍ମଚାରୀ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)

ସର୍ବଭାରତୀୟ ସଫେଇ କର୍ମୀଙ୍କ ଦାବି ସପ୍ତାହ ପାଳନ ଅବସରରେ ଶନିବାର ଏଆଇସିସିଟିୟୁ ସହ ନିବନ୍ଧିତ ଅଖିଳ ଭାରତ ମ୍ୟୁନିସିପାଲିଟି କର୍ମଚାରୀ ମହାସଂଘ (ଏଆଇଏମ୍‌ଡବ୍ଲ୍ୟୁଏଫ୍) ପକ୍ଷରୁ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଙ୍ଗଠନର କର୍ମକର୍ତ୍ତାମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ କହିବା ସହ ଦାବି ଉତ୍‌ଥାପନ କରିଥିଲେ। ଏଥିରେ ସଫେଇ କର୍ମୀଙ୍କୁ ନିୟମିତ କରିବା ସହ ମାସିକ ସର୍ବନିମ୍ନ ମଜୁରି ୬ହଜାର ଟଙ୍କା ପ୍ରଦାନ କରିବା, ଇପିଏଫ ଓ ଇଏସ୍‌ଆଇ ପୈଠ କରିବା, କାର୍ଯ୍ୟସ୍ଥଳୀରେ ସମ୍ମାନ ଦେବା ଓ ଛଟେଇ ବନ୍ଦ କରିବା ଆଦି ୬ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଶ୍ରମିକ ନେତା ମହେନ୍ଦ୍ର ପରିଡାଙ୍କ ନେତୃତ୍ୱରେ ଏକ ୪ଜଣିଆ ପ୍ରତିନିଧି ଦଳ ଏନେଇ ଅତିରିକ୍ତ ଶ୍ରମ କମିଶନଙ୍କୁ ଭେଟିବା ସହ ଦାବିକୁ ନେଇ ଆଲୋଚନା କରିଥିଲେ। ଅତିରିକ୍ତ କମିଶନର ରାଜ୍ୟର ସମସ୍ତ ପୌରସଂସ୍ଥା, ପୌର ନିର୍ଦ୍ଦେଶକଙ୍କୁ ଏନେଇ ଚିଠି କରିବା ସହିତ ଏହାକୁ ସୁନିଶ୍ଚିତ କରିବା ଲାଗି ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭ ବନ୍ଦ ହୋଇଥିଲା। କାର୍ଯ୍ୟକ୍ରମରେ ଏଆଇସିସିଟିୟୁ ଉପସଭାପତି ବଇଁଶୀ ଧର ପରିଡା, ସଫେଇ କର୍ମଚାରୀ ସଙ୍ଘର ଶଙ୍କର ନାଏକ, ବିଜୟ ବେହେରା, ଚିତ୍ରସେନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାର ଆଲୋଚନା ମାଧ୍ୟମରେ ଶିକ୍ଷକ ଆନ୍ଦୋଳନର ସମାଧାନ କରନ୍ତୁ : ଓଲଷ୍ଟା

ଭୁବନେଶ୍ୱର,୧୬।୯
(ଅନୁରାଧା ମହାରଣା)

ପ୍ରାଥମିକ ଶିକ୍ଷକମାନେ ୩ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏହାଦ୍ୱାରା ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ବନ୍ଦ ରହିଛି। ପୁଣି ଆଉ ଦୁଇଦିନ ପରେ ଗଣେଶପୂଜା। ତେବେ ଦାବିପୂରଣ ନେଇ କୌଣସି ନିଷ୍କର୍ଷ ବାହାରିପାରୁ ନ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ସରକାର ତୁରନ୍ତ ସଂଘର ନେତୃତ୍ୱମାନଙ୍କ ସହ ଆଲୋଚନାକରି ସମସ୍ୟାର ସମାଧାନ କରନ୍ତୁ ବୋଲି ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଓଲ୍‌ଷ୍ଟା) ପକ୍ଷରୁ ପରାମର୍ଶ ଦିଆଯାଇଛି। ଏନେଇ ଓଲ୍‌ଷ୍ଟାର ସଭାପତି ବିକ୍ରମ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଶିବନାରାୟଣ ବେହେରା, ବିଚିତ୍ର ବିହାରୀ ଦାସ ପ୍ରମୁଖ ସରକାରଙ୍କୁ ନିବେଦନ କରିଛନ୍ତି।

# ଶେଷ ପର୍ଯ୍ୟାୟରେ ବଡ଼ଗଡ଼ ଗଣେଶ ମହୋତ୍ସବ ପ୍ରସ୍ତୁତି

**ପୁରୁଣା ଭୁବନେଶ୍ୱର,୧୬।୯(ସୁବାସ ଚନ୍ଦ୍ର ପ୍ରଧାନ):** ଆସନ୍ତା ୧୯ ତାରିଖରେ ଗଣେଶ ପୂଜା। ଏନେଇ ବ୍ରାଇଟ ଷ୍ଟାର ୟୁଥ୍ ଆସୋସିଏଶନ ଏବଂ ବଡ଼ଗଡ଼ ଗଣେଶ ମହୋତ୍ସବ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ମହୋତ୍ସବ ୬ଦିନ ଧରି ଚାଲିବ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ମଣ୍ଡପରେ ୫୫ଫୁଟ୍‌ର ଗଣେଶ ବିଗ୍ରହ ପୂଜା ପାଇବା ସହ ୫୦ କେଜି ଲଡୁ ଭୋଗ କରାଯିବ। ଜଟଣୀର ମୁଖ୍ୟ କାରିଗର ମନୋଜ କୁମାର କାଣ୍ଡି ୧୫ଜଣ ସହଯୋଗୀ ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଛନ୍ତି। ମହାରାଷ୍ଟ୍ର ଲାଲବାଗ୍ ମଡେଲରେ ତିଆରି ଏହି ଗଣେଶଙ୍କ ପାଇଁ ପ୍ରଥମଥର ଅନୁଷ୍ଠାନ ପକ୍ଷରୁ ରୁପାର ପାଦ ଲାଗି କରାଯିବ। ଏହି ରୁପାପାଦକୁ ସିସିଟିଭି କ୍ୟାମେରାରେ ନଜର ରଖିବା ପାଇଁ ମିନି ପାଗୋଡ଼ାରେ ପୋଲିସ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା ହୋଇଛି। ଏଥର ସୋନପୁରରୁ ୫୦ହଜାର ଟଙ୍କାର ଗଣେଶଙ୍କ ପାଇଁ ସ୍ୱତନ୍ତ୍ର ପାଟବସ୍ତ୍ର ଅଣାଯାଇଛି। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କ ପାଇଁ ହୁଇଲଚେୟାରର ବ୍ୟବସ୍ଥା ହୋଇଛି। କାର୍ଯ୍ୟକ୍ରମରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ୬ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜର୍ମାନ ହାଙ୍ଗର ଶେଡ଼ର ତୋରଣ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶାନ୍ତିଶୃଙ୍ଖଳା ସହିତ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ୧୪୦ଜଣ ଭଲ୍ୟୁଣ୍ଟିୟର ରହିବେ ବୋଲି କମିଟି ପକ୍ଷରୁ ସ୍ଥିର ହୋଇଛି। ବୈଠକରେ ଆସୋସିଏଶନ ସମ୍ପାଦକ ସଂଗ୍ରାମ ମାର୍ଥା ଅଧ୍ୟକ୍ଷତା କରିଥିଲେ। ଅମିତାଭ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଜେନା, ଉମା ଶଙ୍କର ପଟ୍ଟନାୟକ, ରାଣା ପ୍ରତାପ ପାତ୍ର, ଟୁକୁ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ଜିଲା ଦାବିରେ ସମାବେଶ

**ପୁରୁଣା ଭୁବନେଶ୍ୱର,୧୬।୯(ସୁବାସ ଚନ୍ଦ୍ର ପ୍ରଧାନ):** ଭୁବନେଶ୍ୱରକୁ ଜିଲା ଘୋଷଣା ଦାବିରେ ଏକାମ୍ର ବରିଷ୍ଠ ସଂଘର ଆହ୍ୱାନକ୍ରମେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବରିଷ୍ଠ ନାଗରିକ ସଂଘର ପ୍ରତିନିଧି, ବିଭିନ୍ନ ନିଯୋଗର ପ୍ରତିନିଧି, ସେବାୟତ ଆଞ୍ଚଳିକ ବିକାଶ ପରିଷଦର ପ୍ରତିନିଧି ଏବଂ ସାହି ମୁରବୀମାନଙ୍କୁ ନେଇ ଶନିବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ହୃଷୀକେଶ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସଦସ୍ୟମାନେ ଜିଲା ଦାବିରେ ସ୍ଲୋଗାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରାଜେନ୍ଦ୍ର ସର୍ମଥା, ସମ୍ପାଦକ ଧୀରେନ ପଟ୍ଟନାୟକ, ଲିଙ୍ଗରାଜ ସାହୁ, ଶ୍ୟାମ ସୁନ୍ଦର ମହାପାତ୍ର,ବିରଞ୍ଚି ନାରାୟଣ ପତି, ସାମାଜିକକର୍ମୀ ବୃନ୍ଦାବନ ସାହୁ, ସରୋଜ ମିଶ୍ର, ହରିହର ସମର୍ଥା, ଶଙ୍କର ମହାରଣା, ସରୋଜ ପଣ୍ଡା, ଡ. ନୀତିରଞ୍ଜନ ଚାନ୍ଦ, ନାରାୟଣ ସାହୁ, ସକଳେଶ୍ୱର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦୦ କୋଟିର ଷ୍ଟାର୍ଟଅପ୍ ଅଭିବୃଦ୍ଧି ପାଣ୍ଠି ପରିଚାଳନା କରିବ ସିଡ୍‌ବି

ଭୁବନେଶ୍ୱର,୧୬।୯(ଅଭିଜିତ ଦାସ)



କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟମାନେ।

ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଷ୍ଟାର୍ଟଅପ୍ ଓଡିଶା ଅଭିବୃଦ୍ଧି ପାଣ୍ଠିର ପରିଚାଳନା ଦାୟିତ୍ୱ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ସିଡ୍‌ବି)କୁ ଦିଆଯାଇଛି। ଏନେଇ ଶନିବାର ଭୁବନେଶ୍ୱରସ୍ଥିତ ଓ-ହବ୍‌ଠାରେ ଷ୍ଟାର୍ଟଅପ୍ ଓଡିଶା ଓ ସିଡ୍‌ବି ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମୁଖ୍ୟ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ କହିଛନ୍ତି, ଷ୍ଟାର୍ଟଅପ୍ ଓଡିଶା କାର୍ଯ୍ୟକ୍ରମ ଦ୍ୱାରା ଓଡିଶାର ଯୁବପିଢିଙ୍କୁ ସଶକ୍ତ କରାଯାଉଛି। ବିଭିନ୍ନ ବିଭାଗର ଯୁବପିଢିମାନଙ୍କୁ ଷ୍ଟାର୍ଟଅପ୍ ଓଡିଶା କାର୍ଯ୍ୟକ୍ରମରେ ସାମିଲ କରାଯାଉଛି। ବର୍ତ୍ତମାନ ଷ୍ଟାର୍ଟଅପ୍ ଓଡିଶାର ୧୦୦ କୋଟି ଅଭିବୃଦ୍ଧି ପାଣ୍ଠିର ପରିଚାଳକ ଭାବେ ସିଡ୍‌ବିକୁ ଦାୟିତ୍ୱ ଦିଆଯାଇଛି। ଓଡିଶାଭିତ୍ତିକ ଷ୍ଟାର୍ଟଅପ୍ ପ୍ରକଳ୍ପରେ ସିଡ୍‌ବି ପାଣ୍ଠି ନିବେଶଠାରୁ ଆରମ୍ଭ କରି ପୋର୍ଟଫୋଲିଓ ମଧ୍ୟ ପରିଚାଳନା କରିବ। ଏହାଦ୍ୱାରା ୧୨୦ ମିଲିୟନରୁ ଅଧିକ ନିଯୁକ୍ତି ସୃଷ୍ଟି ହେବା ସହ ଓଡିଶା ଅର୍ଥନୀତି କ୍ଷେତ୍ରରେ ଅଭିବୃଦ୍ଧି କରିବ। ସେହିପରି ଓଡିଶା ଷ୍ଟାର୍ଟଅପ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡକ୍ଟର ଓମ୍‌କାର ରାଏ କହିଛନ୍ତି, ଓଡିଶାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ପ୍ରତିପାଦନ କରିବା ପାଇଁ ଅଭିବୃଦ୍ଧି ପାଣ୍ଠିର ନିହାତି ଆବଶ୍ୟକ। ଓଡିଶା ଏମଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି, ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ୍‌ରେ ଓଡିଶା ୨୦୧୮ ଓ ୨୦୨୧ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରାଜ୍ୟ ଥିବାବେଳେ ୨୦୧୯ରେ ମୁଖ୍ୟ ନେତୃତ୍ୱ ନେଇଥିଲା। ଓଡିଶାର ଉଦ୍ୟୋଗୀମାନଙ୍କୁ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ସିଡ୍‌ବିର ପରିଚାଳନା ନିର୍ଦ୍ଦେଶକ ଏସ୍. ରମନ କହିଛନ୍ତି, ଏହା ଓଡିଶାରେ ଉଦ୍ୟୋଗୀଙ୍କ ପାଇଁ ବେଶ୍ ସହାୟକ ହେବ। ପୂର୍ବରୁ ଉଦ୍ୟୋଗୀଙ୍କୁ ବ୍ୟାଙ୍କ ଅର୍ଥ ଦେଉ ନ ଥିବାବେଳେ ଷ୍ଟାର୍ଟଅପ୍ ଓଡିଶା କାର୍ଯ୍ୟକ୍ରମ ଦ୍ୱାରା ଉଦ୍ୟୋଗୀଙ୍କୁ ସହଜରେ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା କରାଯିବ। ଏହି କାର୍ଯ୍ୟକ୍ରମରେ ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ ଯୋଗଦେଇଥିଲେ।

# ପ୍ରବଳ ବର୍ଷିଲା, ବିଜୁଳି ଡରାଇଲା

ଭୁବନେଶ୍ୱର,୧୬।୯ (ଅନୁରାଧା ମହାରଣା)





ରାଜଧାନୀ ଭୁବନେଶ୍ୱରରେ ଶନିବାର ସନ୍ଧ୍ୟାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଦିନର ଗୁଳୁଗୁଳିକୁ ବର୍ଷା ଆଶ୍ୱସ୍ତି ଦେଇଥିଲେ ମଧ୍ୟ ଘନଘନ ଘଡ଼ଘଡ଼ି ଓ ବିଜୁଳି ସହରବାସୀଙ୍କୁ ଡରାଇଥିଲା। ଦିନସାରା ପାଗ ଶୁଖିଲା ରହିଥିବାବେଳେ ଅପରାହ୍ନରୁ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ସନ୍ଧ୍ୟାରେ ପ୍ରବଳ ବର୍ଷାରେ ରାଜଧାନୀବାସୀଙ୍କ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ଆଞ୍ଚଳିକ ପାଣିପାଗ ବିଜ୍ଞାନ ପକ୍ଷରୁ ସହରରେ ୪୭.୪ ମି.ମି. ବର୍ଷା ରେକର୍ଡ କରାଯାଇଛି। ତେବେ ସହରର ବିଭିନ୍ନ ସ୍ଥାନରେ ରାସ୍ତା ଓ ଅନ୍ୟାନ୍ୟ ମରାମତି କାମ ଜାରି ରହିଥିବାରୁ ୨ ଘଣ୍ଟା ବର୍ଷା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କେତେକ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥିଲା। ଇସ୍କନ ମନ୍ଦିର ସମ୍ମୁଖରେ ପୁଣିଥରେ ଯାନବାହନ ବୁଡ଼ିବା ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିଥିଲା।


ବିଶ୍ୱକର୍ମା ପୂଜା ଓ ଗଣେଶ ପୂଜା ପାଇଁ ଏଜି ଛକରୁ ରାଜମହଲ ଛକ ରାସ୍ତାରେ ଲୋକଙ୍କ ଭିଡ଼। (ଫଟୋ– ବିକାଶ ନାୟକ)

# ଏବେ ଗ୍ରାମାଞ୍ଚଳରେ ଡେଙ୍ଗୁ ବ୍ୟାପୁଛି

ଭୁବନେଶ୍ୱର,୧୬।୯(ଅଭିଜିତ ଦାସ)

## ଆଉ ୧୮୦ ନୂଆ ଆକ୍ରାନ୍ତ ଚିହ୍ନଟ



ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୧୮୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ନୂଆ ରୋଗୀଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୨୪୮ରେ ପହଞ୍ଚିଛି। ଖୋର୍ଦ୍ଧା ପରେ ଏବେ ପୁରୀରେ ଡେଙ୍ଗୁ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଉଛି। ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି ଏବେ ସହର ଭଳି ଗ୍ରାମାଞ୍ଚଳରେ ମଧ୍ୟ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ରାଜ୍ୟର ଟିପିଆର୍(ଟେଷ୍ଟ ପିଜିଟିଭ୍ ରେଟ୍) ୭.୯ ପ୍ରତିଶତ ରହିଛି। ପ୍ରାୟ ୯୮ ପ୍ରତିଶତ ଆକ୍ରାନ୍ତ ଘରେ ସୁସ୍ଥ ହେଉଥିଲେ ମଧ୍ୟ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିଶେଷକରି ଡେଙ୍ଗୁ ନିରାକରଣ ପାଇଁ ଗୋଷ୍ଠୀ ସହଭାଗିତାକୁ ଗୁରୁତ୍ୱ ଦିଆଯାଇଛି।

ରାଜ୍ୟରେ ଶୁକ୍ରବାର ସୁଦ୍ଧା ୭୮,୭୨୧ ନମୁନା ପରୀକ୍ଷା କରାଯାଇଥିବାବେଳେ ୬୨୪୮ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲାରୁ ୨୬୯୪ ଚିହ୍ନଟ ହୋଇଥିବାବେଳେ ପୁରୀରୁ ୬୯୯ଜଣ ରୋଗୀ ରହିଛନ୍ତି। ସେହିପରି ବାଲେଶ୍ୱରରୁ ୫୭୨, କଟକରୁ ୫୭୦, ଜଗତସିଂହପୁରରୁ ୩୧୦ ନୟାଗଡ଼ରୁ ୨୪୨ ଡେଙ୍ଗୁ ଏବଂ ସୁନ୍ଦରଗଡ଼ରୁ ୧୭୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଆର୍‌ଏମ୍‌ଆର୍‌ସିର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି କହିଛନ୍ତି, ଡେଙ୍ଗୁ ଏକ ଆରଏନ୍‌ଏ ଭାଇରସ୍। ପୂର୍ବରୁ ଡେଙ୍ଗୁ କେବଳ ସହରାଞ୍ଚଳରେ ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନ ଗ୍ରାମାଞ୍ଚଳରେ ମଧ୍ୟେ ଦେଖାଯାଉଛି। ଡେଙ୍ଗୁ ଭୂତାଣୁ ରୋଗୀଙ୍କ ଶରୀରରେ ଆଇଜିଏମ୍ ତିଆରି କରିଥାଏ, ଯାହା ଫଳରେ ଶରୀରର ରୋଗପ୍ରତିରୋଧକ ଶକ୍ତି କମିଯାଇଥାଏ। ତେଣୁ ଜ୍ୱର ହେବା ମାତ୍ରେ ଏନ୍‌ଏସ୍୧ ପଦ୍ଧତିରେ ରକ୍ତ ପରୀକ୍ଷା କରିବା ନିହାତି ଦରକାର। ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପିଏଚ୍‌ସିରେ ଟେଷ୍ଟିଂର ସୁବିଧା କରାଯାଇଛି। ଚଳିତବର୍ଷ ଡେଙ୍ଗୁ୨ର ଲକ୍ଷଣ ଦେଖାଯାଉଛି। ଖୁବ୍‌ଶୀଘ୍ର ଡେଙ୍ଗୁ ଉପରେ ଟିକା ବାହାରିବ ବୋଲି ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କଟକରେ ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା

କଟକ,୧୬।୯(ସୁପ୍ରିୟା ପ୍ରିୟଦର୍ଶିନୀ)– ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଏକ୍ସପ୍ରେସ୍ ଶନିବାର କଟକରେ ପହଞ୍ଚିଛି। ପରେ ୮ଟି କଲେଜ ଓ ଦୁଇଟି ସ୍କୁଲରୁ ଆଇଡିଆ ସଂଗ୍ରହ କରିଛି। ଏଥିରେ ୮୫୮ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ଷ୍ଟାର୍ଟଅପ୍ ଯାତ୍ରା ଏବଂ ଏକ୍ସପ୍ରେସ୍ ଖୋର୍ଦ୍ଧା, କଟକ ଜିଲାର ୪୭ଟି କଲେଜ୍ ଓ ୧୨ଟି ବିଦ୍ୟାଳୟ ଭ୍ରମଣ କରିସାରିଛି। ଏହା ୨୦୨୫ ସୁଦ୍ଧା ରାଜ୍ୟ ସରକାରଙ୍କ ୫୦୦୦ ଷ୍ଟାର୍ଟଅପ୍ ସୃଷ୍ଟି କରିବା ଲକ୍ଷ୍ୟ ପାଇଁ ଭିତ୍ତିଭୂମି ତିଆରି କରିପାରିଛି ।

### ବୋମାମାଡ଼ ଘଟଣା ଆପୋସ ସମାଧାନ ପାଇଁ ଥାନାରେ ଉଭୟ ପକ୍ଷ

କଟକ ସଦର,୧୬।୯(ସୁଶାନ୍ତ କୁମାର ଜେନା)– କିଶନନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ଉପରେ ଗୁରୁବାର ରାତିରେ ବୋମାମାଡ଼ ହୋଇଥିଲା। ଏନେଇ ସ୍ଥାନୀୟ ସରପଞ୍ଚ ଅବ୍‌ଦୁଲ୍ ୱାହିଦ ଖାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୨୦୯/୨୩) ରୁଜୁ କରିଥିଲା। ହେଲେ ଶନିବାର ଏହି ଘଟଣା ଭିନ୍ନ ମୋଡ଼ ନେଇଛି। ମନୋମାଳିନ୍ୟ ପାଇଁ ଏପରି ହୋଇଥିଲା ବୋଲି କହି ଆପୋସ ସମାଧାନ ନିମନ୍ତେ ଶନିବାର ସନ୍ଧ୍ୟାରେ ଫଇସଲାନାମା ସହ ଉଭୟ ପକ୍ଷ ଥାନାରେ ହାଜର ହୋଇଥିଲେ। ମାତ୍ର ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶ ଏହାକୁ ଗ୍ରହଣ କରିନାହାନ୍ତି। ଏକ ସରକାରୀ କାର୍ଯ୍ୟାଳୟ ଫାଟକକୁ ବୋମାମାଡ଼ ହୋଇଥିବା ନେଇ ଜଣେ ଦାୟିତ୍ୱସମ୍ପନ୍ନ ଜନ ପ୍ରତିନିଧି ଅଭିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ ଫଇସଲାନାମା ଗ୍ରହଣ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା ପରେ ଯାହା କିଛି କରାଯାଇପାରିବ ବୋଲି ଥାନା ଅଧିକାରୀ ଦାଶ ସୂଚନା ଦେଇଛନ୍ତି। ବୋମାମାଡ କରିଥିବା ଦୁର୍ବୃତ୍ତମାନେ ଓ ସରପଞ୍ଚ ଗୋଟିଏ ଦଳର ସମର୍ଥକ। କିଛିମାସ ହେବ ପଡିଆରା ଜାହିରକୁ ନେଇ ସେମାନଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଫଳସ୍ୱରୂପ ଏହି ବୋମାମାଡ ହୋଇଥିଲା।

### ବିଶ୍ୱ ସଫେଇ ଦିବସ ପାଳିତ

ଫୁଲନଖରା,୧୬।୯(ସତ୍ୟରଞ୍ଜନ ଦାସମହାପାତ୍ର)– ଫୁଲନଖରାସ୍ଥିତ ଲକ୍ଷେଶ୍ୱର ହାଇସ୍କୁଲ ଓ ଡେକାଥଲନ ସ୍ପୋର୍ଟ୍ସ ଶୋ' ରୁମ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ସଫେଇ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶୋ' ରୁମ୍ କର୍ମଚାରୀ, ଲକ୍ଷେଶ୍ୱର ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଫୁଲନଖରାର ଜନଗହଳି ସ୍ଥାନରୁ ଆବର୍ଜନା ସଫା କରିଥିଲେ। ଏଥିସହ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ।

# କଟକର ସ୍ୱତନ୍ତ୍ର ପରିଚୟ ସିଏନ୍‌ବିଟି


ସିଏନ୍‌ବିଟି ବାହାରେ ଦଳୀୟ କର୍ମୀ ଓ ଜନସାଧାରଣଙ୍କ ଗହଳି।

କଟକ,୧୬।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଖାନ୍‌ନଗରଠାରେ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି) ଶନିବାର ଲୋକାର୍ପିତ ହୋଇଛି। ଏଥିରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, କଟକ ସହର ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ଯାନବାହନ ବୃଦ୍ଧିକୁ ଦୃଷ୍ଟିରେ ରଖି କଟକରେ ଏକ ବୃହତ ଅତ୍ୟାଧୁନିକ ବସ୍ ଟର୍ମିନାଲର ଆବଶ୍ୟକତା ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଆଜି ଆମେ ନୂତନ ବସ୍ ଟର୍ମିନାଲ ପାଇଛୁ। ଏହି ବସ୍ ଟର୍ମିନାଲ କଟକ ପାଇଁ ସ୍ୱତନ୍ତ୍ର ପରିଚୟ ଆଣିଥିବାବେଳେ ରାଜ୍ୟରେ ପରିବହନ ଓ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ କରିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୪୧ କୋଟି ଟଙ୍କାର ୧୦ଟି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ୯୦.୨ କୋଟି ଟଙ୍କା ବ୍ୟୟରେ କଟକ ନେତାଜୀ ବସ୍ ଟର୍ମିନାଲ, ୮୮.୩୧ କୋଟି ଟଙ୍କା ବ୍ୟୟରେ ନରଣପୁରଠାରେ ନିର୍ମିତ ସୁଲଭ ଗୃହ ପ୍ରକଳ୍ପ, ୯.୭୨ କୋଟି ବ୍ୟୟରେ ସିଲ୍‌ଭର ସିଟି ବୋଟ୍ କ୍ଲବ୍, ୫.୨୩ କୋଟି ବ୍ୟୟରେ ତାଳଦଣ୍ଡା କେନାଲ ପାର୍ଶ୍ୱରେ ଫୁଡ୍‌କୋର୍ଟ ଓ ୱାଟର ସ୍ପୋର୍ଟସ୍ ଜୋନ୍ ଉଦ୍‌ଘାଟିତ ହୋଇଛି । ସେହିଭଳି ୩.୨୨ କୋଟି ବ୍ୟୟରେ ଛତ୍ରବଜାର ଅର୍ବାନ ହାଟ, ୫୪ ଲକ୍ଷ ଟଙ୍କା ବ୍ୟୟରେ ରାଣୀହାଟ କ୍ଲକ୍ ଟାୱାର, ୨୩.୩୫ କୋଟି ବ୍ୟୟରେ ତାଳଦଣ୍ଡା କେନାଲ ଉପରେ ଏକାଧିକ ପୋଲ, ୬୬.୬୫ କୋଟି ବ୍ୟୟରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମହାନଦୀ କ୍ୟାମ୍ପସର ଏକାଡେମିକ ବ୍ଲକ ଓ ହଷ୍ଟେଲ-୧ ଏବଂ ୨, ୩୦କୋଟି ବ୍ୟୟରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ନୂତନ ପାଠାଗାର ଏବଂ ୨୩.୮୫ କୋଟି ଟଙ୍କା ବ୍ୟୟରେ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ଆଦି ଉଦ୍‌ଘାଟିତ ହୋଇଛି। ସେହିପରି ୨୦୦ କୋଟି ଟଙ୍କା ବ୍ୟୟରେ ନୂତନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ୧୨୩ କୋଟି ଟଙ୍କା ବ୍ୟୟରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟକେନ୍ଦ୍ର, ଗେଷ୍ଟ ହାଉସ୍, କ୍ରିକେଟ୍ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିସହ ୪୫.୧୯ କୋଟି ଟଙ୍କା ବ୍ୟୟରେ ତାଳଦଣ୍ଡା କେନାଲ ସୌନ୍ଦର୍ଯ୍ୟକରଣ ଓ ସର୍ବସାଧାରଣଙ୍କ ନିମନ୍ତେ ଏକାଧିକ ପ୍ରକଳ୍ପ ଯଥା ଫୁଟପାଥ୍, ପାର୍କ, ସଂଗ୍ରହାଳୟ, ଭେଣ୍ଡିଂଜୋନ, ପାନୀୟ ଜଳ ପ୍ରକଳ୍ପ, ଶୌଚାଳୟ, ବସ୍ ଷ୍ଟପ୍, ୮.୯୫ କୋଟି ଟଙ୍କା ବିନିମୟରେ ଜାତୀୟ ରାଜପଥରୁ ପୂର୍ବ ପଟ ରେଲୱେ ଷ୍ଟେଶନକୁ ସଂଯୋଗ କରୁଥିବା ୪ ଲେନ୍ ବିଶିଷ୍ଟ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

### ୭ ମିନିଟ୍‌ରେ ଚିହ୍ନଟ ହେବ କ୍ୟାନ୍‌ସର

ସିଏନ୍‌ବିଟି ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ରହିଛି। ଏଠାକୁ ଆସୁଥିବା ମହିଳା ଯାତ୍ରୀମାନେ ମାଗଣାରେ କ୍ୟାନ୍‌ସର୍ ପରୀକ୍ଷା କରାଇପାରିବେ। ଆଇଟିପିପି ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଛି । ଏନେଇ ଚେନ୍ନାଇରୁ ଆସିଥିବା ଡା. ଅନନା ମଲାଇ ପାଣ୍ଡିଆନ କହିଛନ୍ତି, ଦେଶର ଅନେକ ସ୍ଥାନରେ ଏହି ବ୍ୟବସ୍ଥା କରାଯାଇଛି । ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଏୟାରପୋର୍ଟ ଭଳି ସ୍ଥାନରେ ଏହି ସେଣ୍ଟର ଖୋଲାଯାଇଛି । ପ୍ରଥମଥର ପାଇଁ ସିଏନ୍‌ବିଟିରେ ଏହି ସୁବିଧା ଯାତ୍ରୀଙ୍କୁ ମିଳିବ। ମହିଳାମାନେ ସ୍ତନ କର୍କଟ ରୋଗର ଶିକାର ହେଉଛନ୍ତି। ଏଥିପାଇଁ ଆମ ପାଖରେ ଥିବା ମେଶିନରେ ପରୀକ୍ଷା କରାଯାଇ ମାତ୍ର ୭ ମିନିଟ୍‌ରେ କ୍ୟାନସର ଚିହ୍ନଟ କରାଯାଇପାରିବ।

### ପୁରୀ, ନବରଙ୍ଗପୁର, ରାୟଗଡାକୁ ଗଡ଼ିଲା ବସ୍

ସିଏନ୍‌ବିଟି ଲୋକାର୍ପଣ ପରେ ବସ୍ ଟର୍ମିନାଲରୁ ୩ଟି ବସ୍ ବାହାରିଛି। ପ୍ରଥମ ଘରୋଇ ବସ୍ ପୁରୀ ଅଭିମୁଖେ ଯାତ୍ରା କରିଥିଲା। ଏହାପରେ ଓଏସ୍‌ଆର୍‌ଟିସିର ବସ୍ ନବରଙ୍ଗପୁର ଓ ତୃତୀୟ ବସ୍ ଯାତ୍ରୀଙ୍କୁ ନେଇ ରାୟଗଡା ଅଭିମୁଖେ ଯାତ୍ରା କରିଥିଲା ।

### ମୁଣ୍ଡିଆ ମାରିବା ପାଇଁ ପ୍ରତିଯୋଗିତା

ସିଏନ୍‌ବିଟି ଲୋକାର୍ପଣ ଉତ୍ସବରେ ନେତାଙ୍କଠାରୁ ଆରମ୍ଭ କରି କର୍ମୀଙ୍କ ମଧ୍ୟରେ ମୁଣ୍ଡିଆ ମାରିବା ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ସିଏନ୍‌ବିଟି ପରିସରରେ ପହଞ୍ଚିବା ମାତ୍ରେ ପ୍ରଥମେ ଜଣେ ବରିଷ୍ଠ ମନ୍ତ୍ରୀ ତାଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିଥିଲେ। ଏହାପରେ ଜଣଙ୍କ ପରେ ଜଣେ ନେତା ଏଥିରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ମୁଣ୍ଡିଆ ମାରି ଚାଲିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ସଭାସ୍ଥଳକୁ ଯିବା ପରେ ପ୍ରତିଯୋଗିତା ଶେଷ ହେବା ଦେଖିବାକୁ ମିଳିଥିଲା।

### କଟକ ସଦରକୁ ଅଧିକ ଅର୍ଥର ଆବଶ୍ୟକତା ରହିଛି

ମୁଖ୍ୟମନ୍ତ୍ରୀ ପ୍ରଶାସନିକ କଳକୁ ବ୍ୟବହାର କରି ସହରର ଉନ୍ନତି ବିଧାନ କରୁଛନ୍ତି ବୋଲି ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି। ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ହୋଇଛି। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ତାଳଦଣ୍ଡା କେନାଲ ସମ୍ପର୍କରେ ପଚାରିଥିଲେ। ସରକାରଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇଛି ବୋଲି ସେ କହିଥିଲେ। ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଉନ୍ନତି ପାଇଁ ଯେଉଁ ଭଳି ଭାବରେ ଅଧିକ ଅର୍ଥର ଆବଶ୍ୟକତା ଅଛି ସେହିଭଳି ଭାବେ କଟକ ସଦର ପାଇଁ ମଧ୍ୟ ଅଧିକ ଅର୍ଥର ଆବଶ୍ୟକତା ଥିବା ମହତାବ କହିଥିଲେ।

### ଏଭଳି ଆହାର କେନ୍ଦ୍ର ଦେଶରେ ପ୍ରଥମ

ସିଏନ୍‌ବିଟି ପରିସରରେ ଲୋକଙ୍କ ପାଇଁ ରହିଛି ଅତ୍ୟାଧୁନିକ ଆହାର କେନ୍ଦ୍ର। ଏହାକୁ ତାରକା ହୋଟେଲ ଢାଞ୍ଚାରେ ନିର୍ମାଣ କରାଯାଇଛି। ଏଠାରେ ୨୦୦ ଲୋକ ବସି ଖାଇବା ପାଇଁ ବ୍ୟବସ୍ଥା ହୋଇଛି। ଏଭଳି ଆହାର କେନ୍ଦ୍ର ଦେଶରେ ପ୍ରଥମଥର ଦେଖିବାକୁ ମିଳିଛି। ଏଠାକାର ବ୍ୟବସ୍ଥା ଅନ୍ୟ କେଉଁଠି ନାହିଁ। ୨ ବର୍ଷରେ ସରକାରୀ ସଂସ୍ଥା ମାଧ୍ୟମରେ ଏଭଳି ଏକ ପରିକଳ୍ପନାକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଛି।

### ଗୀତରୁ ଭାଷଣ ଆରମ୍ଭ କଲେ ବିଧାୟକ

ଓଡ଼ିଶାର ଜାନ୍ ତମେ ଗୀତ ବୋଲି ଭାଷଣ ଆରମ୍ଭ କରିଥିଲେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ। ସେ କହିଥିଲେ, ଦୁଇଟି ନଦୀ ମଝିରେ କଟକ ସହର ଅବସ୍ଥିତ। କେବେ କେହି ଚିନ୍ତା କରି ନ ଥିବେ ସହରକୁ କିଭଳି ନୂଆ ରୂପରେଖ ମିଳିବ। ହେଲେ ମୁଖ୍ୟମନ୍ତ୍ରୀ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି। ଭାରତରେ ସିଏନ୍‌ବିଟିକୁ ସର୍ବଶ୍ରେଷ୍ଠ ମାନ୍ୟତା ନିଶ୍ଚିନ୍ତ ଭାବେ ମିଳିବ। କଟକ ମାଟିର ପୁଅ ହିସାବରେ ମୁଖ୍ୟମନ୍ତ୍ରୀ ସବୁ ସ୍ୱପ୍ନକୁ ସାକାର କରିଛନ୍ତି ।

### ଓଡ଼ିଶାବାସୀଙ୍କ ସ୍ୱପ୍ନକୁ ସାକାର କରିଛନ୍ତି ମୁଖ୍ୟମନ୍ତ୍ରୀ

ଆମେମାନେ ଅନେକ ସ୍ୱପ୍ନ ଦେଖୁ। ସେଥିମଧ୍ୟରୁ କିଛି ପୂରଣ ହୁଏ ଓ ଆଉ କିଛି ଅଧା ରହିଯାଏ। ହେଲେ ମୁଖ୍ୟମନ୍ତ୍ରୀ ଦୀର୍ଘ ୨୩ ବର୍ଷ ଧରି ଓଡ଼ିଶାବାସୀଙ୍କ ସ୍ୱପ୍ନକୁ ସାକାର କରିବାରେ ଲାଗିପଡିଛନ୍ତି। ମୁଖ୍ୟମନ୍ତ୍ରୀ ଯେତେଥର ତାଙ୍କ ଜନ୍ମ ମାଟିକୁ ଆସିଛନ୍ତି କିଛି ନା କିଛି ଭେଟି ଦେଇ ଯାଇଛନ୍ତି ବୋଲି କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା କହିଛନ୍ତି।

### ପୋଲିସ ସୁରକ୍ଷା ବ୍ୟବସ୍ଥା ଢିଲା

ସିଏନ୍‌ବିଟି ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଟିକିଏ ଝଲକ ପାଇବା ପାଇଁ ବହୁସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏଥିସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥା ଢିଲା ଭଳି ପରିଲିଖିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ସିଏନ୍‌ବିଟି ପରିସରକୁ ପ୍ରବେଶ କରିବାବେଳେ ପୋଲିସର କଡା ସୁରକ୍ଷା ସତ୍ତ୍ୱେ ଲୋକମାନେ ମାଡିଆସିଥିଲେ। ଏପରି କି କିଛି ଲୋକ ମୁଖ୍ୟମନ୍ତ୍ରୀଙ୍କ ନିକଟତର ହେବାକୁ ଚେଷ୍ଟା କରିଥିଲେ।

## ଗାନ୍ଧୀ ମୂର୍ତ୍ତି ତଳେ କଂଗ୍ରେସର ଶାନ୍ତିପୂର୍ଣ୍ଣ ପ୍ରତିବାଦ



କଟକ,୧୬।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ବହୁ ବିବାଦ ଓ ଅସନ୍ତୋଷ ଭିତରେ ଶନିବାର କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି) ଲୋକାର୍ପିତ ହୋଇଛି। ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ନେଇ ନା ନିର୍ଭର ପ୍ରତିଶ୍ରୁତି ମିଳିଲା ନା ବ୍ୟବସାୟୀଙ୍କୁ ଥଇଥାନ ପାଇଁ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେଲା। ବରଂ ଦାବିଗୁଡ଼ିକୁ ଅଣଦେଖା କରି ତରବରିଆ ଭାବେ ସିଏନ୍‌ବିଟି ଲୋକାର୍ପଣ କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି। ଏବେ ବି ନୂଆ ବସ୍ ଟର୍ମିନାଲକୁ ସଂଯୋଗ କରୁଥିବା ରାସ୍ତା ଓ ଆପ୍ରୋଚ ରୋଡ୍ ଅସମ୍ପୂର୍ଣ୍ଣ ରହିଛି। ୬ ଲେନ୍ ରାସ୍ତା ସହ ଅନ୍ୟ ପ୍ରକଳ୍ପ କାମ ନ ସରି ଲୋକାର୍ପଣ କାହା ସ୍ୱାର୍ଥରେ ହୋଇଛି ବୋଲି କଟକ ନଗର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ପୁରୀଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ କର୍ପୋରେଟର ସନ୍ତୋଷ କୁମାର ଭୋଳଙ୍କ ନେତୃତ୍ୱରେ କଂଗ୍ରେସ କର୍ପୋରେଟରମାନେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଥିଲେ। ଅପରପକ୍ଷରେ ଥଇଥାନ ଦାବିରେ ସ୍ଥାନୀୟ ବ୍ୟବସାୟୀ ବି ଆନ୍ଦୋଳନ କରିଥିଲେ। ବିଧାୟକ ମହମ୍ମଦ ମୋକିମ ଏହି ଲୋକାର୍ପଣ କାର୍ଯ୍ୟକ୍ରମକୁ ବୟକଟ୍ କରିଥିଲେ।

## ଭାଜପା ପକ୍ଷରୁ କଳାପତାକା ପ୍ରଦର୍ଶନ

ସିଏନ୍‌ବିଟି ଲୋକାର୍ପଣ କରିବାକୁ ଯାଉଥିବାବେଳେ ଭାଜପା ଯୁବ ମୋର୍ଚ୍ଚା ଓ ହିନ୍ଦୁ ସେନାର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିରୋଧ କରିବା ସହିତ କଳାପତାକା ପ୍ରଦର୍ଶନ କରିଥିଲେ। ଏଥିସହ ଉଭୟ ମୋର୍ଚ୍ଚାର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀ ତୁମେ ଫେରି ଯାଅ ବୋଲି ନାରା ଦେଇଥିଲେ। ଏହି ପ୍ରତିବାଦ ସମୟରେ ଭାଜପାର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେମାନଙ୍କ କହିବାନୁଯାୟୀ, କଟକ ପ୍ରତି ରାଜ୍ୟ ସରକାର ଅଣଦେଖା କରିଛନ୍ତି। ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିପାରୁନାହିଁ। ତାମିଲ ଠିକାଦାରଙ୍କ ପ୍ରତି ପ୍ରିୟାପ୍ରୀତି ତୋଷଣ, ଅଧାପନ୍ତରିଆ ପ୍ରକଳ୍ପକୁ ଉଦ୍‌ଘାଟନ, ବର୍ଜ୍ୟ ଜଳ କାଠଯୋଡ଼ି ନଦୀକୁ ଛାଡିବା, ବସ୍ ଯାତାୟାତ ପାଇଁ ନଦୀବନ୍ଧ ରାସ୍ତା ଯଥେଷ୍ଟ ଚଉଡା ନ କରିବାକୁ ବିରୋଧ କରାଯାଇଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ବରିଷ୍ଠ ନେତା ନୟନ କିଶୋର ମହାନ୍ତି, କର୍ପୋରେଟର ଗୋପାଳ ବେହେରା, ଗଗନ ଓଝା, ଲକ୍ଷ୍ମୀଧର ବେହେରା, ସିକନ୍ଦର ଅଲ୍ଲୀ, ରଶ୍ମିରେଖା ଦାସ, ଭାଗୀରଥି ଦଳେଇ, ମହେନ୍ଦ୍ର ମହାନ୍ତି, ପ୍ରବୀଣା ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଖାନ୍‌ନଗରଠାରେ କଳାପତାକା ପ୍ରଦର୍ଶନବେଳେ ଭାଜପା କର୍ମୀଙ୍କୁ ପୋଲିସ ଉଠାଇ ନେଇଥିଲା।


ଖାନ୍‌ନଗରଠାରେ ଭାଜପା କର୍ମୀମାନେ କଳାପତାକା ପ୍ରଦର୍ଶନ କରୁଛନ୍ତି।

### ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର, ଡ୍ରାମା ପ୍ରତିଯୋଗିତା

## ମଧୁସ୍ମିତା ଦାସ ରାଜ୍ୟସ୍ତରକୁ ଉନ୍ନୀତ

କଟକ,୧୬।୯ (କାର୍ତ୍ତିକ ସାହୁ)

କଟକ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଓ ଡ୍ରାମା ପ୍ରତିଯୋଗିତା ରେଭେନ୍‌ଶା କଲିଜିଏଟ ସ୍କୁଲର ନେତାଜୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ସନ୍ତୋଷ ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଓ ବିଜ୍ଞାନ ଡ୍ରାମା ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲା ବିଜ୍ଞାନ ସୁପରଭାଇଜର ଅକ୍ଷୟ ନନ୍ଦଙ୍କ ତତ୍ତ୍ୱାବଧାନରେ ବିଚାରକ ଭାବେ ଶିକ୍ଷକ ରାଜକିଶୋର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚୌଧୁରୀ ରମାକାନ୍ତ ପ୍ରହରାଜ, ମିହିର ପରିଡ଼ା, ଅନନ୍ତ ଚରଣ ଦାସ, ପ୍ରଧାନ ଶିକ୍ଷକ ଅକ୍ଷୟ ଷଡଙ୍ଗୀ, ସୁଶିଲ ମହାପାତ୍ର, ଆଶୁତୋଷ ମିଶ୍ର, ବିନୋଦ ମିଶ୍ର, ବିଜ୍ଞାନ ଶିକ୍ଷୟିତ୍ରୀ ସାଗରିକା ରାଉତ, କଳ୍ପନାମୟୀ ପୃଷ୍ଟି, ନାଟ୍ୟ ନିର୍ଦ୍ଦେଶକ ନିଗମାନନ୍ଦ ପାତ୍ର ଓ ବିନୋଦ ମହାପାତ୍ର ମୂଲ୍ୟାୟନ କରିଥିଲେ। ବିଜ୍ଞାନ ଆଲୋଚନାଚକ୍ରରେ ଜିଲାସ୍ତରରେ ମଧୁସ୍ମିତା ଦାସ ପ୍ରଥମ, ଜନ୍ମେଜୟ ମହାନ୍ତି ଦ୍ୱିତୀୟ ଓ ଶୁଭମ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜ୍ଞାନ ଡ୍ରାମାରେ କଣ୍ଟାପଡ଼ା ଗୋପବନ୍ଧୁ ବିଦ୍ୟାପୀଠ ପ୍ରଥମ, ନରସିଂହପୁର ଲିଙ୍ଗରାଜ ହାଇସ୍କୁଲ ଦ୍ୱିତୀୟ ଓ ବଡମ୍ବା ରଗଡିପଡ଼ା ହାଇସ୍କୁଲ ତୃତୀୟ ସ୍ଥାନ ହାସଲ କରିଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଓ ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପ୍ତିମୟୀ ଶୁଭଦର୍ଶିନୀ, ସୋନମିକା ରାୟ ଓ ରେଭେନ୍‌ଶା କଲିଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତୀ ପଣ୍ଡା ଯୋଗଦେଇଥିଲେ।



ଛାତ୍ରସଂସଦ ନିର୍ବାଚନ ଦାବିରେ ଶନିବାର ମଧୁପାଟଣା ଛକଠାରେ କଟକ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## 'ଶିଶୁଙ୍କ ମାମଲା ପରିଚାଳନାରେ ପୋଲିସ ଅଧିକ ଦାୟିତ୍ୱବାନ ହେଉ'

### ପୋଲିସ ଅଧିକାରୀଙ୍କ ସଚେତନତା କର୍ମଶାଳା

କଟକ,୧୬।୯ (କାର୍ତ୍ତିକ ସାହୁ)

ଶିଶୁ ସମ୍ବନ୍ଧିତ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାବେଳେ ପୋଲିସ ଅଧିକାରୀମାନେ ସମ୍ବେଦନଶୀଳତାର ସହ ପଦକ୍ଷେପ ନେବା ଉଚିତ୍ ବୋଲି କଟକ ଅତିରିକ୍ତ ଜିଲାପାଳ ଶିବ ଟପୋ କହିଛନ୍ତି। ପୋଲିସ ଅଧିକାରୀମାନଙ୍କୁ ଶିଶୁଙ୍କ ମାମଲାରେ ଅଧିକ ସଚେତନ ତଥା ସମ୍ବେଦନଶୀଳ କରାଇବା ନିମନ୍ତେ କଟକ ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ପୋଲିସ ଅଧିକାରୀଙ୍କ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଟପୋ ଯୋଗଦେଇ କହିଥିଲେ, ଶିଶୁଙ୍କ ମାମଲା ପରିଚାଳନା ସମୟରେ ପୋଲିସ ଅଧିକ ଦାୟିତ୍ୱବାନ ହେଉ। ଏଥିରେ ଶିଶୁ ଆଇନ, ଧାରା, ନୀତି ଓ ନିୟମାବଳୀ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଚାଇଲ୍ଡ ଫ୍ରେଣ୍ଡ୍‌ଲି ପୋଲିସ ଉପରେ ଆଧାରିତ ଏକ ଷ୍ଟିକର ଉନ୍ମୋଚନ କରାଯାଇଥିଲା। ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ପୋଲିସ ଅଧିକାରୀମାନଙ୍କୁ ଶିଶୁଙ୍କ ଆଇନ ଉପରେ ଅଧିକ ସତର୍କ ହେବା ଓ କୌଣସି ଶିଶୁ ଉଦ୍ଧାର ହେଲେ ପୋଲିସ ପକ୍ଷରୁ ଯେପରି କୌଣସି ଅବହେଳା କରା ନ ଯାଏ ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। କଟକ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ଶିଶୁମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ଶିଶୁ ଚାଲାଣ, ଶିଶୁ ଶ୍ରମିକ ଉଦ୍ଧାର, ଶିଶୁ ଯୌନ ଶୋଷଣ, ବାଲ୍ୟବିବାହ ଆଦି ଘଟଣାରେ ଉଦ୍ଧାର ହେଉଥିବା ଶିଶୁମାନଙ୍କ ପ୍ରତି ସମ୍ବେଦନଶୀଳତାର ସହ ବ୍ୟବହାର କରିବା ଓ ସେମାନଙ୍କୁ ସୁରକ୍ଷିତ ଭାବେ ଥଇଥାନ କରିବା ଦିଗରେ ମାନବିକତାର ସହ କାର୍ଯ୍ୟ ସମ୍ପାଦନ କରିବାକୁ ସେ ମତବ୍ୟକ୍ତ କରିଥିଲେ। ଉତ୍କଳ ସେବକ ସମାଜର ସଭାପତି ଅମିୟ ଭୂଷଣ ବିଶ୍ୱାଳ ଯୋଗଦେଇ ଶିଶୁମାନଙ୍କ ମାମଲା ପରିଚାଳନା କ୍ଷେତ୍ରରେ ପୋଲିସ ଅଧିକାରୀ ସମ୍ବେଦନଶୀଳ ଭାବରେ ପ୍ରକ୍ରିୟାକୁ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ଜିଲାର ବିଭିନ୍ନ ଥାନାର ଆରକ୍ଷୀ ନିରୀକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀ, ଜିଲା ଶିଶୁ କଲ୍ୟାଣ ସମିତିର ସଦସ୍ୟ, ସହକାରୀ ସୂଚନା ଅଧିକାରୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଦଳିବ ଶିଖରଚଣ୍ଡୀ ମନ୍ଦିର ରୂପରେଖ



ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)

**୨୫କୋଟି ବ୍ୟୟରେ ୫୩ ଏକର ଜମିରେ ହେବ ଉନ୍ନୟନ କାର୍ଯ୍ୟ**

■ ପାହାଡ଼ ପାଦଦେଶରେ ହେବ ଗାଡ଼ି ପାର୍କିଂ

■ ମନୋରଞ୍ଜନ ସହ ଭିୟୁ ପଏଣ୍ଟ, ଟ୍ରେକିଂ ରୁଟ୍‌ର ବ୍ୟବସ୍ଥା

ବଦଳିବ ମା' ଶିଖରଚଣ୍ଡୀ ମନ୍ଦିରର କଳେବର। ମନ୍ଦିରର ପାଦଦେଶରୁ ଆରମ୍ଭ କରି ମା'ଙ୍କ ପୀଠ ପର୍ଯ୍ୟନ୍ତ ସବୁକିଛିର ରୂପରେଖ ପରିବର୍ତ୍ତନ ହେବ। ମନ୍ଦିରକୁ ଜବରଦଖଲମୁକ୍ତ କରିବା ସହ ଏହାର ସୌନ୍ଦର୍ଯ୍ୟକରଣ ତଥା ରକ୍ଷଣାବେକ୍ଷଣ ଦାୟିତ୍ୱ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ହାତକୁ ନେଇଛି। ମୋଟ୍ ୨୫କୋଟି ଟଙ୍କା ବ୍ୟୟରେ ୫୩.୧୪୬ ଏକର ଜମିରେ ଉନ୍ନୟନମୂଳକ କାର୍ଯ୍ୟ କରାଯିବ। ସେଥିମଧ୍ୟରୁ ଇଡ୍‌କୋର ୧୮.୫ ଏକର ଜମି ଓ ରେଭିନ୍ୟୁ ଏବଂ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟର ୩୫.୧୪୬ ଏକର ଜମି ଥିବାବେଳେ ଏବେ ଏହା ବିଡିଏକୁ ହସ୍ତାନ୍ତର କରାଯାଇଛି। ସେହିପରି ମନ୍ଦିରକୁ ମୋଟ୍ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଜୋନ୍-୧ ଅଞ୍ଚଳ ଅର୍ଥାତ୍ ପାହାଡ଼ ପାଦଦେଶରେ ସାଧାରଣ ଲୋକଙ୍କ ପାଇଁ ପାର୍କିଂ ବ୍ୟବସ୍ଥା, କମ୍ୟୁନିଟି ସେଣ୍ଟର, ପିଲାଙ୍କ ଖେଳିବା ପାଇଁ ସ୍ଥାନ ଯଥା ବିଭିନ୍ନ ଖେଳସାମଗ୍ରୀ ଏବଂ ମନୋରଞ୍ଜନର ଭିତ୍ତିଭୂମି ରହିବ। ପୂର୍ବରୁ ପାହାଡ଼ ଉପରେ ହେଉଥିବା ଭୋଜିଭାତ ଜୋନ୍-୧ ଅଞ୍ଚଳରେ କରାଯିବ। ସେହିପରି ଜୋନ-୨ରେ ଭିୟୁ ପଏଣ୍ଟ ସହିତ ଟ୍ରେକିଂ ରୁଟ୍, ଜୋନ୍-୩ରେ ଭିୟୁ ପଏଣ୍ଟ, ପବ୍ଲିକ୍ କନ୍‌ଭିନିଏନ୍ସ ଏବଂ ଇ-ବସ୍, ଇ-ଯାନ ରହିବା ପାଇଁ ପାର୍କିଂ କରାଯିବ। ଏଠାରେ ଡ୍ରାଇଭରଙ୍କ ଆରାମ ପାଇଁ ମଧ୍ୟ ସୁବିଧା ରହିବ। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ମୁଖ୍ୟ ଗେଟ୍ ଅର୍ଥାତ୍ ଜୋନ୍-୧ରେ ଗାଡି ପାର୍କିଂ କରି ପାହାଡ଼ ଉପରକୁ ଯିବେ। ଏଥିପାଇଁ ସିଡି ଓ ଇ-ଯାନର ବ୍ୟବସ୍ଥା ରହିବ। ଜୋନ୍-୪ରେ ମା' ଶିଖରଣ୍ଡୀଙ୍କ ମୁଖ୍ୟ ମନ୍ଦିର ସମେତ ମନ୍ଦିର କାର୍ଯ୍ୟାଳୟ ଓ କିଛି ଦୋକାନ ରହିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ଇତିମଧ୍ୟରେ କାର୍ଯ୍ୟ ଆରମ୍ଭ ହୋଇଥିବା ବିଡିଏ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

## ଆଜି ପାହାଡ଼ରେ ଲାଗିବ ୩୫୦୦ ଚାରା

### ଲଗାଇଥିବା ଗଛରେ ରହିବ ବ୍ୟକ୍ତିଙ୍କ ନାମ ଫଳକ

'ସବୁଜ ପାହାଡ଼ ପ୍ରକଳ୍ପ' ଯୋଜନାରେ ଶିଖରଚଣ୍ଡୀ ପାହାଡ଼ରେ ୧୮ହଜାର ଚାରା ଲଗାଯିବ। ପୂର୍ବରୁ ପାହାଡ଼ରେ ୬ହଜାର ୫ଶହ ଚାରା ଲାଗିଥିବାବେଳେ ରବିବାର ଆଉ ୩ହଜାର ୫ଶହ ଗଛ ଲଗାଯିବ। ଏଥିମଧ୍ୟରେ ୧୦ହଜାର ବଡ଼ ଚାରା ଯଥା ନିମ୍ବ, କରଞ୍ଜ, ଅର୍ଜୁନ, ଶିଶୁ, ବର, ଅଶ୍ୱତଥ୍, ରୋହିଣୀ, ଆତ, ବଉଳ, ରକ୍ତ ଚନ୍ଦନ ଭଳି ଗଛ ଥିବାବେଳେ ବାକି ୮ହଜାର ଟୋକୋମା, କାଞ୍ଚନ, କାମିନୀ ଭଳି ଫୁଲଗଛ ଲଗାଯିବ। ଏଥିପାଇଁ ବିଡିଏ ପକ୍ଷରୁ ୩.୫୧କୋଟି ଟଙ୍କା ଓଏଫ୍‌ଡିସିକୁ ପ୍ରଦାନ କରାଯାଇଛି। ଗଛ ଆଣିବାଠାରୁ ଆରମ୍ଭ କରି ଲଗାଇବା ଓ ରକ୍ଷଣାବେକ୍ଷଣ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଓଏଫ୍‌ଡିସି ନେବ। ୨୦୨୭-୨୮ ପର୍ଯ୍ୟନ୍ତ ଓଏଫ୍‌ଡିସି ଏହି ଦାୟିତ୍ୱ ନେବାକୁ ବିଡିଏ ସହ ଚୁକ୍ତି କରିଛି। ସେପ୍ଟେମ୍ବର ୧୦ରେ ଜଟଣୀର ବାଛରା ପାହାଡ଼ରେ ବିଡିଏ ପକ୍ଷରୁ ବୃକ୍ଷ ରୋପଣ କରାଯାଇଥିବାବେଳେ ରବିବାର ଶିଖରଚଣ୍ଡୀ ଓ ଏହାପରେ ନୀଳାଦ୍ରୀବିହାରସ୍ଥିତ ବୁଦ୍ଧ ପାର୍କଠାରେ ବୃକ୍ଷରୋପଣ କରାଯିବ। ଏଥିରେ ଅଧିକରୁ ଅଧିକ ନାଗରିକଙ୍କୁ ସାମିଲ କରିବାକୁ ଚେଷ୍ଟା କରାଯାଉଛି। ଯେଉଁମାନେ ଚାହିଁବେ ସେମାନେ ରବିବାର ଶିଖରଚଣ୍ଡୀକୁ ଯାଇ ନିଜ ନାମରେ ଗଛ ଲଗାଇ ପାରିବେ। ଗଛରେ ସମ୍ପୃକ୍ତ ବ୍ୟକ୍ତିର ନାମକୁ ଏକ ଟୋକନ୍ ଭାବେ ଲଗାଯିବ। ଏପରିକି ପୂର୍ବରୁ ଲାଗିଥିବା ଗଛକୁ ମଧ୍ୟ ଆଡପ୍ଟ ବା ପୋଷ୍ୟ ଭାବେ ଗ୍ରହଣ କରି ପାରିବେ ବୋଲି ଶନିବାର ବିଡିଏ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ବିଡିଏ ଭିସି ବଲୱନ୍ତ ସିଂ ଏନେଇ ସୂଚନା ଦେଇଛନ୍ତି। ଭବିଷ୍ୟତରେ ଶିଖରଚଣ୍ଡୀ ପାହାଡ଼କୁ ଜବରଦଖଲମୁକ୍ତ ରଖିବା ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଉନ୍ନୟନମୂଳକ ପଦକ୍ଷେପ ନିଆଯାଉଥିବା ସେମାନେ କହିଛନ୍ତି।

**ସଂକ୍ଷେପରେ**

## ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

ଭୁବନେଶ୍ୱର, ୧୬।୯ (ସୂର୍ଯ୍ୟକାନ୍ତ ବେହେରା)

ଫୁଲବାଣୀରୁ କାରରେ ପାଣିକୋଇଲିକୁ ଗଞ୍ଜେଇ ଚୋରା ଚାଲାଣବେଳେ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ ସାଲିଆସାହି ହାତିଆଶୁଣିରୁ ଧରିଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ଜି.ଉଦୟଗିରିର ବିଷ୍ଣୁ ପ୍ରସାଦ ନାୟକ, ଦିନେଶ କୁମାର ଦିଗାଲ ଓ ରୋହିତ ଖଟା। ସେମାନଙ୍କଠାରୁ ଗୋଟିଏ କାର ସହ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯାଇଥିଲା।

## ଭୁବନେଶ୍ୱର ଜିଲା ଦାବିରେ ସମାବେଶ

ପୁରୁଣାଭୁବନେଶ୍ୱର, ୧୬।୯ (ସୁବାସଚନ୍ଦ୍ରପ୍ରଧାନ)

ଭୁବନେଶ୍ୱରକୁ ଜିଲା ଘୋଷଣା ଦାବିରେ ଏକାମ୍ର ବରିଷ୍ଠ ସଂଘର ଆହ୍ୱାନକ୍ରମେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବରିଷ୍ଠ ନାଗରିକ ସଂଘର ପ୍ରତିନିଧି, ବିଭିନ୍ନ ନିଯୋଗର ପ୍ରତିନିଧି, ସେବାୟତ ଆଞ୍ଚଳିକ ବିକାଶ ପରିଷଦର ପ୍ରତିନିଧି ଏବଂ ସାହି ମୁରବୀମାନଙ୍କୁ ନେଇ ଶନିବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ହୃଷୀକେଶ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସଦସ୍ୟମାନେ ଜିଲା ଦାବିରେ ସ୍ଲୋଗାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରାଜେନ୍ଦ୍ର ସର୍ମଥା, ସମ୍ପାଦକ ଧୀରେନ ପଟ୍ଟନାୟକ, ଲିଙ୍ଗରାଜ ସାହୁ, ଶ୍ୟାମ ସୁନ୍ଦର ମହାପାତ୍ର, ବିରଞ୍ଚି ନାରାୟଣ ପତି, ବୃନ୍ଦାବନସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକକଳା, ନୃତ୍ୟ, ସଙ୍ଗୀତରେ ଦୁଲୁକିବ ମଞ୍ଚ

ବେଗୁନିଆ, ୧୬।୯ (ହରପ୍ରସନ୍ନ ପଣ୍ଡା)

ପାଖେଇ ଆସୁଛି ପାର୍ବଣ ଋତୁ। ଆସନ୍ତା ୧୯ରେ ଗଣେଶ ଚତୁର୍ଥୀ ଅବସରରେ ଧରାପୃଷ୍ଠରେ ପ୍ରଭୁ ଗଜାନନଙ୍କ ପୂଜା ପାଳିତ ହେବ। ସେଥିପାଇଁ ଗାଁଠୁ ସହର ସବୁଆଡ଼େ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଲୋକକଳାର ଆୟୋଜନ କରାଯାଇଛି। ବେଗୁନିଆ ବ୍ଲକ ଅଧୀନ ବାଘମାରି, ସିମୋର, ସୁଆଁଳ, ସିକୋ, ହଜ, ଡାଳତୋଳା, ପାଟଣା ହାଟ ଆଦି ଅନେକ ସ୍ଥାନରେ ମହାସମାରୋହରେ ଗଜାନନଙ୍କ ପୂଜା ପାଳିତ ହେବ ବୋଲି କମିଟି ପକ୍ଷରୁ ସ୍ଥିର ହୋଇଛି। ଚଳିତବର୍ଷ କଣ୍ଟାବାଡ଼ ଗ୍ରାମରେ ପୂଜା କମିଟି ପକ୍ଷରୁ ୩ଦିନ ଧରି ଗଣେଶ ମହୋତ୍ସବ ଅନୁଷ୍ଠିତ ହେବ ଏନେଇ କମିଟି ପକ୍ଷରୁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଶ୍ରୀକାନ୍ତ ବାହିନୀପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ସାମାଜିକ କର୍ମୀ ମାନସ ରଞ୍ଜନ ଦାଶ, ଦିଲୀପ ପାଣିଗ୍ରାହୀ, ସମ୍ପାଦକ ଶ୍ରୀବତ୍ସ ମିଶ୍ର, କୋଷାଧ୍ୟକ୍ଷ ଦୀପକ ରଞ୍ଜନ ଦାଶ, ସନ୍ତୋଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ନିଷ୍ପତ୍ତି ଅନୁଯାୟୀ ଏଥର ମେଲୋଡି ଗ୍ରୁପ୍, ଡ୍ୟାନ୍ସ ଗ୍ରୁପ୍, ସମ୍ବଲପୁରୀ ନୃତ୍ୟ, ପାଇକ ଆଖଡ଼ା ଓ ଆଦିବାସୀ ନୃତ୍ୟ ଏବଂ ପୁରାତନ ଗାଁର ଦୃଶ୍ୟ ଆଦି ପରିବେଷଣ କରାଯିବ।

## ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ

ପୁରୀ, ୧୬।୯ (ଅଜିତ୍ ମହାନ୍ତି)

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିରରେ ଏବଂ ଶ୍ରୀକ୍ଷେତ୍ରରେ ଚାଲିଛି ଶ୍ରୀକୃଷ୍ଣ ଲୀଳା। ଏହିକ୍ରମ ଅନୁଯାୟୀ ଭାଦ୍ରବ ମାସ ଶୁକ୍ଳ ପ୍ରତିପଦା ତିଥି ଶନିବାର ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ବଢ଼ିବା ପରେ ରାମକୃଷ୍ଣ ମହାଜନ ସେବକଙ୍କ ହସ୍ତରେ ବିଜେ ହୋଇ ରତ୍ନ ସିଂହାସନକୁ ବିଜେ ହୋଇଥିଲେ। ସେଠାରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ସେଠାରୁ ନାଟ ମନ୍ଦିର ଖଟଶେଯ ଉପରେ ବିଜେ କରିଥିଲେ। ଶୀତଳ ଭୋଗ ଓ ବନ୍ଦାପନା ସମ୍ପନ୍ନ ହେବା ପରେ ମାଟିମଣ୍ଡପ ସାହିର ଉତ୍ତର କାଳୀ ଆଖଡ଼ା ପକ୍ଷରୁ ଦାବାଗ୍ନି ଲୀଳା ପ୍ରସ୍ତାବ ଆଗତ କରାଯାଇଥିଲା। ବେଶଧାରୀମାନେ ମାଟିମଣ୍ଡପ ସାହିର ଉତ୍ତର କାଳି ଆଖଡ଼ାରୁ ବାହାରି ନଗର ପରିକ୍ରମା କରି ଶ୍ରୀମନ୍ଦିର ପରିସରକୁ ଯାଇଥିଲେ। ପରେ ଆଜ୍ଞାମାଳ ପାଇ ଦାବାଗ୍ନି ଅସୁର ତା'ର ପ୍ରକୋପ ଦେଖାଇଥିଲା। ପରେ କୃଷ୍ଣ ଏବଂ ବଳରାମଙ୍କ ହସ୍ତରେ ବଧ ହୋଇଥିଲା। ଦାବାଗ୍ନି ଶବ୍ଦର ଅର୍ଥ ବନ ବହ୍ନି। ଯେତେବେଳେ ଶ୍ରୀକୃଷ୍ଣ କାଳୀୟଦଳନ କଲେ, ସେଦିନ କୌଣସି ଗୋପୀଗୋପାଳ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ। ଯମୁନା ନଦୀକୂଳରେ ଥିବା ଜଙ୍ଗଲରେ ରହିଯାଇଥିଲେ। ସେହିଦିନି ରାତିରେ ଦାବାଗ୍ନି ପ୍ରଜ୍ୱଳିତ ହୋଇଥିଲା। ତାହାକୁ ଦେଖି ନନ୍ଦ, ଯଶୋଦା, ଗୋପୀଗୋପାଳ ସମସ୍ତେ ଭୟଭୀତ ହୋଇପଡ଼ିଥିଲେ। ସେମାନେ ଶ୍ରୀକୃଷ୍ଣଙ୍କ ଶରଣ ପଶିଥିଲେ। ଶ୍ରୀକୃଷ୍ଣ ସର୍ବସମ୍ମୁଖରେ ଦାବାଗ୍ନିକୁ ଭକ୍ଷଣ କରିଥିଲେ। ଫଳରେ ଗୋପୀଗୋପାଳ ଆଶ୍ୱସ୍ତି ଲାଭ କରିଥିଲେ।



ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରଠାରେ ଅନୁଷ୍ଠିତ ଦୂରଦର୍ଶନର ୬୫ତମ ପ୍ରତିଷ୍ଠା ଦିବସ ଅବସରରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

## କେବିଏନ୍ ଗ୍ୟାଙ୍ଗ ମୁଖ୍ୟ ବୁବୁ ଜେନା ପୁଣି ଗିରଫ

ଭୁବନେଶ୍ୱର, ୧୬।୯ (ସୂର୍ଯ୍ୟକାନ୍ତ ବେହେରା)

**ଯାତ୍ରୀଙ୍କୁ ଆକ୍ରମଣ କରି ଲୁଟିଥିଲେ, ସହଯୋଗୀ ମଧ୍ୟ ଗିରଫ**

ରାଜଧାନୀରେ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରିବା ସହ ଏହାର ଭିଡିଓ ଭାଇରାଲ କରି ଚର୍ଚ୍ଚାକୁ ଆସିଥିବା କେବିଏନ୍ (କୋଇ ଭି ନହିଁ) ଗ୍ୟାଙ୍ଗର ମୁଖ୍ୟ ବୁବୁ ଜେନା ପୁଣିଥରେ ଗିରଫ ହୋଇଛନ୍ତି। ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପରିସରରେ ଜଣେ ଯାତ୍ରୀଙ୍କୁ ଖଣ୍ଡା ଓ ଲୁହାଛଡରେ ଆକ୍ରମଣ କରି ସାଢେ ୧୨ ହଜାର ଟଙ୍କା ସହ ସୁନା ଚେନ୍ ଲୁଟ କରିବା ଅଭିଯୋଗରେ ଅଭିଯୁକ୍ତ ବୁବୁ ଓ ତାଙ୍କ ସହଯୋଗୀ ସନାତନ ବେହେରାଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ ହୋଇଛି। ବୁବୁଙ୍କ ଘର କେନ୍ଦ୍ରାପଡାରେ ହୋଇଥିବାବେଳେ ସନାତନଙ୍କ ଘର ଭୁବନେଶ୍ୱରରେ ବୋଲି ଜଣାପଡିଛି। ବୁବୁଙ୍କ ନାମରେ ଖଣ୍ଡଗିରି ଥାନାରେ ମୋଟ ୮ଟି ମାମଲା ରହିଥିବାବେଳେ ନୟାପଲ୍ଲୀ ଥାନାରେ ୪ଟି, ଖାରବେଳନଗର ଓ ଚନ୍ଦ୍ରଶେଖରପୁର ଥାନାରେ ଗୋଟିଏ ଲେଖାଏ ଆପରାଧିକ ମାମଲା ରହିଥିବା ତଦନ୍ତବେଳେ ଜଣାପଡିଛି। ପୂର୍ବରୁ ମଧ୍ୟ ସେ ଏକାଧିକ ଥର ଜେଲ ଯାଇଛନ୍ତି। ଜାମିନରେ ଆସିବା ପରେ ବାରମ୍ବାର ବିଭିନ୍ନ ଅପରାଧରେ ଲିପ୍ତ ରହୁଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି -୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ଅଭିଯୁକ୍ତ ସନାତନ ବେହେରା ଓରଫ ସନିଆଙ୍କ ନାମରେ ମଧ୍ୟ ଖଣ୍ଡଗିରି ଥାନାରେ ଦୁଇଟି ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

ସୂଚନାନୁସାରେ, ଫେବୃୟାରୀ ୧୨ ବିଳମ୍ବିତ ରାତିରେ ଅଭିଯୋଗକାରୀ ଜଣକ ବିଶ୍ରାମ ନେବା ନିମନ୍ତେ ବରମୁଣ୍ଡା ଟିକେଟ କାଉଣ୍ଟର ନିକଟକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ତାଙ୍କୁ ପଛରୁ ଡାକି ଅଟକାଇବା ସହିତ ହଠାତ ଖଣ୍ଡା ଓ ଲୁହା ରଡ୍‌ରେ ଆକ୍ରମଣ କରି ଟଙ୍କା ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ୭ ମାସ ପରେ ଅଭିଯୁକ୍ତଦ୍ୱୟଙ୍କୁ ଧରିବାରେ ସକ୍ଷମ ହୋଇଛି।

## ୧୦୦ କୋଟିର ଷ୍ଟାର୍ଟଅପ୍ ଅଭିବୃଦ୍ଧି ପାଣ୍ଠି ପରିଚାଳନା କରିବ ସିଡ୍‌ବି

ଭୁବନେଶ୍ୱର, ୧୬।୯ (ଅଭିଜିତ ଦାସ)

ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଷ୍ଟାର୍ଟଅପ୍ ଓଡିଶା ଅଭିବୃଦ୍ଧି ପାଣ୍ଠିର ପରିଚାଳନା ଦାୟିତ୍ୱ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ ଡେଭଲପମେଣ୍ଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ସିଡ୍‌ବି)କୁ ଦିଆଯାଇଛି। ଏନେଇ ଶନିବାର ଭୁବନେଶ୍ୱରସ୍ଥିତ ଓ-ହବ୍‌ଠାରେ ଷ୍ଟାର୍ଟଅପ୍ ଓଡିଶା ଓ ସିଡ୍‌ବି ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମୁଖ୍ୟ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ କହିଛନ୍ତି, ଷ୍ଟାର୍ଟଅପ୍ ଓଡିଶା କାର୍ଯ୍ୟକ୍ରମ ଦ୍ୱାରା ଓଡିଶାର ଯୁବପିଢିଙ୍କୁ ସଶକ୍ତ କରାଯାଉଛି। ବିଭିନ୍ନ ବିଭାଗର ଯୁବପିଢିମାନଙ୍କୁ ଷ୍ଟାର୍ଟଅପ୍ ଓଡିଶା କାର୍ଯ୍ୟକ୍ରମରେ ସାମିଲ କରାଯାଉଛି। ବର୍ତ୍ତମାନ ଷ୍ଟାର୍ଟଅପ୍ ଓଡିଶାର ୧୦୦ କୋଟି ଅଭିବୃଦ୍ଧି ପାଣ୍ଠିର ପରିଚାଳକ ଭାବେ ସିଡ୍‌ବିକୁ ଦାୟିତ୍ୱ ଦିଆଯାଇଛି। ଓଡିଶାଭିତ୍ତିକ ଷ୍ଟାର୍ଟଅପ୍ ପ୍ରକଳ୍ପରେ ସିଡ୍‌ବି ପାଣ୍ଠି ନିବେଶଠାରୁ ଆରମ୍ଭ କରି ପୋର୍ଟଫୋଲିଓ ମଧ୍ୟ ପରିଚାଳନା କରିବ। ଏହାଦ୍ୱାରା ୧୨୦ ମିଲିୟନରୁ ଅଧିକ ନିଯୁକ୍ତି ସୃଷ୍ଟି ହେବା ସହ ଓଡିଶା ଅର୍ଥନୀତି କ୍ଷେତ୍ରରେ ଅଭିବୃଦ୍ଧି କରିବ। ସେହିପରି ଓଡିଶା ଷ୍ଟାର୍ଟଅପର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡକ୍ଟର ଓମ୍‌କାର ରାଏ କହିଛନ୍ତି, ଓଡିଶାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ପ୍ରତିପାଦନ କରିବା ପାଇଁ ଅଭିବୃଦ୍ଧି ପାଣ୍ଠିର ନିହାତି ଆବଶ୍ୟକ। ଏମଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି, ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ୍‌ରେ ଓଡିଶା ୨୦୧୮ ଓ ୨୦୨୧ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରାଜ୍ୟ ଥିବାବେଳେ ୨୦୧୯ରେ ନେତୃତ୍ୱ ନେଇଥିଲା।

## ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ



ଜଟଣୀ, ୧୬।୯ (ରବୀନ୍ଦ୍ର ନାଥ ମହାକୁଡ଼)

**୧୧ ହଜାର ଟଙ୍କା ଜରିମାନା ଆଦାୟ**

ଜଟଣୀ ସହରର ବିଭିନ୍ନ ଦୋକାନରେ ଶନିବାର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଖାଦ୍ୟ ସୁରକ୍ଷା ନିରୀକ୍ଷକ ନିବେଦିତା ଭଞ୍ଜ ଏବଂ ଦେବାଶିଷ ଭଞ୍ଜଙ୍କ ସହିତ ପୌର ଅଧିକାରୀ ଦିଲୀପ ମହାନ୍ତି, ପୌର ଅଧ୍ୟକ୍ଷ ଅନନ୍ତ ବେହେରା ପ୍ରମୁଖ ଏହି ଚଢ଼ାଉ ବେଳେ ଉପସ୍ଥିତ ଥିଲେ। ସୀତାରାମ ଛକ, ହରିଭାଇନା ଛକ, ଥାନା ଛକ ଆଦି ଅଞ୍ଚଳରେ ରହିଥିବା ମିଠା ଦୋକାନ, ଜଳଖିଆ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟିରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଅପମିଶ୍ରଣ ଖାଦ୍ୟ ଏବଂ ବିଭିନ୍ନ ମିଠା ପ୍ରସ୍ତୁତରେ ବ୍ୟବହୃତ ରାସାୟନିକ ମିଠା, ରଙ୍ଗ ସହିତ ବହୁ ସାମଗ୍ରୀ ଜବତ କରିବା ସହିତ ବାସିଖାଦ୍ୟକୁ ନଷ୍ଟ କରିଥିଲେ। ଦୋକାନୀଙ୍କଠାରୁ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅପମିଶ୍ରଣ ରୋକିବା ପାଇଁ ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି।



ନିରାକାରପୁର: ବଡବଜାର ଗଣେଶ ପଡିଆରେ ହେବାକୁ ଥିବା ଗଣେଶପୂଜା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

## ଗଣେଶପୂଜା, ବାଦିପାଲା ପାଇଁ ବୈଠକ

ନିରାକାରପୁର, ୧୬।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ବଡବଜାର ଗଣେଶ ପଡିଆଠାରେ ହେବାକୁ ଥିବା ଗଣେଶପୂଜା ଓ ବାଦିପାଲା ପାଇଁ ଶନିବାର ରବୀନ୍ଦ୍ର କୁମାର ରାଉତରାୟଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଣେଶପୂଜା କିଭଳି ସରସ, ସୁନ୍ଦର ଓ ଲୋକାଭିମୁଖୀ ହୋଇପାରିବ ସେନେଇ ଆଲୋଚନା କରାଯାଇଥିଲା। ପୂଜା ମଣ୍ଡପରେ ୩ଦିନ ବ୍ୟାପୀ ବାଦି ପାଲା ମଞ୍ଚସ୍ଥ ହେବ। ଆସନ୍ତା ୨୦, ୨୧, ୨୨ତାରିଖରେ ପୁରୀ ଜିଲାର ଗାୟକ ଲମ୍ବୋଦର ବେହେରା, ମାୟାଧର ପ୍ରଧାନ ପ୍ରମୁଖ ପାଲା ପରିବେଷଣ କରିବେ। ଅପରାହ୍ନ ସାଢ଼େ ୪ଟାରୁ ପାଲା ପରିବେଷଣ କରାଯିବ ବୋଲି ସ୍ଥିର ହୋଇଛି। ଅନୁରୂପଭାବେ ଅବଶିଷ୍ଟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଆଲୋକ ରଞ୍ଜନ ଛୋଟରାୟ, ମୃତ୍ୟୁଞ୍ଜୟ ପ୍ରଧାନ, ଭାସ୍କର ପ୍ରଧାନ ସୁଶାନ୍ତ ସାହୁ, ଚିତ୍ତରଞ୍ଜନ ସାହୁ, ବିପିନ ରାଉତରାୟ, ମନ୍ମଥ ବେହେରା, ଦଣ୍ଡପାଣି ବଳିୟାରସିଂ, ତ୍ରିନାଥ ସାହୁ, ପ୍ରତାପ ପ୍ରଧାନ, ଉପଦେଷ୍ଟା ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଆନନ୍ଦ ଚନ୍ଦ୍ର ବାଘସିଂ ଧନ୍ୟବାଦ ଦେଇଥିଲେ।

## ୧୧୦ ରେ' ହିତାଧିକାରୀଙ୍କ ମଧ୍ୟରୁ ୪୦ଜଣ ଅଣବସ୍ତିବାସିନ୍ଦା

ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)

■ ଲଟେରି ମାଧ୍ୟମରେ ଚୟନ କଲା ବିଡିଏ

■ ଅଭିଯୋଗ ଆଣିଲେ ଶାନ୍ତିପଲ୍ଲୀ ବସ୍ତି ସଭାପତି

ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ଲକ୍ଷ୍ୟରେ ଜାଗା ମିଶନ୍, ରାଜୀବ ଆବାସ ଯୋଜନା(ରେ), ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ମାତ୍ର ଏସବୁ ଯୋଜନାରେ ପ୍ରୀୟାପ୍ରିତି ତୋଷଣ ସହ ବିଭିନ୍ନ କେଳେଙ୍କାରୀ ପଦାକୁ ଆସୁଛି। ଜାଗା ମିଶନରେ ପଟ୍ଟା ବଣ୍ଟନ ବିବାଦ ଥମି ନ ଥିବାବେଳେ ଏବେ ରାଜୀବ ଆବାସ ଯୋଜନାକୁ ନେଇ ଅଭିଯୋଗ ଆସିଛି। ଶହୀଦନଗର ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ପ୍ରକୃତ ରେ' ହିତାଧିକାଙ୍କୁ ଅଣଦେଖା କରାଯାଇ ବାହାର ଲୋକଙ୍କୁ ଏଥିରେ ସାମିଲ କରାଯାଇଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ଶନିବାର ବିଡିଏ ପକ୍ଷରୁ ଇଡ୍‌କଲ ଅଡିଟୋରିୟମ୍‌ଠାରେ ଲଟେରି ମାଧ୍ୟମରେ ୧୧୦ଜଣ ରେ' ହିତାଧିକାରୀଙ୍କୁ ଚୟନ କରାଯାଇଛି। ଏମାନେ ସେଠାରେ ନିର୍ମିତ ହୋଇଥିବା ଘରେ ସ୍ଥାୟୀ ଭାବେ ରହିପାରିବେ। ତେବେ ଚୟନ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ୭୦ଜଣ ବସ୍ତିବାସିନ୍ଦା ଥିବାବେଳେ ବାକି ୪୦ଜଣ ଅଣବସ୍ତିବାସିନ୍ଦା ବା ବାହାର ଲୋକ ବୋଲି ବସ୍ତିର ସଭାପତି କ୍ଷେତ୍ରବାସୀ ବେହେରା ଗୁରୁତର ଅଭିଯୋଗ ଆଣିଛନ୍ତି। ଏଥିସହ ଠିକ୍ ଭାବେ ଯାଞ୍ଚ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରିବାକୁ ସେ ଦାବି କରିଛନ୍ତି।

ତାଙ୍କ କହିବାନୁସାରେ, ଶାନ୍ତିପଲ୍ଲୀ ବସ୍ତିରେ ମୋଟ୍ ୧୨୬୦ପରିବାର ରହୁଥିବାବେଳେ ସେମାନଙ୍କ ମଧ୍ୟରୁ ୮୫୦ଜଣ ରେ' ହିତାଧିକାରୀ ରହିଛନ୍ତି। ୨୦୧୦ରୁ ଏନେଇ ସର୍ଭେ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ମାତ୍ର ସର୍ଭେରେ ହୋଇଥିବା ବ୍ୟାପକ ଜାଲିଆତି ଅଭିଯୋଗ ଆସିବା ପରେ ସର୍ଭେ ପରେ ସର୍ଭେ କରାଯାଇ ତାଲିକାରୁ ନାଁ କଟା ଓ ଯୋଡା ହୋଇଥିଲା। ୩୪୫ବର୍ଗଫୁଟ ଅଞ୍ଚଳରେ ଘର ନିର୍ମାଣ କରି ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିବାବେଳେ ମାତ୍ର ୨ଶହ ବର୍ଗଫୁଟରେ ଘର ତିଆରି କରାଯାଇଛି। ସେହିପରି ହିତାଧିକାରୀଙ୍କୁ ଘର ପାଇଁ ୧ଲକ୍ଷ ୨୦ହଜାର ଟଙ୍କା ଡିପୋଜିଟ୍ କରିବାକୁ କୁହାଯାଇଥିବାବେଳେ ଏବେ ତାହାକୁ ଦେଢଲକ୍ଷ କରାଯାଇଛି। ବସ୍ତିରେ ରହୁଥିବା ଲୋକମାନେ ସାଧାରଣତଃ ଦିନ ମଜୁରିଆ ଶ୍ରେଣୀର। ସେମାନେ କେଉଁଠାରୁ ଏତେ ଟଙ୍କା ଆଣିବେ? ସେହିପରି ଅନ୍ୟ ସ୍ଥାନରେ ଘର ପାଇଁ ରେ' ହିତାଧିକାରୀଙ୍କୁ ଲକ୍ଷେ ୨୦ହଜାର ଟଙ୍କା ଡିପୋଜିଟ୍ କରିବାକୁ ପଡୁ ଥିବାବେଳେ ଶାନ୍ତିପଲ୍ଲୀବାସୀ ଆଉ ୩୦ହଜାର ଟଙ୍କା ଅଧିକ କାହିଁକି ଦେବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ଶାନ୍ତିପଲ୍ଲୀ ବସ୍ତିରେ ୧୩ଶହ ୟୁନିଟ୍ ନିର୍ମାଣ ହେବାକୁ ଯୋଜନା ହୋଇଥିଲା। ଏହାପରେ ପିପିପି ମୋଡ୍‌ରେ ଗୃହ ନିର୍ମାଣ ସଂସ୍ଥା ଡିଏନ୍ ହୋମ୍‌ସ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ୫୬୦ଟି ୟୁନିଟ୍ ବା ଘର ତିଆରି କରିବାକୁ ୧୦ବର୍ଷ ସମୟ ଲାଗିଥିବାବେଳେ ଆହୁରି ୭୪୦ ଘର ନିର୍ମାଣ କରିବାକୁ ବାକି ରହିଛି। ମୋଟ୍ ୧୯.୩୫୯ ଏକର ଜମି ଥିବାବେଳେ ପ୍ରାଥମିକ ପର୍ଯ୍ୟାୟରେ ୭.୭୯୭ ଏକର ଜମି ନିଆଯାଇଛି। ସେଥି ମଧ୍ୟରୁ ପ୍ରାୟ ୨ଏକର ଜମି ପ୍ରକଳ୍ପ ନିର୍ମାଣ କରୁଥିବା ସଂସ୍ଥାକୁ ପ୍ରଦାନ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୯।୨୦୨୩

| | |
|---|---|
| ୪,୦୬,୦୧୨ ଟଙ୍କା | |
| ସୁନା | ୨୦ ମିଲିଗ୍ରାମ୍ |
| ରୁପା | ୩.୮୦୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ

**ପୁରୀ,୧୬।୯(ଅଜିତ୍ ମହାନ୍ତି):**

ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିରରେ ଏବଂ ଶ୍ରୀକ୍ଷେତ୍ରରେ ଚାଲିଛି ଶ୍ରୀକୃଷ୍ଣ ଲୀଳା। ଏହିକ୍ରମ ଅନୁଯାୟୀ ଭାଦ୍ରବ ମାସ ଶୁକ୍ଳ ପ୍ରତିପଦା ତିଥି ଶନିବାର ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ବଢ଼ିବା ପରେ ରାମକୃଷ୍ଣ ମହାଜନ ସେବକଙ୍କ ହସ୍ତରେ ବିଜେ ହୋଇ ରତ୍ନ ସିଂହାସନକୁ ବିଜେ ହୋଇଥିଲେ। ସେଠାରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ସେଠାରୁ ନାଟ ମନ୍ଦିର ଖଟଶେଯ ଉପରେ ବିଜେ କରିଥିଲେ। ଶୀତଳ ଭୋଗ ଓ ବନ୍ଦାପନା ସମ୍ପନ୍ନ ହେବା ପରେ ମାଟିମଣ୍ଡପ ସାହିର ଉତ୍ତର କାଳୀ ଆଖଡ଼ା ପକ୍ଷରୁ ଦାବାଗ୍ନି ଲୀଳା ପ୍ରସ୍ତାବ ଆଗତ କରାଯାଇଥିଲା। ବେଶଧାରୀମାନେ ମାଟିମଣ୍ଡପ ସାହିର ଉତ୍ତର କାଳି ଆଖଡ଼ାରୁ ବାହାରି ନଗର ପରିକ୍ରମା କରି ଶ୍ରୀମନ୍ଦିର ପରିସରକୁ ଯାଇଥିଲେ। ପରେ ଆଜ୍ଞାମାଳ ପାଇ ଦାବାଗ୍ନି ଅସୁର ତା'ର ପ୍ରକୋପ ଦେଖାଇଥିଲା। ପରେ କୃଷ୍ଣ ଏବଂ ବଳରାମଙ୍କ ହସ୍ତରେ ବଧ ହୋଇଥିଲା। ଦାବାଗ୍ନି ଶବ୍ଦର ଅର୍ଥ ବନ ବହ୍ନି। ଯେତେବେଳେ ଭଗବାନ ଶ୍ରୀକୃଷ୍ଣ କାଳୀୟଦଳନ କଲେ, ସେଦିନ କୌଣସି ଗୋପୀଗୋପାଳମାନେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ। ସମସ୍ତେ ଯମୁନା ନଦୀକୂଳରେ ଥିବା ଜଙ୍ଗଲରେ ରହିଯାଇଥିଲେ। ସେହିଦିନି ରାତିରେ ପ୍ରଚଣ୍ଡ ବେଗରେ ଦାବାଗ୍ନି ପ୍ରଜ୍ୱଳିତ ହୋଇଥିଲା। ତାହା ଏତେ ପ୍ରଚଣ୍ଡ ଥିଲା ତାହାକୁ ଦେଖି ନନ୍ଦ, ଯଶୋଦା, ଗୋପୀଗୋପାଳ ସମସ୍ତେ ଭୟଭୀତ ହୋଇପଡ଼ିଥିଲେ। ତେଣୁ ସେମାନେ ଶ୍ରୀକୃଷ୍ଣଙ୍କ ଶରଣ ପଶିଥିଲେ। ଶ୍ରୀକୃଷ୍ଣ ସର୍ବସମ୍ମୁଖରେ ସେହି ଦାବାଗ୍ନିକୁ ଭକ୍ଷଣ କରିଥିଲେ। ଫଳରେ ଜଙ୍ଗଲ ରକ୍ଷା ପାଇବା ସହ ଗୋପୀଗୋପାଳମାନେ ସମସ୍ତେ ଆଶ୍ୱସ୍ତି ଲାଭ କରିଥିଲେ। ସେହି ଦ୍ୱାପର ଯୁଗର ଲୀଳାକୁ ସ୍ମରଣ କରାଯାଇ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହେଉଛି।



କୁନି କଳାକାରଙ୍କ ଦ୍ୱାରା ଦାବାଗ୍ନିଲୀଳା ନୀତି ପରିବେଷଣ କରାଯାଉଛି ।

# ବିଶର ସ୍ମାରକୀ ମୃଦଙ୍ଗ କୁଜଙ୍ଗରୁ ଆସିବ ଶ୍ରୀମନ୍ଦିର



**ପୁରୀ,୧୬।୯(ଅଜିତ୍ ମହାନ୍ତି)**

କଳାପାହାଡ଼ ଦ୍ୱାରା ଅପହୃତ ଠାକୁରଙ୍କ ବ୍ରହ୍ମକୁ ମୃଦଙ୍ଗ ଭିତରେ ଉଦ୍ଧାର କରିଥିବା ମହାନ୍ ଜଗନ୍ନାଥ ଭକ୍ତ ଗଡ଼କୁଜଙ୍ଗର ବିଶର ମହାନ୍ତିଙ୍କ ସ୍ମରଣରେ ଖୁବ୍‌ଶୀଘ୍ର ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ମୃଦଙ୍ଗ ପ୍ରଦାନ କରାଯିବ। ଏନେଇ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ସୂଚନା ଦେଇଛନ୍ତି। ଶନିବାର ପୁରୀଠାରେ ସୁରକ୍ଷା ଅଭିଯାନର ପ୍ରତିନିଧି ସରୋଜ ନାୟକ, ଡକ୍ଟର ଧୃତିଧର ଦାସ, ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ ସମେତ କୁଜଙ୍ଗ, ଜଗତ୍‌ସିଂହପୁର ଓ ନିଆଳିର ଭକ୍ତମାନଙ୍କ ସହ ମିଳିତ ଆଲୋଚନା ପରେ ଏପରି ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ସିଂହଦ୍ୱାରଠାରେ ବିଦେଶରୁ କୋହିନୁର ହୀରା ଫେରାଇବା ଉଦ୍ୟମ ପାଇଁ ପ୍ରିୟଦର୍ଶନ ପଟ୍ଟନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସେହିପରି ଭିନ୍ନ ଏକ ଇନ୍ଦ୍ରଦ୍ୟୁମ୍ନ ବିଶର ମହାନ୍ତିଙ୍କ ଉପରେ ଗବେଷଣା ପାଇଁ ଗାଳ୍ପିକ ବଦ୍ରି ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସିଂହଦ୍ୱାରଠାରେ ଶିବଶଙ୍କର ପ୍ରତିହାରୀ, ଜ୍ୟୋତିପ୍ରକାଶ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ରଙ୍କ ସମେତ ଅନେକ ସେବାୟତ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ମହାପ୍ରଭୁଙ୍କ ନୀତି ବିଳମ୍ବ ସହ ସେବା କରାଇ ନ ଦେବା ଘଟଣା

## ଥାନାର ଦ୍ୱାରସ୍ଥ ହେଲେ ସେବା ନିବୃତ୍ତ ସେବକ

**ପୁରୀ, ୧୬।୯(ଅଜିତ୍ ମହାନ୍ତି)**

ସେବାରୁ ନିବୃତ୍ତ ଥିବା ସିଂହାରୀ ସେବାୟତ ଶଙ୍ଖମିତ୍ର ସିଂହାରୀ ଶୁକ୍ରବାର ଶ୍ରୀମନ୍ଦିରରେ ମଙ୍ଗଳ ଆଳତୀ କରିବା ଘଟଣାକୁ ନେଇ ଦୀର୍ଘ ସମୟ ଧରି ନୀତି ବନ୍ଦ କରାଯାଇଥିଲା। ଏପରିକି ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ କରାଯାଇଥିଲା। ଏହି ଘଟଣାକୁ ନେଇ ସମ୍ପୃକ୍ତ ସିଂହାରୀ ସେବାୟତ ଶଙ୍ଖମିତ୍ର ସିଂହାରି ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ତାଙ୍କୁ ଗର୍ଭଗୃହ ଭିତରେ କିଛି ମୁଷ୍ଟିମେୟ ସେବାୟତ ଧମକ ଦେବା ସହ ଦୁର୍ବ୍ୟବହାର ଓ ଗାଳିଗୁଲଜ କରିଥିବା ସେ ଉଲ୍ଲେଖ କରିଛନ୍ତି। ଏପରି କି ଆଗାମୀ ଦିନରେ ସେବା କରାଇ ଦେବୁ ନାହିଁ ବୋଲି ଧମକ ଦେଇଛନ୍ତି। ସେବାୟତ ଗୋଷ୍ଠୀ ତାଙ୍କ ଛବିକୁ ଭକ୍ତ ଓ ଅନ୍ୟ ସେବାୟତଙ୍କ ନିକଟରେ ଏକ ବିକୃତ ରୂପ ଦେଇଥିଲେ। ଏହାଦ୍ୱାରା ସମାଜ ନିକଟରେ ମାନସମ୍ମାନ ହାନୀ ହେବା ସହ ଜୀବନ ଓ ଜୀବିକା ଉପରେ ପ୍ରଭାବ ପଡ଼ିଛି ବୋଲି ସିଂହାରୀ ଅଭିଯୋଗରେ ଦର୍ଶାଇଛନ୍ତି । ମହାପ୍ରଭୁଙ୍କ ନୀତିକାନ୍ତିର ବିଳମ୍ବ ପାଇଁ ଉକ୍ତ ସେବାୟତମାନେ ଦାୟୀ ଏବଂ ଶ୍ରୀମନ୍ଦିର ମଧ୍ୟରେ ଘଟିଥିବା ଏହି ଅଭାବନୀୟ ଘଟଣା ପାଇଁ ସେମାନେ ସମ୍ପୂର୍ଣ୍ଣ ଭାବେ ଦୋଷୀ ଅଟନ୍ତି । ତେଣୁ ସମସ୍ତ ଘଟଣାକୁ ଦୃଷ୍ଟିରେ ରଖି ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଂହାରୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।





ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ଗୋଆ ରାଜ୍ୟପାଳ ପି.ଏସ୍. ଶ୍ରୀଧରନ ପିଲାଇ ।

# ମହାପ୍ରଭୁଙ୍କୁ ଦର୍ଶନକଲେ ଗୋଆ ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ

**ପୁରୀ ୧୬।୯(ଅଜିତ୍ ମହାନ୍ତି)**

ଗୋଆ ରାଜ୍ୟପାଳ ପି.ଏସ୍. ଶ୍ରୀଧରନ ପିଲାଇ ଶନିବାର ପୂର୍ବାହ୍ନରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଗୋଆ ରାଜ୍ୟପାଳ ଶ୍ରୀମନ୍ଦିର ସିଂହଦ୍ୱାରଠାରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରି ଶ୍ରୀମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ସେ ଶ୍ରୀମନ୍ଦିର ଯାଇ ରତ୍ନସିଂହାସନସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ପରେ କିଛି ସମୟ ଶ୍ରୀମନ୍ଦିରରେ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ମହାପ୍ରସାଦ ଆଦି ପ୍ରଦାନ କରାଯାଇଥିଲା। ସେହିପରି ପୁରୀରେ କେନ୍ଦ୍ର ସରକାରଙ୍କ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁଆସିଥିବା କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ତଥା ଆୟୁଷ ମନ୍ତ୍ରୀ ମହେନ୍ଦ୍ର ଭାଇ ମୁଞ୍ଜାପରା ସନ୍ଧ୍ୟାରେ ପୁରୀରେ ପହଞ୍ଚି ଶ୍ରୀମନ୍ଦିର ଯାଇ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ନେଇଛନ୍ତି।

## ଜିଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ଦାୟିତ୍ୱ ନେଲେ ସ୍ୱାଧୀନ

**ପୁରୀ,୧୬।୯(ଅଜିତ୍ ମହାନ୍ତି)**

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଶନିବାର ବିଧିବଦ୍ଧ ଭାବେ ପୁରୀ ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ ସ୍ୱାଧୀନ କୁମାର ପଣ୍ଡାଙ୍କୁ ଜିଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ରୂପେ ଦାୟିତ୍ୱ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ପ୍ରତି ପ୍ରଶାସନ ଆଗରେ ଦାବି ରଖିବା ସହିତ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ସ୍ୱର ଶାଣିତ କରାଯିବା ସହ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲା ଯିବା, ରତ୍ନଭଣ୍ଡାର ସମସ୍ୟା, ଐତିହ୍ୟ କରିଡର ନାମରେ ଚାଲିଥିବା ବ୍ୟାପକ ଦୁର୍ନୀତି, ଉଠାଦୋକାନୀଙ୍କ ସମସ୍ୟା ଆଦି ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରାଯିବ ବୋଲି ପଣ୍ଡା କହିଛନ୍ତି।

## ଟଙ୍କା, ବାଇକ୍ ଛଡ଼ାଇନେବା ଅଭିଯୋଗରେ ଜଣେ ଗିରଫ

**ଗୋପ,୧୬।୯(ଭାରତୀ ଭୂଷଣ ଉପାଧ୍ୟାୟ)**

ଟଙ୍କା, ବାଇକ୍ ଛଡ଼ାଇନେବା ଅଭିଯୋଗରେ ଜଣେ ଯୁବକଙ୍କୁ ଗୋପ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ କାକଟପୁର ଥାନା ଅନ୍ତର୍ଗତ ଜୁଉନ୍ତି ଗ୍ରାମର ଦୁର୍ଯ୍ୟୋଧନ ସ୍ୱାଇଁ (୩୨)। ଏନେଇ ପୋଲିସ ୧୭୦/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ କୋର୍ଟ ତାଙ୍କୁ ଜେଲ ହାଜତକୁ ପଠାଇ ଦେଇଛନ୍ତି। ସୂଚନା ମୁତାବକ, ନୟାହାଟ ଫାଣ୍ଡି ଅଧୀନ କଦମ୍ବ ପାଟେଣା ଗ୍ରାମର ତୋଫାନ କାଣ୍ଡି (୪୦) ନୟାହାଟ ପାନହାଟରୁ ବେପାର ସାରି ବାଇକ୍ ଯୋଗେ ଘରକୁ ଫେରୁଥିଲେ। କାକଟପୁର-ନୟାହାଟ ରାସ୍ତାର ପାଣିଛତ୍ର ନିକଟରେ ଦୁର୍ଯ୍ୟୋଧନ ତାଙ୍କୁ ମାରଣାସ୍ତ୍ର ଦେଖାଇ ବାଇକ୍ ସହିତ ୨୪ ଶହ ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ ତୋଫାନ ଫାଣ୍ଡିରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ନୟାହାଟ ନିକଟରୁ କାବୁ କରିବା ସହ ବାଇକ୍ ଓ ଟଙ୍କା ଜବତ କରିଥିଲା।

# ହବିଷିଆଳି ବ୍ରତ ପାଇଁ ପ୍ରସ୍ତୁତି ବୈଠକ

**ପୁରୀ,୧୬।୯(ଅଜିତ୍ ମହାନ୍ତି)**

କାର୍ତ୍ତିକ ମାସରେ ରାଇଦାମୋଦର ବ୍ରତ ବା ହବିଷିଆଳି ବ୍ରତ ପାଳନ ନିମନ୍ତେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଶନିବାର ପୂର୍ବାହ୍ନରେ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଛି। ହବିଷ କରିବାକୁ ଆଗ୍ରହୀ ହବିଷିଆଳ ମା'ମାନଙ୍କ ପଞ୍ଜୀକରଣ, ରହଣି ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ,ସନ୍ଧ୍ୟାରେ ଭଜନ ପ୍ରବଚନ ଇତ୍ୟାଦିର ସୁବ୍ୟବସ୍ଥା କରିବାକୁ ଜିଲାପାଳ ସମର୍ଥ ବର୍ମା ପରାମର୍ଶ ଦେଇଥିଲେ। ଗତବର୍ଷ ସମସ୍ତଙ୍କ ସହଯୋଗରେ ମା'ମାନଙ୍କ ସମସ୍ତ ବ୍ୟବସ୍ଥା ଭଲ ହୋଇଥିଲା। ତେଣୁ ଚଳିତ ବର୍ଷ ମଧ୍ୟ ଆହୁରି ଭଲ ଭାବେ ଏହାକୁ ପରିଚାଳନା କରିବାକୁ ସେ ମତ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିବା ସହ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ହବିଷିଆଳିମାନଙ୍କ ସୁବିଧା ପାଇଁ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରିବା ଓ ପଞ୍ଜୀକରଣ ସମୟରେ ଚିକିତ୍ସାଳୟର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରମାଣ ପତ୍ର ସଂଲଗ୍ନ କରିବାକୁ ଅନୁରୋଧ କରାଯାଇଥିଲା। ସେହିପରି ହବିଷିଆଳି ମା'ମାନଙ୍କ ରହଣୀ ସ୍ଥଳ ବୃନ୍ଦାବତୀ ନିବାସ, ଅକ୍ଷୟପାତ୍ର ଫାଉଣ୍ଡେଶନ, ବଗଲା ଧର୍ମଶାଳା, ବାଗେଡ଼ିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପର ସ୍ଥିତି ଅନୁଧ୍ୟାନ କରିବା ସହ ଆନୁଷଙ୍ଗିକ ସୁବିଧା ସୁଯୋଗ ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା, ଅନ୍ତେବାସୀ ମା'ମାନଙ୍କୁ ପରିଚୟ ପତ୍ର ପ୍ରଦାନ, ସହାୟକ ସ୍ୱେଚ୍ଛାସେବୀ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିର୍ବାପକ ସ୍ନାନ ସମୟରେ ସୁରକ୍ଷା ବ୍ୟବସ୍ଥା, ପରିବହନ ବ୍ୟବସ୍ଥା, ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା, ମହାପ୍ରସାଦ ବ୍ୟବସ୍ଥା, ନିୟନ୍ତ୍ରଣ କକ୍ଷ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ସହ ବିଭାଗୀୟ ଅଧିକାରୀମାନେ ଏହାର ସୁବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ ପ୍ରୋଟୋକଲ ଡ. ଶରତ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ସିଡିଏମ୍‌ଓ ଡାକ୍ତର ସୁଜାତା ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ ।

# ମଠମନ୍ଦିର ଜମିଜମା ମାଲିକାନା ବିବାଦ ଖୁବ୍ ଶୀଘ୍ର ସମାଧାନ

**ପୁରୀ,୧୬।୯(ଅଜିତ୍ ମହାନ୍ତି):**

ପୁରୀସହର ଏବଂ ଆଖପାଖ ଅଞ୍ଚଳରେ ଥିବା ଜମିଜମା ସମସ୍ୟାର ସମାଧାନ ନିମନ୍ତେ ପୁରୀଗସ୍ତ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଭୂ-ସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ୫ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପୁରୀସହର ଏବଂ ଆଖପାଖ ଅଞ୍ଚଳର ହଜାର ହଜାର ପରିବାରଙ୍କ ଭୂସମ୍ପତ୍ତି( ମଠ ମନ୍ଦିର ଜମିଜମା ମାଲିକାନା ବିବାଦ) ଏବେ ସମାଧାନ କରାଯିବ। ଏଭଳି ନିର୍ଦ୍ଦେଶ ପରେ ଭୂସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏଥିସହ ପରିଷଦର କର୍ମକର୍ତ୍ତାମାନେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜମିଜମା ସମ୍ପର୍କରେ ଆଲୋଚନା କରିଛନ୍ତି। ମାସକ ମଧ୍ୟରେ ସ୍ୱତନ୍ତ୍ର ଅଫିସର ନିଯୁକ୍ତି କରାଯାଇ ଜନ ସାଧାରଣଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯିବ। ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ସ୍ଥାୟୀ ପଟ୍ଟା ବଣ୍ଟନ କରାଯିବ ବୋଲି ଜିଲାପାଳ ବର୍ମା ସୂଚନା ଦେଇଥିବା ପରିଷଦ ପକ୍ଷରୁ କୁହାଯାଇଛି। ପ୍ରତିନିଧିମଣ୍ଡଳୀରେ ପରିଷଦର ସଭାପତି ପୁଷ୍କର ମହାପାତ୍ର , ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାସ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଜଗନ୍ନାଥ ଦେଓ, ସଂଗ୍ରାମ କୋଶରୀ ମିଶ୍ର ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

# ଆନ୍ତର୍ଜାତିକ ବେଳାଭୂମି ସଫେଇ ଦିବସ

**ଅସ୍ତରଙ୍ଗ,୧୬।୯(ମମତା ଜେନା)/ କୋଣାର୍କ(ଜ୍ୟୋତିରାଜ ମହାନ୍ତି)**

ପୁରୀ ଜିଲା ଅସ୍ତରଙ୍ଗ ପୀର ଜାହାନିଆ ବେଳାଭୂମିରେ ଆନ୍ତର୍ଜାତିକ ବେଳାଭୂମି ସଫେଇ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରୀନ୍ ଲାଇଫ୍ ରୁରାଲ ଆସୋସିଏଶନ୍ ପୁରୀ, ଏବଂ ବେଳାଭୂମି ସାହିତ୍ୟ ସଂସଦ ଅସ୍ତରଙ୍ଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ବେଳାଭୂମି ସଫେଇର ଉଦ୍‌ଘାଟନ କରିଥିଲେ। ମହିଳା ମଣ୍ଡଳୀ, ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦଙ୍କ ସମେତ ବେଳାଭୂମି ସାହିତ୍ୟ ସଂସଦ କର୍ମକର୍ତ୍ତା, ବନ ବିଭାଗ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ସାମିଲ ରହି ବେଳାଭୂମିର ପ୍ରାୟ ୧୦ କିଲୋମିଟର ଅଞ୍ଚଳ ସଫା କରିଥିଲେ। ଏହି ଅବସରରେ ବେଳାଭୂମି ଓ ପରିବେଶ ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହିତ ବେଳାଭୂମି ସାହିତ୍ୟ ସଂସଦର ସମ୍ପାଦକ ଦୁଃଶାସନ ନାୟକ, ଫରେଷ୍ଟର ବଳରାମ ସାହୁ, ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ଆରତୀ କାଣ୍ଡି ପ୍ରମୁଖ ସାମିଲ ଥିଲେ। କାର୍ଯ୍ୟକ୍ରମକୁ ବେଳାଭୂମି ସାହିତ୍ୟ ସଂସଦର ସଂଯୋଜକ ସୋଭାକର ବେହେରା ପରିଚାଳନା କରିଥିଲେ।

ସେହିପରି ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ନିକଟ ଚନ୍ଦ୍ରଭାଗାଠାରେ ଆନ୍ତର୍ଜାତିକ ବେଳାଭୂମି ସଫେଇ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ସ୍କାଉଟ,ଗାଇଡ୍, ଏନ୍‌ସିସି, ଜାତୀୟ ସବୁଜ ବାହିନୀ, ନେଚର ଡ୍ରାଇଭର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବୈଜ୍ଞାନିକ ରଶ୍ମିରେଖା ପ୍ରଧାନ ଓ ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ନୃସିଂହ ଚରଣ କର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ. ସୌମେନ୍ଦ୍ର ନାଥ ମହାନ୍ତି, ସଞ୍ଜୀବ କଅଁର, ଶିକ୍ଷକ ପ୍ରଦୀପ ପ୍ରଧାନ, କାର୍ତ୍ତିକେଶ୍ୱର ବେହେରା, ବିଷ୍ଣୁନାରାୟଣ ସେନାପତି, ପ୍ରଦୀପ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ରାମକୃଷ୍ଣ ମହାନ୍ତି, ଅଭୟ ମଲ୍ଲ, ଲୋକନାଥ ବେହେରା, ମାନସ ମୁଦୁଲି, ଦିଲୀପ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ୨୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।





କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# ବେଳାଭୂମି ସଫେଇ ପାଇଁ ନେଲେ ଶପଥ

**ପୁରୀ,୧୬।୯(ଅଜିତ୍ ମହାନ୍ତି)**

ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ ଏବଂ ଚେନ୍ନାଇସ୍ଥିତ ଜାତୀୟ ସାଗରତଟ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଶନିବାର ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପାଳନ କରାଯାଇଛି। ପୁରୀ ବେଳାଭୂମିରେ ଭାରତ ସରକାରଙ୍କ ଭୂ-ବିଜ୍ଞାନ ମନ୍ତ୍ରାଳୟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍‌ସିଏସ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ମିହିର ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିବାବେଳେ ପୁରୀ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଜନସ୍ୱାସ୍ଥ୍ୟ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଚିତ୍ତରଞ୍ଜନ ଦ୍ୱିବେଦୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସବୁଜ ପତାକା ଦେଖାଇ ସଫେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଫେଇ କାର୍ଯ୍ୟକ୍ରମରେ ସଂଯୋଜକ ତଥା ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଲ୍ୟୁଟନାଣ୍ଟ ସଞ୍ଜୟ କୁମାର ସୁନ୍ଦରାୟଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଶତାଧିକ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି), ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ସହିତ ମହା ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସ୍ୱେଚ୍ଛାସେବୀ ସଂଗଠନ, ସ୍ଥାନୀୟ ଜନତା, ବ୍ୟବସାୟୀ ଓ ପର୍ଯ୍ୟଟକ ଭାଗ ନେଇଥିଲେ। ଏଥିସହିତ ବେଳାଭୂମିର ସ୍ୱଚ୍ଛତାର ସୁରକ୍ଷା ପାଇଁ ଏକ ପଦଯାତ୍ରା କରାଯାଇ ସ୍ଥାନୀୟ ଜନତା ତଥା ପର୍ଯ୍ୟଟକଙ୍କୁ ସଚେତନତା କରାଯାଇଥିଲା। ପ୍ଲାଷ୍ଟିକ ମୁକ୍ତ ସାମୁଦ୍ରିକ ବେଳାଭୂମି ପାଇଁ ଜନସଚେତନତାକୁ ଆଗେଇନେବା ପାଇଁ ଉପସ୍ଥିତ ଛାତ୍ର ସମାଜ ଏକ ସମୂହ ଶପଥ ପାଠ କରିଥିଲେ। ସାରା ଭାରତର ୪୦ରୁ ଅଧିକ ବେଳାଭୂମି ମଧ୍ୟରୁ ପୁରୀ ପାଇଁ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀକୁ ମନୋନୀତ କରି ଏହି କାର୍ଯ୍ୟକ୍ରମକୁ ଆଗେଇନେବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ସଫେଇବେଳେ ବେଳାଭୂମିର ବର୍ଗ ମିଟର ଅଞ୍ଚଳରୁ ୩୯ ଗୋଟି କିସମର ୭୧.୫ କେଜି ବର୍ଜ୍ୟ ବସ୍ତୁ ସଂଗୃହୀତ ହୋଇଥିଲା। ଏଥିମଧ୍ୟରୁ ୧୯.୩ କେଜି ପ୍ଲାଷ୍ଟିକ ହୋଇଥିବାବେଳେ କାଚ ୮.୯ କେଜି, ଫୋମ୍ ୨.୫ କେଜି, ଧାତବ ପଦାର୍ଥ ୨.୨ କେଜି, କାଗଜ ୧୪.୭ କେଜି, କପଡା ୦.୩୪ କେଜି, କାଠ ଜାତୀୟ ୧୬.୨ କେଜି ଓ ରବର ୬.୯୭ କେଜି ବାହାରିଥିଲା।



ପୁରୀ ବେଳାଭୂମିକୁ ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ସଫେଇ କରୁଛନ୍ତି ।

## ସଂକ୍ଷେପରେ

### ଯୋଡ୍ଡୁମୁ ହତ୍ୟାକାଣ୍ଡ: ଜଣେ ଅଭିଯୁକ୍ତ ଗିରଫ

**ମାଣିଆବନ୍ଧ, ୧୬।୯ (ଅଖିଳ କୁମାର ସାହୁ):** ମାଣିଆବନ୍ଧ ଥାନା ଅନ୍ତର୍ଗତ ଯୋଡ୍ଡୁମୁ ଗ୍ରାମରେ ସେପ୍ଟେମ୍ବର ୨ରେ ସନ୍ତୋଷ ବିଶ୍ୱାଳଙ୍କ ହତ୍ୟା ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ସୂର୍ଯ୍ୟକାନ୍ତ ପ୍ରଧାନ ଓରଫ ବାବୁଲାକୁ ଶନିବାର ପୋଲିସ କରଡ଼ା ସଂରକ୍ଷିତ ଜଙ୍ଗଲରୁ ଗିରଫ କରିଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ପିକ୍‌ଅପ ଭ୍ୟାନକୁ ଜବତ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ସନ୍ତୋଷଙ୍କୁ ବାବୁଲା ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ବଡ଼ମ୍ବା ଅଦାଲତରେ ତାଙ୍କୁ ହାଜିର କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଥାନା ଅଧିକାରୀ ଶତପଥୀ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି। କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି କୃଷ୍ଣ ପ୍ରସାଦ ପଟ୍ଟନାୟକ ଆଠଗଡ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା।

### ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

**ଭୁବନେଶ୍ୱର, ୧୬।୯ (ସୂର୍ଯ୍ୟକାନ୍ତ ବେହେରା):** ଫୁଲବାଣୀରୁ କାରରେ ପାଣିକୋଇଲିକୁ ଗଞ୍ଜେଇ ଚୋରା ଚାଲାଣବେଳେ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ ସାଲିଆସାହି ହାତିଆଶୁଣିରୁ ଧରିଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ଜି.ଉଦୟଗିରିର ବିଷ୍ଣୁ ପ୍ରସାଦ ନାୟକ, ଦିନେଶ କୁମାର ଦିଗାଲ ଓ ରୋହିତ ଖଟ। ସେମାନଙ୍କଠାରୁ ଗୋଟିଏ କାର ସହ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ଏନେଇ ଏକ ମାମଲା ନଂ.୦୬/୨୦୨୩ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ବିଭିନ୍ନ ଜିଲାକୁ ନିଶାଦ୍ରବ୍ୟ ଚାଲଣ କରୁଥିଲେ ବୋଲି ପୋଲିସ କହିଛି।

### ପ୍ରାଣ ଯୋଗ ପ୍ରତିଷ୍ଠାନ ସମ୍ପାଦକଙ୍କ ପାଇଁ ସ୍ମୃତି ସଭା

**ବଡମ୍ବା, ୧୬।୯ (ମାୟାଧର ମଲ୍ଲିକ)**

ବଡ଼ମ୍ବାସ୍ଥିତ ପ୍ରାଣ ଯୋଗ ପ୍ରତିଷ୍ଠାନ ସଙ୍ଗଠନ ସମ୍ପାଦକ ବାଉରୀ ବନ୍ଧୁ ଦାସଙ୍କ ଦାଦ୍ୱଶାହ ଉପଲକ୍ଷେ ସ୍ମୃତି ଚାରଣସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ କଟକ ଆର୍ଯ୍ୟ ସମାଜ ସଭାପତି ପ୍ରମୋଦ ମହାରଣା ପୌରହିତ୍ୟରେ ଶାନ୍ତି ଯଜ୍ଞ ହୋଇଥିଲା। ଅପରାହ୍ନରେ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସ୍ମୃତି ଚାରଣ ସଭା ହୋଇଥିଲା। ଏଥିରେ ବଡ଼ମ୍ବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ରଶ୍ମି ରଞ୍ଜନ ରଥ, ବନମାଳୀପୁର ମହିମା ଆଶ୍ରମ କବି ଭକ୍ତ ଚରଣ ବେହେରା, ମୁକ୍ତା ନଗର ବିପିନ ବିହାରୀ ଦେବ କମିଟି ସଦସ୍ୟ ନାରାୟଣ ଆସ , ଓଡ଼ିଶା ଗଣ ସାହିତ୍ୟ ସାମୁଖ୍ୟ ସଭାପତି ଗଣ କବି ଧ୍ରୁବ ରଣା ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ମାଣିଆ ବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଅବସର ନେବା ପରେ ସ୍ୱର୍ଗତ ଦାସ ବହୁ ଅନୁଷ୍ଠାନ ସହ ସମ୍ପର୍କ ରଖିଥିଲେ । ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କ ଚିକିତ୍ସା ପାଇଁ ପଦକ୍ଷେପ ନେଇଥିଲେ ବୋଲି ଅତିଥିମାନେ କହିଥିଲେ । ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷା ପ୍ରବୀଣା ମହାନ୍ତିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଲଘୁଚାପଜନିତ ବର୍ଷା, ବନ୍ୟାରେ ଜନଜୀବନ ଅସ୍ତବ୍ୟସ୍ତ

**ଖୁଣ୍ଟୁଣୀ, ୧୬।୯ (ସଚ୍ଚିଦାନନ୍ଦ ପଣ୍ଡା)**

ଲଘୁଚାପ ଜନିତ ବର୍ଷାରେ ମହାନଦୀରେ ବନ୍ୟା ଆସିବାରୁ କଟକ ଜିଲାର ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଗାଁଗୁଡ଼ିକ ଜଳମଗ୍ନ ହୋଇଯିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ପାଣି ଜମି ରହିଥିବାରୁ କ୍ଷେତରେ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।

**ସାପୁଆ ନଦୀରେ ୩୦ ଫୁଟର ଘାଇ:**

ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ଏଥିଯୋଗୁ ସାପୁଆ ନଦୀର ଆଠଗଡ଼ ବ୍ଲକ ଅଧୀନ ଧୁରୁଷିଆ ନିକଟ ରମ୍ଭାବନ୍ଧଠାରେ ଶନିବାର ୩୦ ଫୁଟର ଘାଇ ସୃଷ୍ଟି ହୋଇଛି। ଫଳରେ ଧୁରୁଷିଆ ପଞ୍ଚାୟତର କେଉଟପଡା, ଗଜାଆମ୍ବ, ଜେନାପୁର, କାପ୍ତାବୋରେଇ, ମହାକାଳବସ୍ତ ପଞ୍ଚାୟତର ଦ୍ୱାରାବତୀପୁର ଓ ମଞ୍ଚେଶ୍ୱର ପଞ୍ଚାୟତର ୧୦୦୦ରୁ ଉର୍ଦ୍ଧ୍ୱ ହେକ୍ଟର ଧାନଜମି ଜଳମଗ୍ନ ହୋଇଛି। ଏହାକୁ ନେଇ କ୍ଷତିଗ୍ରସ୍ତ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଅପରପକ୍ଷରେ ଆଠଗଡ଼-ନୂଆପାଟଣା ରାସ୍ତାର ଘଣ୍ଟିଖାଲ ପଞ୍ଚାୟତ ଅଧୀନ ନିଧିପୁର ଗଡାଠାରେ ୪ ଫୁଟର ପାଣି ପ୍ରବାହିତ ହେଉଛି। ଏଥିଯୋଗୁ ଗାଡି ଚଳାଚଳ ବନ୍ଦ ରହିଛି। ଏହି ବନ୍ୟାଜଳ କୌଣସି ଗ୍ରାମରେ ପ୍ରବେଶ କରି ନ ଥିବା ଜଣାପଡିଛି।



ବାଙ୍କିର ହୁଲାହୁଲା ସେତୁ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି।

ଶନିବାର ରାତିସୁଦ୍ଧା ଜଳସ୍ତର ବୃଦ୍ଧି ପାଇଲେ ବିପଦ ବଢିବା ଆଶଙ୍କା ପ୍ରକାଶ ପାଇଛି। ଏହି ଘାଇ ପାଇଁ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୩ ତାରିଖରେ ସାପୁଆ ନଦୀର ରମ୍ଭାବନ୍ଧରେ ଘାଇ ସୃଷ୍ଟି ହୋଇଥିଲା। ଏଥିଯୋଗୁ ବ୍ୟାପକ ଚାଷଜମି ଜଳମଗ୍ନ ହେବା ସହ ଚାଷୀଙ୍କୁ କ୍ଷତି ସହିବାକୁ ପଡିଥିଲା। ହେଲେ ଏହି ଘାଇ ଠିକ୍ ଭାବେ ମରାମତି କରାଗଲା ନାହିଁ। ଶନିବାର ପୁଣି ବନ୍ୟାଜଳ ଆସିବା ଫଳରେ ସେଠାରେ ଘାଇ ସୃଷ୍ଟି ହୋଇଛି। ଫଳରେ ପାଚିଲା ଧାନ ନଷ୍ଟ ହେବାରୁ ଚାଷୀଙ୍କୁ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ପଡିଛି। ଯଦି ସେତେବେଳେ ଠିକ୍‌ଭାବେ ଘାଇ ମରାମତି କରାଯାଇଥାଆନ୍ତା ତା'ହେଲେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ରିପୋର୍ଟ ଲେଖାଯିବାବେଳକୁ ଘାଇ ହୋଇଥିବା ସ୍ଥଳରେ ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ଜଣାପଡିଛି।

**୪ ପଞ୍ଚାୟତକୁ ଯାତାୟାତ ଠପ୍**

**ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ମହାନଦୀରେ ବନ୍ୟାଜଳ ଆସିବା ପରେ ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡା ଅଞ୍ଚଳ, ହୁଲାହୁଲା ସେତୁ ଉପରେ ୩ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ବାଙ୍କୀ ବ୍ଲକର ରତାଗଡ, ବନ୍ଦାଳ ଓ ବାଉଁଶପୁଟ ସମେତ ଓସ୍ତିଆ ପଞ୍ଚାୟତକୁ ଯାତାୟାତ ଠପ୍ ହୋଯାଇଛି। ସେହିପରି ଡମପଡ଼ା ବ୍ଲକ କଇଁମୁଣ୍ଡି ଗ୍ରାମ ବନ୍ୟା ପାଣି ଘେରରେ ରହିଛି। ମହାନଦୀର ଶାଖା ରଣ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇ ଶିମିଳିପୁର -ବିଲିପଡା ରାସ୍ତାକୁ ମାଡିଯିବା ଯୋଗୁ କଇଁଆ ନାଳ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ଫଳରେ ଯାତାୟତ ବ୍ୟାଘାତ ହୋଇଛି। ଅପରାହ୍ଣ ୫ଟାରେ ମହାନଦୀରେ ୬.୮ମିଟର ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଏଠାରେ ବିପଦ ସଂକେତ ୭.୮ମିଟର ରହିଛି। ବାଙ୍କୀ-ବୈଦ୍ୟେଶ୍ୱର ରାସ୍ତାକୁ ସଂଯୋଗ କରୁଥିବା ଚନ୍ଦ୍ରପା ପୋଲର ଦୁଇ ଫୁଟ ତଳେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହୋଇଯାଇଛି। ରବିବାର ହୀରାକୁଦରେ ଅଧିକ ଗେଟ୍ ଖୋଲାଗଲେ ଚନ୍ଦ୍ରପା ସେତୁ ଉପରେ ପାଣି ପ୍ରବାହିତ ହେବା ସହ ପଶ୍ଚିମ ବାଙ୍କୀକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏ ସମ୍ପର୍କରେ ବାଙ୍କୀ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଭାସ ପଟ୍ଟନାୟଙ୍କୁ ପଚାରିବାରେ, ବର୍ତ୍ତମାନ ବାଙ୍କୀ ପାଇଁ କୌଣସି ବିପଦ ନାହିଁ। ତେଣୁ ଜନସାଧାରଣ ଆତଙ୍କିତ ନ ହେବା ପାଇଁ ସେ ଅନୁରୋଧ କରିଛନ୍ତି। ବନ୍ୟାକୁ ଦୃଷ୍ଟିରେ ରଖି ବ୍ୟାପକ ପରିମାଣରେ ବାଲିବସ୍ତା ମହଜୁଦ ରଖାଯାଇଛି ବୋଲ ସେ କହିଛନ୍ତି।

**ମା' ଭଟ୍ଟାରିକାଙ୍କ ପ୍ରତିମା ସ୍ଥାନାନ୍ତର**

**ବଡ଼ମ୍ବା, (ମାୟାଧର ମଲ୍ଲିକ):** ମହାନଦୀର ବନ୍ୟାଜଳ ବଡମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ମନ୍ଦିରକୁ ଆସିବା ପରେ ପୂଜକ ଓ ଦେବୋତ୍ତର ବିଭାଗ କର୍ମଚାରୀଙ୍କ ସହାୟତାରେ ମା'ଙ୍କ ପ୍ରତିମାକୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ମା'ଙ୍କ ପୂଜାର୍ଚ୍ଚନା ଠିକ୍‌ଭାବେ ଚାଲିଛି ବୋଲି ମନ୍ଦିର ମୁଖ୍ୟ ପୂଜକ ଶିରିଶ କୁମାର ରଣା କହିଛନ୍ତି।

**୨୦୦ ପରିବାର ଜଳବନ୍ଦୀ**

**ନିଶ୍ଚିନ୍ତକୋଇଲି, (ଅଶୋକ କୁମାର ମହାପାତ୍ର):** ଲଘୁଚାପଜନିତ ବର୍ଷା ଯୋଗୁ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ମହମ୍ମଦପୁର ପଞ୍ଚାୟତର ୨୦୦ ପରିବାର ଜଳମଗ୍ନ ହୋଇଯାଇଛନ୍ତି। ରାସ୍ତାରେ ଆଣ୍ଠୁଏ ଲେଖାଏ ପାଣି ଜମି ରହିଛି। ସ୍ଥାନୀୟ ଲୋକେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ଘରେ ପାଣି ପଶି ଥିବାରୁ ଚୁଲି ଜଳିପାରୁନାହିଁ। ଲୋକେ ଖାଇବା ପିଇବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଗ୍ରାମରେ ଥିବା ଗଡିଆ, ପୋଖରୀ, ନାଳ ନର୍ଦ୍ଦମାଗୁଡିକ ପାଣିରେ ଭରପୂର ହୋଇଯାଇଛି। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳରେ ବିଷାକ୍ତ ସରୀସୃପଙ୍କର ଉତ୍ପାତ ବଢିବାରେ ଲାଗିଛି। ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଶାସନର ଖାମଖିଆଲି ନୀତି ଯୋଗୁ ଏପରି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମିତରଞ୍ଜନ ଦେଓ କୁହନ୍ତି, ଗାଁରେ ପାଣି ପଶିବା ଖବର ମୋ ପାଖରେ ନାହିଁ। ଲଗାଣ ବର୍ଷାପାଇଁ ପାଣି ଜମିଥାଇପାରେ। ସରପଞ୍ଚଙ୍କ ସୂଚନା ମିଳିଲେ ତ୍ୱରିତ ପଦକ୍ଷେପ ନିଆଯିବ।



ସାପୁଆ ନଦୀରେ ସୃଷ୍ଟି ହୋଇଥିବା ଘାଇ।




ଲଘୁଚାପଜନିତ ବର୍ଷା ଯୋଗୁ ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ଗ୍ରାମ ଜଳମଗ୍ନ ହୋଇଯାଇଛି।

## ୧୦୦ କୋଟିର ଷ୍ଟାର୍ଟଅପ୍ ଅଭିବୃଦ୍ଧି ପାଣ୍ଠି ପରିଚାଳନା କରିବ ସିଡ୍‌ବି

**ଭୁବନେଶ୍ୱର, ୧୬।୯ (ଅଭିଜିତ ଦାସ):**

ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଷ୍ଟାର୍ଟଅପ୍ ଓଡିଶା ଅଭିବୃଦ୍ଧି ପାଣ୍ଠିର ପରିଚାଳନା ଦାୟିତ୍ୱ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ସିଡ୍‌ବି)କୁ ଦିଆଯାଇଛି। ଏନେଇ ଶନିବାର ଭୁବନେଶ୍ୱରସ୍ଥିତ ଓ-ହବ୍‌ଠାରେ ଷ୍ଟାର୍ଟଅପ୍ ଓଡିଶା ଓ ସିଡ୍‌ବି ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମୁଖ୍ୟ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ କହିଛନ୍ତି, ଷ୍ଟାର୍ଟଅପ୍ ଓଡିଶା କାର୍ଯ୍ୟକ୍ରମ ଦ୍ୱାରା ଓଡିଶାର ଯୁବପିଢିଙ୍କୁ ସଶକ୍ତ କରାଯାଉଛି। ବିଭିନ୍ନ ବିଭାଗର ଯୁବପିଢିମାନଙ୍କୁ ଷ୍ଟାର୍ଟଅପ୍ ଓଡିଶା କାର୍ଯ୍ୟକ୍ରମରେ ସାମିଲ କରାଯାଉଛି। ବର୍ତ୍ତମାନ ଷ୍ଟାର୍ଟଅପ୍ ଓଡିଶାର ୧୦୦ କୋଟି ଅଭିବୃଦ୍ଧି ପାଣ୍ଠିର ପରିଚାଳକ ଭାବେ ସିଡ୍‌ବିକୁ ଦାୟିତ୍ୱ ଦିଆଯାଇଛି। ଓଡିଶାଭିତ୍ତିକ ଷ୍ଟାର୍ଟଅପ୍ ପ୍ରକଳ୍ପରେ ସିଡ୍‌ବି ପାଣ୍ଠି ନିବେଶଠାରୁ ଆରମ୍ଭ କରି ପୋର୍ଟଫୋଲିଓ ମଧ୍ୟ ପରିଚାଳନା କରିବ। ଏହାଦ୍ୱାରା ୧୨୦ ମିଲିୟନରୁ ଅଧିକ ନିଯୁକ୍ତି ସୃଷ୍ଟି ହେବା ସହ ଓଡିଶା ଅର୍ଥନୀତି କ୍ଷେତ୍ରରେ ଅଭିବୃଦ୍ଧି କରିବ। ସେହିପରି ଓଡିଶା ଷ୍ଟାର୍ଟଅପ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡକ୍ଟର ଓମ୍‌କାର ରାଏ କହିଛନ୍ତି, ଓଡିଶାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ପ୍ରତିପାଦନ କରିବା ପାଇଁ ଅଭିବୃଦ୍ଧି ପାଣ୍ଠିର ନିହାତି ଆବଶ୍ୟକ। ଓଡିଶା ଏମଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି, ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ୍‌ରେ ଓଡିଶା ୨୦୧୮ଓ ୨୦୨୧ରେ ଶ୍ରେଷ୍ଠ ପ୍ରର୍ଦ୍ଦଶନ କରିଥିବା ରାଜ୍ୟ ଥିବାବେଳେ ୨୦୧୯ରେ ମୁଖ୍ୟ ନେତୃତ୍ୱ ନେଇଥିଲା। ଓଡିଶାର ଉଦ୍ୟୋଗୀମାନଙ୍କୁ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ସିଡ୍‌ବିର ପରିଚାଳନା ନିର୍ଦ୍ଦେଶକ ଏସ୍. ରମନ କହିଛନ୍ତି, ଏହା ଓଡିଶାରେ ଉଦ୍ୟୋଗୀଙ୍କ ପାଇଁ ବେଶ୍ ସହାୟକ ହେବ। ପୂର୍ବରୁ ଉଦ୍ୟୋଗୀଙ୍କୁ ବ୍ୟାଙ୍କ ଅର୍ଥ ଦେଉ ନ ଥିବାବେଳେ ଷ୍ଟାର୍ଟଅପ୍ ଓଡିଶା କାର୍ଯ୍ୟକ୍ରମ ଦ୍ୱାରା ଉଦ୍ୟୋଗୀଙ୍କୁ ସହଜରେ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା କରାଯିବ। ଏହି କାର୍ଯ୍ୟକ୍ରମରେ ପାଖାପାଖି ୨୦ରୁ ଉର୍ଦ୍ଧ୍ୱ ଉଦ୍ୟୋଗୀ ଯୋଗଦେଇଥିଲେ।

## ୩୦ରେ ଯଶପଡ଼ା ଗଣେଶ ମେଳଣ

**କଟକ ସଦର, ୧୬।୯ (ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଯଶପଡ଼ାଠାରେ ଗଣେଶ ମେଳଣ ଆସନ୍ତା ୩୦ରେ ଅନୁଷ୍ଠିତ ହେବ। ଏ ନେଇ ଶନିବାର ଯଶପଡା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମେଢ଼ଗୁଡିକ ଠିକ୍ ସମୟରେ ନିଜ ଗାଁରୁ ଶୋଭାଯାତ୍ରାରେ ବାହାରି ମେଳଣ ପଡ଼ିଆରେ ପହଞ୍ଚିବ। ଯଦି କୌଣସି ପୂଜା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ଏଥିରେ ବିଳମ୍ବ ହୁଏ ତା'ହେଲେ ଅନ୍ୟମାନେ ଅପେକ୍ଷା ନ କରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସମୟ ଉପରେ ଧ୍ୟାନ ଦେବେ। ଗତବର୍ଷ ଶୋଭାଯାତ୍ରା ବିଳମ୍ବ ହେବାରୁ ଅନେକ ମେଢ଼ ମେଳଣ ପଡିଆକୁ ଯାଇ ନ ପାରି ଗାଁକୁ ଫେରିବାକୁ ପଡ଼ିଥିଲା। ମେଳଣ ସମୟରେ ନିଶାସକ୍ତ ଅବସ୍ଥାରେ କାହାକୁ ନାଚିବାକୁ ଦିଆଯିବନାହିଁ। ଡିଜେ ବ୍ୟବହାରକୁ ନିଷେଧ କରାଯାଇଥିବାବେଳେ ରାତି ୧୦ଟା ସୁଦ୍ଧା ମେଳଣ ସରିବ। ଏଥିପାଇଁ ପ୍ରତି ପୂଜା କମିଟିର କର୍ମକର୍ତ୍ତା ଦୃଷ୍ଟି ଦେବାକୁ କିଶନ ନଗର ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ କହିଥିଲେ। କୌଣସି ମେଢ଼ ଅଯଥାରେ ଅନ୍ୟମେଢ଼ର ବାଟ ନ ଓଗାଳିବାକୁ କୁହାଯାଇଥିଲା। ଏହି ବୈଠକରେ ଯଶପଡ଼ା ସରପଞ୍ଚ ମିନତି ସେଠୀ ଓ ଧରିଣା ସରପଞ୍ଚ ରତ୍ନାକର ରାଉତଙ୍କ ସମେତ ୧୨ଟି ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ହେଲେ ମେଳଣ କମିଟି ସଭାପତି ତଥା କିଶନ ନଗର ତହସିଲଦାର ମଧୁସୂଦନ ନାଏକ, ଯଶପଡା ଓ ଧରିଣା ପଞ୍ଚାୟତର ସମିତି ସଭ୍ୟା ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

### ହୋମିଓପାଥି, ଆୟୁର୍ବେଦିକ ଚିକିତ୍ସକ କୁନିଆ ନନାଙ୍କ ପରଲୋକ

**ନିଶ୍ଚିନ୍ତକୋଇଲି ୧୬।୯ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ନିଶ୍ଚିନ୍ତକୋଇଲି ବୁହାଲୋ ପଞ୍ଚାୟତ ଅନ୍ତର୍ଗତ ସୁନାଇଲୋ ଗ୍ରାମର ନିରଞ୍ଜନ କର(୭୫)ଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ସେ ସ୍ଥାନୀୟ ଅଞ୍ଚଳରେ ହେମୋପାଥି, ଆୟୁର୍ବେଦିକ ଚିକିତ୍ସକ ଭାବେ ପରିଚିତ ଥିଲେ। ସେ ଶୁକ୍ରବାର ସକାଳେ ନିଶ୍ଚିନ୍ତକୋଇଲିସ୍ଥିତ ଔଷଧ ଦୋକାନରେ ବସିଥିବାବେଳେ ଛାତିରେ ଅସୁସ୍ଥତା ଅନୁଭବ କରି ହଠାତ୍ ଟଳି ପଡ଼ିଥିଲେ। ଦୋକାନକୁ ଔଷଧ ନେବାକୁ ଆସିଥିବା ଲୋକେ ତାଙ୍କୁ ନେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନିରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ



ବିୟୋଗରେ ବୁଦ୍ଧିଜୀବୀ, ପଣ୍ଡିତ ମଣ୍ଡଳୀ, ଚିକିତ୍ସକ, ବ୍ୟବସାୟୀ,ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଲୋକେ ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ଅଭିଷେକ ମୁଖାଗ୍ନି ଦେଇଥିଲେ।

## ମାଣ୍ଡିଆ ରଥ ଗଡ଼ିଲା



ଅତିଥିମାନେ ମାଣ୍ଡିଆ ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ତିଗିରିଆ, ୧୬।୯ (ଜାଫର ଖାଁ)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ତିଗିରିଆ ବ୍ଲକରେ ମାଣ୍ଡିଆ ରଥ ଶୁଭାରମ୍ଭ ହୋଇଛି। ବିଭାଗର ମିଲେଟ ମିଶନ ଆନୁକୂଲ୍ୟରେ ଏବଂ ଉତ୍ତର ମହାନଦୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡର ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତିଗିରିଆର ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ତିଗିରିଆ ବ୍ଲକର ୧୪ ପଞ୍ଚାୟତରେ ୪ ଦିନ ବୁଲିବ। ଏହି ଅବସରରେ ଲୋକମାନଙ୍କ ମଧ୍ୟରେ ସରକାରଙ୍କ ଦ୍ୱାରା ଚାଷୀଙ୍କୁ ଦିଆଯାଉଥିବା ଓଡ଼ିଶା ମିଲେଟ ମିଶନ ଯୋଜନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବ। ଏଥିସହ ସରକାରୀ ଯୋଜନାରେ ମିଳୁଥିବା ସହାୟତା ଓ ସୁବିଧା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇବ। ଏହି କାର୍ଯ୍ୟକ୍ରମରେ କୃଷି ଜିଲା ଅଧିକାରୀ ପର୍ଶୁରାମ ବେହେରା, ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟ, ସସ୍ମିତା ରାଉତ, ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ଗୌରହରି ପରିଡ଼ା, ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ସହକାରୀ କୃଷି ଅଧିକାରୀ ଦେବୀ ପ୍ରସାଦ ପୃଷ୍ଟିଙ୍କ ସମେତ ଗ୍ରାମ୍ୟ କୃଷି କର୍ମଚାରୀ, ସହକାରୀ ବୈଷୟିକ ପରିଚାଳକ ଓ କୃଷକ ସାଥୀମାନେ ଉପସ୍ଥିତ ଥିଲେ।




କଟକ ଟାଉନ୍‌ହଲ୍‌ରେ ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ୍‌ସ ୟୁନିୟନର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଶନିବାର ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।



କଟକ ଶତାବ୍ଦୀ ଭବନରେ ସ୍ୱାଧୀନତା ସଂଗ୍ରାମୀ ନନ୍ଦ କିଶୋର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରୁ ରଙ୍ଗ ଭର୍ତ୍ତି ଡବା ନେଇଗଲେ

ନିରାକାରପୁର,୧୬।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ମଲାଗୁଣୀ ବ୍ରିଜ୍ ଉପରେ ଗତ ୧୧ତାରିଖରୁ ଏକ ରଙ୍ଗ ବୋଝେଇ ଟ୍ରକ୍ ଗାର୍ଡୱାଲକୁ ଧକ୍କାଦେଇ ଝୁଲିକି ରହିଥିଲା। ଶନିବାର ଉକ୍ତ ଟ୍ରକରୁ ଲୋକେ ରଙ୍ଗ ଭର୍ତ୍ତି ଡବାକୁ ନେଇଯାଉଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ଏକ ଟ୍ରକ୍ ବାଙ୍ଗାଲୋରରୁ ରଙ୍ଗ ବୋଝେଇ କରି ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ଗତ ୧୧ତାରିଖ ସକାଳେ କୌଣସି କାରଣରୁ ଗାଡିଟି ଉକ୍ତ ମଲାଗୁଣି ନଦୀ ଉପରେ ଥିବା ଗାର୍ଡଓାଲରେ ପିଟି ହୋଇଯାଇଥିବା ବେଳେ ୨ଜଣ ଆହତ ହୋଇଥିଲେ। ତେବେ ଗାଡ଼ି ମାଲିକ ଦୁର୍ଘଟଣାସ୍ଥଳରେ ପହଞ୍ଚିବାର ଡେରି ହେବାରୁ ଲୋକେ ରଙ୍ଗ ଭର୍ତ୍ତି ଡବା ନେଇଯାଇଥିଲେ। ତେବେ ଉକ୍ତ ଗାଡିରେ ୨୦ ଲକ୍ଷ ଟଙ୍କାର ରଙ୍ଗ ଥିଲା ବୋଲି କୁହାଯାଇଛି।

### ଖଣି ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ଜଟଣୀ,୧୬।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଥାନା ପୋଲିସ ଶନିବାର ଖଣି ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଏହି ଥାନା ଅଧୀନ କୁସୁମାଟି ଗ୍ରାମ ପୋଖରୀସାହିର ଜ୍ୟୋତିପ୍ରକାଶ ରାଉତରାୟ। ସୂଚନା ମୁତାବକ, ଗତ ଦୁଇଦିନ ହେବ କୌଣସି କାରଣରୁ ଜ୍ୟୋତିପ୍ରକାଶ ଘରୁ କେଉଁଆଡେ ପଳାଇଥିଲେ। ପରିବାରଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ନିକଟରେ ଥିବା ଖଣି ପୋଖରୀରେ ଏକ ମୃତଦେହ ଭାସୁଥିବା କେତେଜଣ ବ୍ୟକ୍ତି ଦେଖିବାକୁ ପାଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ପୋଲିସକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ଓ ପୋଲିସ ପହଞ୍ଚି ପୋଖରୀରୁ ମୃତଦେହ ଜବତ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୬/୨୩) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ୫୦ ୟୁନିଟ୍ ରକ୍ତ ସଂଗ୍ରହ

ଖୋର୍ଦ୍ଧା,୧୬।୯ (ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ବ୍ଲକ ଗଡମାଣିତ୍ରୀରେ ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ ଶିବିର ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ବ୍ଲଡ ବ୍ୟାଙ୍କ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ମୋଟ୍ ୫୦ୟୁନିଟ ସଂଗ୍ରହ ହୋଇଥିଲା। ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା, ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ପ୍ରଦୀପ ସାହୁ, ତନୁଜା ପାଟ୍ଟଶାଣୀ, ଅରୁଣ କୁମାର ଦଳସିଂହରାୟ, ନିବାସ ସାମନ୍ତରାୟ, ଶିଶିର ରଣସିଂ, କୁଳମଣି ମାନସିଂ, ସମୀର କୁମାର ସୁନ୍ଦରାୟଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧୮ତାରିଖରେ ହଜ୍ ଠାରେ ଶିବିର ଆୟୋଜନ କରାଯିବ ବୋଲି କୁହାଯାଇଛି।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୋଲଗଡ଼,୧୬।୯ (ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଅନ୍ତର୍ଗତ ଫିଙ୍ଗିଫିରା ପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପିନୀ ବିହାରୀ ସୁବୁଦ୍ଧିଙ୍କୁ ବିଦ୍ୟାଳୟ ପରିସରସ୍ଥ ସଭାଗୃହରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସାହୁଙ୍କ ସଭାପତିତ୍ୱରେ ବ୍ଲକ ଶିକ୍ଷାଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ମୁଖ୍ୟ ଅତିଥି, ଅତିରିକ୍ତ ଶିକ୍ଷାଅଧିକାରୀ ପଦ୍ମଚରଣ ବେହେରା ମୁଖ୍ୟବକ୍ତା, ପୂର୍ବତନ ପ୍ରଧାନଶିକ୍ଷକ ଦାମୋଦର ସାହୁ, ବିଦ୍ୟାଳୟ ପରିଚାଳନା ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ମଦନ ପ୍ରଧାନ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ବେହେରା, ସିଆରସିସି ଅଶୋକ କୁମାର ସାହୁ , ଶିକ୍ଷାବିତ୍ ଅଜୟ ସୁବୁଦ୍ଧି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସଙ୍ଗୀତଜ୍ଞ ଅବିନାଶ ସୁବୁଦ୍ଧି ଅବସର ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ସୁଚିତ୍ରା ନାୟକ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଏହି ସଭା ଅବସରରେ ବିଇଓ ବଳବନ୍ତରାୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବୁଦ୍ଧିଙ୍କ ଉଦ୍ଦେଶ୍ୟରେ ତତ୍କାଳ ପ୍ରୋଭିଜିନାଲ ପେନ୍‌ଶନ ମଞ୍ଜୁର ହୋଇଥିବା ନିର୍ଦ୍ଦେଶ କାଜଗପତ୍ର, ଇନ୍ସୁରାନ୍ସ ବାବଦକୁ ୨୦ହଜାର ଟଙ୍କା ଓ ତିନିଶହ ଦିନର ବଳକା ଛୁଟିର ଅର୍ଥ ରାଶି ପ୍ରଦାନ କରିଥିଲେ।

# ନାହାନ୍ତି ଗଣିତ, ହିନ୍ଦୀ, ସଂସ୍କୃତ ଶିକ୍ଷକ

## ଉଗ୍ରତାରା ସରକାରୀ ଉଚ୍ଚ ବିଦ୍ୟାଳୟ

- କ୍ଲର୍କ ଓ ପିଅନ ପଦବୀ ମଧ୍ୟ ୫ ବର୍ଷ ହେବ ଖାଲିପଡ଼ିଛି
- ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନି

ନିରାକାରପୁର,୧୬।୯(ମାନସ ଚନ୍ଦ୍ର ପଟ୍ଟନାୟକ)




ବିଦ୍ୟାଳୟର ଉନ୍ନତୀକରଣ ଓ ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିବା ସହିତ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏହି ଯୋଜନା ସବୁ କେଉଁଠି ପହଞ୍ଚୁଛି ତ' କେଉଁଠି ଅପହଞ୍ଚ । ଫଳରେ ଅନେକ ସ୍ଥାନରେ ଶିକ୍ଷକ ଓ ଶ୍ରେଣୀଗୃହର ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଫଳରେ ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନୂଆଗଡ ପଞ୍ଚାୟତ ହରିପୁର ଉଗ୍ରତାରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଉକ୍ତ ବିଦ୍ୟାଳୟଟି ୧୯୭୭ ମସିହାରେ ସ୍ଥାପିତ ହୋଇଥିଲା। ଏଠାରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ ୪୦୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ୬, ୭ ଓ ୮ ଶ୍ରେଣୀ ପାଇଁ ୫ଜଣ ଶିକ୍ଷକ ରହିଥିବା ବେଳେ ୯ ଓ ୧୦ମ ଶ୍ରେଣୀ ପାଇଁ ୩ଜଣ ଶିକ୍ଷକ ରହିଛନ୍ତି। ଫଳରେ ପାଠପଢ଼ାରେ ବ୍ୟାହତ ସୃଷ୍ଟି ହେଉଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସଂସ୍କୃତ, ହିନ୍ଦୀ, ଗଣିତ, ଖେଳ ଓ ପ୍ରଧାନ ଶିକ୍ଷକ ପଦବୀ ଦୀର୍ଘବର୍ଷ ହେବ ଖାଲିପଡିଥିବା ବେଳେ ପିଅନ ଓ କ୍ଲର୍କ ପଦବୀ ୫ ବର୍ଷହେବ ଖାଲିପଡିଛି। ଏନେଇ ସ୍କୁଲ ପରିଚାଳନା କମିଟି ଓ ସ୍କୁଲ ପକ୍ଷରୁ ବାରମ୍ବାର ଜିଲାପାଳ, ଜିଲା ଓ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଅଭିଯୋଗ ହୋଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ସଭାପତି ଅଜୟ କୁମାର ଛୋଟରାୟ କହିଛନ୍ତି, ଶିକ୍ଷକଙ୍କ ଅଭାବ ସମ୍ପର୍କରେ ବାରମ୍ବାର ବିଇଓ, ଡିଇଓଙ୍କୁ ଅଭିଯୋଗ କରିବା ସହିତ ଗତ ୨୮ ତାରିଖରେ ଜିଲାପାଳଙ୍କ ଗ୍ରଭାନ୍ସରେ ଦେଖାହୋଇ ଲିଖିତ ଅଭିଯୋଗ କରିଥିଲୁ। ହେଲେ କୌଣସି ସୁଫଳ ମିଳିଲା ନାହିଁ। ପିଲାଙ୍କ ପରୀକ୍ଷା ପୂର୍ବରୁ ପଦବୀ ପୂରଣ ନ କରାଯାଏ ତେବେ ସ୍କୁଲରେ ତାଲା ପକାଇବୁ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ବିଶ୍ୱାଳ କହିଛନ୍ତ, ଏବେ ମୁଁ ଦାୟିତ୍ୱ ନେଇଛି। ଏହା ପୂର୍ବରୁ ଯିଏ ଦାୟିତ୍ୱରେ ଥିଲେ ସେ ଏ ସମ୍ପର୍କରେ ଅଭିଯୋଗ କରିବା ସହିତ ପରିଚାଳନା କମିଟି ମଧ୍ୟ ଅଭିଯୋଗ କରିଛି। ତେବେ ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ କେତେ ପଦବୀ ଖାଲି ଅଛି ବୋଲି ରିପୋର୍ଟ ମଗାଯାଇଛି ବୋଲି ସୂଚନା ଦେଇଛନ୍ତି। ସେହିପରି ଏ ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ କହିଛନ୍ତି, ଏନେଇ ମୋ ପାଖରେ ସୂଚନା ନାହିଁ। ତଥାପି ବୁଝାବୁଝି କରୁଛି ବୋଲି ସେ କହିଛନ୍ତି।



ବାଣପୁର ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଥିବା ପ୍ରାଥମିକ ଶିକ୍ଷକଙ୍କ ସହ ଶନିବାର ଖୋର୍ଦ୍ଧା ଜିଲା କଂଗ୍ରେସ ଉପସଭାପତି ପ୍ରଦୀପ କୁମାର ସ୍ୱାଇଁ ଆଲୋଚନା କରୁଛନ୍ତି।

# 'ପାଇକ ପୁଅଙ୍କ ବଳିଦାନ ଦେଶମାତୃକାର ଟେକ ରଖିଛି'




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ବେଗୁନିଆ,୧୬।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲାଗଡ଼ସ୍ଥିତ ମୁଣ୍ଡଦେଉଳ ସ୍ମାରକୀ ସ୍ମୃତି ସଂସଦ ପକ୍ଷରୁ କବିତା ପାଠ ଓ ଆଲୋଚନାଚକ୍ର 'ଆମେ ଖୋର୍ଦ୍ଧାଗଡ଼ର ପାଇକ ପୁଅ' ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଅଧିଷ୍ଠାତ୍ରୀ ମା' ଜାଗେଶରୀଙ୍କ ପୀଠ ପରିସରରେ ଶନିବାର ଆୟୋଜିତ ଏହି ସମାରୋହରେ ସଂସଦର ସଭାପତି ଶରତ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ମା'ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଗାୟକ ବସନ୍ତ କୁମାର ଦାଶ ଦେବୀବନ୍ଦନା ପଠନ କରିଥିଲେ। ଶିକ୍ଷାବିତ୍ ହରିବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଉତ୍କଳ ବିକାଶ ପରିଷଦର ରାଜ୍ୟ ସମ୍ପାଦକ ତଥା ଗବେଷକ ଋଷି କୁମାର ଗୁମାନସିଂହ, ଡା.ଅମରେନ୍ଦ୍ର ନାଥ ମହାପାତ୍ର ଓ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶାର ଶେଷ ସ୍ୱାଧୀନ ଦୁର୍ଗ ଭାବେ ପରିଚିତ ଖୋର୍ଦ୍ଧା ମାଟିର ପାଇକ ପୁଅଙ୍କୁ ସଲାମ। ତାଙ୍କର ଅପୂରଣୀୟ ବଳିଦାନ, ଦେଶଭକ୍ତି, ତ୍ୟାଗ ଓ ସମର୍ପଣ ମନୋଭାବ ଦେଶ ମାତୃକାର ଟେକ ପାଇଁ ଇତିହାସ ବକ୍ଷରେ ଲିପିବଦ୍ଧ ହୋଇ ରହିବ ବୋଲି ଅତିଥି ଋଷି କୁମାର କହିଥିଲେ। କବିତାପାଠରେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ମାନସୀ ଦାଶ, କବି ବସନ୍ତ ସାହୁ, ପ୍ରଦୀପ୍ତ କିଶୋର ତ୍ରିପାଠୀ, ବିନୋଦ ରାଉତରାୟ, ବସନ୍ତ ହୋତା, ବ୍ରଜବନ୍ଧୁ ପଣ୍ଡା, ଭାଗବତ ମହାପାତ୍ର ମନୋଜ ମହାପାତ୍ର, ଶରତ ଚନ୍ଦ୍ର ଚମ୍ପତି, ମୋନାଲିସା ପଟ୍ଟନାୟକ, ଅଶ୍ୱିନୀ ମହାପାତ୍ରଙ୍କ ସମେତ ଅଞ୍ଚଳର ପାଇକ ସଙ୍ଗଠକ, ସାହିତ୍ୟିକ, ମହିଳା ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥବା ବେଳେ ସଂସଦର ସଂଯୋଜକ ମହମ୍ମଦ ମୋଇଉଦ୍ଦିନ ଅହମ୍ମଦ ଧନ୍ୟବାଦ ଦେଇଥିଲେ।

# ଅଲ୍‌ଷ୍ଟାର-୧୧, ରୟାଲ ବ୍ରଦର ବିଜୟୀ

## ଦ୍ୱିତୀୟ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଜଟଣୀ,୧୬।୯(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତର ଇସଲାମ ଷ୍ଟାର କ୍ରିକେଟ ଖେଳପଡିଆରେ ଚାଲିଥିବା ଦ୍ୱିତୀୟ ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଦୁଇଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ୍ ଅଲ ଷ୍ଟାର-୧୧ ଏବଂ ଏସ୍‌ଏସ୍ ୱାରିୟର ମଧ୍ୟରେ ହୋଇଥିଲା। ଅଲଷ୍ଟାର-୧୧ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ଇଇକେଟ ବିନିମୟରେ ୧୦୭ ରନ ସଂଗ୍ରହ କରିଥିଲା। ଜବାବରେ ଏସ୍‌ଏସ୍ ୱାରିୟର ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ମ୍ୟାଚରେ କାଲୁ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ରୟାଲ ବ୍ରଦର ଏବଂ ଆୟନ ୱାରିୟର ମଧ୍ୟରେ ହୋଇଥିଲା। ରୟାଲ ବ୍ରଦର ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୧୦ ରନ ସଂଗ୍ରହ କରିଥିଲା। ଜବାବରେ ଆୟନ ୱାରିୟର ୧୫.୪ ଓଭରରେ ସମସ୍ତ ଇଉକେଟ ବିନିମୟରେ ୯୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସାହାବଜ ନୱାଜ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଷଲ। ମୋଜାହିଦ ଖାଁ ଏବଂ ଏମ୍‌ଡି ନୁର୍ସାଦ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସାମାଜିକର୍ମୀ ମନୋଜ କୁମାର ପାହାନ୍ତାସି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ୨୯ରେ ଜଟଣୀ ଗଣେଶ ଭସାଣି




ବୈଠକରେ ଉପସ୍ଥିତ ପୂଜା କମିଟିର କର୍ମକର୍ତ୍ତାମାନେ।

ଜଟଣୀ,୧୬।୯(ରବୀନ୍ଦ୍ର ନାଥ ମହାକୁଡ଼)

ଆସନ୍ତା ୧୯ ତାରିଖରେ ଗଣେଶପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମରେ ଗଣେଶପୂଜା ପାଳନ ପାଇଁ ଆରମ୍ଭ ହୋଇଥିବା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପକ୍ଷରେ ଆସନ୍ତା ୨୯ ତାରିଖରେ ହେବାକୁ ଥିବା ଭସାଣି ଉତ୍ସବ ପାଇଁ ଶନିବାର ସ୍ଥାନୀୟ ଶିବଶ୍ରୀ ପାଠାଗାର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭସାଣି କମିଟିର ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ ସଭାପତିତ୍ୱ କରିଥିଲେ। ପ୍ରତିବର୍ଷ ଭଳି ଏଥର ମଧ୍ୟ ପ୍ରଶାସନର ନିୟମ ଏବଂ ସମୟ ମୁତାବକ ସନ୍ଧ୍ୟା ୬ଟାରୁ ଭସାଣି ଉତ୍ସବ ସ୍ଥାନୀୟ ସୀତାରାମ ଛକଠାରୁ ଆରମ୍ଭ ହେବ। ଚଳିତବର୍ଷ ପୌର ପ୍ରଶାସନ ପୂଜା ପେଣ୍ଡାଲ ଏବଂ ଏହାର ଚତୁଃପାର୍ଶ୍ୱର ପରିମଳ ବ୍ୟବସ୍ଥା ପାଇଁ ପୂଜା କମିଟିଠାରୁ

## ସନ୍ଧ୍ୟା ୬ରୁ ଆରମ୍ଭ

୧ ହଜାର ଟଙ୍କା ନେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏଥର ୨୦ ପୂଜା ମଣ୍ଡପ ମେଢ଼ ଭସାଣି ଉତ୍ସବରେ ସାମିଲ ପାଇଁ ଇଚ୍ଛା ପ୍ରକାଶ କରିଥିଲେ ମଧ୍ୟ ଅନୁମତି ପ୍ରଦାନ କରାଯାଇପାରିବନି ବୋଲି ଥାନାଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି। ଭସାଣିଦିନ ସମସ୍ତ ନିମନ୍ତ୍ରିତ ଠାକୁରଙ୍କୁ ସୀତାରାମ ଛକଠାରେ ସ୍ୱାଗତ କରାଯିବା ସହିତ ବିଭିନ୍ନ କମିଟିର ସଭାପତି, ସମ୍ପାଦକ ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ପୂର୍ବତନ କାଉନସିର ଲୁସେନ ରାୟ, ଫକୁ ପଟ୍ଟନାୟକ, ସୌମେନ୍ଦ୍ର ପଟ୍ଟନାୟକ, ପାଇକ ଗୁରୁ କାଶୀନାଥ ନାୟକ, କାଶୀନାଥ ସାହୁ, ଶରତ ସାହୁ, ସନ୍ତୋଷ ଚୌଧୁରୀ, ନୀତିଶ ସାହୁ, ସୁରେନ୍ଦ୍ର ସାହୁଙ୍କ ସମେତ ବହୁ ପୂଜା କମିଟିର ସଭାପତି ଏବଂ ସମ୍ପାଦକ ଉପସ୍ଥିତ ଥିଲେ।

# ଲିଜ୍ ନେଇ ଟ୍ରାକ୍ଟରକୁ କବାଡ଼ିଆରେ ବିକ୍ରି ଅଭିଯୋଗ

## ଟ୍ରାକ୍ଟର ଇଞ୍ଜିନ୍ ଉଦ୍ଧାର, ୨ ଅଟକ

ବୋଲଗଡ଼,୧୬।୯(ଦେବବ୍ରତ ହୋତା)

ବ୍ୟବସାୟ କରିବା ଉଦ୍ଦେଶ୍ୟରେ ମାସିକ ୧୫ହଜାର ଟଙ୍କା ଦେବା ପାଇଁ ଲିଜ୍ ଏଗ୍ରିମେଣ୍ଟ କରି ଏକ ଟ୍ରାକ୍ଟର ଆଣିଥିଲେ। ପରେ ତାକୁ କବାଡିଆ ଗୋଦାମରେ ବିକ୍ରି କରାଯାଇଥିବା ନେଇ ବୋଲଗଡ଼ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୩୬/୨୩) ରୁଜୁକରି ଟ୍ରାକ୍ଟର ଇଞ୍ଜିନକୁ ଉଦ୍ଧାର କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସୂଚନା ଅନୁଯାୟୀ, ଭୁବନେଶ୍ୱର ରାଜମହଲ ଅଞ୍ଚଳର ବିଜୟ କୁମାର ଜେନା ତାଙ୍କର ମହିନ୍ଦ୍ରା କମ୍ପାନୀର ଭୂମିପୁତ୍ର ଟ୍ରାକ୍ଟର(ଓଡି ୩୩ ୬୭୪୦)କୁ ନୟାଗଡ଼ ଥାନା ସଜନାପଡ଼ା ଗ୍ରାମର ସୁନୀଲ କୁମାର ନାୟକଙ୍କୁ ଗତ ଜୁନ ୮ରେ ମାସିକ ୧୫ ହଜାର ଟଙ୍କା ପାଇବା ହିସାବରେ ଲିଖିତ



ଚୁକ୍ତିନାମା କରି ଦେଇଥିଲେ। ତେବେ ସୁନୀଲ ପ୍ରଥମ ମାସର ଟଙ୍କା ପୈଠ କରିଥିବା ବେଳେ ପରବର୍ତ୍ତୀ ଦୁଇମାସ ଟଙ୍କା ନ ଦେବାରୁ ଗାଡ଼ି ମାଲିକଙ୍କ ପକ୍ଷରୁ ବାରମ୍ବାର ଫୋନ କରିବା ପରେ ବିଭିନ୍ନ ଅସୁବିଧା ଦେଖାଇ ଶୀଘ୍ର ଟଙ୍କା ଦେବେ ବୋଲି କହିଥିଲେ। ପରେ ସୁନୀଲ ଫୋନ ସୁଇଚଅଫ କରିଦେଇଥିଲେ। ତେବେ ଟ୍ରାକ୍ଟର ଇଞ୍ଜିନରେ ଜିପିଏସ୍ ଟ୍ରାକିଂ ଡିଭାଇସ ଲାଗିଥିବା ବେଳେ ଏହାକୁ ଅନୁସରଣ କରି ଅଭିଯୋଗକାରୀ ଟ୍ରାକ୍ଟର ମାଲିକଙ୍କ ପୁଅ ବିଶ୍ୱଜିତ୍ ବୋଲଗଡ଼ ଥାନା ଅନ୍ତର୍ଗତ ଦିଘିରି ଗ୍ରାମର ଲକ୍ଷ୍ମୀଧର ମହାନ୍ତିଙ୍କ ଘରେ ଟ୍ରାକ୍ଟରକୁ ଲୁଚାଯାଇଥିବା ଅବସ୍ଥାରେ ଠାବ କରି ବୋଲଗଡ଼ ଥାନାରେ ଜଣାଇଥିଲେ। ପରେ ପୋଲିସ ଗାଡ଼ିଟିକୁ ଉଦ୍ଧାର କରିବା ସହ ଲକ୍ଷ୍ମୀଧରଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ଇଟାମାଟି ଗ୍ରାମର ରଣସିଂ କବାଡିଆ ଗୋଦାମରୁ କିଣିଥିବା ପ୍ରକାଶ କରିଥିଲେ। ପରେ ଏହି ଗୋଦାମର ତତ୍ତ୍ୱାବଧାରକ ବଲ୍ଲଭ ବରାଡଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା ଚଳାଇଛି। ଟ୍ରାକ୍ଟର ଡାଲାର ପତ୍ତା ମିଳି ନ ଥିବା ବେଳେ ଲିଜ ନେଇ ବିକ୍ରି କରି ଦେଇଥିବା ସୁନୀଲ ଫେରାର ଥିବା ସୂଚନା ମିଳିଛି।

# ଲୁହା ସାମଗ୍ରୀ ଚୋରି କରି ୫ ଗିରଫ

ଯାଁଳା,୧୬।୯(ବୁଲା ବାରିକ)

ଲୁହା ସାମଗ୍ରୀ ଚୋରି କରିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ୫ଜଣ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଷଲ ଏହି ଥାନା ଅନ୍ତର୍ଗତ ଅରିସଲ ଗ୍ରାମର ରାଜକିଶୋର ଜେନା(୨୦), ହରେକୃଷ୍ଣପୁର ଗ୍ରାମର ବାଦଲ ମହାରଣା (୨୨), ଅରିସଲ ଗ୍ରାମର ଚିନ୍ମୟ ମୁଦୁଲି(୨୦), ନୟାଗଡ଼ ଜିଲା ଶରଣକୁଳ ଥାନା ଅଞ୍ଚଳର ସିନୁ ରାଉତ (୨୧), କଟକ ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ସୁରେଶ ସାହୁ (୨୨)। ଏମାନଙ୍କଠାରୁ ଗୋଟିଏ ବାଇକ୍, ୪୦ଟି ଲୁହାରଡ୍ ଜବତ ହୋଇଛି। ସୂଚନା ମୁତାବକ, ଏହି ଥାନା ଅଞ୍ଚଳରେ ଏକ କମ୍ପାନୀର ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି। ସେଠାରେ ଥିବା କିଛି ଲୁହା ସାମଗ୍ରୀ ଚୋରି ହୋଇଥିବା ନେଇ ଶୁକ୍ରବାର ସାଇଟ ସୁପରଭାଇଜର ମିଥୁନ ମିସ୍ତ୍ରୀ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।



ଗିରଫ ୫ ଅଭିଯୁକ୍ତ ଓ ଜବତ ହୋଇଥିବା ଲୁହା ସାମଗ୍ରୀ।

# ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ

ଖୋର୍ଦ୍ଧା, ୧୬।୯ (ପ୍ରଭାତ ପାଣିଗ୍ରାହୀ)

ଆସୁଛି ପାର୍ବଣ ଋତୁ। ଧରାପୃଷ୍ଠକୁ ଓହ୍ଲାଇବେ ଦେବଦେବୀ। ପ୍ରଥମେ ଅଗ୍ରପୂଜ୍ୟ ଶ୍ରୀଗଣେଶ। ମୂର୍ତ୍ତି ନିର୍ମାଣରେ ନିମଗ୍ନ ରହିଛନ୍ତି କାରିଗର ତଥା ଶିଳ୍ପୀ। ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। ଚଳିତ ବର୍ଷ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ମୂର୍ତ୍ତି କାରିଗରମାନେ ଲୋକଙ୍କୁ ଆକୃଷ୍ଟ କରିବାକୁ ଭଳିକି ଭଳି ଡିଜାଇନର ଶ୍ରୀଗଣେଶଙ୍କ ମୂର୍ତ୍ତି ନିର୍ମାଣ କରିଛନ୍ତି। ଅନ୍ୟପଟେ ପୂଜା କମିଟି ସଦସ୍ୟମାନେ କିଭଳି ମଣ୍ଡପକୁ ସୁନ୍ଦରଭାବେ ସାଜସଜ୍ଜା କରାଯିବ ସେନେଇ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି।

## ସଜେଇ ହେଉଛି ମଣ୍ଡପ

ଆଉ ଦୁଇଦିନ ପରେ ଧରାପୃଷ୍ଠକୁ ଓହ୍ଲାଇବେ ବିଘ୍ନରାଜ ଶ୍ରୀଗଣେଶ। ଏଥିପାଇଁ ସବୁଠି ରହିଛି ଉତ୍ସାହ। ସଜେଇ ହେଉଛି ପୂଜାମଣ୍ଡପ। ଗଣେଶ ପୂଜା ଲାଗି ଦ୍ୱିତୀୟ ମୁମ୍ବାଇ ସହର ଭାବେ ପରିଚିତ ଜଟଣୀ ସହର। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମରେ ଗଣେଶପୂଜା ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ଆୟୋଜନ ଲାଗି ଜଟଣୀ ସହର ଉତ୍ସବମୁଖର ହୋଇଉଠିଛି।



ସେହିପରି ଖୋର୍ଦ୍ଧା ସହରର ଏକାଧିକ ମଣ୍ଡପରେ ଶ୍ରୀଗଣେଶ ପୂଜା ପାଇବାକୁ ଥିବାବେଳେ ଚାଲିଛି ମଣ୍ଡପ ସାଜସଜ୍ଜା।

## ମୂର୍ତ୍ତି ନିର୍ମାଣରେ ୩ ଭାଇ

ଖୋର୍ଦ୍ଧା ଗୁରୁଜଙ୍ଗ ମାଳିସାହିର ତିନିଭାଇ ଆଶିଷ, ଦେବାଶିଷ ଓ ଶୁଭାଶିଷ ରଣା ମର୍ତ୍ତି ନିର୍ମାଣରେ ନିମଗ୍ନ ରହିଛନ୍ତି। ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। ୨ ଫୁଟରୁ ଆରମ୍ଭ କରି ୧୨ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି ରହିଥିବା ଆଶିଷ କହିଛନ୍ତି। ପ୍ରାୟ ୭୦ରୁ ୮୦ଟି ଛୋଟବଡ଼ ମୂର୍ତ୍ତି ନିର୍ମାଣ କରାଯାଇଛି। ସମସ୍ତ ମୂର୍ତ୍ତିରେ ଅଳଙ୍କାର ପରିଧାନ ପରେ ନେତ୍ରରେ ଶେଷସ୍ପର୍ଶ ଦିଆଯିବ। ଆଶିଷ ଆହୁରି କହିଛନ୍ତି, ଖୁଦୁରୁକୁଣୀ, ଗଣେଶ ପୂଜା, ବିଶ୍ୱକର୍ମା, ଦୁର୍ଗା, କାଳୀ, ଲକ୍ଷ୍ମୀ, କାର୍ତ୍ତିକ ପରେ ସରସ୍ୱତୀ ପୂଜା ଏପରି ଗୋଟିଏ ପରେ ଗୋଟିଏ କାମ ଚାଲିଥାଏ। ମାର୍ଚ୍ଚରୁ କାମ ଆରମ୍ଭ ହୋଇ ଜାନୁୟାରୀରେ ଶେଷ ହୋଇଥାଏ। ଅର୍ଡର ଅନୁଯାୟୀ ମୂର୍ତ୍ତି ନିର୍ମାଣ କରାଯାଇଥାଏ। ଆମ ପରିବାର ସହ ୧୦ଜଣ କର୍ମଚାରୀ ମଧ୍ୟ କାମ କରୁଛନ୍ତି। ମାଟିକାମ, ପଶୁମୁଖା ମୂର୍ତ୍ତି ବ୍ୟତୀତ ପାରମ୍ପରିକ ଲୋକକଳା ଚଇତି, ଘୋଡା ନାଚ, ବଉଳା, ବାଘ,ଷଣ୍ଢ, ହରିଣ, ଭାଲୁ, ବଳଦ, ରଜାରାଣୀ, କାଳୀ, ଦୁର୍ଗା ଆଦି ମେଢ଼ ମଧ୍ୟ ନିର୍ମାଣ କରାଯାଇଥାଏ ବୋଲି ବୋଲି ସେ ପ୍ରକାଶ କରିଛନ୍ତି।

## ମୂର୍ତ୍ତି ଗଢ଼ିବାରେ ଆନନ୍ଦ ମିଳେ

ଜଟଣୀ କୁଦିଆରୀର ଶିଳ୍ପୀ ଚନ୍ଦ୍ରକାନ୍ତ ବେହେରା। ସେ ଗଜାନନଙ୍କ ଭଳିକି ଭଳି ମର୍ତ୍ତି ଗଢିବାରେ ଲାଗିଛନ୍ତି। ଚଳିତବର୍ଷ ୨ଫୁଟରୁ ୧୪ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି ଗଢୁଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ସହଯୋଗୀଙ୍କୁ ଆର୍ଥିକ ରୋଜଗାରର ବାଟ ଦେଖାଇଛନ୍ତି। ବିଶେଷକରି ବମ୍ବେ ଷ୍ଟାଇଲ ମୂର୍ତ୍ତିର ଚାହିଦା ରହିଛି। ଜଟଣୀ ବ୍ୟତୀତ ଖୋର୍ଦ୍ଧା, ଭୁବନେଶ୍ୱର, ପିପିଲି, ପୁରୀ, ନିମାପଡା ଆଞ୍ଚଳକୁ ମୂର୍ତ୍ତି ଯାଇଥାଏ। ସେହିପରି ଶିଳ୍ପୀ ନୀଳକଣ୍ଠ ମହାରଣା କହିଛନ୍ତି, ୪୦ବର୍ଷ ହେବ ମୂର୍ତ୍ତି ନିର୍ମାଣ କରୁଛି। ୨ଫୁଟରୁ ଆରମ୍ଭ କରି ୧୦ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି ରହିଛି। ଗ୍ରାହକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ମୂର୍ତ୍ତି ନିର୍ମାଣ କରାଯାଇଛି। ଶିଳ୍ପୀ ସୁକାନ୍ତ ବେହେରା କୁହନ୍ତି, ମୂର୍ତ୍ତି ନିର୍ମାଣରେ କେବଳ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଏ। ଏଥିରେ ରାସାୟନିକ କେମିକାଲ ବ୍ୟବହାର କରାଯାଏ ନାହିଁ। ଏଥର ୧୦ରୁ ୧୫ପ୍ରକାର ମୂର୍ତ୍ତି ନିର୍ମାଣ କରାଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୭ ସେପ୍ଟେମ୍ବର, ୨୦୨୩



**ମଦ ବୋଝେଇ ପିକଅପ୍ ଭ୍ୟାନ ଜବତ, ଚାଳକ ସହ ୨ ଗିରଫ**

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଅବକାରୀ ଥାନା କର୍ତ୍ତୃପକ୍ଷ କାକଟପୁର ଥାନା ଅଞ୍ଚଳରେ ଚଢ଼ାଉ କରି କାକଟପୁର ବ୍ଲକ ଛକଠାରୁ ଏକ ମଦ ବୋଝେଇ ପିକଅପ୍ ଭ୍ୟାନ ଶନିବାର ଜବତ କରିଛି। ଭ୍ୟାନ ଚାଳକ ବଲଙ୍ଗା ଥାନା ଅଞ୍ଚଳର ସନ୍ତୋଷ ସ୍ୱାଇଁ ଓ ତାଙ୍କ ସହଯୋଗୀ ଲକ୍ଷ୍ମୀକାନ୍ତ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ୯୩/୨୩-୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଜାମିନ ନାମଞ୍ଜୁର ହେବାରୁ କୋର୍ଟ ୨ ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଭ୍ୟାନରୁ ପ୍ରାୟ ୫ଲକ୍ଷ ଟଙ୍କା ମୂଲ୍ୟର ୩ ହଜାର ୧୯୨ ମଦ ବୋତଲ ଜବତ ହୋଇଥିବା ନିମାପଡ଼ା ଅବକାରୀ ଥାନା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ସଂକ୍ଷେପରେ

### ସୋସିଆଲ ମିଡିଆରେ ପୋଷ୍ଟକୁ ନେଇ ଅଭିଯୋଗ

ପୁରୀ,୧୬।୯(ଅଜିତ୍ ମହାନ୍ତି): ସେବାୟତ ଶମ୍ଭୁନାଥ ଖୁଣ୍ଟିଆ ସୋସିଆଲ ମିଡିଆରେ ସେବାୟତଙ୍କ ବିବାହକୁ ନେଇ କରିଥିବା ପୋଷ୍ଟକୁ ବିରୋଧ କରି ଶ୍ରୀଲୋକାନାଥ ଦେବ ସେବାୟତ ନିଯୋଗ କମିଟି ପକ୍ଷରୁ ବାସେଳିସାହି ଥାନାରେ ଅଭିଯୋଗ ହୋଇଛି। ଲୋକନାଥ ମନ୍ଦିର ସେବାୟତ ନିଯୋଗ ସମ୍ପାଦକ ସନ୍ତୋଷ କୁମାର ପଣ୍ଡାଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ସେବାୟତ ଶମ୍ଭୁନାଥ ସୋସିଆଲ ମିଡିଆରେ ଶ୍ରୀଲୋକନାଥ ମନ୍ଦିର ସେବାୟତ ଓ ଶ୍ରୀମନ୍ଦିର ସେବାୟତ ମଧ୍ୟରେ ଫାଟ ସୃଷ୍ଟି ସହ ଶାନ୍ତି ନଷ୍ଟ କରିବା ଭଳି ପୋଷ୍ଟ କରିଛନ୍ତି ଯାହା ଗ୍ରହଣୀୟ ନୁହେଁ। ତେଣୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ତେବେ ଥାନରେ ଏତଲା ସହ ଶ୍ରୀଲୋକନାଥ ଟ୍ରଷ୍ଟ ବୋର୍ଡ ସଭାପତି ଉପଜିଲାପାଳଙ୍କ ନନିକଟରେ ମଧ୍ୟ କମିଟି ପକ୍ଷରୁ ଅଭିଯୋଗ ହୋଇଛି।

### ପିଲାଙ୍କୁ ପାଳି କରି ପାଠ ପଢ଼ାଉଛନ୍ତି ଗ୍ରାମବାସୀ

ନିମାପଡ଼ା,୧୬।୯(ବିଚିତ୍ରାନନ୍ଦ ସାହୁ) ସମଗ୍ର ରାଜ୍ୟରେ ଶିକ୍ଷକଙ୍କ ଆନ୍ଦୋଳନ ଚାଲୁ ରହିଛି। ଫଳରେ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ଦେଖାଦେଇଛି। ଏଭଳି ପରିସ୍ଥିତିରେ ନିମାପଡ଼ା ଏନ୍ଏସି ଅଧୀନ ଅଣ୍ଡିଆ ସାହି ଗ୍ରାମବାସୀ ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ବିଦ୍ୟାଳୟ ଖୋଲିବା ପର୍ଯ୍ୟନ୍ତ ଗ୍ରାମର ଛାତ୍ରୀଛାତ୍ରଙ୍କୁ ପାଳି କରି ପାଠ ପଢ଼ାଇବାକୁ ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି। ଏଥିସହ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଶନିବାର ଗ୍ରାମର ଜଣେ ଶିକ୍ଷିତ ଯୁବତୀ ରାଜଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା ଗ୍ରାମର ମନ୍ଦିର ନିକଟ ଏକ ବାରଣ୍ଡାରେ ୨୦-୨୫ଜଣ ଛାତ୍ରୀଛାତ୍ରୀଙ୍କୁ ପାଠ ପଢ଼ାଇଛନ୍ତି। ଏହି ପ୍ରୟାସ ବିଦ୍ୟାଳୟ ନ ଖୋଲିବା ପର୍ଯ୍ୟନ୍ତ ଚାଲିବ ବୋଲି ଗ୍ରାମ୍ୟ କମିଟି ସଭାପତି ବିବେକାନନ୍ଦ ପାତ୍ର, ସମ୍ପାଦକ ଅକ୍ଷୟ ପଣ୍ଡା, ଗ୍ରାମବାସୀ ଓ ଅଭିଭାବକ ମନୋଜ ପଣ୍ଡା, ତପନ ପଣ୍ଡା, ଅକ୍ଷୟ ବେହେରା, ବାବୁଲି ବେହେରା ପ୍ରମୁଖ କହିଛନ୍ତି। ଶିକ୍ଷାଦାନ ସ୍ଥଳରେ ବ୍ଲକ ଶିକ୍ଷା ଅଧିକାରୀ ଦ୍ୱିତିକୃଷ୍ଣ ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୌଦାମିନୀ ଦାଶ ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କ ଅଭିନବ ପ୍ରୟାସକୁ ପ୍ରଶଂସା କରିଛନ୍ତି। ନିମାପଡ଼ାର ବିଭିନ୍ନ ମହଲରୁ ଓ ଅଭିଭାବକ ଏହାକୁ ସାଧୁବାଦ ଜଣାଇଛନ୍ତି।

### ବିଦ୍ୟାଳୟରେ ହେବନି ଗଣେଶପୂଜା

ସାକ୍ଷୀଗୋପାଳ,୧୬।୯ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଗତ ଶୁକ୍ରବାରଠାରୁ ୩ ଦଫା ଦାବି ନେଇ ସତ୍ୟବାଦୀ ଶିକ୍ଷକ ସଂଘର ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଶନିବାର ଧାରଣା ୯ମ ଦିନରେ ପହଞ୍ଚିଥିବାବେଳେ ୧୫୦ରୁ ଊର୍ଦ୍ଧ୍ୱ ସ୍କୁଲ ବନ୍ଦ ରହିଛି। ଏ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଚିନ୍ତାପ୍ରକଟ କରୁଛନ୍ତି। ଆନ୍ଦୋଳନ ସ୍ଥଳରେ ସତ୍ୟବାଦୀ ଭାଜପା ନେତା ଓମ୍ ପ୍ରକାଶ ମିଶ୍ର, ଭାଜପା ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ବୀରରାମଚନ୍ଦ୍ରପୁର ସରପଞ୍ଚ ବର୍ଷାରାଣୀ ସେଠୀ, ସମିତିସଭ୍ୟ ଦୀପକ ଶତପଥୀ ପ୍ରମୁଖ ପହଞ୍ଚି ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ଓ ଆସନ୍ତା ସପ୍ତାହରେ ଥିବା ଗଣେଶପୂଜା ବିଦ୍ୟାଳୟଗୁଡ଼ିକରେ ବନ୍ଦ ରହିବ ବୋଲି ଶିକ୍ଷକ ନେତା ପ୍ରକାଶ କରିଥିଲେ। ବ୍ଲକର ପ୍ରାଥମିକ ଶିକ୍ଷକ ୟୁନିୟନ ସଂଘ ସଭାପତି ପ୍ରହ୍ଲାଦ ଦାଶ ଓ ସମ୍ପାଦକ ବିଜୟ କିଶୋର ନନ୍ଦ, ଜିଲା ସଭାପତି ସୋମନାଥ ନନ୍ଦ ଓ ଶିକ୍ଷକ ନେତା ମୃତ୍ୟୁଞ୍ଜୟ ମହାପାତ୍ର, ଅଜୟ ପ୍ରଧାନ, ସୁମନ୍ତ ପାଲ୍, ସୁନୀଲ ବେହେରା ପ୍ରମୁଖ ଏହିଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

### ସଂସ୍କୃତ ବିଭାଗର ସ୍ୱାଗତ ସମାରୋହ

ସାକ୍ଷୀଗୋପାଳ,୧୬।୯(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ସଂସ୍କୃତ (ସମ୍ମାନ) ବିଭାଗ ଆନୁକୂଲ୍ୟରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପିକା ସସ୍ମିତା ପ୍ରଧାନ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପ୍ରାଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର ବେଦପାଠ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ସୁଜାତା ମହାପାତ୍ର ସଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କାରି ସଭାରମ୍ଭ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସତ୍ୟଶିବସୁନ୍ଦର ମିଶ୍ର ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଅଧ୍ୟୟନ କରିବାକୁ କହିଥିଲେ।

# ଡ୍ରୋଜର ଲଗାଇ ଭଙ୍ଗାଗଲା ୨୫ ଦୋକାନ

**ପ୍ରଶାସନର ଜବରଦଖଲ ଉଚ୍ଛେଦ**

ନିମାପଡ଼ା,୧୬।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍ଏସି, ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଶନିବାରରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ନିମାପଡ଼ା ଏନ୍ଏସି ଅଧୀନ ତଳ ଅଣ୍ଡିଆ ଛକଠାରେ ପ୍ରଶାସନ ପକ୍ଷରୁ ସଶସ୍ତ୍ର ପୋଲିସ ବାହିନୀଙ୍କ ଉପସ୍ଥିତିରେ ଡ୍ରୋଜର ଲଗାଇ ପ୍ରାୟ ୨୫ଟି ଦୋକାନ ଗୃହ, ତ୍ରିନାଥ ମନ୍ଦିର, ବିଭିନ୍ନ ଲୋକଙ୍କ ଗୃହ, ପ୍ରାଚୀର ଆଦିକୁ ଭଙ୍ଗାଯାଇଛି। ଏହି ଉଚ୍ଛେଦ ପ୍ରକ୍ରିୟା ଆଗକୁ ନିମାପଡ଼ା ଦୋଳବେଦି ଛକ, ମୋହନ ଦାସଙ୍କ ପ୍ରତିମୂର୍ତ୍ତି ଛକ ପର୍ଯ୍ୟନ୍ତ ହେବ ବୋଲି ପ୍ରଶାସନ କହିଛି। ରାସ୍ତାକଡ଼ରେ ଦୀର୍ଘବର୍ଷ ଧରି ଦୋକାନ କରି ପରିବାର ଚଳାଉଥିବା ଗରିବ ବ୍ୟବସାୟୀଙ୍କ ଦୋକାନ ଗୃହକୁ ଭଙ୍ଗାଯିବାରୁ ସେମାନେ ଏବେ ବେସାହାରା ହୋଇପଡ଼ିଛନ୍ତି।



ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି।

ଏହି ଉଚ୍ଛେଦ ପ୍ରକ୍ରିୟାରେ ବ୍ୟବସାୟୀଙ୍କ ଲକ୍ଷାଧିକ ଟଙ୍କାର ଆସବାବପତ୍ର କ୍ଷତିଗ୍ରସ୍ତ ହୋଇଥିବା ବ୍ୟବସାୟୀ କହିଛନ୍ତି। ଅନ୍ୟପକ୍ଷେ ନିମାପଡ଼ାକୁ ସହରୀ ଯୋଜନାରେ ବିକଶିତ, ସୌନ୍ଦର୍ଯ୍ୟମୟ କରାଯିବାକୁ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ପକ୍ଷରୁ ତଳ ଅଣ୍ଡିଆ ଛକଠାରୁ ଦୋଳବେଦି ଛକ ପର୍ଯ୍ୟନ୍ତ ପକ୍କା, ଚଉଡ଼ା, ଫୋରଲେନ ରାସ୍ତା ଖୁବ୍‌ଶୀଘ୍ର ହେବ। ଏହି ଫୋରଲେନ ରାସ୍ତା ନିର୍ମାଣ କରାଗଲେ ନିମାପଡ଼ାର ବହୁଳ ଭାବେ ସୌନ୍ଦର୍ଯ୍ୟ ବୃଦ୍ଧି ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ରାସ୍ତା ନିର୍ମାଣକୁ ଆଖିଆଗରେ ରଖି ପ୍ରଶାସନ ପକ୍ଷରୁ ଏହି ଜବରଦଖଲ କରାଯାଉଥିବା ଜଣାପଡ଼ିଛି। ଜବରଦଖଲ ସ୍ଥଳରେ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାଳ ହେମ୍ବ୍ରମ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ଆଇଆଇସି ବାମଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଛେଦ ପୂର୍ବରୁ ଦୋକାନୀଙ୍କୁ ନୋଟିସ ଦିଆଯାଇ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଥିଲା।

## ସରକାରୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟରେ ଲୋକପ୍ରତିନିଧି ଅସନ୍ତୁଷ୍ଟ

କଣାସ,୧୬।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ସମିତିର ସପ୍ତମ ବୈଠକ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ବିଡିଓ ନାରାୟଣ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ୍, ଜିଲା ପରିଷଦସଭ୍ୟା ଲତାମଣି ଜଗଦେବ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ସାହୁ, ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ, ବିଦ୍ୟୁତ୍ ବିଭାଗ, ଜଳସେଚନ, ଉଠା ଜଳସେଚନ, ମିଶନ ଶକ୍ତି ବିଭାଗର କୌଣସି ଅଧିକାରୀ ବୈଠକରେ ଯୋଗଦେଇ ନ ଥିବାରୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକ ପ୍ରତିନିଧିମାନେ ଦାବି କରିଥିଲେ। ପ୍ରଥମରୁ ଶେଷପର୍ଯ୍ୟନ୍ତ ସରକାରୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଲୋକପ୍ରତିନିଧିମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ବିଧାୟକ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଗୋଷ୍ଠୀ ମଧ୍ୟରେ ପଞ୍ଚାୟତ ସମିତି ଅର୍ଥ ବଣ୍ଟନକୁ ନେଇ ଦୀର୍ଘ ସମୟ ଧରି ପାଟିତୁଣ୍ଡ, ହୋହଲ୍ଲା ଲାଗି ରହିଥିଲା। ବୈଠକର ବିବରଣୀ ପାଠ ପରେ ୬ଷ୍ଠ ବୈଠକର ନିଷ୍ପତ୍ତି ଜଣାଇ ଦିଆଯାଇ ନ ଥିବା ନେଇ ସରପଞ୍ଚ ଓ ସମିତି ସଭ୍ୟାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଡିଓ ସାହୁ ପୂର୍ବ ବୈଠକ ସମ୍ପର୍କରେ କୌଣସି ଉତ୍ତର ଦେଇପାରି ନ ଥିଲେ। ଏହି ବୈଠକର ଅଭିଯୋଗ ପତ୍ର ତୁରନ୍ତ ଉକ୍ତ ବିଭାଗକୁ ଜଣାଇ ଦିଆଯିବ ବୋଲି ବିଡିଓ ସାହୁ ଲୋକପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ। ବ୍ଲକରେ ୧୩୨ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଅନେକ ବିଦ୍ୟାଳୟରେ ୮ଟି କ୍ଲାସ୍ ପାଇଁ ୪ଜଣ ଶିକ୍ଷକ ଥିବା ବିଇଓ ପ୍ରକାଶ କରିଥିଲେ। ତୁରନ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବା ଲାଗି ଜିଲାପାଳଙ୍କୁ ଜଣାଇବାକୁ ସଭାରେ ନିଷ୍ପତ୍ତି ହୋଇଥିଲା।



ଅଧିକାରୀମାନେ ରଥପୁରୁଷୋତ୍ତମପୁରଠାରେ ନଦୀବନ୍ଧ ଅନୁଧ୍ୟାନ କରୁଛନ୍ତି।

## ଭୁଶୁଡ଼ିଲା ଭାର୍ଗବୀ ନଦୀବନ୍ଧ

ପିପିଲି,୧୬।୯(ଦୁର୍ଗାମାଧବ ମିଶ୍ର)

ରଥପୁରୁଷୋତ୍ତମପୁରଠାରେ ଶନିବାର ଭାର୍ଗବୀ ନଦୀବନ୍ଧ ଭୁଶୁଡ଼ି ପଡିଛି। ଏବେ ନଦୀରେ ପାଣି ବଢ଼ିବା ଫଳରେ ପିପିଲି ବ୍ଲକର ୪ ପଞ୍ଚାୟତ ଏବଂ ସତ୍ୟବାଦୀର ୬ ପଞ୍ଚାୟତର ଲୋକମାନେ ଭୟଭୀତ ଅଛନ୍ତି। ଘଟଣାସ୍ଥଳରେ ପିପିଲି ତହସିଲଦାର ପୁନମ୍ ମହାପାତ୍ର ଓ ଜଳସମ୍ପଦ ବିଭାଗ ଅତିରିକ୍ତ ସର୍ବୋଚ୍ଚ ଯନ୍ତ୍ରୀ ବିଘ୍ନରାଜ ପୁରୋହିତ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହା ଉପରେ ନଜର ରଖି ତୁରନ୍ତ ପଦକ୍ଷେପ ନେବାକୁ ୨୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ କହିଥିଲେ। ପ୍ରକାଶଥାଉ କି, ପୂର୍ବରୁ ବନ୍ଧ ନଦୀଗର୍ଭକୁ ଧସିଯିବା ଘଟଣାରେ ଜିଲା ପରିଷଦ ସଭ୍ୟ ସାହୁ ବନ୍ଧ ତୁରନ୍ତ ମରାମତି ପାଇଁ ଚିଠି ମାଧ୍ୟମରେ ପୁରୀ ଜିଲା ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିବେଦନ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ବନ୍ଧ କ୍ଷତିଗ୍ରସ୍ତ ହେଲେ ବୀରପୁରୁଷୋତ୍ତମପୁର, ସରସ୍ୱତୀପୁର, ଗୁପଦେଇପୁର ଓ ଯଶୁଆପୁର ପଞ୍ଚାୟତ ବାସୀଙ୍କ ପାଇଁ ମହାବିପତ୍ତି ଆଣିବା ସହ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ବିଚ୍ଛିନ୍ନ ହୋଇଯିବ। ଏଠାରେ ସୂଚନାଯୋଗ୍ୟ, ଗତ ୩ ମାସ ତଳେ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପଥର ପ୍ୟାକିଂ ମଧ୍ୟ ଭୁଶୁଡ଼ି ପଡ଼ିଥିଲା।

## ପଞ୍ଚାୟତ ଅଫିସ ସମ୍ମୁଖରେ ୨ଶହରୁ ଊର୍ଦ୍ଧ୍ୱ ଭାଜପା କର୍ମୀଙ୍କ ବିକ୍ଷୋଭ

ନିମାପଡ଼ା,୧୬।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ଭୋଗଶାଳଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଶନିବାର ୨ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ବିଭିନ୍ନ ନାରାବାଜି ଦେଇ ବିକ୍ଷୋଭ ପ୍ରଦର୍ଶନ କରି ଗଣଧାରଣାରେ ବସିଥିଲେ। ଆନ୍ଦୋଳନରେ ଅତିଥି ଭାବେ ଭାଜପା ବରିଷ୍ଠ ନେତା ଦିଲୀପ ନାୟକ, ପ୍ରଭାତୀ ପରିଡ଼ା, ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଦୀପ ନାୟକ, ନିମାପଡ଼ା ମଣ୍ଡଳ ସଭାପତି ମାନସ ପ୍ରଧାନ, ସନ୍ତୋଷ ରଥ, ମହିଳା ନେତ୍ରୀ ଝିଲିଲତା ଦାସ, ମାନିନୀ ସ୍ୱାଇଁ, ସୀମାଞ୍ଚଳ ନାୟକ ପ୍ରମୁଖ ଯୋଗଦେଇ ଶାସକ ଦଳର ଅହଂକାରୀ କଳଙ୍କିତ ଶାସନକୁ ତୀବ୍ର ନିନ୍ଦା କରିବା ସହ ଦୁର୍ନୀତିଗ୍ରସ୍ତ, ଅହଂକାରୀ ଶାସନର ଖୁବ୍‌ଶୀଘ୍ର ଅନ୍ତ ଘଟିବ, ଆଗାମୀ ସାଧାରଣ ନିର୍ବାଚନରେ ନିମାପଡ଼ାରେ ଭାଜପା ବିଜୟୀ ହେବ, ପଦ୍ମଫୁଲ ଫୁଟିବ, ନୂତନ ସୂର୍ଯ୍ୟ ଉଇଁବ ବୋଲି ଦଳର ନେତୃବୃନ୍ଦମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ନିର୍ବାଚନରେ ନିମାପଡ଼ା ନିର୍ବାଚନମଣ୍ଡଳବାସୀ ଶାସକ ଦଳକୁ ଉପଯୁକ୍ତ ଜବାବ ଦେବେ ବୋଲି ଭାଜପା ନେତୃବୃନ୍ଦ କହିଛନ୍ତି। ଏହି ଅବସରରେ ଏକ ଶୋଭାଯାତ୍ରା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା।

## ଶହୀଦଙ୍କୁ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର

ନିମାପଡ଼ା,୧୬।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଶହୀଦ ସ୍ମୃତିସଂସଦ ପକ୍ଷରୁ ଶନିବାର ଶହୀଦ ଦିବସ ଶହୀଦ ପଡ଼ିଆଠାରେ ପାଳିତ ହୋଇଯାଇଛି। ଶହୀଦ ଉଚ୍ଛବ ମଳିକଙ୍କ ବଳିଦାନ ନିମାପଡ଼ାର ଏକ ସ୍ୱର୍ଣ୍ଣିମ ଇତିହାସ। ଏହି ସଂଗ୍ରାମୀ, ମହାନାୟକଙ୍କ ଆଦର୍ଶରେ ଆଜିର ଯୁବ, ଛାତ୍ରସମାଜ ଓ ସାଧାରଣ ଜନତାଙ୍କୁ ଅନୁପ୍ରାଣିତ ହୋଇ ଗାନ୍ଧିଜୀଙ୍କ ସ୍ୱରାଜ୍ୟ ପ୍ରତିଷ୍ଠା ଦିଗରେ ସହାୟକ ହେବାକୁ ନିମାପଡ଼ାରେ ଶହୀଦ ଦିବସ ପାଳିତ ହୋଇଆସୁଛି। ସମାରୋହରେ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡ଼ା କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ଶହୀଦ ସ୍ମୃତି ସଂସଦ ସମ୍ପାଦକ ଶିକ୍ଷାବିତ୍ ବେଣୁଧର ସେନାପତି ପ୍ରମୁଖ ଯୋଗଦେଇ ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ପଡ଼ିଆଠାରେ ଜାତୀୟ ପତାକା ଉତ୍ତୋଳନ, ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସଶସ୍ତ୍ର ପୋଲିସ ବାହିନୀ ପକ୍ଷରୁ ଶହୀଦ ମଳିକଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଶହୀଦ ଗ୍ରାମ କେଉଟତୋଟା ଗ୍ରାମରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମାରୋହରେ ବହୁ ରାଜନେତା, ବୁଦ୍ଧିଜୀବୀ, ଅଧ୍ୟାପକ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ।



ସ୍ମୃତିସ୍ତମ୍ଭ ନିକଟରେ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

## ଗରିବ ନିରୀହଙ୍କୁ ଆଇନଗତ ସହାୟତା ଦେବ ସତ୍ୟବାଦୀ ବିକାଶ ପରିଷଦ

ସାକ୍ଷୀଗୋପାଳ,୧୬।୯(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ଶନିବାର ପଞ୍ଚସଖା ସ୍ମୃତି ଭବନ ପରିସରରେ ଆଇନଜୀବୀ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ମାଧ୍ୟମରେ ସତ୍ୟବାଦୀ ଅଞ୍ଚଳର ଗରିବ, ନିରୀହ ଜନସାଧାରଣଙ୍କ ସହ ବରିଷ୍ଠ ନାଗରିକଙ୍କ ବିଭିନ୍ନ ଆଇନଗତ ସମସ୍ୟା ନିମନ୍ତେ ପରାମର୍ଶ ଓ ସମାଧାନ ଦିଗ ସମ୍ପର୍କରେ ସହଯୋଗ କରାଯିବ ବୋଲି ସତ୍ୟବାଦୀ ବିକାଶ ପରିଷଦ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଆଇନଜୀବୀ ସଂଘ ସଭାପତି ରାମପ୍ରସାଦ ଦାଶ ଯୋଗଦେଇ ସ୍ମୃତି ଭବନ ପରିସରରେ ସ୍ଥାପିତ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସତ୍ୟବାଦୀରେ ଏଭଳି କାର୍ଯ୍ୟକ୍ରମ ପ୍ରଥମକରି କରାଯାଉଥିବାବେଳେ ଏହା ଦ୍ୱାରା ବହୁ ଲୋକ ଆର୍ଥିକ ବୋଝରୁ ରକ୍ଷା ପାଇବେ ବୋଲି ଆଇନଜୀବୀ ଦାଶ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ସାଧାରଣ ସମ୍ପାଦକ ବରିଷ୍ଠ ଆଇନଜୀବୀ ବିଭୂତି ଶଙ୍କର ତ୍ରିପାଠୀ, ମୁଖ୍ୟ ବକ୍ତା ଗବେଷକ ଗୌରାଙ୍ଗ ଚରଣ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଅବସର ପ୍ରାପ୍ତ ପ୍ରଫେସର ଅଭିମନ୍ୟୁ ବରାଳ, ଗବେଷକ ଭୀମସେନ ମହାପାତ୍ର, ଶିକ୍ଷାବିତ୍ ଜୟନ୍ତ ତ୍ରିପାଠୀ, ଦେବେନ୍ଦ୍ର ମେକାପ, ହୃଷୀକେଶ ମିଶ୍ର ପ୍ରମୁଖ ସାମିଲ ଥିଲେ। ଏହି ଶିବିର ପ୍ରତି ମାସର ଶେଷ ଶନିବାର ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ଆଇନଜୀବୀ ଅଞ୍ଜନ ହୋତା ସୂଚନା ଦେଇଛନ୍ତି। ଆଇନଜୀବୀ ସୁଶାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଆଇନଜୀବୀ ଅମର ନନ୍ଦ ଧନ୍ୟବାଦ ଦେଇଥିଲେ।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲେ କାକଟପୁରର ସାମାଜିକ କର୍ମୀ

କାକଟପୁର,୧୬।୯(ଶୁଭଦର୍ଶନ ମିଶ୍ର)

କାକଟପୁରର ବିଶିଷ୍ଟ ସାମାଜିକ କର୍ମୀ ତଥା ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ସାଧାରଣ ସମ୍ପାଦକ ଡ. ଜଗବନ୍ଧୁ ଷଡ଼ଙ୍ଗୀ ଶନିବାର ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟିଛନ୍ତି। ଏହି ଅବସରରେ ଷଡ଼ଙ୍ଗୀ, ଦୁର୍ନୀତି ସଂଘର୍ଷ ମଞ୍ଚର ବାର୍ଷିକ ସ୍ମାରକୀ 'ସଂଘର୍ଷ' ଏବଂ ପ୍ରାଚୀ ସଂସ୍କୃତି ସମିତିର ବାର୍ଷିକ ସ୍ମାରକୀ 'ପ୍ରାଚୀ ପ୍ରତିଭା' ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ। ଏଥିସହ ଦୁର୍ନୀତି ବିରୋଧରେ ସଂଗଠିତ ହୋଇ ନିରବଚ୍ଛିନ୍ନ ଭାବେ ଲଢେଇ ସହ ପ୍ରାଚୀ ନଦୀ ସଭ୍ୟତା ଏବଂ ଓଡ଼ିଶାର ହସ୍ତଶିଳ୍ପ ଇତ୍ୟାଦି ବିଷୟରେ ସମ୍ୟକ ଆଲୋଚନା କରିଥିଲେ। ରାଷ୍ଟ୍ରପତିଙ୍କୁ ଭେଟି ସେ ବେଶ୍ ଆନନ୍ଦିତ। ତାଙ୍କ ବ୍ୟକ୍ତିଗତ ଜୀବନୀ ବାଙ୍ଗାଲୋର/ଚେକୋସ୍ଲୋଭାକିଆରେ ଶିକ୍ଷା, ପରିବାର, ସଂଗଠନ ଦ୍ୱାରା ଦୁର୍ନୀତି ବିରୋଧରେ ଲଢେଇ, ଗାଁ କାକଟପୁର ମା' ମଙ୍ଗଳାଙ୍କ ମନ୍ଦିର, ହସ୍ତଶିଳ୍ପ ଇତ୍ୟାଦି ବିଷୟରେ ରାଷ୍ଟ୍ରପତିଙ୍କ ରୁଚି ଏବଂ ଅମାୟିକ ବାର୍ତ୍ତାଳାପ ତାଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ ବୋଲି ଷଡ଼ଙ୍ଗୀ ଏକ ସାକ୍ଷାତ୍‌କାରରେ କହିଛନ୍ତି।

## ପୁରୀରେ ଗଣେଶ ଭସାଣି

ପୁରୀ ୧୬।୯(ଅଜିତ୍ ମହାନ୍ତି):

ଆସନ୍ତା ୧୯ ତାରିଖରେ ଗଣେଶପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ପୁରୀ ସହର। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମରେ ଗଣେଶପୂଜା ପାଳନ ପାଇଁ ଆରମ୍ଭ ହୋଇଥିବା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପକ୍ଷରେ ୨୫ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଭସାଣିରେ ସାମିଲ ମେଢ଼ଗୁଡ଼ିକ ସନ୍ଧ୍ୟା ୭ଟା ସୁଦ୍ଧା ସିଂହଦ୍ୱାର ନିକଟରୁ ବାହାରି ରାତି ୮ଟା ସୁଦ୍ଧା ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ପହଞ୍ଚି ଏକତ୍ରିତ ହେବେ। ସେଠାରେ ସମସ୍ତ ପୂଜା କମିଟିଙ୍କୁ ସମ୍ବର୍ଦ୍ଧିତ କରାଯିବ। ପରେ ନବକଳେବର ରୋଡ କୁମ୍ଭାରପଡା ଥାନା ଦେଇ ଶ୍ରୀସେତୁ ନିକଟ ମୂଷା ନଦୀର ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଶନିବାର ଏନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଗଣେଶ ପୂଜା ଓ ଭସାଣି ଉତ୍ସବ ପାଇଁ ବୈଠକ ହୋଇଥିଲା। ଶାନ୍ତିଶୃଙ୍ଖଳା ଓ ସଦ୍‌ଭାବନାର ସହ ଏହାକୁ ପାଳନ କରିବାକୁ ଉପଜିଲାପାଳ ସାହୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରତ୍ୟେକ ପୂଜା କମିଟି ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବା ସହ ମ୍ୟୁନିସିପାଲିଟି ସହଯୋଗ କରିବାକୁ ଅନୁରୋଧ କରିଥିଲେ। ରାସ୍ତା ଆଲୋକୀକରଣ, ଅସ୍ଥାୟୀ ମୂର୍ତ୍ତି ବିସର୍ଜନ ପୋଖରୀ ଆଦି ପୌରପାଳିକା ବ୍ୟବସ୍ଥା କରିବ। ପୂଜା କମିଟି ପୂଜା ଓ ଭସାଣି ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ନେବା, ପୂଜା ଓ ଭସାଣି ସମୟରେ ଅଯଥା ଭିଡ ନ କରି ଶୃଙ୍ଖଳିତଭାବେ ପୂଜା ଓ ଭସାଣି କରିବେ। ବିଦ୍ୟୁତ୍ କନେକ୍ସନ ପାଇଁ ବଦ୍ୟୁତ୍ ବିଭାଗ ପକ୍ଷରୁ ସହଯୋଗ କରାଯିବ। ରାସ୍ତାଘାଟ ମରାମତି ଓ ପରିଷ୍କାର, ପରିଚ୍ଛନ୍ନ , ଆଲୋକ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଆଦି ସମ୍ପୃକ୍ତ ବିଭାଗମାନେ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରାରମ୍ଭରେ ଗଣେଶ ପୂଜା କମିଟିର ଉପସଭାପତି ଚକ୍ରଧର ମହାପାତ୍ର, ଉପଦେଷ୍ଟା ରାମଚନ୍ଦ୍ର ଦାସମହାପାତ୍ର, ସଦସ୍ୟ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ପୂଜା ଓ ଭସାଣି ସମ୍ପର୍କରେ ଆଲୋଚନାକରି ପ୍ରସ୍ତାବ ଦେଇଥିଲେ।

## ଜିଲା ପ୍ରଶାସନର 'ପ୍ୟାରେଣ୍ଟସ୍ ଆଜ୍ ପାର୍ଟନର' କାର୍ଯ୍ୟକ୍ରମ

ଡେଲାଙ୍ଗ,୧୬।୯(ରଶ୍ମିରଞ୍ଜନ ପ୍ରଧାନ)

ପୁରୀ ଜିଲା ପ୍ରଶାସନ ତଥା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ପ୍ୟାରେଣ୍ଟସ୍ ଆଜ୍ ପାର୍ଟନର୍ ତଥା ଶିଶୁଙ୍କ ଯତ୍ନରେ ପିତାମାତାଙ୍କ ସହଭାଗିତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ବ୍ଲକର ଗୁଆଳିପଡ଼ା ସେବାଶ୍ରମ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀ ଓ ଅଭିଭାବକଙ୍କୁ କନ୍ୟାଶିଶୁଙ୍କ ଯତ୍ନ ଉପରେ ସଚେତନ କରାଯାଇଥିଲା। ଶିକ୍ଷାବିତ୍ ଗୋଲକ ବିହାରୀ ବରାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥ, ମୁଖ୍ୟବକ୍ତା ଡ. ଜୟଶ୍ରୀ ଶ୍ରୀଚନ୍ଦନ, ବ୍ଲକ ଶିକ୍ଷାଧିକାରୀ ବିନୋଦ ପରମାଣିକ, ଜିଲା ମଙ୍ଗଳ ଅଧିକାରୀ ସୁଲତା ପ୍ରଧାନ, ଡ.ସୂର୍ଯ୍ୟନାରାୟଣ ପରିଡ଼ା, ସହକାରୀ ସଂଯୋଜକ ବସନ୍ତ ପଲେଇ, ମିଶନ ଶକ୍ତି ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ନନ୍ଦିତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।




ପୁରୀ ଜିଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ଯତ୍ନରେ ପିତାମାତାଙ୍କ ସହଭାଗିତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ପାଠପଢା ସହିତ ସୁନ୍ଦର ପରିବେଶ ଓ ଅଭିଭାବକଙ୍କୁ ଶିଶୁଙ୍କ ଯତ୍ନ ସମ୍ପର୍କରେ ସଚେତନ କରାଯାଇଥିଲା। ସେବାଶ୍ରମର ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର କଅଁର ବିଦ୍ୟାଳୟର ଐତିହ୍ୟ, ସଫଳତା, ସମସ୍ୟା ସମ୍ପର୍କରେ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ତଥା ବିଦ୍ୟାଳୟ ପୂର୍ବତନ ଛାତ୍ର ଶ୍ରୀଧର ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହ ସଭା ସଂଯୋଜନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରକ୍ତହୀନତା, ଅଣସଂକ୍ରମଣ, ମଧୁମେହ, କନ୍ୟା ଶିଶୁଯତ୍ନ, ଅଯୁଷ୍ମାନଭବଃ, ଅମ୍ଳାନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ୫୫ଜଣ ଛାତ୍ରୀଛାତ୍ର ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ଝୋଟି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ଗୁଆଳିପଡ଼ାର ମା' ଚଣ୍ଡୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ହାତତିଆରି ସାମଗ୍ରୀ ଶୁଭଲକ୍ଷ୍ମୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀର ସଦସ୍ୟ ପ୍ରଦର୍ଶିତ କରିଥିଲେ।

## ସଂକ୍ଷେପରେ

### କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

ଭୁବନେଶ୍ୱର,୧୬।୯(ସୂର୍ଯ୍ୟକାନ୍ତ ବେହେରା)

ଫୁଲବାଣୀରୁ କାରରେ ପାଣିକୋଇଲିକୁ ଗଞ୍ଜେଇ ଚୋରା ଚାଲାଣବେଳେ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ ସାଲିଆସାହି ହାତିଆଶୁଣୀରୁ ଧରିଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ଜି.ଉଦୟଗିରିର ବିଷ୍ଣୁ ପ୍ରସାଦ ନାୟକ, ଦିନେଶ କୁମାର ଦିଗାଲ ଓ ରୋହିତ ଖଟ। ସେମାନଙ୍କଠାରୁ ଗୋଟିଏ କାର ସହ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ଏନେଇ ଏକ ମାମଲା ନଂ.୦୬/୨୦୨୩ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ବିଭିନ୍ନ ଜିଲାକୁ ନିଶାଦ୍ରବ୍ୟ ଚାଲଣ କରୁଥିଲେ ବୋଲି ପୋଲିସ କହିଛି।

### ‘ରାମ୍’ ଚଳଚ୍ଚିତ୍ରରେ ଏକାଠି ଆସିବେ ଅରିନ୍ଦମ, ଅନୁଭବ

ଭୁବନେଶ୍ୱର,୧୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ପୁଣିଥରେ ଏକାଠି ପରଦାରେ ଆସିବେ ଅରିନ୍ଦମ, ଅନୁଭବ। ଅରିନ୍ଦମ୍‌ଙ୍କ ଅଭିନୀତ ‘ରାମ୍’ ଚଳଚ୍ଚିତ୍ରରେ ରାମ ଭୂମିକାରେ ଅରିନ୍ଦମ ଆସିବା କଥା ଦର୍ଶକ ଆଗରୁ ଜାଣିଥିଲେ। ଏବେ ଅନୁଭବ ମଧ୍ୟ ଏହି ଚଳଚ୍ଚିତ୍ର ସହ ଯୋଡ଼ି ହୋଇଛନ୍ତି। ପୂର୍ବରୁ ପ୍ରଶାନ୍ତ ନନ୍ଦଙ୍କ କାଳିଶଙ୍କର ଚଳଚ୍ଚିତ୍ରରେ ଉଭୟଙ୍କୁ ପରଦାରେ ଦର୍ଶକ ଦେଖିବାକୁ ପାଇଥିଲେ। ଚଳଚ୍ଚିତ୍ରରେ ଏକ ଗୀତରେ ଅନୁଭବଙ୍କୁ ଅରିନ୍ଦମଙ୍କ ସହ ପାଦରେ ପାଦ ମିଶାଇ ନାଚୁଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେବେ କେବଳ ଗୀତ ନା ଚଳଚିତ୍ରରେ ଅନୁଭବଙ୍କ କିଛି ଗୁରୁତ୍ୱପୂର୍ଣ୍ଣ ଚରିତ୍ର ଅଛି ତାହା ଜାଣିବାକୁ ଦର୍ଶକଙ୍କ ମନରେ ଉତ୍କଣ୍ଠା ଆହୁରି ବଢ଼ିଯାଇଛି। ରତ୍ନା ଫିଲ୍ମ ବ୍ୟାନରର ଚତୁର୍ଥ ଅବଦାନ ତଥା ଅରିନ୍ଦମଙ୍କ ନିଜ ପ୍ରଯୋଜନାରେ ଦଶହରାରେ ମୁକ୍ତିଲାଭ କରିବାକୁ ଯାଉଥିବା ଏହି ଚଳଚ୍ଚିତ୍ର ଦଶହରାରେ ଆସିବାକୁ ଯାଉଛି। ରାମ ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ସଂଳାପ ଭରଦ୍ୱାଜ ପଣ୍ଡା ଲେଖିଥିବା ବେଳେ ନିର୍ଦ୍ଦେଶନା ଦେଉଛନ୍ତି ନିର୍ଦ୍ଦେଶକ ଅଶୋକ ପତି। ଅସଦ ନିଜାମ ଓ ଲିଙ୍କନଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହାର ଗୀତଗୁଡ଼ିକ ଦଶହରା ବଜାରକୁ ସରଗରମ କରିବ ବୋଲି ଶୁଣାଯାଉଛି।



‘ରାମ୍’ ଚଳଚ୍ଚିତ୍ର ଶୁଟିଂ ଅବସରରେ ଅଭିନେତା ଅନୁଭବଙ୍କ ସହ ଅରିନ୍ଦମ।

# ବଦଳିବ ମା’ ଶିଖରଚଣ୍ଡୀ ମନ୍ଦିର ରୂପରେଖ



ଶିଖରଚଣ୍ଡୀ ମନ୍ଦିରର ବିକାଶ ପାଇଁ ହୋଇଥିବା ନୂଆ ଡିଜାଇନ୍।

ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)

- ୨୫କୋଟି ବ୍ୟୟରେ ୫୩ ଏକର ଜମିରେ ହେବ ଉନ୍ନୟନ କାର୍ଯ୍ୟ
- ପାହାଡ଼ ପାଦଦେଶରେ ହେବ ଗାଡ଼ି ପାର୍କିଂ
- ମନୋରଞ୍ଜନ ସହ ଭିୟୁ ପଏଣ୍ଟ, ଟ୍ରେକିଂ ରୁଟ୍‌ର ବ୍ୟବସ୍ଥା

ବଦଳିବ ମା’ ଶିଖରଚଣ୍ଡୀ ମନ୍ଦିରର କଳେବର। ମନ୍ଦିରର ପାଦଦେଶରୁ ଆରମ୍ଭ କରି ମା’ଙ୍କ ପୀଠ ପର୍ଯ୍ୟନ୍ତ ସବୁକିଛିର ରୂପରେଖ ପରିବର୍ତ୍ତନ ହେବ। ମନ୍ଦିରକୁ ଜବରଦଖଲମୁକ୍ତ କରିବା ସହ ଏହାର ସୌନ୍ଦର୍ଯ୍ୟକରଣ ତଥା ରକ୍ଷଣାବେକ୍ଷଣ ଦାୟିତ୍ୱ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ହାତକୁ ନେଇଛି। ମୋଟ୍ ୨୫କୋଟି ଟଙ୍କା ବ୍ୟୟରେ ୫୩.୧୪୬ ଏକର ଜମିରେ ଉନ୍ନୟନମୂଳକ କାର୍ଯ୍ୟ କରାଯିବ। ସେଥିମଧ୍ୟରୁ ଇଡ୍‌କୋର ୧୮.୫ ଏକର ଜମି ଓ ରେଭିନ୍ୟୁ ଏବଂ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟର ୩୫.୧୪୬ ଏକର ଜମି ଥିବାବେଳେ ଏବେ ଏହା ବିଡିଏକୁ ହସ୍ତାନ୍ତର କରାଯାଇଛି। ସେହିପରି ମନ୍ଦିରକୁ ମୋଟ୍ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଜୋନ୍-୧ ଅଞ୍ଚଳ ଅର୍ଥାତ୍ ପାହାଡ଼ ପାଦଦେଶରେ ସାଧାରଣ ଲୋକଙ୍କ ପାଇଁ ପାର୍କିଂ ବ୍ୟବସ୍ଥା, କମ୍ୟୁନିଟି ସେଣ୍ଟର, ପିଲାଙ୍କ ଖେଳିବା ପାଇଁ ସ୍ଥାନ ଯଥା ବିଭିନ୍ନ ଖେଳସାମଗ୍ରୀ ଏବଂ ମନୋରଞ୍ଜନର ଭିତ୍ତିଭୂମି ରହିବ। ପୂର୍ବରୁ ପାହାଡ଼ ଉପରେ ହେଉଥିବା ଭୋଜିଭାତ ଜୋନ୍-୧ ଅଞ୍ଚଳରେ କରାଯିବ। ସେହିପରି ଜୋନ-୨ରେ ଭିୟୁ ପଏଣ୍ଟ ସହିତ ଟ୍ରେକିଂ ରୁଟ୍, ଜୋନ୍-୩ରେ ଭିୟୁ ପଏଣ୍ଟ, ପବ୍ଲିକ୍ କନ୍‌ଭିନିଏନ୍ସ ଏବଂ ଇ-ବସ୍, ଇ-ଯାନ ରହିବା ପାଇଁ ପାର୍କିଂ କରାଯିବ। ଏଠାରେ ଡ୍ରାଇଭରଙ୍କ ଆରାମ ପାଇଁ ମଧ୍ୟ ସୁବିଧା ରହିବ। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ମୁଖ୍ୟ ଗେଟ୍ ଅର୍ଥାତ୍ ଜୋନ୍-୧ରେ ଗାଡି ପାର୍କିଂ କରି ପାହାଡ଼ ଉପରକୁ ଯିବେ। ଏଥିପାଇଁ ଶିଡି ଓ ଇ-ଯାନର ବ୍ୟବସ୍ଥା ରହିବ। ଜୋନ୍-୪ରେ ମା’ ଶିଖରଣ୍ଡୀଙ୍କ ମୁଖ୍ୟ ମନ୍ଦିର ସମେତ ମନ୍ଦିର କାର୍ଯ୍ୟାଳୟ ଓ କିଛି ଦୋକାନ ରହିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ଇତିମଧ୍ୟରେ କାର୍ଯ୍ୟ ଆରମ୍ଭ ହୋଇଥିବା ବିଡିଏ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

### ଆଜି ପାହାଡ଼ରେ ଲାଗିବ ୩୫୦୦ ଗଛ

‘ସବୁଜ ପାହାଡ଼ ପ୍ରକଳ୍ପ’ ଯୋଜନାରେ ଶିଖରଚଣ୍ଡୀ ପାହାଡ଼ରେ ୧୮ହଜାର ଗଛ ଲଗାଯିବ। ପୂର୍ବରୁ ପାହାଡ଼ରେ ୬ହଜାର ୫ଶହ ଗଛ ଲାଗିଥିବାବେଳେ ରବିବାର ଆଉ ୩ହଜାର ୫ଶହ ଗଛ ଲଗାଯିବ। ଏଥିମଧ୍ୟରେ ୧୦ହଜାର ବଡ଼ଗଛ ଯଥା ନିମ୍ବ, କରଞ୍ଜ, ଅର୍ଜୁନ, ଶିଶୁ, ବର, ଅଶ୍ୱତଥ, ରୋହିଣୀ, ଆତ, ବଉଳ, ରକ୍ତ ଚନ୍ଦନ ଭଳି ଗଛ ଥିବାବେଳେ ବାକି ୮ହଜାର ଟୋକୋମା, କାଞ୍ଚନ, କାମିନୀ ଭଳି ଫୁଲଗଛ ଲଗାଯିବ। ଏଥିପାଇଁ ବିଡିଏ ପକ୍ଷରୁ ୩.୫୧କୋଟି ଟଙ୍କା ଓଏଫ୍‌ଡିସିକୁ ପ୍ରଦାନ କରାଯାଇଛି। ଗଛ ଆଣିବାଠାରୁ ଆରମ୍ଭ କରି ଲଗାଇବା ଓ ରକ୍ଷଣାବେକ୍ଷଣ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଓଏଫ୍‌ଡିସି ନେବ। ୨୦୨୭-୨୮ ପର୍ଯ୍ୟନ୍ତ ଓଏଫ୍‌ଡିସି ଏହି ଦାୟିତ୍ୱ ନେବାକୁ ବିଡିଏ ସହ ଚୁକ୍ତି କରିଛି। ସେପ୍ଟେମ୍ବର ୧୦ରେ ଜଟଣୀର ବାଛରା ପାହାଡ଼ରେ ବିଡିଏ ପକ୍ଷରୁ ବୃକ୍ଷ ରୋପଣ କରାଯାଇଥିବାବେଳେ ରବିବାର ଶିଖରଚଣ୍ଡୀ ଓ ଏହାପରେ ନୀଳାଦ୍ରୀବିହାରସ୍ଥିତ ବୁଦ୍ଧ ପାର୍କଠାରେ ବୃକ୍ଷରୋପଣ କରାଯିବ। ଏଥିରେ ଅଧିକରୁ ଅଧିକ ନାଗରିକଙ୍କୁ ସାମିଲ କରିବାକୁ ଚେଷ୍ଟା କରାଯାଉଛି।

#### ଲଗାଇଥିବା ଗଛରେ ରହିବ ବ୍ୟକ୍ତିଙ୍କ ନାମ ଫଳକ

ଯେଉଁମାନେ ଚାହିଁବେ ସେମାନେ ରବିବାର ଶିଖରଚଣ୍ଡୀକୁ ଯାଇ ନିଜ ନାମରେ ଗଛ ଲଗାଇ ପାରିବେ। ଗଛରେ ସମ୍ପୃକ୍ତ ବ୍ୟକ୍ତିର ନାମକୁ ଏକ ଟୋକନ୍ ଭାବେ ଲଗାଯିବ। ଏପରିକି ପୂର୍ବରୁ ଲାଗିଥିବା ଗଛକୁ ମଧ୍ୟ ଆଡପ୍ଟ ବା ପୋଷ୍ୟ ଭାବେ ଗ୍ରହଣ କରି ପାରିବେ ବୋଲି ଶନିବାର ବିଡିଏ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ବିଡିଏ ଭିସି ବଲୱନ୍ତ ସିଂ ଏନେଇ ସୂଚନା ଦେଇଛନ୍ତି। ଭବିଷ୍ୟତରେ ଶିଖରଚଣ୍ଡୀ ପାହାଡ଼କୁ ଜବରଦଖଲମୁକ୍ତ ରଖିବା ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଉନ୍ନୟନମୂଳକ ପଦକ୍ଷେପ ନିଆଯାଉଥିବା ସେମାନେ କହିଛନ୍ତି।

### ଶବ୍ଦ ପ୍ରଦୂଷଣ ଆଶଙ୍କାରେ ବିଏମ୍‌ସି ରୋଗୀ

ପୁରୁଣା ଭୁବନେଶ୍ୱର,୧୬।୯(ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀ ଲିଙ୍ଗରାଜ ମନ୍ଦିର ପଛପଟେ ହେଉଥିବା ସର୍ବପୁରାତନ ବିଏମ୍‌ସି ହସ୍ପିଟାଲର ରୋଗୀଙ୍କ ପାଇଁ ଶବ୍ଦ ପ୍ରଦୂଷଣ ଚିନ୍ତା ବଢ଼ାଇଛି। ଏହି ହସ୍ପିଟାଲକୁ ପ୍ରତ୍ୟହ ବରିଷ୍ଠ ନାଗରିକ ଏବଂ ପ୍ରସୂତି ଚିକିତ୍ସା ପାଇଁ ଆସିଥାନ୍ତି। ଏହି ଡାକ୍ତରଖାନା ଏକ ପ୍ରକାର ସାଇଲେନ୍ସ ଜୋନ୍‌ରେ ଯାଉଥିବାବେଳେ ବଢେଇ ବାଙ୍କ, ରଥଦାଣ୍ଡ, ରଥଖଳା ଆଦି ଅଞ୍ଚଳରେ ଶୋଭାଯାତ୍ରା, ଡିଜେ ବାଜାରେ ଶବ୍ଦ ପ୍ରଦୂଷଣ ହେବା ଆଶଙ୍କା ଦେଖାଦେଇଛି। ବିଶେଷଭାବେ ବଢେଇବାଙ୍କ ଛକଠାରେ ସର୍ବସାଧାରଣ ରାସ୍ତା ଓ ଫୁଟପାଥରେ ଅବରୋଧ ନ ହେବା ନେଇ ନିର୍ଦ୍ଦେଶ ରହିଛି। ବିଭିନ୍ନ କ୍ଲିନିକ୍ ଘରୋଇ ବା ସରକାରୀ ଡାକ୍ତରଖାନା ଥିଲେ ମଧ୍ୟ ସେଠାରେ ୧୦୦ ମିଟର ମଧ୍ୟରେ କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ କିମ୍ବା ଆତସବାଜିକୁ ବାରଣ କରାଯାଇଛି। ଉଚ୍ଚ ରକ୍ତଚାପ ରୋଗୀ, ହୃଦ୍‌ରୋଗୀ, ପ୍ରସୂତି, ବରିଷ୍ଠ ରୋଗୀଙ୍କ କ୍ଷେତ୍ରରେ ଅତ୍ୟଧିକ ଶବ୍ଦ ଘାତକ ହୋଇଥାଏ। ଏଠାରେ ଏକକାଳୀନ ୬ରୁ ୭ଦିନ ଧରି ଭଜନ ଏବଂ ମେଲୋଡି ପରିବେଷଣ ହେବା ନେଇ ହସ୍ପିଟାଲ ରୋଗୀଙ୍କ ମନରେ ଛନକା ପଶିଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏନେଇ ଜୋନ୍-୨ ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କୁ ପଚାରିବାରେ, ସାଇଲେଣ୍ଟ ଜୋନ୍ ମଧ୍ୟରେ କୌଣସି ଅନୁଷ୍ଠାନ ହେଉ କିମ୍ବା ୬୦ ଡେସିବଲରୁ ଊର୍ଦ୍ଧ୍ୱ ଧ୍ୱନିରେ କୌଣସି ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମକୁ ବାରଣ କରାଯାଇଛି। ଅବମାନନାକଲେ ପୋଲିସ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମକୁ ସିଲ୍ କରାଯିବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି।





ବିଜୟିନୀ ସ୍ମୃତି ଟ୍ରଷ୍ଟ ପକ୍ଷରୁ ଶନିବାର ଗୁରୁ କେଲୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ସ୍ମୃତିସଭା କାର୍ଯ୍ୟକ୍ରମରେ ‘ବିଜୟିନୀ ସ୍ମୃତି ସମ୍ମାନ’ ପାଇଥିବା ୪ ଛାତ୍ରୀଙ୍କ ସହ ଅତିଥିମାନେ। (**ଫଟୋ: ବିକାଶ ନାୟକ**)

### ୪ଛାତ୍ରୀଙ୍କୁ ବିଜୟିନୀ ସ୍ମୃତି ସମ୍ମାନ

ଭୁବନେଶ୍ୱର,୧୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ବିଜୟିନୀ ସ୍ମୃତି ଟ୍ରଷ୍ଟ ପକ୍ଷରୁ ଲେଖିକା ପ୍ରଫେସର ବିଜୟିନୀ ମହାନ୍ତିଙ୍କ ସ୍ମୃତିସଭା ଶନିବାର ଗୁରୁ କେଲୁଚରଣ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ହୋଇଯାଇଛି। କଥାକାର ଗୌରହରି ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଦୈନିକ ‘ନିତିଦିନ’ର ସମ୍ପାଦକ ମନୋଜ ମହାପାତ୍ର, ସମ୍ମାନିତ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ଭାଷା ସାହିତ୍ୟ ବିଭାଗର ପୂର୍ବତନ ବିଭାଗ ମୁଖ୍ୟ ପ୍ରଫେସର ନାରାୟଣ ସାହୁ, ପୂର୍ବତନ ସିଆର୍‌ପିଏଫ୍ ଆଇଜି ଡ. ସୁଧାଂଶୁ ଶେଖର ପାତ୍ର, କବି ତଥା ପୂର୍ବତନ ପ୍ରଶାସକ ଡ ଲିଙ୍ଗରାଜ ରଥ ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ ପ୍ରସଙ୍ଗଭିତ୍ତିକ ପତ୍ରିକା ବିଜୟିନୀ ‘ଜୀବନର ମୂଲ୍ୟବୋଧ: ବାସ୍ତବ ମଣିଷ ଜୀବନ’ ଲୋକାର୍ପିତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଲୋକ ପ୍ରଶାସନ ବିଭାଗର ୨୦୨୨ରେ ସର୍ବୋଚ୍ଚ ନମ୍ବର ରଖିଥିବା ମିତାଲି ଗୁଇଁ ଓ ୨୦୨୩ ପାଇଁ ଆଲିଶା କରଙ୍କୁ ‘ବିଜୟିନୀ ସ୍ମାରକୀ ସମ୍ମାନ’ ଏବଂ ରମାଦେବୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ୨୦୨୨ରେ ସର୍ବୋଚ୍ଚ ନମ୍ବର ରଖିଥିବା ଜୟତି ଘୋଷ ଓ ୨୦୨୩ ପାଇଁ ଅନନ୍ୟା ମହାନ୍ତିଙ୍କୁ ‘ବିଜୟିନୀ ସ୍ମୃତି ସମ୍ମାନ’ ଦିଆଯାଇଥିଲା। ଟ୍ରଷ୍ଟ ସଭାପତି ଡ. ଇନ୍ଦ୍ରମଣି ଜେନା ପ୍ରାରମ୍ଭିକ ସୂଚନା ଓ ଡ. ପ୍ରେରଣା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ୨୨କଣ୍ଠଶିଳ୍ପୀଙ୍କ ସ୍ୱରରୁ ମେହେଫିଲ-ଇ-ଗଜଲ

ଭୁବନେଶ୍ୱର,୧୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ସ୍ୱରାଞ୍ଜଳି ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ମେହେଫିଲ-ଇ-ଗଜଲ ଶୁକ୍ରବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଗୁରୁ ବିଜୟାନନ୍ଦ ନାୟକ, ଓଡ଼ିଶା ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ଶାନ୍ତନୁ କୁମାର ରଥଙ୍କ ସମେତ ଅନୁଷ୍ଠାନର ସମ୍ପାଦକ ବିରଞ୍ଚି ନାରାୟଣ କର ଏବଂ ଟ୍ରଷ୍ଟି ହେମଲତା ପାଢୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୩ କଣ୍ଠଶିଳ୍ପୀ ୨୨ଟି ସଙ୍ଗୀତ ପରିବେଷଣ କରିଥିଲେ। ସନ୍ଧ୍ୟା ଆରମ୍ଭ ହୋଇଥିଲା ନେହାଙ୍କ କଣ୍ଠରୁ। ତାଙ୍କ ପ୍ରସ୍ତୁତିରେ ଥିଲା ୟେ ମୋହବତ୍ ତେରେ ଅଞ୍ଜାମ ପେ...। ଏହାପରେ ଅଭିଜିତ୍‌ଙ୍କ କଣ୍ଠରୁ ଶୁଣିବାକୁ ମିଳିଥିଲା ଜିନ୍ଦେଗି ମେ ତୋ...। ସେହିପରି ଶାନ୍ତନୁ ରଥ ପରିବେଷଣ କରିଥିଲେ କୈସେ ସୁକୁନ ପାଉଁ...। ପରବର୍ତ୍ତୀ ପ୍ରସ୍ତୁତିରେ ପ୍ୟାର ଭରେ ଦୋ ଶର୍ମିଲେ..., ହଙ୍ଗାମା ହୈ କ୍ୟୁଁ..., ରସମ-ଇ-ଉଲପତ..., ଜବ ଦୀପ ଜଲେ ଆନା..., ହଜୁର ଆପକା ଭି ... ଆଦି ୨୨ରୁ ଅଧିକ ସଙ୍ଗୀତ ଦର୍ଶକଙ୍କୁ ଆନମନା କରିଥିଲା।





ମନୋମାନିନୀ ପକ୍ଷରୁ ସୂଚନା ଭବନରେ ୩୨ତମ ବାର୍ଷିକ ଉତ୍ସବ ‘ବର୍ଣ୍ଣାଳି’ ପାଳନ ଅବସରରେ ଶିଶୁ କଳାକାରଙ୍କ ନୃତ୍ୟ ପରିବେଷଣ। (**ଫଟୋ-ବିକାଶ ନାୟକ**)

## କେବିଏନ୍ ଗ୍ୟାଙ୍ଗ ମୁଖ୍ୟ ବୁବୁ ଜେନା ପୁଣି ଗିରଫ

ଭୁବନେଶ୍ୱର,୧୬।୯(ସୂର୍ଯ୍ୟକାନ୍ତବେହେରା)

ରାଜଧାନୀରେ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରିବା ସହ ଏହାର ଭିଡିଓ ଭାଇରାଲ କରି ଚର୍ଚ୍ଚାକୁ ଆସିଥିବା କେବିଏନ୍ (କୋଇ ଭି ନହିଁ) ଗ୍ୟାଙ୍ଗର ମୁଖ୍ୟ ବୁବୁ ଜେନା ପୁଣିଥରେ ଗିରଫ ହୋଇଛନ୍ତି। ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପରିସରରେ ଜଣେ ଯାତ୍ରୀଙ୍କୁ ଖଣ୍ଡା ଓ ଲୁହାଛଡରେ ଆକ୍ରମଣ କରି ସାଢେ ୧୨ ହଜାର ଟଙ୍କା ସହ ସୁନା ଚେନ୍ ଲୁଟ କରିବା ଅଭିଯୋଗରେ ଅଭିଯୁକ୍ତ ବୁବୁ ଓ ତାଙ୍କ ସହଯୋଗୀ ସନାତନ ବେହେରାଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ ହୋଇଛି। ବୁବୁଙ୍କ ଘର କେନ୍ଦ୍ରାପଡାରେ ହୋଇଥିବାବେଳେ ସନାତନଙ୍କ ଘର ଭୁବନେଶ୍ୱରରେ। ବୁବୁଙ୍କ ନାମରେ ଖଣ୍ଡଗିରି ଥାନାରେ ମୋଟ ୮ଟି ମାମଲା ରହିଥିବାବେଳେ ନୟାପଲ୍ଲୀ ଥାନାରେ ୪, ଖାରବେଳନଗର ଓ ଚନ୍ଦ୍ରଶେଖରପୁର ଥାନାରେ ଗୋଟିଏ ଲେଖାଏ ଆପରାଧିକ ମାମଲା ରହିଥିବା ଜଣାପଡିଛି। ପୂର୍ବରୁ ମଧ୍ୟ ସେ ଏକାଧିକ ଥର ଜେଲ ଯାଇଛନ୍ତି। ଜାମିନରେ ଆସିବା ପରେ ବାରମ୍ବାର ବିଭିନ୍ନ ଅପରାଧରେ ଲିପ୍ତ ରହୁଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି -୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ଅଭିଯୁକ୍ତ ସନାତନ ବେହେରା ଓରଫ ସନିଆଙ୍କ ନାମରେ ମଧ୍ୟ ଖଣ୍ଡଗିରି ଥାନାରେ ଦୁଇଟି ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

ସୂଚନାନୁସାରେ, ଫେବୃୟାରୀ ୧୨ ବିଳମ୍ବିତ ରାତିରେ ଅଭିଯୋଗକାରୀ ଜଣକ ବିଶ୍ରାମ ନେବା ନିମନ୍ତେ ବରମୁଣ୍ଡା ଟିକେଟ କାଉଣ୍ଟର ନିକଟକୁ ଯାଉଥିଲେ। ଅଭିଯୁକ୍ତଦ୍ୱୟ ତାଙ୍କୁ ପଛରୁ ଡାକି ଅଟକାଇବା ସହିତ ହଠାତ ଖଣ୍ଡା ଓ ଲୁହା ରଡ୍‌ରେ ଆକ୍ରମଣ କରି ଟଙ୍କା ଲୁଟି ନେଇଥିଲେ। ଅଭିଯୋଗର ୭ ମାସ ପରେ ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଧରିଛି।



## ଦୂରଦର୍ଶନର ୬୫ତମ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଉତ୍ସବରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୧୬।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଦୂରଦର୍ଶନର ୬୫ତମ ପ୍ରତିଷ୍ଠା ଉତ୍ସବ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଷ୍ଟୁଡିଓରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ କେନ୍ଦ୍ରର ଉପ ମହାନିର୍ଦ୍ଦେଶକ (କାର୍ଯ୍ୟକ୍ରମ) ରିଜୱାନ୍ ଅଖତାର, ଉପ ନିର୍ଦ୍ଦେଶକ(ଯାନ୍ତ୍ରିକ) ରଜତ କୁମାର ରଥ ଏବଂ ସମାଚାର ବିଭାଗର ଉପ ନିର୍ଦ୍ଦେଶକ ରାମେଶ୍ୱର ନାୟକ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଉପ ମହାନିର୍ଦ୍ଦେଶକ ଅଖତାର ସ୍ୱାଗତ ଭାଷଣ ଦେବାପରେ ରାଷ୍ଟ୍ରପତିଙ୍କ ବାର୍ତ୍ତା ପାଠ କରାଯାଇଥିଲା। ପରେ ଶାଶ୍ୱତ ଜୋଶୀଙ୍କ ଓଡ଼ିଶୀ ଫ୍ୟୁଜନ ନୃତ୍ୟ ସମସ୍ତଙ୍କ ମନମୋହିଥିଲା। ୩ଘଣ୍ଟା ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପପୁ ପମ୍‌ପମ୍‌ଙ୍କ ହାସ୍ୟ ରସ, ସମ୍ବଲପୁରର ସମ୍ବଲପୁରୀ ନୃତ୍ୟ, ମୟୂରଭଞ୍ଜର ଛଉନୃତ୍ୟ, କଳାହାଣ୍ଡିର ସିଙ୍ଗାରୀ ନୃତ୍ୟ ଏବଂ ଆଧୁନିକ ନୃତ୍ୟ ସହିତ ଦୂରଦର୍ଶନର ଟାଇଟଲ ସଙ୍ଗୀତ ପ୍ରଗତିର କଥା କହେ ତ୍ରିରଙ୍ଗା ସଙ୍ଗୀତ ପରିବେଷଣ ହୋଇଥିଲା। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ଶୋଭନା ମିଶ୍ର ଏବଂ ପୁପିନ୍ଦର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦେବାଶିଷ ହାଲ୍‌ଦାର୍ ପ୍ରଯୋଜନା କରିଥିବା ବେଳେ ଦିଲୀପ କୁମାର ସାହୁ ରଚନା କରିଥିଲେ। ଚନ୍ଦନା ହାଲଦାର, ସିଦ୍ଧାର୍ଥ ମହାରଣା, ଅଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୧୦ ରେ’ ହିତାଧିକାରୀଙ୍କ ମଧ୍ୟରୁ ୪୦ଜଣ ଅଣବସ୍ତିବାସିନ୍ଦା

ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)

- ଲଟେରି ମାଧ୍ୟମରେ ଚୟନ କଲା ବିଡିଏ
- ଅଭିଯୋଗ ଆଣିଲେ ଶାନ୍ତିପଲ୍ଲୀ ବସ୍ତି ସଭାପତି

ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ଲକ୍ଷ୍ୟରେ ଜାଗା ମିଶନ୍, ରାଜୀବ ଆବାସ ଯୋଜନା(ରେ), ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ମାତ୍ର ଏସବୁ ଯୋଜନାରେ ପ୍ରୀୟାପ୍ରିତି ତୋଷଣ ସହ ବିଭିନ୍ନ କେଲେଙ୍କାରୀ ପଦାକୁ ଆସୁଛି। ଜାଗା ମିଶନରେ ପଟ୍ଟା ବଣ୍ଟନ ବିବାଦ ଥମି ନ ଥିବାବେଳେ ଏବେ ରାଜୀବ ଆବାସ ଯୋଜନାକୁ ନେଇ ଅଭିଯୋଗ ଆସିଛି। ଶହୀଦନଗର ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ପ୍ରକୃତ ରେ’ ହିତାଧିକାଙ୍କୁ ଅଣଦେଖା କରାଯାଇ ବାହାର ଲୋକଙ୍କୁ ଏଥିରେ ସାମିଲ କରାଯାଇଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ଶନିବାର ବିଡିଏ ପକ୍ଷରୁ ଇଡ୍‌କଲ ଅଡିଟୋରିୟମ୍‌ଠାରେ ଲଟେରି ମାଧ୍ୟମରେ ୧୧୦ଜଣ ରେ’ ହିତାଧିକାରୀଙ୍କୁ ଚୟନ କରାଯାଇଛି। ଏମାନେ ସେଠାରେ ନିର୍ମିତ ହୋଇଥିବା ଘରେ ସ୍ଥାୟୀ ଭାବେ ରହିପାରିବେ। ତେବେ ଚୟନ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ୭୦ଜଣ ବସ୍ତିବାସିନ୍ଦା ଥିବାବେଳେ ବାକି ୪୦ଜଣ ଅଣବସ୍ତିବାସିନ୍ଦା ବା ବାହାର ଲୋକ ବୋଲି ବସ୍ତିର ସଭାପତି କ୍ଷେତ୍ରବାସୀ ବେହେରା ଗୁରୁତର ଅଭିଯୋଗ ଆଣିଛନ୍ତି। ଏଥିସହ ଠିକ୍ ଭାବେ ଯାଞ୍ଚ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରିବାକୁ ସେ ଦାବି କରିଛନ୍ତି।

ତାଙ୍କ କହିବାନୁସାରେ, ଶାନ୍ତିପଲ୍ଲୀ ବସ୍ତିରେ ମୋଟ୍ ୧୨୬୦ପରିବାର ରହୁଥିବାବେଳେ ସେମାନଙ୍କ ମଧ୍ୟରୁ ୮୫୦ଜଣ ରେ’ ହିତାଧିକାରୀ ରହିଛନ୍ତି। ୨୦୧୦ରୁ ଏନେଇ ସର୍ଭେ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ମାତ୍ର ସର୍ଭେରେ ହୋଇଥିବା ବ୍ୟାପକ ଜାଲିଆତି ଅଭିଯୋଗ ଆସିବା ପରେ ସର୍ଭେ ପରେ ସର୍ଭେ କରାଯାଇ ତାଲିକାରୁ ନାଁ କଟା ଓ ଯୋଡା ହୋଇଥିଲା। ୩୪୫ବର୍ଗଫୁଟ ଅଞ୍ଚଳରେ ଘର ନିର୍ମାଣ କରି ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିବାବେଳେ ମାତ୍ର ୨ଶହ ବର୍ଗଫୁଟରେ ଘର ତିଆରି କରାଯାଇଛି। ସେହିପରି ହିତାଧିକାରୀଙ୍କୁ ଘର ପାଇଁ ୧ଲକ୍ଷ ୨୦ହଜାର ଟଙ୍କା ଡିପୋଜିଟ୍ କରିବାକୁ କୁହାଯାଇଥିବାବେଳେ ଏବେ ତାହାକୁ ଦେଢଲକ୍ଷ କରାଯାଇଛି। ବସ୍ତିରେ ରହୁଥିବା ଲୋକମାନେ ସାଧାରଣତଃ ଦିନ ମଜୁରିଆ ଶ୍ରେଣୀର। ସେମାନେ କେଉଁଠାରୁ ଏତେ ଟଙ୍କା ଆଣିବେ? ସେହିପରି ଅନ୍ୟ ସ୍ଥାନରେ ଘର ପାଇଁ ରେ’ ହିତାଧିକାରୀଙ୍କୁ ଲକ୍ଷେ ୨୦ହଜାର ଟଙ୍କା ଡିପୋଜିଟ୍ କରିବାକୁ ପଡୁ ଥିବାବେଳେ ଶାନ୍ତିପଲ୍ଲୀବାସୀ ଆଉ ୩୦ହଜାର ଟଙ୍କା ଅଧିକ କାହିଁକି ଦେବେ ବୋଲି ସେ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ଶାନ୍ତିପଲ୍ଲୀ ବସ୍ତିରେ ୧୩ଶହ ୟୁନିଟ୍ ନିର୍ମାଣ ହେବାକୁ ଯୋଜନା ହୋଇଥିଲା। ଏହାପରେ ପିପିପି ମୋଡ୍‌ରେ ଗୃହ ନିର୍ମାଣ ସଂସ୍ଥା ଡିଏନ୍ ହୋମ୍‌ସ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ୫୬୦ଟି ୟୁନିଟ୍ ବା ଘର ତିଆରି କରିବାକୁ ୧୦ବର୍ଷ ସମୟ ଲାଗିଥିବାବେଳେ ଆହୁରି ୭୪୦ ଘର ନିର୍ମାଣ କରିବାକୁ ବାକି ରହିଛି। ମୋଟ୍ ୧୯.୩୫୯ ଏକର ଜମି ଥିବାବେଳେ ପ୍ରାଥମିକ ପର୍ଯ୍ୟାୟରେ ୭.୭୯୭ ଏକର ଜମି ନିଆଯାଇଛି। ସେଥି ମଧ୍ୟରୁ ପ୍ରାୟ ୨ଏକର ଜମି ପ୍ରକଳ୍ପ ନିର୍ମାଣ କରୁଥିବା ସଂସ୍ଥାକୁ ପ୍ରଦାନ କରାଯାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସବୁଜ ପାହାଡ଼ ଯୋଜନାରେ ମାସ କମ୍ୟୁନିଟି ପ୍ଲାଣ୍ଟେଶନ ଡ୍ରାଇଭ୍ କାର୍ଯ୍ୟକ୍ରମ, ଶିଖରଚଣ୍ଡୀ ପାହାଡ଼, ସକାଳ ୭ଟା।
- ଭୋକେଶନାଲ ଟିଚର୍ସ ଆସୋସିଏଶନ ପକ୍ଷରୁ ସେମିନାର, ରିଜିଓନାଲ ସାଇନ୍ସ ସେଣ୍ଟର, ପୂର୍ବାହ୍ନ ୧୦ଟା ୩୦।
- ଆସ୍ଥା ଅଭିଷେକ ୨୦୨୩, ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ, ପୂର୍ବାହ୍ନ ୧୧ଟା।
- ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ବିଧାନସଭା ଅଭିଯାନର ପ୍ରସ୍ତୁତି ନିମନ୍ତେ ଏକ ରାଜ୍ୟସ୍ତରୀୟ ବୈଠକ, ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ମହାବୋଧି ସୋସାଇଟିର ପ୍ରତିଷ୍ଠାତା ଆନଗରିକ ଧର୍ମପାଳଙ୍କ ୧୫୯ତମ ଜୟନ୍ତୀ, କଳିଙ୍ଗ ବୁଦ୍ଧ ବିହାର, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- ବୁଦ୍ଧିଜୀବୀଙ୍କ ସମ୍ମିଳନୀ, ଟାଉନ ହଲ୍, ମଧ୍ୟାହ୍ନ ୧୨ଟା ୩୦।
- ସାମୂହିକ ଦୀପଦାନ ଓ ସଭା, ଗୀତାଭବନ, ସନ୍ଧ୍ୟା ୬ଟା।

## ବଦଳିଲେ ଝାରପଡ଼ା ଜେଲର

**ଭୁବନେଶ୍ୱର, ୧୬।୯ (ସୂର୍ଯ୍ୟକାନ୍ତ ବେହେରା):** ଜେଲରଙ୍କ ସ୍ତରରେ ଶନିବାର ଅଦଳବଦଳ ହୋଇଛି। ଭୁବନେଶ୍ୱର ଝାରପଡ଼ାସ୍ଥିତ ସ୍ୱତନ୍ତ୍ର କାରାଗାରର ଜେଲର ସନ୍ତୋଷିନୀଙ୍କ ବଦଳି ହୋଇଛି। ତାଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିଥିଲା। ଏପରି କି କିଛି କଏଦୀ ଓ ଜେଲ କର୍ମଚାରୀ ମଧ୍ୟ ସନ୍ତୋଷିନୀଙ୍କ ବିରୋଧରେ ଜେଲ୍ ଡିଜିଙ୍କୁ ଲିଖିତ ଜଣାଇଥିଲେ। ସନ୍ତୋଷିନୀଙ୍କୁ ଢେଙ୍କାନାଳ ଜେଲ୍‌କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଢେଙ୍କାନାଳରେ ଜେଲର ଥିବା ପ୍ରସନ୍ନ କୁମାର ସାହୁଙ୍କୁ ଝାରପଡ଼ାକୁ ବଦଳି କରାଯାଇଛି। ସେହିଭଳି ଖବରଦାତାଙ୍କ ମୁଣ୍ଡ ମାଗି ଚର୍ଚ୍ଚାରେ ଥିବା କଣ୍ଟାବାଞ୍ଜି ସବ୍‌ଜେଲ୍‌ର ଜେଲର କମ୍ ସୁପରିଣ୍ଟେଣ୍ଡେଣ୍ଟ ବିକାଶ ଲତା ବାରୁଙ୍କ ବଦଳି ହୋଇଛି। ତାଙ୍କୁ ମଦନପୁର ରାମପୁର ସବ୍‌ଜେଲ୍‌କୁ ବଦଳି କରାଯାଇଛି। ସେହିପରି ମଦନପୁର ରାମପୁର ଜେଲ୍‌ର ଜେଲର ରଘୁରାଜ ମାଝିଙ୍କୁ କଣ୍ଟାବାଞ୍ଜି ଜେଲ୍‌କୁ ବଦଳି କରାଯାଇଛି। ଆସନ୍ତା ସପ୍ତାହରେ ନିଜ ନିଜ କାର୍ଯ୍ୟରେ ଯୋଗ ଦେବାକୁ ଜେଲ୍ ଡିଜି ମନୋଜ ଛାବ୍ରା ନିର୍ଦ୍ଦେଶ ଦେଇଛନ୍ତି।

## କ୍ୟାମ୍ପସରେ ଲାଗିବ ସରକାରୀ ଯୋଜନା ହୋର୍ଡିଂ

**ଭୁବନେଶ୍ୱର, ୧୬।୯ (ଅସମାପିକା ସାହୁ):** ଉଚ୍ଚ ଶିକ୍ଷାନୁଷ୍ଠାନରେ ସରକାରୀ ଯୋଜନାର ହୋର୍ଡିଂ ଲାଗିବ। ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ କ୍ୟାମ୍ପସରେ ପିଲାଙ୍କୁ ଅବଗତ କରାଯିବ। ଅଧିକରୁ ଅଧିକ ମାତ୍ରାରେ କିପରି ଛାତ୍ରୀଛାତ୍ର ଉପକୃତ ହେବେ ସେଥିପାଇଁ ଉଚ୍ଚଶିକ୍ଷା ବିଭାଗ ଏଭଳି ପଦକ୍ଷେପ ନେଇଛି। ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ଓ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛି। ଯେଉଁଥିରେ ଉଲ୍ଲେଖ ରହିଛି ଯେ, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଛାତ୍ର ଯୋଜନା ଏବଂ ଛାତ୍ର ବୃତ୍ତି ସମ୍ବଳିତ ୧୬/୮ ବର୍ଗଫୁଟ୍‌ର ହୋର୍ଡିଂ ଓ ବ୍ୟାନର କ୍ୟାମ୍ପସରେ ଲଗାଇବେ। ଏହା ଲୋକେଶନ୍ ସହ ଫଟୋ ଉଠାଇ ବିଭାଗକୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ପୁରସ୍କୃତ ହେଲେ ୪ ଓଡ଼ିଆ



ଉପ ରାଷ୍ଟ୍ରପତି ଜଗଦୀପ ଧନକରଙ୍କଠାରୁ ଆନନ୍ଦ ବାଗ, ଅନନ୍ତ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପାଲ୍ ଓ ସିଦ୍ଧେଶ୍ୱର ଦାସ 'କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଅମ୍ରିତ ପୁରସ୍କାର' ଗ୍ରହଣ କରୁଛନ୍ତି।

## କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଅମ୍ରିତ ପୁରସ୍କାର ୨୦୨୨

**ଭୁବନେଶ୍ୱର, ୧୬।୯ (ଶର୍ମିଷ୍ଠା ପାଣିଗ୍ରାହୀ)**

କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶନିବାର ଦେଶର ମୋଟ ୮୪ଜଣ ବର୍ଷୀୟାନ କଳାକାରଙ୍କୁ 'ସଙ୍ଗୀତ ନାଟକ ଏକାଡେମୀ ଅମ୍ରିତ ପୁରସ୍କାର ୨୦୨୨' ପ୍ରଦାନ କରାଯାଇଛି। ଓଡ଼ିଶାରୁ ୪ କଳାକାରଙ୍କୁ ଏହି ମର୍ଯ୍ୟାଦାଜନକ ଜାତୀୟ ପୁରସ୍କାର ମିଳିଛି। ସେମାନେ ହେଲେ ନାଟକ କ୍ଷେତ୍ରରେ ଅନନ୍ତ ମହାପାତ୍ର, ଲୋକସଙ୍ଗୀତ ବ୍ରହ୍ମବୀଣା ପାଇଁ ଆନନ୍ଦ ବାଗ, ଛଉନୃତ୍ୟ ପାଇଁ ସିଦ୍ଧେଶ୍ୱର ଦାସ ଓ ଗୋଟିପୁଅ ନୃତ୍ୟ ପାଇଁ ଗୋବିନ୍ଦ ଚନ୍ଦ୍ର ପାଲ୍। ପୁରସ୍କାର ବାବଦରେ ସମସ୍ତଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ତାମ୍ରପତ୍ର ଓ ଅଙ୍ଗବସ୍ତ୍ର ଦିଆଯାଇଛି। ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପ ରାଷ୍ଟ୍ରପତି ଜଗଦୀପ ଧନକର ସମସ୍ତ କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ୍ ରାମ ମେଘୱାଲ୍, ସଂସ୍କୃତି ରାଷ୍ଟ୍ର ମନ୍ତ୍ରୀ ମୀନାକ୍ଷୀ ଲେଖି, ଏକାଡେମୀ ଅଧ୍ୟକ୍ଷ ଡ. ସନ୍ଧ୍ୟା ପୁରେଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ପରଫର୍ମିଂ ଆର୍ଟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଜାରି ରଖିଥିବା ୭୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ କଳାକାର ଯେଉଁମାନେ ଜାତୀୟ ପୁରସ୍କାର ପାଇନାହାନ୍ତି ସେମାନଙ୍କୁ ଏହି ପୁରସ୍କାର ଦିଆଯାଇଛି। ୨୫ ଅକ୍ଟୋବର ୨୦୨୨ରେ ପ୍ରଥମଥର ଏହି ପୁରସ୍କାର ଘୋଷଣା କରାଯାଇଥିଲା।




ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକା କଳା। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

## ଗାଡ଼ି ଧକ୍କାରେ ଯୁବକ ମୃତ

**ମଙ୍ଗୁଳି–ଜଗତପୁର, ୧୬।୯ (ମାନସ ସାମଲ)**

୫୫ନଂ. ଜାତୀୟ ରାଜପଥର ଚୌଦ୍ୱାର ଥାନା ଅଧୀନ କଜଳକଣା ଛକ ନିକଟରେ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ବାଣୀପଦା ପଞ୍ଚାୟତ ବନ୍ଦାଳ ଗ୍ରାମର ଆର୍ତ୍ତବନ୍ଧୁ ସାମଲ। ଶନିବାର ସକାଳେ ସେ କାମ କରିବାକୁ ଚୌଦ୍ୱାର ଯାଇଥିଲେ। ରାତି ପ୍ରାୟ ସାଢେ ୮ଟାରେ ସାଇକେଲରେ ଘରକୁ ଫେରୁଥିବାବେଳେ ସମ୍ମୁଖରୁ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟିପିଏମ୍ ଫାଣ୍ଡି ପୋଲିସ ପହଞ୍ଚି ଆର୍ତ୍ତବନ୍ଧୁଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇବା ସହ ସାଇକେଲ ଜବତ କରି ତଦନ୍ତ ଚଳାଇଛି।

# ଶ୍ରୀମନ୍ଦିରରେ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନକଲେ ପୂର୍ବତନ ରାଷ୍ଟ୍ରପତି

**ପୁରୀ, ୧୬।୯ (ଅଜିତ୍ ମହାନ୍ତି)**

ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ପୂର୍ବତନ ରାଷ୍ଟ୍ରପତି କୋବିନ୍ଦ ଅପରାହ୍ନରେ ପୁରୀସ୍ଥିତ ରାଜଭବନରେ ପହଞ୍ଚିବା ପରେ ସେଠାରେ କିଛି ସମୟ ବିଶ୍ରାମ କରି ସନ୍ଧ୍ୟାରେ ପରିବାର ସହ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ। ତାଙ୍କ ସହ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉପସ୍ଥିତ ଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ପହଞ୍ଚିବାପରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ କୋବିନ୍ଦଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପାଟ ପ୍ରଦାନ କରାଯାଇ ଶ୍ରୀମନ୍ଦିର ଭିତରକୁ ନିଆଯାଇଥିଲା। କୋବିନ୍ଦ ସପରିବାର ଭିତରକାଠ ନିକଟରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ଭିତରେ ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେବା ପରେ ଶ୍ରୀମନ୍ଦିର ଉତ୍ତରଦ୍ୱାର ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ପୁଣି ରାଜଭବନ ଅଭିମୁଖେ ଯାଇ କିଛି ସମୟ ଅତିବାହିତ କରି ଭୁବନେଶ୍ୱର ଫେରିଯାଇଥିଲେ। ତେବେ ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଖୁସିଥିବା ପ୍ରକାଶ କରିବା ସହ ଦେଶବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରିଥିବା କୋବିନ୍ଦ କହିଥିଲେ। ଦର୍ଶନ ସମ୍ପର୍କରେ ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ କହିଛନ୍ତି, ଭିତର କାଠ ନିକଟରେ ପୂର୍ବତନ ରାଷ୍ଟ୍ରପତି ଓ ତାଙ୍କ ପରିବାର ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିଥିଲେ। ଆଳତି କରିବା ସହ ଦୀପଦାନ କରିଥିଲେ। ପରେ ନୀଳଚକ୍ର ଦର୍ଶନ କରିବା ସହ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କିଛି ଅର୍ଥ ଦାନ କରିଥିଲେ। ପୂର୍ବତନ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା ଦୃଷ୍ଟିରୁ ପ୍ରାୟ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ।



ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମହାପ୍ରଭୁଙ୍କ ଦର୍ଶନ ସାରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଶ୍ରୀମନ୍ଦିରରୁ ବାହାରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦ୍ରକାନ୍ତ



@ ଶକ୍ତିପ୍ରସନ୍ନ



@ ସୁଶାନ୍ତ



@ ଓମ୍‌ପ୍ରକାଶ



@ ଇଶାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ଦିନିଆ ଓଡ଼ିଶା ଗସ୍ତରେ ରେଳମନ୍ତ୍ରୀ

**ଭୁବନେଶ୍ୱର, ୧୬।୯ (ଅଭିଜିତ ଦାସ)**

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨ ଦିନିଆ ଓଡିଶା ଗସ୍ତରେ ଆସିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବା ପରେ କପିଳପ୍ରସାଦ ଅଞ୍ଚଳର କଳାକାର ଓ ହସ୍ତଶିଳ୍ପୀମାନଙ୍କୁ ଭେଟି 'ବିଶ୍ୱକର୍ମା ଯୋଜନା' ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ କେତେକ ହସ୍ତଶିଳ୍ପ ଜିନିଷ କିଣିବା ସହ କୁମ୍ଭାର ଚକରେ ମାଟିର ସାମଗ୍ରୀ ତିଆରି ଶିଖିଛନ୍ତି। ସେହିପରି ରବିବାର ରେଳ ଅଡିଟୋରିୟମରେ 'ବିଶ୍ୱକର୍ମା ଯୋଜନା'ର ଶୁଭାରମ୍ଭ କରିବା ସହ ଭୁବନେଶ୍ୱର ଷ୍ଟେଶନର ନିର୍ମାଣ କାର୍ଯ୍ୟ ତଦାରଖ କରିବେ। ଏଥିସହ ମନ୍ତ୍ରୀ ବୈଷ୍ଣବ ୨ଟା ୩୦ରେ ଲୋକାଲ ଟ୍ରେନ୍‌ରେ କଟକ ଯାଏ ଯାତ୍ରା କରି ଟ୍ରେନ୍‌ର ସ୍ୱଚ୍ଛତାକୁ ପରଖିବା ସହ କଟକ ଷ୍ଟେଶନର ସ୍ୱଚ୍ଛତା କାର୍ଯ୍ୟର ମାନ ଯାଞ୍ଚ କରିବାର କାର୍ଯ୍ୟକ୍ରମ ରହିଛି।



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କୁମ୍ଭାର ଚକରେ ମାଟିର ସାମଗ୍ରୀ ତିଆରି କରୁଛନ୍ତି।

# ଭର୍ଚୁଆଲରେ ହେବ ସାକ୍ଷ୍ୟ ଗ୍ରହଣ

## ଭିଜିଲାନ୍ସ ନିର୍ଦ୍ଦେଶାଳୟରେ କୋର୍ଟ ରିମୋଟ୍ ପଏଣ୍ଟ ଉଦ୍‌ଘାଟିତ

**କଟକ, ୧୬।୯ (କାର୍ତ୍ତିକ ସାହୁ)**

ବିଭିନ୍ନ ଭିଜିଲାନ୍ସ ମାମଲାରେ ସାକ୍ଷୀମାନଙ୍କୁ ଆଉ ସମୟ ଓ ଅର୍ଥ ଖର୍ଚ୍ଚ କରି ମୁଖ୍ୟାଳୟକୁ ଆସିବାକୁ ପଡ଼ିବ ନାହିଁ। ଏଣିକି ସାକ୍ଷୀମାନେ ଭର୍ଚ୍ଚୁଆଲ ମାଧ୍ୟମରେ ନିଜ ଜିଲା ମୁଖ୍ୟାଳୟରେ ଥିବା ଭିଜିଲାନ୍ସ ରିମୋଟ୍ ପଏଣ୍ଟରେ ରହି ସାକ୍ଷ୍ୟ ପ୍ରଦାନ କରିପାରିବେ। ଭିଜିଲାନ୍ସ ନିର୍ଦ୍ଦେଶକ ଯଶଓ୍ୱନ୍ତ କୁମାର ଜେଠଓ୍ୱା କଟକସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ଏହି କୋର୍ଟ ରିମୋଟ୍ ପଏଣ୍ଟକୁ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜେଠଓ୍ୱା କହିଛନ୍ତି, ଏହି ବ୍ୟବସ୍ଥା ଦ୍ୱାରା ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ କାର୍ଯ୍ୟ ହେବ। ଫଳରେ ଭିଜିଲାନ୍ସ ମାମଲାଗୁଡ଼ିକର ବିଚାର ପ୍ରକ୍ରିୟା ସହଜ ଓ ଦ୍ରୁତତର ହୋଇପାରିବ। ସେହିପରି ମାମଲା ସହ ଜଡ଼ିତ ଭିଜିଲାନ୍ସ ଅଧିକାରୀ ଓ ସାକ୍ଷୀମାନଙ୍କ ପାଇଁ ଯାତାୟାତଜନିତ ସମୟ ଓ ଆର୍ଥିକ ଖର୍ଚ୍ଚ ବଞ୍ଚିଯିବ। ଓଡ଼ିଶା ହାଇକୋର୍ଟ ନିକଟରେ ରିମୋଟ୍ ପଏଣ୍ଟ ସ୍ଥାପନାକୁ ଅନୁମୋଦନ କରିଥିଲେ। ଯଦ୍ଦ୍ୱାରା ଭିଜିଲାନ୍ସ ମୁଖ୍ୟାଳୟ ସମେତ ଅନ୍ୟ ସ୍ଥାନରେ ଥିବା କାର୍ଯ୍ୟାଳୟରେ ଏହି ରିମୋଟ୍ ପଏଣ୍ଟ ସ୍ଥାପନା ସମ୍ଭବ ହୋଇଛି। ବିଭିନ୍ନ ଜିଲାରେ ଭିଜିଲାନ୍ସର ଡିଭିଜନ ଓ ୟୁନିଟ୍ କାର୍ଯ୍ୟାଳୟରେ ଏଥିପାଇଁ ଡିଜିଟାଲ ଭିତ୍ତିଭୂମି ଯୋଗାଇ ଦିଆଯାଇଛି। ସବୁ କାର୍ଯ୍ୟାଳୟରେ ସ୍ଥାପନା କରାଯାଇଥିବା କମ୍ପ୍ୟୁଟର, ୱେବ୍‌କ୍ୟାମେରା, ସ୍କାନର, ପ୍ରିଣ୍ଟର, ୟୁପିଏସ୍ ସହିତ ହାଇସ୍ପିଡ୍ ଇଣ୍ଟରନେଟ ସଂଯୋଗ ଭିଡିଓ କନ୍‌ଫରେନ୍ସିଂ ବ୍ୟବସ୍ଥାକୁ ସହଜ କରିବ ବୋଲି ଜେଠଓ୍ୱା କହିଥିଲେ। ଏଥିସହ ସେ ଓଡ଼ିଶା ହାଇକୋର୍ଟଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସର ବରିଷ୍ଠ ଅଧିକାରୀ ଅସିତ୍ କୁମାର ପାଣିଗ୍ରାହୀ, ଏସ୍. କେ. କୌଶଳ, ପ୍ରକାଶ ଆର୍, ଏଲ. ଦିବ୍ୟା, ଏମ୍. ରାଧାକ୍ରିଷ୍ଣନ, ଟି. ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଭିଜିଲାନ୍ସ ନିର୍ଦ୍ଦେଶାଳୟରେ କୋର୍ଟ ରିମୋଟ୍ ପଏଣ୍ଟକୁ ଭିଜିଲାନ୍ସ ନିର୍ଦ୍ଦେଶକ ଯଶଓ୍ୱନ୍ତ କୁମାର ଜେଠଓ୍ୱା ଉଦ୍‌ଘାଟନ କରୁଛନ୍ତି।


ଚାଇନାର ହାଙ୍ଗ୍‌ଝୋଠାରେ ଏସିଆନ ଗେମ୍ସ ଭିଲେଜରେ ପ୍ରବେଶ ପରେ ଭାରତୀୟ ରୋଇଂ ଦଳ।

# ହାଙ୍ଗ୍‌ଝୋ ଏସିଆନ୍ ଗେମ୍ସ ଭିଲେଜ୍ ଉଦ୍‌ଘାଟିତ

**ହାଙ୍ଗଝୋ,୧୬।୯(ପି.ଟି.)**

ଏସିଆନ୍ ଗେମ୍ସ ୨୦୨୩ ପୂର୍ବରୁ ଉଦଘାଟିତ ହୋଇ ଯାଇଛି ଗେମ୍ସ ଭିଲେଜ୍ (କ୍ରୀଡା ଗ୍ରାମ)। ଶନିବାର ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆର ଡିରେକ୍ଟର ଜେନେରାଲ୍ ବିନୋଦ କୁମାର ତିୱାରୀ ଏହାର ଉଦ୍‌ଘାଟନ କରିଥିଲେ। ଗେମ୍ସ ଭିଲେଜକୁ ତିୱାରୀ ସୁନ୍ଦର ଓ ଚମତ୍କାର ସ୍ଥାପତ୍ୟ ଭାବରେ ବର୍ଣ୍ଣନା କରିଥିଲେ। ବିଗତ ୮ ବର୍ଷ ହେଲାଣି ଏହାର ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏସିଆନ୍ ଗେମ୍ସର ୧୯ ତମ ସଂସ୍କରଣ ପାଇଁ ପ୍ରସ୍ତୁତ ଗେମ୍ସ ଭିଲେଜର ନିର୍ମାଣ ଶୈଳୀ ଦ୍ୱାରା ସେ ବେଶ ପ୍ରଭାବିତ ବୋଲି କହିଛନ୍ତି। ୩ କମ୍ୟୁନିଟିର ୨୦ ହଜାର ବ୍ୟକ୍ତିଙ୍କ ପାଇଁ ଏହା ନିର୍ମିତ। ଆଥଲେଟ୍ ଭିଲେଜ୍, ମେଡିଆ ଭିଲେଜ୍ ଓ ଟେକ୍ନିକାଲ୍ ଅଫିସିଆଲ୍ସ ଭିଲେଜ ଭାବେ ୩ଟି ବର୍ଗରେ ଏହାକୁ ବିଭକ୍ତ କରାଯାଇଛି। ଏସିଆରେ ଅଲିମ୍ପିକ୍ସ ଭଳି ଏକତା ଆଣିବାରେ ଏସିଆନ୍ ଗେମ୍ସ ତଥା ଗେମ୍ସ ଭିଲେଜ ବଡ ଭୂମିକା ଗ୍ରହଣ କରିବ। ଏସିଆନ୍ ଗେମ୍ସ ୨୦୨୩ ସୁରୁଖୁରୁରେ ହେବା ନେଇ ସେ ଆଶା ପ୍ରକାଶ କରିଛନ୍ତି।

ଶନିବାର ଏସିଆନ୍ ଗେମ୍ସ ଆୟୋଜକ କମିଟି ସଦସ୍ୟ, ହାଙ୍ଗଝୋ ମେୟର ତଥା ଆୟୋଜକ କମିଟି ଉପସଭାପତି ୟାଓ ଗାଓୟୁଆଁ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଲି ହୁଓଲିନ୍ ଓ କାର୍ଯ୍ୟନିର୍ବାହୀ ମେୟର ସନ୍ ସୁଡୋଙ୍ଗ ଉପସ୍ଥିତ ଥିଲେ। ଶନିବାର ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ପ୍ରଥମ ଦଳ ଭାବରେ ଚାଇନା ଗେମ୍ସ ଭିଲେଜରେ ପ୍ରବେଶ କରିଛି। ଆସନ୍ତା ସେପ୍ଟେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଏହି ଉଦ୍‌ଘାଟନୀ ସମାରୋହ ଜାରି ରହିବ। ଆଥଲେଟ ମାନଙ୍କୁ ଫଟୋ ଓ ଫୁଲତୋଡା ସହିତ ସ୍ୱାଗତ କରାଯାଇଥିଲା। ବିଭିନ୍ନ ସ୍କୁଲର ଛାତ୍ରୀ ଛାତ୍ରଙ୍କ ଦ୍ୱାରା ଉଦ୍‌ଘାଟନୀ ସମାରୋହରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

## ଚେଷ୍ଟା ହିଁ ସଫଳତା ପ୍ରଦାନ କରେ: ଉଷା

**ନୂଆଦିଲ୍ଲୀ,୧୬।୯(ପି.ଟି.):** ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ ମୁଖ୍ୟ ପି.ଟି. ଉଷା ଏସିଆନ୍ ଗେମ୍ସ ୨୦୨୩ ପୂର୍ବରୁ ଆଥଲେଟ ମାନଙ୍କୁ ସଫଳତାର ମନ୍ତ୍ର ପଦାନ କରିଛନ୍ତି। ଟୁଇଟରରେ ଏକ ଭିଡିଓ ମେସେଜ ମାଧ୍ୟମରେ ଉଷା ଖେଳାଳି ମାନଙ୍କୁ ଏଭଳି କହିଛନ୍ତି। ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବାକୁ ଯାଉଥିବା ସମସ୍ତ ପ୍ରତିଯୋଗୀଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା। ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦ୍ୱାରା ଆପଣମାନେ ଦେଶକୁ ଗର୍ବିତ କରନ୍ତୁ। ଆପଣ ମାନଙ୍କ ପ୍ରୟାସକୁ ସର୍ବଦା ମନେ ରଖାଯିବ ପଦକକୁ ନୁହେଁ ବୋଲି ଉଷା ଭିଡିଓ ମେସେଜ ଜରିଆରେ କହିଛନ୍ତି। ଭାରତର ୬୫୫ ଜଣ ଆଥଲେଟ୍ ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ୨୬୦ ଜଣ କୋଚ୍‌ଙ୍କୁ ମିଶାଇଲେ ଭାରତୀୟ ଦଳର ସଦସ୍ୟଙ୍କ ସଂଖ୍ୟା ୯୨୧ରେ ପହଞ୍ଚିବ।

# ମୁକୁନ୍ଦ ହାରିଲେ, ନାଗାଲ ଜିତିଲେ

**ଡେଭିସ୍ କପ୍ ଟେନିସ**

**ଲକ୍ଷ୍ନୌ, ୧୬।୯ (ପି.ଟି.)**

ମରକ୍କୋ ବିପକ୍ଷରେ ଶନିବାରଠାରୁ ଆରମ୍ଭ ହୋଇଥିବା ଡେଭିସ୍‌କପ୍ ୱାର୍ଲ୍ଡ ଗ୍ରୁପ୍-୨ ମୁକାବିଲାର ପ୍ରଥମ ମ୍ୟାଚରେ ଭାରତର ଶଶିକୁମାର ମୁକୁନ୍ଦ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ତେବେ ପରେ ଅନୁଷ୍ଠିତ ଦ୍ୱିତୀୟ ସିଙ୍ଗଲ୍ସରେ ସୁମିତ ନାଗାଲ ବିଜୟ ଲାଭ କରି ମୁକବିଲାକୁ ୧-୧ ସ୍ତରକୁ ନେଇ ଆସିଛନ୍ତି।

ପ୍ରଥମ ମ୍ୟାଚରେ ଆର୍ଦ୍ର ପରିବେଶ ସହ ଖାପ ଖୁଆଇ ନ ପାରି ମୁକୁନ୍ଦ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଥିଲା। ୟାସିନ ଡ୍ଲିମି ବିପକ୍ଷ ମ୍ୟାଚର ତୃତୀୟ ସେଟ୍‌ରେ ସ୍କୋର ଲାଇନ୍ ୭-୬ (୪), ୫-୭, ୧-୪ ରହିଥିବା ବେଳେ ସେ ମେଡିକାଲ ଟାଇମ ଆଉଟ ନେବା ସହ ଶେଷରେ ଓହରିଯାଇଥିଲେ। ର୍‍ୟାଙ୍କିଙ୍ଗ ତାଲିକାରେ ଡ୍ଲିମିଙ୍କଠାରୁ ୧୯୨ ସ୍ଥାନ ଉପରେ ୩୬୫ ସ୍ଥାନରେ ଅଛନ୍ତି। ଭାରତୀୟ ଖେଳାଳିଙ୍କ ପାଇଁ ଏହି ମ୍ୟାଚ ସହଜ ହେବ ବୋଲି ମନେ କରାଯାଉଥିଲା। ମାତ୍ର ତାହା ଭୁଲ ପ୍ରମାଣିତ ହୋଇଥିଲା। ସୂଚନାଯୋଗ୍ୟ ମୁକୁନ୍ଦ କ୍ରମାଗତ ଚତୁର୍ଥ ଥର ପ୍ରଥମ ରାଉଣ୍ଡ ମୁକାବିଲାରେ ପରାସ୍ତ ହୋଇଛନ୍ତି। ଏକ ଏଟିପି ୧୦୦୦ଇଭେଣ୍ଟ ସମେତ ଏସବୁ ଉଚ୍ଚସ୍ତରର ଟୁର୍ନାମେଣ୍ଟ। ପରେ ଏଟିପି ସିଙ୍ଗଲ୍ସ ତାଲିକାର ୧୫୬ତମ ସ୍ଥାନରେ ରହିଥିବା ନାଗାଲ ୭୭୯ ର୍‍ୟାଙ୍କିଙ୍ଗପ୍ରାପ୍ତ ଆଡାମ ମୋଦ୍ଦିରଙ୍କ ବିପକ୍ଷ ମ୍ୟାଚ ୬-୩, ୬-୩ରେ ସହଜରେ ଜିତି ନେଇଥିଲେ।

# ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହେବେ ସାଇନା

**ହାଙ୍ଗଝୋ,୧୬।୯(ପି.ଟି.)**




ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ଆସନ୍ତା ଏସିଆନ୍ ଗେମ୍ସର ଆଟଲେଟିକ୍ସ ପୋଲ୍ କମିଟିକୁ ଅପ୍ରତିଦ୍ୱନ୍ଦୀ ଭାବରେ ନିର୍ବାଚିତ ହେବାକୁ ଯାଉଛନ୍ତି। ଦକ୍ଷିଣ ଏସୀୟ ଜୋନ୍‌ରୁ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ସାଇନା ନିର୍ବାଚିତ ହେବାକୁ ଯାଉଛନ୍ତି। ପ୍ରଥମଥର ପାଇଁ ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆ ପକ୍ଷରୁ ଏହାର ଆଥଲେଟିକ୍ସ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୧୦ ପଦ ପାଇଁ ସମୁଦାୟ ୨୬ ନାମାଙ୍କନ ଦାଖଲ କରାଯାଇଥିବା ବେଳେ ସାଇନାଙ୍କ ବିପକ୍ଷରେ କେହି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି। ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆର ୫ଟି ଜୋନ୍ ରହିଥିବା ବେଳେ ପ୍ରତି ଜୋନ୍‌ରୁ ଜଣେ ଲେଖାଏ ପୁରୁଷ ଓ ମହିଳା ଆଥଲେଟ ସ୍ଥାନ ପାଇବେ। ଅନ୍ୟ ପଦ ଗୁଡିକ ପାଇଁ ଏସିଆନ୍ ଗେମ୍ସ ସମୟରେ ଭୋଟିଂ ହେବ। ଏହାର ଫଳାଫଳ ଆସନ୍ତା ୭ ତାରିଖରେ ପ୍ରକାଶ ପାଇବ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ